# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୭/୨୦୧୯ (୨୦ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, August 7/2019 | ★★★★★★

୪୫ଶ ଭାଗ ୨୫୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**'ଜଲି ଏଲ୍ଏଲ୍‌ବି' ଭଳି ଫିଲ୍ମ ଚାହାନ୍ତି ବରୁଣ**

'ଫୁକ୍‌ରେ' ସିରିଜରେ ଚୁଚା ଚରିତ୍ର ପାଇଁ ଖୁବ୍ ପରିଚିତ ଅଭିନେତା ବରୁଣ ଶର୍ମା 'ଜଲି ଏଲ୍ଏଲ୍‌ବି' ଭଳି ଫିଲ୍ମରେ ଅଭିନୟ କରିବାକୁ ପସନ୍ଦ କରିଛନ୍ତି। **୦୪**

**୧୯** **ଇଣ୍ଡିଆ ଗ୍ରୀନ୍ ଦଳରେ ରାଜେଶ**

ବେଙ୍ଗାଲୁରୁରେ ହେବାକୁଥିବା ଦୁଲୀପ୍ ଟ୍ରଫି ପ୍ରଥମଶ୍ରେଣୀ କ୍ରିକେଟ୍ ଟୁର୍ନାମେଣ୍ଟ ପାଇଁ ଓଡ଼ିଶା ଦ୍ରୁତ ବୋଲର ରାଜେଶ ମହାନ୍ତି ଇଣ୍ଡିଆ ଗ୍ରୀନ୍ ଦଳରେ ସ୍ଥାନ ପାଇଛନ୍ତି।



# ମିଶନ କଶ୍ମୀରକୁ ମଞ୍ଜୁରୀ

## ୩୭୦ ଉଚ୍ଛେଦ ସଂକଳ୍ପନାମା, ଜମ୍ମୁ-କଶ୍ମୀର ପୁନର୍ଗଠନ ବିଲ୍ ପାର୍ଲାମେଣ୍ଟରେ ଗୃହୀତ

**ନୂଆଦିଲ୍ଲୀ, ୬।୮ (ପି.ଟି./ ଆଇଏଏନ୍ଏସ୍)**

ସମ୍ବିଧାନ ଅନୁଚ୍ଛେଦ ୩୭୦ ସଂକଳ୍ପନାମା ଏବଂ ଜମ୍ମୁ-କଶ୍ମୀରରୁ ଲଦାଖକୁ ଅଲଗା କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ ବିଲ୍‌କୁ ପାର୍ଲାମେଣ୍ଟର ମଞ୍ଜୁରୀ ମିଳିଛି। ଏ ସଂକ୍ରାନ୍ତ ବିଲ୍ ସୋମବାର ରାଜ୍ୟ ସଭାରେ ଗୃହୀତ ହୋଇଥିବାବେଳେ ମଙ୍ଗଳବାର ଲୋକ ସଭାରେ ମଧ୍ୟ ପାରିତ ହୋଇଛି। ନିମ୍ନ ସଦନରେ ୩୭୦ ଉଚ୍ଛେଦ ସଂକଳ୍ପନାମା ବିପକ୍ଷରେ ମାତ୍ର ୭୨ ଭୋଟ ପଡ଼ିଥିବାବେଳେ ଜଣେ ସଦସ୍ୟ ମତଦାନରୁ ବିରତ ରହିଥିଲେ। ବିଧେୟକ ସପକ୍ଷରେ ୩୫୧ ସଦସ୍ୟ ଭୋଟ ଦେଇଛନ୍ତି। ସେହିପରି ଜମ୍ମୁ-କଶ୍ମୀରକୁ ଦୁଇଭାଗରେ ବିଭକ୍ତ କରିବା ନେଇ ଆଗତ ବିଧେୟକ ସପକ୍ଷରେ ୩୭୦ ଓ ବିପକ୍ଷରେ ୭୦ ଭୋଟ ପଡ଼ିଛି। ଫଳରେ ଏହା ଆଇନରେ ପରିଣତ ହେବା ପାଇଁ ପଥ ପରିଷ୍କାର ହୋଇଛି। ଏବେ ଅପେକ୍ଷା କେବଳ ରାଷ୍ଟ୍ରପତିଙ୍କ ମୋହରକୁ।

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ସୋମବାର କେନ୍ଦ୍ର ସରକାର ଉଚ୍ଛେଦ କରିଥିଲେ। ଏନେଇ ରାଷ୍ଟ୍ରପତିଙ୍କ ଅଧିସୂଚନା ଜାରି ହୋଇଥିବା ରାଜ୍ୟ ସଭାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ସୂଚନା ଦେଇ ସଂକଳ୍ପନାମାକୁ ଆଗତ କରିଥିଲେ। ଉଚ୍ଚସଦନରେ ଏହା ବହୁମତରେ ପାସ୍ ହୋଇଥିଲା। ସେହିପରି ଜମ୍ମୁ-କଶ୍ମୀର ପୁନର୍ଗଠନ ବିଲ୍, ୨୦୧୯ ମଧ୍ୟ ରାଜ୍ୟ ସଭାର ଅନୁମୋଦନ ପାଇଥିଲା। ସ୍ୱରାଷ୍ଟ୍ରମନ୍ତ୍ରୀ ଶାହ ମଙ୍ଗଳବାର ଏହି ସଂକଳ୍ପନାମା ଓ ବିଲ୍‌କୁ ମଙ୍ଗଳବାର ଲୋକ ସଭାରେ ଆଗତ କରିଥିଲେ। ବିତର୍କ ଉପରେ ବିବୃତି ରଖି ଶାହ କହିଥିଲେ, ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)କୁ ଭାରତ ଦଖଲ କରିବା ପାଇଁ ଉଦ୍ୟମ ଜାରି ରଖିବ। ବିଚ୍ଛିନ୍ନତାବାଦୀ ସଙ୍ଗଠନ ହୁରିୟାତ୍ କନ୍‌ଫରେନ୍ସ ସହିତ ଆଲୋଚନା କରିବାର ପ୍ରଶ୍ନ ଉଠୁନାହିଁ। କିନ୍ତୁ କଶ୍ମୀରବାସୀଙ୍କ ସହ କଥାବାର୍ତ୍ତା କରିବା ଲାଗି ଆମେ ପ୍ରସ୍ତୁତ। ଜମ୍ମୁ-କଶ୍ମୀରରେ ସ୍ୱାଭାବିକ ସ୍ଥିତି ଫେରିଆସିଲେ ଏହାକୁ ରାଜ୍ୟ ମାନ୍ୟତା ଫେରାଇବାରେ ମୋଦି ସରକାର କୁଣ୍ଠାବୋଧ କରିବେ ନାହିଁ। ପିଓକେ ଉପରେ ନିଜର ଅଧିକାର ଦାବିକୁ ଭାରତ ଜାରି ରଖିବ। ଅନୁଚ୍ଛେଦ ୩୭୦ ଜମ୍ମୁ-କଶ୍ମୀର ସହ ଭାରତର ସମ୍ପର୍କକୁ ନେଇ ସନ୍ଦେହ ଓ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିଲା। ଏହା ଏକ ଐତିହାସିକ ଭୁଲ୍ ନୁହେଁ, ବରଂ ଆମେ ଏକ ଐତିହାସିକ ଭୁଲ୍‌କୁ ସୁଧାରୁଛୁ କହି ଶାହ ବିରୋଧୀଙ୍କ ଅଭିଯୋଗକୁ ଦୃଢ଼ଭାବେ ଖଣ୍ଡନ କରିଥିଲେ। ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିବା ଏକ ସାମ୍ପ୍ରଦାୟିକ ଏଜେଣ୍ଡା ନୁହେଁ। ଏଥିରେ ରହିଥିବା ନିୟମ ସଂଖ୍ୟାଲଘୁ, ମହିଳା ଓ ଜନକଲ୍ୟାଣ ବିରୋଧୀ ବୋଲି ସେ ଦର୍ଶାଇଥିଲେ। ଶାହ ଆହୁରି କହିଥିଲେ, ଜମ୍ମୁ-କଶ୍ମୀରରେ ଆତଙ୍କବାଦ ଯୋଗୁ ୧୯୮୯ରୁ ଅଦ୍ୟାବଧି ୪୧,୫୦୦ ଲୋକଙ୍କ ଜୀବନ ଗଲାଣି। ଏଥିପାଇଁ ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଦାୟୀ। ସେହିପରି ଗତ ୨ ଦିନ ଧରି ଉପତ୍ୟକାରେ ବିଭିନ୍ନ କଟକଣା ଜାରି ସମ୍ପର୍କରେ ସ୍ୱରାଷ୍ଟ୍ରମନ୍ତ୍ରୀ କହିଥିଲେ, ସେଠାରେ ଆଇନଶୃଙ୍ଖଳା ପରିସ୍ଥିତି ଖରାପ ହୋଇନାହିଁ। ଯାହାକିଛି ପଦକ୍ଷେପ ନିଆଯାଇଛି ତାହା କେବଳ ଅସ୍ୱାଭାବିକ ସ୍ଥିତି ଏଡ଼ାଇବା ପାଇଁ ଉଦ୍ଦିଷ୍ଟ। ଶେଷରେ ଏହି ସଂକଳ୍ପନାମା ଓ ବିଧେୟକ ପାସ୍ ହେବା ପରେ ବାଚସ୍ପତି ଓମ୍ ବିର୍ଲା ଲୋକ ସଭାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।





- ଲୋକ ସଭାରେ ବିଧେୟକ ପାସ୍
- ୩୭୦ ଉଚ୍ଛେଦ ସପକ୍ଷରେ ୩୫୧, ବିପକ୍ଷରେ ୭୨ ଭୋଟ
- ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଗଠନ ସପକ୍ଷରେ ୩୭୦, ବିପକ୍ଷରେ ୭୦
- ଲୋକ ସଭା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ
- ରାଷ୍ଟ୍ରପତିଙ୍କ ମୋହରକୁ ଅପେକ୍ଷା

## ରାଷ୍ଟ୍ରପତିଙ୍କ ଅଧିସୂଚନାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୬।୮ (ପି.ଟି.)**

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ନେଇ ରାଷ୍ଟ୍ରପତିଙ୍କ ଅଧିସୂଚନାକୁ ମଙ୍ଗଳବାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଆଇନଜୀବୀ ଏମ୍.ଏଲ୍. ଶର୍ମା ଏହି ପଦକ୍ଷେପ ବିରୋଧରେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରାଷ୍ଟ୍ରପତୀୟ ଅଧିସୂଚନା ବେଆଇନ। ରାଜ୍ୟ ବିଧାନସଭାର ବିନା ସହମତିରେ ଏହା ଜାରି କରାଯାଇଛି ବୋଲି ସେ ଦାଏର କରିଥିବା ଏକ ପିଟିଶନରେ ଉଲ୍ଲେଖ କରିଛନ୍ତି। ଏହାସହ ବୁଧବାର ଏହାର ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ଶର୍ମା ନିବେଦନ କରିଛନ୍ତି। ପ୍ରକାଶ ଯେ, କେନ୍ଦ୍ର ସରକାର ସୋମବାର ଅନୁଚ୍ଛେଦ ୩୭୦ ହଟାଇବା ସହ ଜମ୍ମୁ-କଶ୍ମୀରଠାରୁ ଲଦାଖକୁ ଅଲଗା କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି।

## ପ୍ରଶ୍ନ କରି ଅଧୀର ହଟହଟା | ଜମ୍ମୁ-କଶ୍ମୀର କ'ଣ ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ

**ନୂଆଦିଲ୍ଲୀ,୬।୮ (ପି.ଟି.)**

ଜମ୍ମୁ-କଶ୍ମୀର ପୁନର୍ଗଠନ ବିଲ୍ ଲୋକ ସଭାରେ ଆଗତ ବେଳେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଅଜବ ପ୍ରଶ୍ନ ଉଠାଇ ଅଡୁଆରେ ଫସିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଲୋକ ସଭାରେ ବିଲ୍ ଆଗତ କରିବା ପରେ ଅଧୀର କହିଥିଲେ, ଆପଣ କହୁଛନ୍ତି ଏହା ଏକ ଆଭ୍ୟନ୍ତରୀଣ ବ୍ୟାପାର। ହେଲେ ଜାତିସଂଘ ଏହା ଉପରେ ୧୯୪୮ରୁ ଅନୁଧାନ କରିଆସୁଛି। ସେହିପରି ସିମ୍‌ଲା ଚୁକ୍ତିନାମା ଓ ଲାହୋର ଘୋଷଣାନାମା ମଧ୍ୟ ରହିଛି। ତେଣୁ ଜମ୍ମୁ-କଶ୍ମୀର ଭାରତର ଆଭ୍ୟନ୍ତରୀଣ ନା ଏହା ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ ବୋଲି ଅଧୀର ଏହା ଉପରେ ଶାସକ ପକ୍ଷର ସ୍ପଷ୍ଟୀକରଣ ଲୋଡ଼ିଥିଲେ, ଯାହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ମୁଖ୍‌ତାର ଅବ୍ବାସ ନକଭୀ ଏହାର ଜବାବରେ କହିଛନ୍ତି, ମୁଣ୍ଡବିହୀନ କଂଗ୍ରେସ ଏବେ ମସ୍ତିଷ୍କବିହୀନ ହୋଇଯାଇଛି। କଶ୍ମୀର ଆମର ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଆଭ୍ୟନ୍ତରୀଣ ପ୍ରସଙ୍ଗ ନୁହେଁ ବୋଲି କଂଗ୍ରେସ କିପରି କହୁଛି। ଏହା କଂଗ୍ରେସର ମାନସିକ ଦେବାଳିଆପଣକୁ ଦର୍ଶାଉଛି। ଗୃହରେ କଂଗ୍ରେସ ନେତା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ଉପସ୍ଥିତ ଥାଇ ଅଧୀରଙ୍କୁ ଏଭଳି ମନ୍ତବ୍ୟ ଦେବାରୁ କ୍ଷାନ୍ତ ରହିବାକୁ କାହିଁକି ଦାଗିଦ କଲେନାହିଁ ବୋଲି ନକଭୀ ପ୍ରଶ୍ନ କରିଛନ୍ତି।



ଅଧୀର ରଞ୍ଜନ ଚୌଧୁରୀ

## ଆର୍.ପି. ଶର୍ମା ଲୋକାୟୁକ୍ତ ସଦସ୍ୟ ନିଯୁକ୍ତ



ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା

- ପୋଲିସ ଡିଜି ପଦ ଛାଡ଼ିଲେ
- ଭାରପ୍ରାପ୍ତ ପୋଲିସ ଡିଜି ହେଲେ ସୁନୀଲ ରୟ

**ଭୁବନେଶ୍ୱର,୬।୮ (ବ୍ୟୁରୋ)**

ଲୋକାୟୁକ୍ତ ସଦସ୍ୟ ଭାବେ ନିଯୁକ୍ତି ପାଇଛନ୍ତି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା। ରାଜ୍ୟ ସରକାରଙ୍କ ସୁପାରିସକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୋହର ମାରିବା ପରେ ଏନେଇ ଆରମ୍ଭ ହୋଇଛି ପ୍ରକ୍ରିୟା। ଅନ୍ୟପକ୍ଷରେ ଶର୍ମା ସ୍ୱେଚ୍ଛାକୃତ ଭାବେ ପୋଲିସ ଡିଜି ପଦ ଛାଡ଼ିବା ସହ ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କୁ ଅବଗତ କରାଇଛନ୍ତି। ଗତ କିଛିଦିନ ତଳେ ଲୋକାୟୁକ୍ତ ସଦସ୍ୟ ନିଯୁକ୍ତିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଡିଜିପି ଡା. ଶର୍ମାଙ୍କ ନାମକୁ ଚୟନ କରାଯାଇ ରାଜ୍ୟପାଳଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯାଇଥିଲା। ରାଜ୍ୟପାଳ ଉକ୍ତ ସୁପାରିସକୁ ଗ୍ରହଣ କରିଥିବା ମଙ୍ଗଳବାର ରାଜଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଡା. ଶର୍ମା ଗଣମାଧ୍ୟମକୁ କହିଛନ୍ତି, ବହୁତ ଖୁସି ଲାଗୁଛି। ଲୋକାୟୁକ୍ତ ସଦସ୍ୟ ପଦବୀ ନୂଆ ଓ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ଦୁର୍ନୀତି ନିବାରଣ ନେଇ ମୋର ପୂର୍ବରୁ ଥିବା ଅଭିଜ୍ଞତା ସେବାରେ ଲଗାଇବି। ଆଶା କରୁଛି ରାଜ୍ୟରୁ ଦୁର୍ନୀତି ରୋକିବାକୁ ଚେଷ୍ଟା କରିବି। ୧୯୮୬ ବ୍ୟାଚ୍‌ର ଆଇପିଏସ୍ ଅଫିସର ଡା. ଶର୍ମା ୨୦୧୭ ଅଗଷ୍ଟ ୩୧ରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଇଥିଲେ। ☞ ପୃଷ୍ଠା-୪


**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**


**ଆଜିର ସମ୍ପାଦକୀୟ**

**ଉପହାର ଲୋଭ**

**ଆଜିର ମନ୍ତବ୍ୟ**

"ଜମ୍ମୁ-କଶ୍ମୀରକୁ ଦୁଇଭାଗ କରିବା ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ।
-ରାନିଲ ୱିକ୍ରମସିଂଘେ, ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE 06.08.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 59 | 105 | 115 |
| CTC | 59 | 105 | 115 |
| DKL | 58 | 103 | 113 |
| BDK | 58 | 103 | 113 |
| BLS | 59 | 105 | 115 |
| ANG | 59 | 105 | 115 |
| BHM | 56 | 101 | 111 |

*Conditions Apply
Eggs Retail Price- 42/-Dozen
Issued in the Interest of Consumers


## ଦୁଇ ନୂଆ କାରିଗରିକୁ ମିଳିବ ହସ୍ତଶିଳ୍ପ ମାନ୍ୟତା

**ଭୁବନେଶ୍ୱର,୬।୮ (ବ୍ୟୁରୋ)**

ଓଡ଼ିଶାର ଦୁଇ ନୂଆ କାରିଗରିକୁ ମିଳିବ ହସ୍ତଶିଳ୍ପର ମାନ୍ୟତା। କୁମ୍ଭକାରମାନଙ୍କୁ ହସ୍ତଶିଳ୍ପୀ ବର୍ଗରେ ସାମିଲ କରିବା ସହ ସେମାନଙ୍କ କାରିଗରିକୁ ହସ୍ତଶିଳ୍ପର ମାନ୍ୟତା ଦେବାକୁ ଚିନ୍ତାକରିଛି ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ। ଏହାବ୍ୟତୀତ ବିଶ୍ୱପ୍ରସିଦ୍ଧ ଓଡ଼ିଶାର ଆଦିବାସୀ ଚିତ୍ରକଳା (ଟ୍ରାଇବାଲ୍ ଆର୍ଟ)କୁ ମଧ୍ୟ ରାଜ୍ୟ ସରକାର ହସ୍ତଶିଳ୍ପର ମାନ୍ୟତା ଦେବାକୁ ପଦକ୍ଷେପ ନେଇଛନ୍ତି। ଏଥିପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ଶେଷ ହୋଇଥିବାବେଳେ ଖୁବ୍‌ଶୀଘ୍ର ଉଭୟ କାରିଗରି ହସ୍ତଶିଳ୍ପର ମାନ୍ୟତା ପାଇବ ବୋଲି ସୂଚନା ଦେଇଛନ୍ତି ବିଭାଗୀୟ ଯୁଗ୍ମସଚିବ ଅଞ୍ଜନା ପଣ୍ଡା। ରାଜ୍ୟରେ ଏବେ ୫୦ ମାନ୍ୟତାପ୍ରାପ୍ତ ହସ୍ତଶିଳ୍ପ ରହିଥିବାବେଳେ ଆଉ ଦୁଇ କାରିଗରି ସାମିଲ ହେଲେ ଏହି ସଂଖ୍ୟା ୫୨ରେ ପହଞ୍ଚିବ।

ଓଡ଼ିଶାରେ ୬୨ ଭିନ୍ନ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି। ପ୍ରତି ସମ୍ପ୍ରଦାୟର ନିଜର ସ୍ୱତନ୍ତ୍ର ଚିତ୍ରକଳା ଶୈଳୀ ରହିଥିବାବେଳେ ଏହା ବିଭିନ୍ନ ସାମାଜିକ କଥା କାହାଣୀ ଉପରେ ପର୍ଯ୍ୟବସିତ ଥାଏ। ମଣିଷ, ହାତୀ, ଘୋଡ଼ା, ସୂର୍ଯ୍ୟ, ଚନ୍ଦ୍ର, ବୃକ୍ଷଲତା ଆଦିକୁ ନେଇ ଅଙ୍କାଯାଉଥିବା ସଉରା ଚିତ୍ରକଳାର ଆଦୃତି କେବଳ ଦେଶରେ ନୁହେଁ, ଦେଶ ବାହାରେ ମଧ୍ୟ ରହିଛି। ପ୍ରାକୃତିକ ରଙ୍ଗ ଓ ପ୍ରାକୃତିକ ସାମଗ୍ରୀର ବ୍ୟବହାର କରି ଅଙ୍କାଯାଉଥିବା ଜନଜାତି ଚିତ୍ରକଳା ପରିବେଶ ସୁରକ୍ଷାର ବାର୍ତ୍ତା ବହନ କରିଥାଏ। ହସ୍ତଶିଳ୍ପର ମାନ୍ୟତା ମିଳିଲେ ଧୀରେ ଧୀରେ ଲୋପ ପାଇଯାଉଥିବା ଏହି ବିରଳ କାରିଗରିର ପ୍ରଚାର ପ୍ରସାର କରାଯାଇପାରିବ।

ସେହିଭଳି ହାଣ୍ଡି, ମାଠିଆ ତଥା ପାରମ୍ପରିକ କୁମ୍ଭାର ଶିଳ୍ପକୁ ମଧ୍ୟ ହସ୍ତଶିଳ୍ପର ମାନ୍ୟତା ମିଳିବ। ସୂକ୍ଷ୍ମ ତଥା ନିଖୁଣ କାରିଗରି କାମ ହୋଇ ନଥିବାରୁ କୁମ୍ଭାର ଶିଳ୍ପକୁ ହସ୍ତଶିଳ୍ପର ମାନ୍ୟତା ମିଳୁ ନଥିଲା। ଏମ୍ଏସ୍ଏମ୍‌ଇ ବିଭାଗ ଅଧୀନରେ ରହିଥିବା ଏହି ଶିଳ୍ପକୁ ହସ୍ତଶିଳ୍ପ ବିଭାଗରେ ସାମିଲ କରିବାକୁ ଯୋଜନା ହୋଇଥିବା ଯୁଗ୍ମସଚିବ ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ଡୋକ୍ରା, ଟେରାକୋଟା, ଚାନ୍ଦୁଆ, ନଡ଼ିଆ କତା କାରିଗରି, ଜନଜାତି ଅଳଙ୍କାର, ଶିଙ୍ଘ କାମ, ପଥର ଓ କାଠ କାରିଗରୀ, ବାଉଁଶ କଳାକୃତି, ପଟଚିତ୍ର, ଟସର ଚିତ୍ରକଳା, ଝୋଟ ଓ ଜରି କାମ, ଏମ୍ବ୍ରୋଡରୀ, ଗୋଲ୍ଡେନ୍ ଗ୍ରାସ୍, ଚାନ୍ଦି କାମ, ସବାଇ ଘାସ କଳାକୃତି ଭଳି ୫୦ଟି ଶିଳ୍ପକୁ ରାଜ୍ୟ ସରକାର ହସ୍ତଶିଳ୍ପର ମାନ୍ୟତା ଦେଇଥିବା ବେଳେ କେନ୍ଦ୍ର ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ୭୨ଟି କଳାକୃତି ରହିଛି।



## ସୁଷମା ସ୍ୱରାଜଙ୍କ ପରଲୋକ



**୧୯୫୨ -୨୦୧୯**

**ନୂଆଦିଲ୍ଲୀ,୬।୮ (ପି.ଟି.)**

ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ, ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ସୁଷମା ସ୍ୱରାଜ ଆଉ ନାହାନ୍ତି। ନୂଆଦିଲ୍ଲୀସ୍ଥିତ ଏମ୍ସରେ ମଙ୍ଗଳବାର ରାତିରେ ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଛି। ୬୭ ବର୍ଷୀୟା ସ୍ୱରାଜଙ୍କୁ ଗୁରୁତର ଅବସ୍ଥାରେ ରାତି ୧୦ଟା ୧୫ ମିନିଟରେ ଏମ୍ସର ଏମର୍ଜେନ୍ସି ୱାର୍ଡରେ ଭର୍ତ୍ତି କରାଯାଇଥିଲା। ସେଠାରେ ବରିଷ୍ଠ ଡାକ୍ତରମାନେ ତାଙ୍କୁ ଚିକିତ୍ସା କରୁଥିବାବେଳେ ସୁଷମା ଆଖି ବୁଜିଦେଇଥିଲେ। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ସ୍ୱାମୀ ସ୍ୱରାଜ କୌଶଲଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଡ. ହର୍ଷବର୍ଦ୍ଧନ, ପୀୟୂଷ ଗୋୟଲ, ପ୍ରହ୍ଲାଦ ଯୋଷୀ, ନୀତୀନ ଗଡ଼କରୀ ପ୍ରମୁଖ ଉପସ୍ଥିତ ଥିଲେ।

୨୦୧୬ରେ ସୁଷମାଙ୍କ କିଡ୍‌ନୀ ପ୍ରତିରୋପଣ କରାଯାଇଥିଲା। ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ସେ ୨୦୧୯ ଲୋକ ସଭା ନିର୍ବାଚନ ନ ଲଢ଼ିବା ପାଇଁ ନିଜଆଡୁ ନିଷ୍ପତ୍ତି ନେଇଥିଲେ। ସୁଷମାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ବିଳମ୍ବିତ ରାତିରେ ଏମ୍ସ ଯାଇ ତାଙ୍କର ଶେଷଦର୍ଶନ କରିଥିଲେ। ତାଙ୍କ ବିୟୋଗରେ କେବଳ ଭାଜପା ନୁହେଁ, ବରଂ ସମଗ୍ର ଜାତୀୟ ରାଜନୀତିରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏହି ଅବସରରେ ଅନେକ ରାଜନୈତିକ ଦଳ ଓ ନେତା ଶୋକବ୍ୟକ୍ତ କରିଛନ୍ତି। ସୁଷମାଙ୍କ ପରଲୋକ ଖବର ଶୁଣି ମର୍ମାହତ ଓ ଦୁଃଖିତ। ତାଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଉଛୁ ବୋଲି କଂଗ୍ରେସ ପକ୍ଷରୁ ଟୁଇଟ୍ କରାଯାଇଛି।

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପରେ ଦେଶର ଦ୍ୱିତୀୟ ମହିଳା ଭାବେ ସେ ବହିର୍ବ୍ୟାପାର ମନ୍ତ୍ରଣାଳୟ ସମ୍ଭାଳିବାର ସୌଭାଗ୍ୟ ଅର୍ଜନ କରିଥିଲେ। ପାର୍ଲାମେଣ୍ଟକୁ ସେ ୭ ଥର ଓ ବିଧାନସଭାକୁ ୩ ଥର ନିର୍ବାଚିତ ହୋଇଥିଲେ। ସୁପ୍ରିମକୋର୍ଟର ପୂର୍ବତନ ଓକିଲ ସୁଷମା ମାତ୍ର ୨୫ ବର୍ଷ ବୟସରେ ଦେଶର ସର୍ବକନିଷ୍ଠ କ୍ୟାବିନେଟ ମନ୍ତ୍ରୀ (ହରିୟାଣା) ହେବାର କୀର୍ତ୍ତି ଅର୍ଜନ କରିଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ସେ ମଧ୍ୟପ୍ରଦେଶର ବିଦିଶା ଆସନରୁ ୪ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଥିଲେ। ୧୯୫୨ ଫେବୃୟାରୀ ୧୪ରେ ହରିୟାଣାର ଅମ୍ବାଲାରେ ସେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ହରଦେବ ଶର୍ମା ଆର୍ଏସ୍ଏସ୍‌ର ଜଣେ ପ୍ରମୁଖ ସଦସ୍ୟ ଥିଲେ। ସେ ୧୯୭୫ରେ ବରିଷ୍ଠ ଆଇନଜୀବୀ ସ୍ୱରାଜ କୌଶଲଙ୍କୁ ବିବାହ କରିଥିଲେ। ତାଙ୍କର ଏକମାତ୍ର କନ୍ୟା ବାଂଶୁରୀ ସ୍ୱରାଜ ମଧ୍ୟ ସୁପ୍ରିମକୋର୍ଟର ଜଣେ ଆଇନଜୀବୀ।

(ଅଧିକ ଖବର ଓ ଫଟୋ: ପୃଷ୍ଠା-୩)

**ଶେଷ ଟୁଇଟ୍**

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଏବଂ ଜମ୍ମୁ-କଶ୍ମୀରକୁ ଦୁଇଭାଗ କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ନେଇ ସୁଷମା ମୃତ୍ୟୁର କିଛି ଘଣ୍ଟା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଥିଲେ। ଏହି ଦିନକୁ ଦେଖିବା ପାଇଁ ସେ ଅପେକ୍ଷା କରି ରହିଥିଲେ ବୋଲି ସୁଷମା ଟୁଇଟ୍ କରିଥିଲେ।


ଜମ୍ମୁରେ କର୍ଫ୍ୟୁ ଜାରି କରାଯାଇଥିବାବେଳେ ମୁତୟନ ଜଣେ ସୁରକ୍ଷାକର୍ମୀ।


ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସଙ୍କଳ୍ପନାମା ଏବଂ ଜମ୍ମୁ-କଶ୍ମୀର ପୁନର୍ଗଠନ ବିଲ୍ ଲୋକ ସଭାରେ ଗୃହୀତ ହେବା ପରେ ବିଜୟ ସଙ୍କେତ ଦେଖାଉଛନ୍ତି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ।


ଜମ୍ମୁସ୍ଥିତ ଶିବସେନା କାର୍ଯ୍ୟାଳୟରେ ଉତ୍ସବ ମନାଉଛନ୍ତି ଦଳୀୟ କର୍ମୀ।

# ପୁଲଓ୍ୱାମା ଭଳି ଆକ୍ରମଣ ଘଟିବ

## ଭାରତକୁ ଯୁଦ୍ଧଭୟ ଦେଖାଇଲେ ଇମ୍ରାନ୍

- ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ପାକିସ୍ତାନ ଛାନିଆ
- କଶ୍ମୀରୀଙ୍କୁ ସାହାଯ୍ୟ କରିବା ପାଇଁ କୌଣସି ସ୍ତରକୁ ଯାଇପାରେ ପାକ୍ ସେନା: ବାଜ୍ୱା

ଇସ୍ଲାମାବାଦ,୬।୮



ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରତ୍ୟାହାର କରି ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପରେ ପାକିସ୍ତାନ ଛାନିଆ ହୋଇଯାଇଛି। ନୂଆଦିଲ୍ଲୀର ଏହି ପଦକ୍ଷେପ ପରେ ଭାରତରେ ପୁଲଓ୍ୱାମା ଭଳି ଆକ୍ରମଣ ଘଟିବ। ଏଥିଯୋଗୁ ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ପାରମ୍ପରିକ ଯୁଦ୍ଧ ହୋଇପାରେ ବୋଲି ମଙ୍ଗଳବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଧମକ ଦେଇଛନ୍ତି। ସେପଟେ କଶ୍ମୀରୀମାନଙ୍କୁ ସାହାଯ୍ୟ କରିବା ପାଇଁ ପାକିସ୍ତାନ ସେନା କୌଣସି ସ୍ତରକୁ ଯାଇପାରେ ବୋଲି ଜେନେରାଲ କମାର ଜାଭେଦ ବାଜ୍ୱା କହିଛନ୍ତି। ସମ୍ବିଧାନ ଅନୁଚ୍ଛେଦ ୩୭୦ ଉଚ୍ଛେଦର ଦିନକ ପରେ କଶ୍ମୀର ସ୍ଥିତି ଉପରେ ମଙ୍ଗଳବାର ପାକିସ୍ତାନ ପାର୍ଲାମେଣ୍ଟର ଏକ ଜରୁରୀ ମିଳିତ ଅଧିବେଶନ ଡକାଯାଇଥିଲା। ଏଥିରେ ସମ୍ବୋଧିତ କରି ଇମ୍ରାନ୍ କହିଛନ୍ତି, କଶ୍ମୀରୀମାନେ ଭାରତ ବିରୋଧରେ ଆନ୍ଦୋଳନ କରିବେ। ଭାରତ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବ। ଫଳରେ କଶ୍ମୀରରେ ପୁଲଓ୍ୱାମା ଭଳି ଆକ୍ରମଣ ପୁଣି ହେବ। ଏପରି ହେଲେ ନୂଆଦିଲ୍ଲୀ ପୁଣି ଆମ ଉପରେ ଦୋଷ ଲଦିବ ଏବଂ ଆମେ ଏହାର ଜବାବ ଦେବୁ। ଭାରତର ପଦକ୍ଷେପ ଉତ୍ତେଜନା ବୃଦ୍ଧି କରିବା ସହ ଦୁଇ ଆଣବିକ ଅସ୍ତ୍ରସମ୍ପନ୍ନ ଶକ୍ତି ମଧ୍ୟରେ ଯୁଦ୍ଧ ଭଳି ସ୍ଥିତି ସୃଷ୍ଟି କରିବ। ଏଭଳି ଏକ ଯୁଦ୍ଧ ହେବ, ଯାହାକୁ କେହି ଜିତିବେନାହିଁ। ଏହାର କୁପରିଣାମ ବିଶ୍ୱବ୍ୟାପୀ ଅନୁଭୂତ ହେବ। ଏହା ଆଣବିକ ବ୍ଲାକ୍‌ମେଲ୍ ନୁହେଁ ବୋଲି ଇମ୍ରାନ କହିଛନ୍ତି। ସେମାନଙ୍କ ଚିନ୍ତାଧାରା ମହାତ୍ମା ଗାନ୍ଧୀଙ୍କୁ ହତ୍ୟା କରିଛି। ଯଦି ବିଶ୍ୱ ନିଜ ଆଇନକୁ ବଜାୟ ରଖିବ ନାହିଁ ସେଥିପାଇଁ ଆମେ ଦାୟୀ ହେବୁନାହିଁ। କଶ୍ମୀରୀ ସ୍ଥିତିକୁ ନେଇ ଅନ୍ତର୍ଜାତୀୟ ସମୁଦାୟର ହସ୍ତକ୍ଷେପ ଜରୁରୀ। ଜାତିସଂଘ ସୁରକ୍ଷା ପରିଷଦ ସମେତ ସମସ୍ତ ମଞ୍ଚରେ ଆମେ ଲଢ଼େଇ କରିବୁ। ଏପରି କି ଅନ୍ତର୍ଜାତୀୟ ଅଦାଲତରେ ମଧ୍ୟ ପାକିସ୍ତାନ ଏହି ପ୍ରସଙ୍ଗ ଉଠାଇବ ବୋଲି ଇମ୍ରାନ୍ କହିଛନ୍ତି।

ସେହିପରି ପାକିସ୍ତାନୀ ସେନା ମୁଖ୍ୟ ଜେନେରାଲ ବାଜ୍ୱା ଏକ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ତାଙ୍କ ସେନା କଶ୍ମୀରୀଙ୍କୁ ସହାୟତା ପ୍ରଦାନ ପାଇଁ କୌଣସି ସ୍ତରକୁ ଯିବା ପାଇଁ ପ୍ରସ୍ତୁତ ହୋଇ ରହିଛି। କଶ୍ମୀରବାସୀଙ୍କ ଲଢ଼େଇକୁ ଶେଷ ଯାଏ ନେବା ପାଇଁ ପାକିସ୍ତାନ ସେନା ସେମାନଙ୍କ ସହ ଛିଡ଼ାହୋଇ ନିଜ ଉତ୍ତରଦାୟିତ୍ୱ ସମ୍ପାଦନ କରିବ ବୋଲି ବାଜ୍ୱା କହିଛନ୍ତି।

> ଜମ୍ମୁ-କଶ୍ମୀରକୁ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବା ପାଇଁ ନିୟନ୍ତ୍ରଣରେଖାରେ ପାକିସ୍ତାନ ଉଦ୍ୟମ ଜୋରଦାର କରିଛି। ସେପଟୁ କୌଣସି ପ୍ରକାର ବିଧ୍ୱଂସକାରୀ କାର୍ଯ୍ୟକଳାପ ଆରମ୍ଭ ହେଲେ ଭାରତୀୟ ସେନା ତା'ର ମୁହଁତୋଡ଼ ଜବାବ ଦେବ।
>
> **-ଲ୍ୟୁଟ୍‌ନାଣ୍ଟ ଜେନେରାଲ ରଣବୀର ସିଂ,ଜେନେରାଲ ଅଫିସର କମାଣ୍ଡିଂ ଇନ୍ ଚିଫ୍, ନର୍ଦ୍ଦର୍ନ କମାଣ୍ଡ**



## ଲଦାଖ ପ୍ରସଙ୍ଗରେ ଚାଇନାର ବିରୋଧ



### ଭାରତ କହିଲା ଆମ କଥାରେ ମୁଣ୍ଡ ଖେଳାଅନି

ବେଜିଂ/ନୂଆଦିଲ୍ଲୀ,୬।୮(ପି.ଟି.)

ଜମ୍ମୁ-କଶ୍ମୀରରୁ ଲଦାଖକୁ ଅଲଗା କରି ସ୍ୱତନ୍ତ୍ର କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପାଇଁ ଭାରତର ନିଷ୍ପତ୍ତିକୁ ନେଇ ମଙ୍ଗଳବାର ଆପତ୍ତି ଉଠାଇଛି ଚାଇନା। ଏହା ଚାଇନାର କ୍ଷେତ୍ରୀୟ ସାର୍ବଭୌମତ୍ୱକୁ ନ୍ୟୂନ କରୁଥିବାରୁ ସ୍ଥିତାବସ୍ଥା ବଜାୟ ରଖିବାକୁ ବେଜିଂ କହିଛି। ଅନ୍ୟପକ୍ଷରେ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନ କରିବାକୁ ପଡ଼ୋଶୀ ଦେଶକୁ ନୂଆଦିଲ୍ଲୀ ପରାମର୍ଶ ଦେଇଛି।
ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ହୁଆ ଚୁନିଙ୍ଗ୍ କହିଛନ୍ତି, ଚାଇନା ଭୂଖଣ୍ଡର ପଶ୍ଚିମ ପଟ ସୀମାରେ ଭାରତ ଅଗ୍ରସର ହେବାକୁ ବେଜିଂ ସବୁବେଳେ ବିରୋଧ କରିଆସୁଛି। ଲଦାଖକୁ କେନ୍ଦ୍ର ଶାସିତ ଅଞ୍ଚଳ ଭାବେ ଘୋଷଣା କରିବା ଭାରତର ଏକପାଖିଆ ନିଷ୍ପତ୍ତି। ଏହାକୁ ନେଇ ଉଭୟ ଭାରତ ଓ ପାକିସ୍ତାନ ଉତ୍ତେଜନା ହ୍ରାସ କରିବା ପାଇଁ ଉଦ୍ୟମ କରନ୍ତୁ। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର ଏହାର ନିନ୍ଦା କରିବା ସହ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ନ ଖେଳାଇବାକୁ କହିଛନ୍ତି। ସେହିପରି ଏହି ପ୍ରସଙ୍ଗରେ ଆମେରିକା, ବ୍ରିଟେନ, ୟୁଏଇ ଏବଂ ଶ୍ରୀଲଙ୍କା ସମେତ ଅନେକ ରାଷ୍ଟ୍ର ଭାରତ ସପକ୍ଷରେ ମତ ଦେଇଛନ୍ତି।

# 'ପାକିସ୍ତାନଠାରୁ କଶ୍ମୀରକୁ ରକ୍ଷାକରିବା ଲାଗି ବିଜୁ ବାବୁ ଯୁଦ୍ଧବିମାନ ଉଡ଼ାଇଥିଲେ'

## ଭାରତ ରତ୍ନ ଦାବି

ନୂଆଦିଲ୍ଲୀ,୬।୮(ପି.ଟି.)

ଜମ୍ମୁ-କଶ୍ମୀରକୁ ପାକିସ୍ତାନ କବଳରୁ ରକ୍ଷାକରିବା ଲାଗି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଯୁଦ୍ଧବିମାନ ଉଡ଼ାଇଥିଲେ ବୋଲି ଲୋକ ସଭାରେ ବିଜେଡି ସଂସଦୀୟ ଦଳ ନେତା ପିନାକୀ ମିଶ୍ର କହିଛନ୍ତି। ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦକୁ ବିଜେଡି ପୂର୍ଣ୍ଣ ସମର୍ଥନ କରୁଥିବା ସେ କହିଛନ୍ତି। ଜମ୍ମୁ-କଶ୍ମୀର ପୁନର୍ଗଠନ ବିଲ-୨୦୧୯ ଓ ଜମ୍ମୁ-କଶ୍ମୀର ସଂରକ୍ଷଣ (ଦ୍ୱିତୀୟ ସଂଶୋଧନ) ବିଲ-୨୦୧୯ ଆଗତ ବେଳେ ମିଶ୍ର ବିଜୁ ବାବୁଙ୍କ ଦେଶପ୍ରେମ ଲାଗି ତାଙ୍କୁ ଭାରତ ରତ୍ନ ପ୍ରଦାନ କରାଯିବାକୁ ଦାବି କରିଥିଲେ। ପାକିସ୍ତାନ କବଳରୁ ଶ୍ରୀନଗରକୁ ରକ୍ଷାକରିବା ଲାଗି ବହୁ ଯବାନ ଯାଇଥିଲେ ହେଁ ଓଡିଶାର ବିଜୁ ବାବୁ ବହୁବାର ଯୁଦ୍ଧବିମାନ ନେଇ ସେଠାକୁ ଯାଇଥିଲେ। ସରକାର ତାଙ୍କୁ ଭାରତ ରତ୍ନରେ ସମ୍ମାନିତ କରିବା ଲାଗି ସେ ଦାବି କରିଛନ୍ତି। କଶ୍ମୀରବାସୀଙ୍କୁ ଆମେ ନିଜ ପରିବାର ସଦସ୍ୟ ଭାବେ ଦେଖୁଛୁ। ଭାରତରେ ସେମାନେ କୌଣସି ବାଛବିଚାରର ସମ୍ମୁଖୀନ ହେବେନାହିଁ ବୋଲି ମିଶ୍ର ଗୃହରେ କହିଛନ୍ତି।


ପିନାକୀ ମିଶ୍ର

# ମୁହଁଖୋଲି ଅଡୁଆରେ ରାହୁଲ

ନୂଆଦିଲ୍ଲୀ,୬।୮(ପି.ଟି.)

କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ଦୁଇ ଭାଗ କରିବା ସହ ସେଠାରୁ ୩୭୦ ଧାରା ଉଚ୍ଛେଦ ଲାଗି କ୍ଷମତାର ଅପବ୍ୟବହାର କରିଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। ଏହା ଜାତୀୟ ସୁରକ୍ଷା ଉପରେ ଭୟଙ୍କର ପ୍ରଭାବ ପକାଇବ ବୋଲି ସେ ଚେତାଇଛନ୍ତି। ଜମ୍ମୁ-କଶ୍ମୀରର ରାଜନେତାଙ୍କୁ ଗୁପ୍ତ ଜେଲ୍‌ରେ ରଖାଯିବା ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ ବୋଲି ସେ କହିବା ସହ ସେମାନଙ୍କୁ ତୁରନ୍ତ ମୁକ୍ତ କରାଯାଉ ବୋଲି ଦାବି କରିଛନ୍ତି। ଏଭଳି ନିର୍ବୋଧତା ଯୋଗୁ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ମିଳିବ ବୋଲି ସେ ଅଭିଯୋଗ କରିଛନ୍ତି। ଏଦେଶ ଲୋକଙ୍କ ଦ୍ୱାରା ଗଠିତ ଭୂଭାଗକୁ ନେଇ ନୁହେଁ ବୋଲି ରାହୁଲ କହିଛନ୍ତି। ତାଙ୍କର ଏଭଳି ମନ୍ତବ୍ୟକୁ ନେଇ ସୋସିଆଲ ମିଡିଆରେ ସମାଲୋଚନା କରାଯାଇଛି।



# ଶାହ ମିଛ କହୁଛନ୍ତି: ଫାରୁକ୍

ଶ୍ରୀନଗର/ନୂଆଦିଲ୍ଲୀ, ୬।୮(ପି.ଟି./ଆଇଏଏନ୍‌ଏସ୍)



## ଏକଚ୍ଛତ୍ରବାଦୀ କେନ୍ଦ୍ର ଆମକୁ ହତ୍ୟା କରିବାକୁ ଚାହୁଁଛି

ସମ୍ବିଧାନ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍ଦୁଲ୍ଲା ମଙ୍ଗଳବାର କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ଶ୍ରୀନଗରସ୍ଥିତ ତାଙ୍କ ବାସଭବନରେ ଖବରଦାତାଙ୍କୁ ସମ୍ବୋଧିତ କରି ଫାରୁକ୍ କହିଛନ୍ତି, କେନ୍ଦ୍ର ଆମକୁ ହତ୍ୟା କରିବାକୁ ଚାହୁଁଛି। ଲୋକଙ୍କୁ ଜେଲ୍‌ରେ ଭର୍ତ୍ତି କରାଯାଉଛି। ପୁଅ ଓମାର ଅବ୍ଦୁଲ୍ଲାଙ୍କୁ ମଧ୍ୟ ବନ୍ଦୀ କରାଯାଇଛି। ଆମେ ଗ୍ରେନେଡ୍ ଫିଙ୍ଗିବା ବା ଟେକାମାଡ଼ କରିବା ଲୋକ ନୋହୁଁ। ମୋ ଭାରତ ସମସ୍ତଙ୍କ ପାଇଁ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ। ଆମେ ଶାନ୍ତିପୂର୍ଣ୍ଣ ଉପାୟରେ ପରିବର୍ତ୍ତନ ଚାହୁଁଛୁ। କେନ୍ଦ୍ର ସରକାର ଯାହା କରୁଛନ୍ତି, ତାହା ଅଗଣତାନ୍ତ୍ରିକ। ଆମକୁ ଗୃହବନ୍ଦୀ ରଖାଯାଇଥିବାବେଳେ ପ୍ରକୃତ ସ୍ଥିତିକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ମିଛ କହୁଛନ୍ତି ବୋଲି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧକ୍ଷ ଫାରୁକ୍ ଅଭିଯୋଗ କରିଛନ୍ତି। ଫାରୁକ୍‌ଙ୍କ ମନ୍ତବ୍ୟ ପରେ ଲୋକ ସଭାରେ ବିରୋଧୀ ସଦସ୍ୟମାନେ ସରକାରଙ୍କୁ ଘେରିଥିବାବେଳେ ଶାହ ଏହାକୁ ଖଣ୍ଡନ କରିଛନ୍ତି। ଶାହ କହିଛନ୍ତି, ଫାରୁକ୍‌ଙ୍କୁ ଅଟକ ରଖାଯାଇନାହିଁ କିମ୍ବା ଗିରଫ କରାଯାଇନାହିଁ। ସେ ସ୍ୱଇଚ୍ଛାରେ ତାଙ୍କ ଘରେ ଅଛନ୍ତି। ଫାରୁକ୍ ତାଙ୍କ ଘରୁ ବାହାରିବାକୁ ନ ଚାହିଁଲେ ତାଙ୍କୁ କ'ଣ ବନ୍ଧୁକମୁନରେ ବାହାରକୁ ଅଣାଯିବ ବୋଲି ଶାହ ପ୍ରଶ୍ନ କରିଛନ୍ତି।

# ୩୭୦କୁ ନେଇ କଂଗ୍ରେସ ଦୁଇଭାଗ

ନୂଆଦିଲ୍ଲୀ,୬।୮(ପି.ଟି.)


ଜ୍ୟୋତିରାଦିତ୍ୟ ସିନ୍ଧିଆ


ଜନାର୍ଦ୍ଦନ ଦ୍ୱିବେଦୀ

ଜମ୍ମୁ-କଶ୍ମୀରକୁ ଦୁଇଭାଗ କରିବା ସହ କେନ୍ଦ୍ର ସରକାର ସମ୍ବିଧାନର ଧାରା ୩୭୦କୁ ଉଚ୍ଛେଦ କରିବା ଘଟଣାକୁ ନେଇ କଂଗ୍ରେସ ଦୁଇ ଭାଗ ହୋଇଯାଇଛି। କଂଗ୍ରେସର ବରିଷ୍ଠ ନେତାମାନେ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ବିରୋଧ କରିଥିବାବେଳେ ଦଳର ଅନେକ ନେତା ଏହା ସପକ୍ଷରେ ମତ ଦେଇଛନ୍ତି। କଂଗ୍ରେସ ସାଧାରଣ ସମ୍ପାଦକ ଜ୍ୟୋତିରାଦିତ୍ୟ ସିନ୍ଧିଆ, କଂଗ୍ରେସ ନେତା ଜନାର୍ଦ୍ଦନ ଦ୍ୱିବେଦୀ କେନ୍ଦ୍ରର ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ସିନ୍ଧିଆ ଦେଶର ହିତ ଲାଗି କେନ୍ଦ୍ର ସରକାର ଗ୍ରହଣ କରିଥିବା ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ଟୁଇଟ୍ କରି ସେ କହିଛନ୍ତି, ମୁଁ ଏହାକୁ ସମର୍ଥନ କରେ ଓ ସାମ୍ବିଧାନିକ ବିଧିବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବା ଉଚିତ। ଏନେଇ କେହି ପ୍ରଶ୍ନ ଉଠାଇବା ଅନୁଚିତ। ବିଳମ୍ବରେ ହେଲେ ବି ଏହି ଐତିହାସିକ ଭୁଲ୍‌କୁ ସଂଶୋଧନ କରାଯାଇ ପାରିଛି ବୋଲି କଂଗ୍ରେସ ନେତା ଦ୍ୱିବେଦୀ ପ୍ରକାଶ କରିଛନ୍ତି। ସ୍ୱାଧୀନତା ପରେ ଅଧିକାଂଶ ସ୍ୱାଧୀନତା ସଂଗ୍ରାମୀ ୩୭୦ ଧାରାକୁ ଗ୍ରହଣ କରିବାକୁ ରାଜି ନ ଥିଲେ ବୋଲି କହିଛନ୍ତି। ଦ୍ୱିବେଦୀଙ୍କ ସହଯୋଗୀ ଦୀପେନ୍ଦର ହୁଡ଼ା ମଧ୍ୟ ଜାତୀୟ ସ୍ୱାର୍ଥ ଲାଗି ଏଭଳି ପଦକ୍ଷେପର ଆବଶ୍ୟକତା ଥିଲା ବୋଲି ପ୍ରକାଶ କରିଛନ୍ତି। ମୁମ୍ବାଇ କଂଗ୍ରେସ ମୁଖ୍ୟ ମିଲିନ୍ଦ ଦେଓରା ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ହେବା ଘଟଣା ବିମୁଦ୍ରୀକରଣଠାରୁ ଭଲ ବୋଲି ପ୍ରକାଶ କରିଛନ୍ତି। ଭାରତର ସାର୍ବଭୌମତ୍ୱ, ସ୍ୱାର୍ଥ ଲାଗି ଯାହା ଉଦ୍ଦିଷ୍ଟ ଓ ଜମ୍ମୁ-କଶ୍ମୀରରେ ଶାନ୍ତି ଓ ବିକାଶ ଲାଗି ଯାହା ଠିକ୍ ତାକୁ ଦଳ ଆଦର୍ଶଗତ ଭାବେ ବିଚାର କରିବା ଉଚିତ ବୋଲି ସେ କହିଛନ୍ତି।

ରାଜ୍ୟ ସଭାରେ କଂଗ୍ରେସର ମୁଖ୍ୟ ସଚେତକ ଭୁବନେଶ୍ୱର କଳିତା ଏହି ପ୍ରସଙ୍ଗକୁ ନେଇ ମଙ୍ଗଳବାର ଇସ୍ତଫା ଦେଇଥିଲେ। ବିଲ୍‌କୁ ବିରୋଧ କରିବା ଲାଗି କଂଗ୍ରେସ ସବୁ ସଦସ୍ୟଙ୍କୁ ହୁଇପ୍ ଜାରି କରିବା ଲାଗି ତାଙ୍କୁ କହିବାରୁ ସେ ଏଭଳି ପଦକ୍ଷେପ ନେଇଥିଲେ। ରାଏବରେଲିର କଂଗ୍ରେସ ବିଧାୟକ ଅଦିତି ସିଂ ଟୁଇଟର୍‌ରେ 'ଜୟହିନ୍ଦ' ଲେଖିବା ସହ ଆମେ ସମସ୍ତେ ଏକାଠି ଅଛୁ ବୋଲି ଉଲ୍ଲେଖ କରିଥିଲେ। ୩୭୦ ଉଚ୍ଛେଦ କରାଯିବା ଏକ ଐତିହାସିକ ନିଷ୍ପତ୍ତି ଓ ଏହାକୁ ନେଇ ରାଜନୀତି କରାଯିବା ଅନୁଚିତ ବୋଲି ସେ କହିଛନ୍ତି। ରାଜସ୍ଥାନର କଂଗ୍ରେସ ମନ୍ତ୍ରୀ ଆଶୋକ ଚନ୍ଦ୍ନା କେନ୍ଦ୍ର ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। କଂଗ୍ରେସର ବହୁ ନେତା ୩୭୦ ଉଚ୍ଛେଦ ଓ ଜମ୍ମୁ-କଶ୍ମୀରକୁ ଭାଗ ଭାଗ କରାଯିବା ସପକ୍ଷରେ ମତ ଦେଇଥିବା ଜଣାପଡ଼ିଛି।

# ଜମ୍ମୁ-କଶ୍ମୀରରେ ଲାଗୁହେବ ୧୦୬ କେନ୍ଦ୍ରୀୟ ଆଇନ

ନୂଆଦିଲ୍ଲୀ ,୬।୮(ଆଇଏଏନ୍‌ଏସ୍)




ଜମ୍ମୁ-କଶ୍ମୀରରୁ କେନ୍ଦ୍ର ସରକାର ସମ୍ବିଧାନର ଧାରା ୩୭୦, ୩୫ଏ ହଟାଇବା ସହ ଏହାକୁ ଏକ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଛନ୍ତି। ତେଣୁ ଜମ୍ମୁ-କଶ୍ମୀର ଲାଗି ଭାରତ ସମ୍ବିଧାନର ସମସ୍ତ ବ୍ୟବସ୍ଥା ଲାଗୁ କରାଯିବ। ସମ୍ବିଧାନର ପଞ୍ଚମ ଅନୁଚ୍ଛେଦ ଅନୁଯାୟୀ କେନ୍ଦ୍ର ସରକାର କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଲାଗି ୧୦୬ଟି କେନ୍ଦ୍ରୀୟ ଆଇନ ଲାଗୁ କରିବାକୁ ଯାଉଛି। ସମ୍ବଧାନର ପଞ୍ଚମ ଅନୁଚ୍ଛେଦରେ ଆସାମ, ମେଘାଳୟ, ତ୍ରିପୁରା ଓ ମିଜୋରାମକୁ ଛାଡ଼ି ଅନ୍ୟ ଅନୁସୂଚିତ ଅଞ୍ଚଳ ଓ ଅନୁସୂଚିତ ଜନଜାତି ଉପରେ ପ୍ରଶାସନିକ ନିୟନ୍ତ୍ରଣ କଥା ଉଲ୍ଲେଖ ଅଛି। ହିନ୍ଦୁ ବିବାହ ଆଇନ, ହିନ୍ଦୁ ଉତ୍ତରାଧିକାରୀ ଆଇନ, ସମ୍ପତ୍ତିଗତ ଅଧିକାର ଆଦି ସମ୍ପର୍କରେ ଆଇନ ମଧ୍ୟ ରହିଛି। ବରିଷ୍ଠ ଓକିଲ ତଥା ସମ୍ବିଧାନ ବିଶାରଦ ରାକେଶ ଦ୍ୱିବେଦୀ କହିଛନ୍ତି, ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ହେବା ପରେ ଏହା ଉପରେ କେନ୍ଦ୍ର ସରକାର ଆଇନ ପ୍ରଣୟନ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି।

ଜମ୍ମୁ-କଶ୍ମୀରର ସୁରକ୍ଷା ଲାଗି ସମ୍ବିଧାନର ଧାରା ୩୫ଏ ଏକ ବଳିଷ୍ଠ ଭୂମିକା ଗ୍ରହଣ କରୁଥିଲା। ଜମି ମାଲିକାନାସ୍ୱତ୍ୱ, ସ୍କଲାରଶିପ୍, କର୍ମସଂସ୍ଥାନ ଆଦି ରାଜ୍ୟ ବ୍ୟାପାରଭୁକ୍ତ ଥିଲା। ଏବେ ୩୭୦ ଓ ୩୫ଏ ଧାରା ହଟିଯିବା ପରେ ଜମ୍ମୁ-କଶ୍ମୀର ଭାରତର ସମ୍ପୂର୍ଣ୍ଣ ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛି। ସମ୍ବିଧାନର ଧାରା ୩ ଅନୁଯାୟୀ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରର ନୂଆ ଭୂଖଣ୍ଡର ସୀମାରେଖା ନିର୍ଦ୍ଧାରଣ କରାଯିବ। ବିଭିନ୍ନ ବିଚାରବିମର୍ଶ ପରେ ପାର୍ଲାମେଣ୍ଟରେ ଏନେଇ ଆଇନ ଅଣାଯିବା ସହ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିବ। ଆର୍ଥିକ ଅନଗ୍ରସରଙ୍କ ଲାଗି ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ହେଲେ କେନ୍ଦ୍ର ସଂଶୋଧନ ପ୍ରସ୍ତାବ ଆଣିବ। ଜମ୍ମୁ-କଶ୍ମୀରରେ ପ୍ରଚଳିତ ପ୍ରଥା, ପରମ୍ପରା ଲାଗି କେନ୍ଦ୍ର ସରକାର ମଧ୍ୟ ନୂଆ ଆଇନ ପ୍ରସ୍ତୁତ କରିପାରିବେ। ଏଭଳି ଅନେକ ଆଇନ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀର ପାଇଁ ଲାଗୁ କରିପାରନ୍ତି ବୋଲି ସମ୍ବିଧାନ ବିଶାରଦ ତଥା ବରିଷ୍ଠ ଓକିଲ ନରେନ୍ଦ୍ର ହୁଡ଼ା ପ୍ରକାଶ କରିଛନ୍ତି।



# ସୁଷମାଙ୍କୁ ଶ୍ରଦ୍ଧାଞ୍ଜଳି



ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ ଅଭିଯାନ- ୮ ଅଗଷ୍ଟ ୨୦୧୯

DSPL-57

ଚଳିତ ବର୍ଷ ଅଗଷ୍ଟ ୮ ତାରିଖରେ ରାଜ୍ୟର ୫ଟି ଫାଇଲେରିଆ ବା ବାତଜ୍ୱର ପ୍ରବଣ ଜିଲ୍ଲା (ବାଲେଶ୍ୱର, କଟକ,ଢେଙ୍କାନାଳ,ଖୋର୍ଦ୍ଧା ଓ ନୂଆପଡା)ରେ ଫାଇଲେରିଆ ପ୍ରତିରୋଧକ ଡି.ଇ.ସି. ଓ ଆଲବେଣ୍ଡାଜଲ୍ ବଟିକା ସେବନ ବ୍ୟବସ୍ଥା କରାଯାଇଛି ।



- ଆଶାକର୍ମୀ କିମ୍ବା ତାଲିମ୍‌ପ୍ରାପ୍ତ ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ ପରିବାର ସଦସ୍ୟଙ୍କ ବୟସ ଅନୁପାତରେ ବଟିକା ଖୁଆଇବେ ।
- କେବଳ ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ବୟସର ଶିଶୁ, ଗୁରୁତର ଅସୁସ୍ଥ ବ୍ୟକ୍ତି ଏହି ବଟିକା ଖାଇବେ ନାହିଁ ।
- ଯଦି କୌଣସି କାରଣବଶତଃ ଉକ୍ତ ଦିନ ଏହି ବଟିକା ଖାଇପାରିନଥିବେ, ତେବେ ପରବର୍ତ୍ତି ଦୁଇଦିନ ଯଥା ୯ ଓ ୧୦ ତାରିଖରେ ଆଶାକର୍ମୀ କିମ୍ବା ତାଲିମ୍‌ପ୍ରାପ୍ତ ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ ଔଷଧ ଖୁଆଇବେ ।

ମନେରଖନ୍ତୁ - କିଛି ଖାଦ୍ୟ ଖାଇବା ପରେ ହିଁ ଏହି ବଟିକା ସେବନ କରିବା ଉଚିତ୍ ।

ଫାଇଲେରିଆ ପ୍ରତିରୋଧକ ବଟିକା ସେବନ କରି ଫାଲେରିଆ ନିରାକରଣ ଅଭିଯାନକୁ ସଫଳ କରାନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
10003/13/0035/1920



ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ, ବରିଷ୍ଠ ଭାଜପା ନେତା ଲାଲ୍‌କୃଷ୍ଣ ଆଡଭାନୀ, ମୁରଲୀ ମନୋହର ଜୋଷୀ, ଭୈରୋ ସିଂ ଶେଖାୱତ, ରାଜନାଥ ସିଂ, ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗହଣରେ ସୁଷମା ସ୍ୱରାଜ।



୨୦୧୮ ସେପ୍ଟେମ୍ବର ୨୯ରେ ଜାତିସଂଘର ସାଧାରଣ ସଭାରେ ବହିର୍ବ୍ୟାପାର ମନ୍ତ୍ରୀ ଭାବେ ସୁଷମାଙ୍କ ଉଦ୍‌ବୋଧନ।



ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ, ତାଙ୍କ ସ୍ତ୍ରୀ ହିଲାରୀ କ୍ଲିଣ୍ଟନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ।

# ଆଇନଜୀବୀରୁ ବହିର୍ବ୍ୟାପାର ମନ୍ତ୍ରୀ

ନୂଆଦିଲ୍ଲୀ, ୬।୮

ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ମଙ୍ଗଳବାର ରାତି ୧୧ଟାରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ବୁଧବାର ନୂଆଦିଲ୍ଲୀସ୍ଥିତ ଲୋଧିରୋଡ ଶବଦାହ ଗୃହରେ ଅନ୍ତିମ ସଂସ୍କାର କରାଯିବ।

ଇନ୍ଦିରା ଗାନ୍ଧୀଙ୍କ ପରେ ଦେଶର ଦ୍ୱିତୀୟ ମହିଳା ଭାବେ ସେ ବହିର୍ବ୍ୟାପାର ମନ୍ତ୍ରଣାଳୟ ସମ୍ଭାଳିବାର ସୌଭାଗ୍ୟ ଅର୍ଜନ କରିଥିଲେ। ସେ ପାର୍ଲାମେଣ୍ଟକୁ ୭ ଥର ଓ ବିଧାନସଭାକୁ ୩ ଥର ନିର୍ବାଚିତ ହୋଇଥିଲେ। ସୁପ୍ରିମକୋର୍ଟର ପୂର୍ବତନ ଓକିଲ ସୁଷମା ମାତ୍ର ୨୫ ବର୍ଷ ବୟସରେ ଦେଶର ସର୍ବକନିଷ୍ଠ କ୍ୟାବିନେଟ ମନ୍ତ୍ରୀ (ହରିୟାଣା) ହେବାର କୀର୍ତ୍ତି ଅର୍ଜନ କରିଛନ୍ତି। ଦିଲ୍ଲୀର ୫ମ ମୁଖ୍ୟମନ୍ତ୍ରୀ ଭାବେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ସେ ମଧ୍ୟପ୍ରଦେଶର ବିଦିଶା ଆସନରୁ ୪ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଥିଲେ ହେଁ ସ୍ୱାସ୍ଥ୍ୟଗତ କାରଣରୁ ୨୦୧୯ ସାଧାରଣ ନିର୍ବାଚନ ଲଢି ନ ଥିଲେ।

୧୯୫୨ ଫେବୃୟାରୀ ୧୪ରେ ହରିୟାଣାର ଅମ୍ବାଲାରେ ଜନ୍ମଗ୍ରହଣ କରିଥିବା ସୁଷମାଙ୍କ ବାପା ହରଦେବ ଶର୍ମା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ଜଣେ ପ୍ରମୁଖ ସଦସ୍ୟ ଥିଲେ। ଅମ୍ବାଲା କ୍ୟାଣ୍ଟନ୍‌ମେଣ୍ଟର ସନାତନ ଧର୍ମ କଲେଜରେ ଶିକ୍ଷା ଲାଭ କରିଥିବା ଏହି ଅଗ୍ନିବର୍ଷୀ ନେତ୍ରୀ ସଂସ୍କୃତ ଓ ରାଜନୀତି ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ପରେ ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ଆଇନ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ୧୯୭୦ରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ରୁ ସୁଷମା ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ସେ ସ୍ୱରାଜ୍ କୌଶଲ(ମିଜୋରାମର ପୂର୍ବତନ ରାଜ୍ୟପାଳ)ଙ୍କୁ ବିବାହ କରିଥିଲେ। ଜୟପ୍ରକାଶ ନାରାୟଣଙ୍କ ବୈପ୍ଳବିକ ଆନ୍ଦୋଳନରେ ସୁଷମା ନିଜକୁ ସାମିଲ କରିଥିଲେ। ୧୯୭୫ ଜରୁରିକାଳୀନ ପରିସ୍ଥିତି ପରେ ସେ ଭାରତୀୟ ଜନତା ପାର୍ଟିରେ ଯୋଗଦେଇଥିଲେ। ପରେ ସେ ନିଜ ସାଙ୍ଗଠନିକ ଦକ୍ଷତା ଓ ପରାକାଷ୍ଠା ବଳରେ ଭାଜପାର ଜଣେ ଆଗଧାଡ଼ିର ନେତ୍ରୀ ହୋଇପାରିଥିଲେ। ହରିୟାଣା ବିଧାନସଭାକୁ ୧୯୭୭ରେ ନିର୍ବାଚିତ ହୋଇ ଦେବୀଲାଲ୍‌ଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ସେ କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ। ୧୯୭୯ରେ ମାତ୍ର ୨୭ ବର୍ଷ ବୟସରେ ସେ ହରିୟାଣା ଭାଜପାର ସଭାପତି ପଦ ଅଳଙ୍କୃତ କରିଥିଲେ। ୧୯୮୭ରେ ହରିୟାଣା ଶିକ୍ଷାମନ୍ତ୍ରୀ ମଧ୍ୟ ହୋଇଥିଲେ। ଦିଲ୍ଲୀର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ସେ ୧୯୯୮ରେ ଗୁରୁଦାୟିତ୍ୱ ଗ୍ରହଣ କରି ଅନେକ ବିକାଶମୂଳକ କାର୍ଯ୍ୟ କରିଥିଲେ। ସେ ୧୯୯୦ରେ ରାଜ୍ୟ ସଭା ଓ ୧୯୯୬ରେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ଅଟଳବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବାବେଳେ ସେ ସୂଚନା ଓ ପ୍ରସାରଣ ସହ ଟେଲି ଯୋଗାଯୋଗ ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ୧୯୯୯ରେ ଭାଜପା ତାଙ୍କୁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ବିରୋଧରେ ପ୍ରାର୍ଥୀ କରିଥିଲା। ଜଣେ ସଚ୍ଚୋଟ, ନିର୍ଭୀକ, ଦୃଢ଼ମନା ନେତ୍ରୀଭାବେ ସେ ବେଶ୍ ପରିଚିତ।



ଦେଶ ଜଣେ ମହାନ୍ ନେତ୍ରୀଙ୍କୁ ହରାଇଛି। ହଠାତ୍ ତାଙ୍କ ଦେହାନ୍ତ ମୋତେ ଆଘାତ ଦେଇଛି। ଜଣେ ନିର୍ଭୀକ, ପରୋପକାରୀ ନେତ୍ରୀ ଭାବେ ସେ ସବୁଦିନ ମନେରହିବେ। ଭାରତବାସୀଙ୍କ ପ୍ରତି ତାଙ୍କର ସେବା ଓ ଉତ୍ସର୍ଗୀକୃତ ମନୋଭାବ ତାଙ୍କୁ ଚିରଦିନ ଅମର ରଖିବ।

-ରାମନାଥ କୋବିନ୍ଦ,ରାଷ୍ଟ୍ରପତି



ଭାରତୀୟ ରାଜନୀତିର ଏକ ମହାନ୍ ଅଧ୍ୟାୟ ଶେଷ ହୋଇଯାଇଛି। ଜନସେବାରେ ନିଜକୁ ସାରା ଜୀବନ ଉତ୍ସର୍ଗ କରିଥିବା ଏହି ମହାନ୍ ନେତ୍ରୀ ପ୍ରେରଣାର ଉତ୍ସ ଥିଲେ। ତାଙ୍କ କାର୍ଯ୍ୟ ଚିରଦିନ ମନେ ରହିଥିବ। ଆଦର୍ଶ ସହିତ ସେ କେବେହେଲେ ସାଲିସ୍ କରି ନ ଥିଲେ। କାର୍ଯ୍ୟ କରିବାରେ ତାଙ୍କ ଆଗ୍ରହ ଓ ନିଷ୍ଠାପରତା ଅତୁଳନୀୟ। ସୁଷମାଙ୍କ ବିୟୋଗ ମୋର ବ୍ୟକ୍ତିଗତ କ୍ଷତି।

- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



ଦେଶ ଓ ଦଳ ପ୍ରତି ସୁଷମା ସ୍ୱରାଜଙ୍କ ନିଷ୍ଠାପର କାର୍ଯ୍ୟ ତାଙ୍କୁ ସବୁଦିନ ମନେ ରଖିବ। ବହିର୍ବ୍ୟାପାର ମନ୍ତ୍ରୀ ଭାବେ ସେ ନିଜର କର୍ତ୍ତବ୍ୟ ସୁଚାରୁରୂପେ ତୁଲାଇଥିଲେ। ହଠାତ୍ ତାଙ୍କ ବିୟୋଗରେ ମୁ ମର୍ମାହତ। ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରୁଛି।

- ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ



ସୁଷମା ସ୍ୱରାଜଙ୍କ ପରଲୋକ ଭାଜପା ଏବଂ ଭାରତର ରାଜନୀତି ପାଇଁ ଏକ ଅପୂରଣୀୟ କ୍ଷତି ହୋଇ ରହିବ। ମୁଁ ଭାଜପାର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ତରଫରୁ ସୁଷମାଙ୍କ ଶୋକସନ୍ତପ୍ତ ପରିବାର, ବନ୍ଧୁପରିଜନ ଓ ଶୁଭଚିନ୍ତକଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି।

-ଅମିତ୍ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ



ସୁଷମା ସ୍ୱରାଜଙ୍କ ମୃତ୍ୟୁ ଖବରକୁ ସହଜରେ ବିଶ୍ୱାସ କରିହେଉ ନାହିଁ। ସେ ମୋର ବଡ଼ ଭଉଣୀ ଥିଲେ। ଜଣେ ବିଶିଷ୍ଟ ରାଜନୀତିଜ୍ଞ ଏବଂ ଜନନାୟିକା ଭାବେ ସେ ବେଶ୍ ପରିଚିତ ଥିଲେ। ତାଙ୍କର ପରଲୋକ ବ୍ୟକ୍ତିଗତ ଭାବେ ମତେ କ୍ଷତି ପହଞ୍ଚାଇଛି। ଦେଶ ଜଣେ ଦକ୍ଷ ନେତ୍ରୀଙ୍କୁ ହରାଇଲା। ତାଙ୍କ ମୃତ୍ୟୁ ଦେଶ ପାଇଁ ଅପୂରଣୀୟ କ୍ଷତି ହୋଇ ରହିବ।

- ଧର୍ମେନ୍ଦ୍ର ପ୍ରଧାନ,କେନ୍ଦ୍ରମନ୍ତ୍ରୀ

ସୁଷମା ସ୍ୱରାଜଙ୍କ ଆକସ୍ମିକ ବିୟୋଗରେ ମର୍ମାହତ। ଜଣେ ଭଦ୍ର ଓ ନମ୍ର ତଥା ନିସ୍ୱାର୍ଥପର ନେତ୍ରୀ ଭାବେ ତାଙ୍କୁ ଦେଶ ସବୁଦିନ ପାଇଁ ମନେରଖିବ।

–ସୁର ସାମ୍ରାଜ୍ଞୀ ଲତା ମଙ୍ଗେସ୍କର





ସୁଷମା ସ୍ୱରାଜ ଜଣେ ପ୍ରତିଭାସମ୍ପନ୍ନ ରାଜନେତା ଥିଲେ। ତାଙ୍କର ଅକାଳ ବିୟୋଗ ମର୍ମାହତ କରିଛି। ଲୋକଙ୍କ ପ୍ରତି ସେବା ଓ ତାଙ୍କ ନିର୍ଭୀକତା ତାଙ୍କୁ ଚିରଦିନ ମନେରଖିବ। ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ।

-କ୍ୟାପ୍‌ଟେନ ଅମରିନ୍ଦର ସିଂ, ପଞ୍ଜାବ ମୁଖ୍ୟମନ୍ତ୍ରୀ



ସ୍ୱରାଜ କୌଶଲଙ୍କ ସହ ସୁଷମାଙ୍କ ବିବାହ ବେଳର ଫଟୋ।



ଝିଅ ବାଂଶୁରୀଙ୍କ ସହ ସୁଷମା।



ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କ ସହ।

SUIIT
(Sambalpur University Institute of Information Technology)
at Jyoti Vihar, Burla, Sambalpur, Odisha
Advt. No.: 943 / SUIIT Dated: 06 / 08 / 2019

SPOT ADMISSION: 2019-20

B. TECH (CSE, ECE, EEE)
(BOTH REGULAR AND LATERAL)
Admission for all OJEE-2019 allotted candidates will continue up to 1.00 PM on 9th August, 2019.
Spot admission will be done against the vacant seats for B. Tech CSE, ECE, EEE in SUIIT.
Date: 9th August, 2019 (Friday)
Reporting Time: 10.00 AM to 1.00 PM

PG Programmes
Spot admission will be done against few vacant seats for MCA, M. Sc Comp. Sc., M. Sc Electronics, M. Tech Comp. Sc. Engg., M. Tech Comm. System Engg., M. Tech Embedded System Design in SUIIT.
Date: 9th August, 2019 (Friday)
Reporting Time: 09.00 AM to 10.30 AM

For Detail information on eligibility criteria, fee structure, etc.
Visit www.suiit.ac.in and Contact:
Dr. S. Jena, HOD, CSE&A – 8247679467; Mrs. S. Kar, HOD, ECE – 9439657668; Dr. A. Panda, HOD, EEE – 9337347538; Mr. A. Nag, HOD, BS&H – 9338703277
Email: admin.office@suiit.ac.in/director@suiit.ac.in Director, SUIIT

ADMISSION NOTICE - 2019
DIRECTORATE OF DISTANCE & CONTINUING EDUCATION
D.D.C.E., UTKAL UNIVERSITY
BHUBANESWAR-751007
NAAC Accredited A+
COURSES OFFERED
Admn Advt-4

| Courses | Admission |
| --- | --- |
| DISTANCE MODE (Management Courses)<br>• Master of Business Administration (MBA)<br>• BBA / IMBA<br>• Post Graduate Diploma in Mgt. :<br>• Human Resource • Marketing<br>• Production & Operation • Finance<br>• Tour & Travel • Agri Business<br>• Ditetics & Nutrition • Public Policy | Walk in Online , Entrance Test & Rolling Admission. |
| REGULAR MODE (Morning Programme)<br>• MCA (3 Yrs.) • M.Sc. I T&M<br>• M.Sc. Comp. Sc. • M.Sc. IT<br>• P.G.Dip. in Banking & Insurance Mgt. | Walk in Online Entrance Test cum PI and Rolling Admission. |
| DISTANCE MODE (Graduate Courses)<br>• BA (HONS.) • B.COM. (HONS.)<br>DISTANCE MODE (Post Graduate Courses)<br>• MSW • M.Com.<br>• MA in Public Admn. • MA in History<br>• MA in Pol.Science • MA in Sanskrit<br>• MA in Education • MA in English<br>• MA in Odia • MA in Sociology<br>• MA in Economics • MA in Hindi | Walkin Admission |

Last Date of Admission Extended to: 31.08.2019
APPLY ONLINE : www.ddceutkal.ac.in
(FOR ELIGIBILITY, FEE STRUCTURE, SELECTION PROCESS AND IMPORTANT DATE LINES VISIT OUR WEBSITE . NO ADMISSION ON 2ND AND 4TH SATURDAY.)
DIRECTOR

**କିଛି ତଥ୍ୟ**
ଚଳିତ ବର୍ଷ ଜୁନରେ ଭୀମ ପ୍ଲାଟଫର୍ମରେ ୧.୫ କୋଟି ସଂଖ୍ୟକ ଟ୍ରାଞ୍ଜାକଶନ ହୋଇଥିବା ବେଳେ ଏହାର ମୋଟ ମୂଲ୍ୟ ୬,୨୦୨ କୋଟି ଟଙ୍କା ରହିଛି।
– ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରିଙ୍କି
ପରିବାରବର୍ଗ


ସାଇଶ୍ରଦ୍ଧା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଆର୍.ପି. ଶର୍ମା ଲୋକାୟୁକ୍ତ ...

ପ୍ରଥମ ପୃଷ୍ଠାରୁ...

ଡା. ଶର୍ମା ପୋଲିସ ଡିଜି ପଦ ଛାଡ଼ିବା ପରେ ୧୯୮୭ ବ୍ୟାଚର ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ତଥା ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ସୁନୀଲ ରୟଙ୍କୁ ଭାରପ୍ରାପ୍ତ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ନୂଆ ପୋଲିସ ଡିଜି ମନୋନୀତ ନ ହେବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ସେହିପରି କଟକସ୍ଥିତ ପୋଲିସ ମୁଖ୍ୟାଳୟର ଏଡିଜିପି ଭାବେ ଆଇପିଏସ୍ ଅଫିସର ବିନୟତୋଷ ମିଶ୍ରଙ୍କୁ ଦାୟିତ୍ୱ ମିଳିଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ପରବର୍ତ୍ତୀ ପୋଲିସ ଡିଜି କିଏ ହେବେ ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। କେତେଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କ ନାମକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଆଇପିଏସ୍ ଅଫିସର ତଥା ନ୍ୟାଶନାଲ ଟେକ୍ନିକାଲ ରିସର୍ଚ୍ଚ ଅର୍ଗାନାଇଜେଶନ ସେଣ୍ଟର ନୂଆଦିଲ୍ଲୀର ନିର୍ଦ୍ଦେଶକ ପ୍ରଦୀପ କପୁର, କେନ୍ଦ୍ରୀୟ ଡେପୁଟେଶନରେ ଥିବା ଏମ୍. ନାଗେଶ୍ୱର ରାଓ, ଅଗ୍ନିଶମ ଡିଜି ବିଜୟ କୁମାର ଶର୍ମା, ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ସୁନୀଲ ରୟଙ୍କ ସମେତ ସୁନୀଲ କୁମାର ବନ୍ସଲ, ସୁରେନ୍ଦ୍ର ପନ୍‌ୱର ଓ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତିଙ୍କ ନାମ ଚର୍ଚ୍ଚାକୁ ଆସୁଛି।

## କୁଏତ୍‌ରେ ଫସିଛନ୍ତି ୧୫ ଶ୍ରମିକ

**କେନ୍ଦ୍ରାପଡା ଅଫିସ, ୬।୮:** ଦାଦନ ଖଟିବାକୁ ଯାଇ କେନ୍ଦ୍ରାପଡା ଜିଲା ଅନ୍ତର୍ଗତ ଆଳି ଓ ପଟ୍ଟାମୁଣ୍ଡାଇ ଅଞ୍ଚଳର ୧୫ ଜଣ ଶ୍ରମିକ ସୁଦୂର କୁଏତ୍‌ରେ ଫସିଛନ୍ତି। ସେମାନେ ହେଲେ ଅବିନାଶ ସ୍ୱାଇଁ, ଅଖିଳ ସାହୁ, ଅମରେଶ କୁଣ୍ଡ, ଆଶିଷ କୁମାର ନାୟକ, ବରଦାକାନ୍ତ ଭୂୟାଁ, ସଞ୍ଜୀବ କୁମାର ମଲ୍ଲିକ ପ୍ରମୁଖ। ଏନେଇ ସଞ୍ଜୀବଙ୍କ ବାପା ସାମାଜିକ ଗଣମାଧ୍ୟମ ଜରିଆରେ ମଙ୍ଗଳବାର ସୂଚନା ଦେଇଛନ୍ତି। ପୁଅ ସମେତ ଅନ୍ୟ ଶ୍ରମିକମାନଙ୍କୁ ଫେରାଇ ଆଣିବାକୁ ସେ ନିବେଦନ କରିଛନ୍ତି। ସେଠାରେ ଏକ ହାୱାଲିସ୍ଥିତ ଅଲୱାହା ମଲର ମେଗାଟେକ୍‌ରେ କାମ କରୁଥିଲେ। ମାତ୍ର କମ୍ପାନୀ କାମ ଅନୁଯାୟୀ ଅର୍ଥ ଦେବା ପରିବର୍ତ୍ତେ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି।

## 'ଜଲି ଏଲ୍‌ଏଲ୍‌ବି' ଭଳି ଫିଲ୍ମରେ ଅଭିନୟ ଚାହାନ୍ତି ବରୁଣ



ନୂଆଦିଲ୍ଲୀ: 'ଫୁକ୍‌ରେ' ସିରିଜରେ ଚୁଚା ଚରିତ୍ର ପାଇଁ ଖୁବ୍ ପରିଚିତ ଅଭିନେତା ବରୁଣ ଶର୍ମା 'ଜଲି ଏଲ୍‌ଏଲ୍‌ବି' ଭଳି ଫିଲ୍ମରେ ଅଭିନୟ କରିବାକୁ ବେଶ୍ ପସନ୍ଦ କରିଛନ୍ତି। ୨୦୧୩ରେ ଫିଲ୍ମ ଦୁନିଆରେ ପାଦ ଦେବା ପରଠାରୁ ବରୁଣ 'ଫୁକ୍‌ରେ', 'ଡଲି କି ଡୋଲି', 'କିସ୍ କିସ୍‌କୋ ପ୍ୟାର କରୁନ୍', 'ଦିଲୱାଲେ', 'ଅର୍ଜୁନ ପାଟିଆଲା' ଏବଂ 'ଖାନ୍‌ଦାନି ଶାଫଖାନା'ରେ ଅଭିନୟ କରି ନିଜର କଳାତ୍ମକ ନିପୁଣତା ଦେଖାଇ ଆସିଛନ୍ତି। ଅଭିନୟରେ କିଛି ପୃଥକ୍ କରି ଦେଖାଇବାକୁ ସେ ସବୁବେଳେ ପସନ୍ଦ କରନ୍ତି। ୨୯ବର୍ଷ ବୟସ୍କ ବରୁଣ 'ଜଲି ଏଲ୍‌ଏଲ୍‌ବି' ଭଳି ଫିଲ୍ମ କରିବାକୁ ପସନ୍ଦ କରନ୍ତି। ଯେଉଁ ଫିଲ୍ମରେ ଭଲ ଚରିତ୍ର ଥିବ, ବିଶେଷକରି କାହାଣୀ ଦର୍ଶକଙ୍କୁ ବାନ୍ଧି ରଖିପାରୁଥିବ ସେଭଳି ଫିଲ୍ମରେ ଅଭିନୟ କରିବାକୁ ପସନ୍ଦ କରନ୍ତି ବୋଲି ବରୁଣ ପ୍ରକାଶ କରିଛନ୍ତି।

### ଅଯୋଧ୍ୟା ଜମି ସ୍ୱତ୍ୱ ବିବାଦ ମାମଲାର ଦୈନନ୍ଦିନ ଶୁଣାଣି ଆରମ୍ଭ

## ଅଧିକାର ଜାହିର କଲା ନିର୍ମୋହୀ ଆଖଡ଼ା

ନୂଆଦିଲ୍ଲୀ ,୬।୮(ପି.ଟି.): ଅଯୋଧ୍ୟା ଜମି ସ୍ୱତ୍ୱ ବିବାଦର ସମାଧାନ ଲାଗି ସୁପ୍ରିମକୋର୍ଟରେ ମଙ୍ଗଳବାରଠାରୁ ଦୈନନ୍ଦିନ ଶୁଣାଣି ଆରମ୍ଭ ହୋଇଛି। ବିବାଦର ସମାଧାନ ଲାଗି ସୁପ୍ରିମକୋର୍ଟ ଦ୍ୱାରା ନିଯୁକ୍ତ ୩ ମଧ୍ୟସ୍ଥ ଏଥିରେ ବିଫଳ ହେବାରୁ ଏହାର ସମାଧାନ ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ମାମଲାରେ ପକ୍ଷ ଥିବା ନିର୍ମୋହୀ ଆଖଡ଼ା ପକ୍ଷରୁ ଖଣ୍ଡପୀଠଙ୍କ ଆଗରେ ସମସ୍ତ ବିବାଦୀୟ ୨.୭୭ ଏକର ଜମି ଉପରେ ନିଜର ଅଧିକାର ଜାହିର କରାଯାଇଛି। ରାମ ଜନ୍ମଭୂମି ବାବ୍ରୀ ମସ୍‌ଜିଦର ଏହି ଜମିଗୁଡ଼ିକ ଏବେ ନିର୍ମୋହୀ ଆଖଡ଼ା ଅଧୀନ ଓ ପୂର୍ଣ୍ଣ ନିୟନ୍ତ୍ରଣରେ ଥିବା ଦର୍ଶାଯାଇଛି। ୧୯୩୪ ପରଠାରୁ ଏହି ବିବାଦୀୟ ଅଞ୍ଚଳକୁ କୌଣସି ମୁସଲମାନଙ୍କୁ ପ୍ରବେଶ ଲାଗି ଅନୁମତି ଦିଆଯାଇନାହିଁ। ନିର୍ମୋହୀ ଅଖଡ଼ା ପକ୍ଷରୁ ଓକିଲ ସୁଶୀଲ ଜୈନ ନିଜ ପକ୍ଷ ରଖି ସେଠାରେ ଶହ ଶହ ବର୍ଷ ହେବ ରାମଲାଲାଙ୍କୁ ପୂଜା କରାଯାଇଆସୁଥିବା କହିଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ପାଞ୍ଚଜଣିଆ ସାମ୍ବିଧାନିକ ଖଣ୍ଡପୀଠ କେଉଁ ଆଧାରରେ ଆଖଡ଼ାର ଦାବିକୁ ବିରୋଧ କରାଯାଉଛି ବୋଲି ଜାଣିବାକୁ ଚାହିଁଥିଲେ। ପ୍ରଥମ ଦିନରେ ଆଖଡ଼ା ପକ୍ଷରୁ ଏହାର ଐତିହାସିକ ଗୁରୁତ୍ୱ ସମ୍ପର୍କରେ ଯୁକ୍ତି ଦର୍ଶାଯାଇଥିଲା। ଜୈନ କହିଥିଲେ, ଯୁଦ୍ଧବେଳେ ଝାନ୍‌ସୀ ରାଣୀଙ୍କୁ ମଠର ସଦସ୍ୟମାନେ ସୁରକ୍ଷା ଦେଇଥିଲେ। 'ସୀତା ରୋଷେଇ', 'ଚବୁତ୍ର', 'ଭଣ୍ଡାର ଘର' ଆଦି ସବୁ ଆମ ନିୟନ୍ତ୍ରଣରେ ରହିଛି। ଏହା ଏକ ସ୍ୱତନ୍ତ୍ର ଭାବଧାର ସମ୍ପର୍କିତ ପ୍ରସଙ୍ଗ ହୋଇଥିବାରୁ ଏଥିଲାଗି ଆମେ ସଂଗ୍ରାମ ଜାରି ରଖିଛୁ ବୋଲି ନିର୍ମୋହୀ ଆଖଡ଼ା ପକ୍ଷରୁ ସୁପ୍ରିମକୋର୍ଟଙ୍କୁ ଦର୍ଶାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ର ଆପଣଙ୍କ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ନୂତନ କର୍ମାରମ୍ଭ ପାଇଁ ପ୍ରୀତିପ୍ରଦ ରହିବ। ବକ୍ରୀ କର୍ମାଧିପତି ପାପଯୁକ୍ତ କାରଣରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କଲେ କେତେକାଂଶରେ ସଫଳତା ପାଇବେ।

**ବୃଷ**
କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ଅନ୍ୟମାନଙ୍କର କଥାକୁ ସହଜରେ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ। ଶନିଙ୍କ ପ୍ରଭାବରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

**ମିଥୁନ**
ଆପଣଙ୍କ କାମରେ ଖଳପ୍ରକୃତିର ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ଏକାଧିକ କାମରେ ହାତଦେଇ କୌଣସିଟିକୁ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। କର୍ମ କ୍ଷେତ୍ରରେ, ପରିବାରରେ, ମିତ୍ର ବନ୍ଧୁରେ, ଲେଖାପଢ଼ାରେ ସ୍ଥଗିତ କାମ ଦିଗରେ ପଦକ୍ଷେପ ନେଇ ପାରନ୍ତି। ଆଇନ ଅଦାଲତ, କ୍ରୀଡା, ପ୍ରତିଯୋଗିତାଦି କ୍ଷେତ୍ରରୁ ସଫଳତା ମିଳିବ।

**କର୍କଟ**
କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ମଙ୍ଗଳଙ୍କ ଦୁର୍ବଳତା ହେତୁ ସନ୍ତାନ ହେତୁକ ପୀଡା ଅନୁଭବ କରିବେ। ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଆଜିର ଯାତ୍ରା, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ସିଂହ**
କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ଦୀର୍ଘଦିନର ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। ତଥାପି ପୂର୍ବାଫାଲ୍‌ଗୁନୀର ମନୋବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି କାମ ହାସଲ କରିବେ। କର୍ମକ୍ଷେତ୍ରରେ କୌଣସି ଜଣେ ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ।

**କନ୍ୟା**
ମନରଭାବକୁ ଗୋପନ ରଖି ବନ୍ଧୁଙ୍କ ସହ ଆଲୋଚନାରେ ଭାଗନେବେ। ପାରିବାରିକ କ୍ଷେତ୍ରରେ ଦୁର୍ଭାବନା ବଢ଼ିଚାଲିବ। ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେନାହିଁ। ବନ୍ଧୁଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ନିଜକୁ କଷ୍ଟ ସହିବାକୁ ପଡିପାରେ। ପ୍ରତ୍ୟେକ କ୍ଷେତ୍ରରେ ଛୋଟ କଥାକୁ ବଡ଼ ଆକାରରେ ଚିନ୍ତା କରି ଅଶାନ୍ତି ରହିପାରନ୍ତି।

**ତୁଳା**
ଭୁଲ୍ ବୁଝାମଣାରୁ ବଢି ଚାଲିଥିବା ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଆନୁଷ୍ଠାନିକ କାମରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା**
ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡର ରୋଗରେ କଷ୍ଟ ପାଇପାରନ୍ତି। ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ। ସ୍ଥଗିତ ରହିଯାଇଥିବା ନୂତନ ଯୋଜନା ପାଇଁ କର୍ମତତ୍ପର ହୋଇ ଉଠିପାରନ୍ତି। ପିଲାମାନଙ୍କ କୃତି ଓ କୃତିତ୍ୱ ପାଇଁ ଗର୍ବ ଅନୁଭବ କରିବେ।

**ଧନୁ**
ବନ୍ଧୁଙ୍କ ସହଯୋଗରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ପୂର୍ବ ପରିକଳ୍ପିତ ଯୋଜନାଗୁଡିକୁ ଠିକ୍ ଭାବରେ ବଦଳାଇବା କଷ୍ଟକର ହେବ। ଜମିଜମା ସମ୍ବନ୍ଧୀୟ ବାଦବିବାଦ କ୍ରମେ ଜଟିଳ ହେବାର ସୂଚନା ରହିଛି। ସତର୍କତା ଅଭାବରୁ ଯାନବାହନରେ ଭ୍ରମଣବେଳେ ଦ୍ରବ୍ୟ ହରଣ ହୋଇପାରେ।

**ମକର**
ହାତରେ ବହୁତ କାମ ଥିଲେ ମଧ୍ୟ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଅଧସ୍ତନ କର୍ମଚାରୀଙ୍କ ସହଯୋଗରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ସାମାଜିକ ସ୍ତରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଗୁରୁଜନଙ୍କ ସ୍ୱାସ୍ଥ୍ୟହାନି ସକାଶେ ଚିନ୍ତିତ ରହିବେ।

**କୁମ୍ଭ**
କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ଆର୍ଥିକ ଦୁରବସ୍ଥା ବହୁଳାଂଶରେ ଦୂରୀଭୂତ ହୋଇଯିବ। ଘରେ ବନ୍ଧୁମିଳନରୁ ଆନନ୍ଦ ଅନୁଭବ କରିପାରନ୍ତି। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିପାରନ୍ତି। ପରୋକ୍ଷ ଶତ୍ରୁତା କାର୍ଯ୍ୟହାନିର ପରୋକ୍ଷ କାରଣ ହୋଇପାରେ।

**ମୀନ**
ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କଲେ ସଫଳତା ପାଇପାରିବେ । ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡିପାରେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ବିବାଦୀୟ ପରିସ୍ଥିତିରେ ବିନୟପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲ୍‌କା କରିବାରେ ସମର୍ଥ ହେବେ।

ଆଜି ଶ୍ରାବଣ ଶୁକ୍ଳ ସପ୍ତମୀ ଯୁକ୍ତ ଅଷ୍ଟମୀ ବୁଧବାର, ଅଗଷ୍ଟ ୭ ତାରିଖ, ଜାତୀୟ ହସ୍ତତନ୍ତ ଦିବସ, ଶ୍ରୀରାମ ଚରିତ ମାନସ ପ୍ରଣେତା ଗୋସ୍ୱାମୀ ତୁଳସୀଦାସଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, କର୍କଟ ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୪୯ମି. ଗତେ ଘ୮।୨୮ମି. ମଧ୍ୟେ, ଘ୩।୦୪ମି. ଗତେ ଘ୪।୪୩ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୪୯ମି. ମଧ୍ୟେ, ଘ୧୦।୦୭ମି. ଗତେ ଘ୧।୪୬ମି. ମଧ୍ୟେ ଘ୪।୪୩ମି. ଗତେ, ଘ୬।୦୪ମି. ମଧ୍ୟେ ମାହେନ୍ଦ୍ର ବେଳା।


# classifieds Everyday
0674-2580101, 2549302




**BRIDE WANTED**

Wanted Kayasta Bengali Science graduate, Post graduate, B.Tech, M.Tech, MBA, MCA girl or any job holder for our son (Software Engineer) at Bangalore. Contact: 9937619636, 8018542461. D-13715

Khandayat boy 1986, B.Tech working at Vedanta, 1987 working at PNB, 1987 working as Geologist required beautiful tall girls. 9040120506, 7608969523. D-62197

Karan boy 1989, B.Tech (CET), MBA (IIM), Software Engineer, Bangalore. 9437555525. D-67211

Brahmin boy 1986 / 5'8", +2, businessman required housewife. Barsha: 9338229705, 7749883585. D-66170

Brahmin 28/5'5", working in Gas company searching bride (Odisha). 8338083380. D-13756

Teli boy 1990, Manager MNC, Odisha, Vaisnabi. 06742362186, 2551286, 9238578590. D-66169

Khandayat 35/5'6", Bhubaneswar searching bride (any location). 8338083380, 8480611745. D-13758

**GROOM WANTED**

ତେଲି,39 ବର୍ଷ ବାଲେଶ୍ୱର Govt. job କରୁଥିବା ବିଧବା ଝିଅ ପାଇଁ ବ୍ୟବସାୟିକ ବରପାତ୍ର ଖୋଜା ଚାଲିଛି। 8763515536. D-13805

Brahmin MBBS 27/5'4", Cuttack, searching groom (Any location). 8338083380, 8480611745. D-13757

Match for beautiful, very fair, homely, brahmin girl, 34 yrs, 5'4", only to be housewife, no service, parents well settled at Bhubaneswar. Direct contact: 91-8144758880. D-66277

MA କରିଥିବା, 45 ବୟସ୍କା, BBSR, ଛାଡ଼ପତ୍ର ପ୍ରାପ୍ତ ନିଃସନ୍ତାନ ବ୍ରାହ୍ମଣ ଝିଅଙ୍କ ପାଇଁ ପୁଅ ଦରକାର। 7381460017. D-13755

Govt.ର Technical Assistant, ସେଠୀ ଘରର ବିଧବା ଝିଅ, ବୟସ 49 ବର୍ଷ। ଯେ କୌଣସି ଜାତିର ବରପାତ୍ର ଆବଶ୍ୟକ। 8763283720. D-63787

Beautiful Dama girl 1992, BSC working at PNB, 1994, BSC working at Kotak Mahindra groom wanted. 9040120506, 7608969523. D-62198

Now Matrimonial ads. only on Wednesday & Sunday
Book 1 Get 1 FREE

**real estate**

**SALE**

3 Store Building For Sale Near Dhauli Bhubaneswar. All Are 3BHK Flat. New Building Contact - 9337730923. D-13575

Bhubaneswar Pitapalliର BDA plot sqft. 549/-ରେ ମିଳୁଅଛି। 9090963952, 9937605788. D-66737

ଭୁବନେଶ୍ୱର ବାଳକାଟିବଜାରରୁ 2km. boundary ଘରବାରି plot ଇଲେକ୍ଟ୍ରିସିଟି ସୁବିଧାଥାଇ sqft.-550/- (Spot possession then registration). 9348020724, 7978939440. D-66744

SUM Hospital ନିକଟରେ ଏବଂ ତମାଣ୍ଡୋ ବଜାର ପଛପଟେ ଘରବାରି plot ମିଳୁଅଛି। 9439864322. D-66752

ଭୁବନେଶ୍ୱର AIIMS Medical ଠାରୁ 500 mtr ଦୂରତାରେ yellowzone ଘରବାରି boundary 30' ରାସ୍ତାଥାଇ sqft- 1850/-ରେ plot ବିକ୍ରିହେବ। 6370292040. D-66746

Studio flats (350sqft) specious 1BR cubical (590sqft) besides Lokanath temple, Puri, very affordable price for booking. Contact: Susil Pradhan (MBA Marketing)- 9348261173. D-67331

ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508. D-66753

2800sqft. building on 2400sqft. land, Acharyavihar, Bhubaneswar, 9348986710, 9437056848. D-65908

Ready to construction BDA yellowzone boundary, Electricity plot near VSS Nagar, Chakeisihani. 7978666923, 7326065426. D-66751

ଭୁବନେଶ୍ୱର କଟଣୀ ଗେଟ୍ NH5 ରୁ ଅଳ୍ପଦୂରତାରେ 1200sqft, 2,16,000/, IIT Argul ରେଲୱେ ଷ୍ଟେସନଠାରେ 1200sqft 2,00,000/-ରେ outright ରେ ମିଳୁଅଛି । 9776974912, 8144706560. D-66750

ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1500କୁ 5,25,000/, general plot sqft- 400/- outrightରେ ମିଳୁଅଛି। 9348847649, 8249243709. D-66749

Ready to move 4BHK flat near Hotel Mayfair, Jaydev Vihar, price Rs. 5500/- per sqft & triplex and duplex at Rangabazar near BJEM English Medium School-II. Price start Rs. 45lakhs. Call: 9040046767, 9040007267. D-67340

ନଖରା mainroad ରୁ 9k.m. ଦୂର ଓଡ଼ିଶାର ସର୍ବବୃହତ Omfed plant ନିର୍ମାଣ ହେଉଥିବା Arilo ମୌଜାରେ sqft 350/- ଘରବାଡ଼ି plot କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। Contact: 8917492419, 9090950009. D-13808

2350 sqft residential plot near CET College, Ghatikia, Bhubaneswar, price-61lakh. Mobile: 9078151122. D-67341

Stithiban & patta plot near Bigbazar Patia to 3 k.m. Singada mouza 0.100 decml 4356 sqft Rs. 12lakh. Contact No: 8270495179. D-13725

Residential plot at Bramhan Jharilo gharabari with compound wall 6k.m from Nakhara, Cuttack. 7809525452/ 8249851363. D-66937

3500 sqft gharabari plot sale at Jagamara (Khandagiri) 30 feet road, Bhubaneswar. Contact Deepak: 9937329999. D-66278

**construction**

Contact for interior design of ceiling, TV unit, wardrobe and modular kitchen from the experts. Call: 7008550473. D-13806

**to-let**

3000 sqft. 3rd floor and 1300 sqft. 4th floor adjacent to BMC Mall, Sahid Nagar, Bhubaneswar for rent to Bank / Office / Corporates. Call: 9938014712. D-13746

Open space with boundary for rent of 30000sqft. for godown/ stockyard available opposite Synergy College, Nakhara, Bhubaneswar. Call: 9938014712. D-13747

3BHK apartment for to-let in Baishnav Vihar, Bomikhal, Bhubaneswar for family. 9238574993, D-13724

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Ayurvedic full body massage ladies & gents smart therapist. 9040900385. D-66935

Full body herbal massage with refreshment expert therapist. 7381239385, 06742540855. D-67337

Experience full body massage with us (expert). Call: 7377048581, 06742597822. D-67338

Herbal full body massage by smart / expert therapist. Contact: 8338067247. D-67335

Summer special mesmerizing offer expert therapeutic refreshing massage appointment. 9668374480. D-67336

Newly opening Ayurvedic body massage smart therapist, Shree herbal, 775 0020754. D-67343

All Health care services home available here with most income save 20000 only for Girls. 9583808247. D-13781

Ayurvedic herbal full body massage smart lady therapist:9437453813. D-66279

**education**

Medical Courses ପାଇଁ registration କରନ୍ତୁ। BDS, BAMS, BHMS, BUMS, D.Pharma, ANM, GNM (only for practioners). Whatsapp / call: 9893869473, (Agent excuse). D-67345

Contact for tuition of CBSE mathematics (9 to 12). 7381218192. D-64993

**astrology**

ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13802

**AFFIDAVIT**

By virtue of affidavit before Executive Magistrate, Sukinda, Jajpur vide Sl.No- 564, dated 31.07.2019. We Dipak Kumar Pagad and Jhunubala Nath @ Pagad and our son Rajesh Kumar Pagad have changed our Surname from Pagad to Pal. Henceforth we will be known as Dipak Kumar Pal, Jhunubala Pal and Rajesh Kumar Pal for all purposes. D-13801

By virtue of affidavit before Notary Public, Bhubaneswar, I have changed my name / surname from Dinabandhu Behera to Dinesh Kumar. Henceforth I shall be known as Dinesh Kumar for all purposes. D-13807


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

DSPL - 58



*"With implementation of our '5T' framework, Odisha has become the investment destination of choice for the investor community. We welcome you to join our journey of industrial growth"*

# Odisha: The New Manufacturing Hub of India

**In the past 20 months, ground-breaking/inauguration of 120 industrial units with an investment of Rs. 92,686 crore and employment potential for over 1.2 lakh people has been undertaken in the State**

***Following up on 6 phases of ground-breaking/inauguration and the successful organization of Make in Odisha Conclave 2018, Invest Odisha is pleased to announce ...***

## 7th Phase of Ground-breaking/Inauguration of 22 New Industrial Projects* spanning 10 Sectors

*by*

## Shri Naveen Patnaik

**Hon'ble Chief Minister**

**at 11:45 am on August 07, 2019**

### INAUGURATION

- Aarti Steel, Athagarh (expansion)
- Boudh Distillery, Boudh
- Jay Bharat Spices, Cuttack
- Hindalco Solar, Lapanga
- JK Lakshmi Cement, Cuttack
- JSW Cement, Kalinganagar
- MK Plast, Ramdaspur
- Nezone Tubes, Jajpur
- Oricon, Khurdha
- Shyam Metalics & Energy Ltd., Sambalpur

### GROUND-BREAKING

- ABP Energytek Industries (P) Ltd., Ramdaspur
- Aditya Birla Fashion Retail Ltd., Rayagada
- Astral Polytechnik Ltd., Ramdaspur
- Binu Industries, Ramdaspur
- CJ Darcl Logistics Ltd., Kalinganagar
- Khusi Industries, Ramdaspur
- Lalita Packaging, Ramdaspur
- Maheswari Packaging, Ramdaspur
- Mayfair Hotels & Resorts Ltd., Satapada
- Rungta Mines Ltd, Keonjhar
- Sai Binayak & Co., Ramdaspur
- Shree Hari Sponge Pvt. Ltd., Sundargarh

***Investment of Rs. 4,461 crore with potential employment for 9,230**

ODISHA
NEW OPPORTUNITIES

**For further information please visit https://www.investodisha.gov.in/**
**Contact us at email: info@investodisha.org | Toll Free Number: 1800 345 7111**

14005/13/0006/1920

Download our mobile app **'InvestOdisha'** from

Follow us on @investInOdisha /investOdisha

"ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ। - ଶ୍ରୀଅରବିନ୍ଦ

# ଉପହାର ଲୋଭ

ଉପହାର ଦିଆଯାଏ କାହିଁକି? ସେହି ମର୍ମରେ ଅଧିକ ଭାବିଲେ ପିଲାଙ୍କୁ ଚକୋଲେଟ କିମ୍ବା ବଡ଼ଙ୍କୁ ଉପଢ଼ୌକନ ବା ଉପହାର ଦେବାର ଏକମାତ୍ର କାରଣ ବା ଲକ୍ଷ୍ୟ ହେଉଛି ସେହି ପିଲା ବା ବ୍ୟକ୍ତିଙ୍କ ମୁହଁରେ ହସ ଫୁଟାଇ ଖୁସି କରାଇବା। ଚକୋଲେଟ୍ ପାଇ ପିଲା କାନ୍ଦିବା ବନ୍ଦ କରି ନୀରବ ହୋଇଯାଏ କିମ୍ବା ପାଠ ପଢ଼ିବାକୁ ମଙ୍ଗେ। ଅନୁରୂପ ଭାବେ ବଡ଼ମାନଙ୍କୁ ଉପହାର ଦେଇ ସନ୍ତୁଷ୍ଟ କରାଇବା ପଛରେ କାର୍ଯ୍ୟସିଦ୍ଧିର ଅସଲ ଚିନ୍ତା ନିହିତ ଥାଏ। ମଣିଷ ଭିତରେ ଏଭଳି ମାନସିକତା କେବଳ ଭାରତବର୍ଷରେ ନୁହେଁ, ସମଗ୍ର ପୃଥିବୀର ଇତିହାସରୁ ଦେଖିବାକୁ ମିଳିଛି। ଏଥିରୁ ଖିଅ ଟାଣିଲେ ବୁଝିବା ସହଜ ହୋଇଯାଏ ଯେ, ଉପକୃତ ହେବାକୁ ଇଚ୍ଛୁକ ବ୍ୟକ୍ତିବିଶେଷ କିମ୍ବା ସଂସ୍ଥା ଉପହାରକୁ ମାଧ୍ୟମ ଭାବେ ବ୍ୟବହାର କରିଥାଏ। ଭାରତ ଭଳି ଦୁର୍ନୀତିଗ୍ରସ୍ତ ଦେଶରେ କାମ ହାସଲର ସର୍ବୋତ୍କୃଷ୍ଟ ପନ୍ଥା ହେଉଛି ଉପହାର, ଯାହାର ଅନ୍ୟନାମ କୁହାଯାଇପାରେ ଲାଞ୍ଚ। ଏହି ଲାଞ୍ଚକୁ ନେଇ ଅନେକ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଆଲୋଚନା ହୋଇସାରିଛି। ଯେତେ ଚେଷ୍ଟା କଲେ ମଧ୍ୟ ମଣିଷ ଚରିତ୍ରରୁ ଲୋଭକୁ ଦୂର କରିବା ଅତ୍ୟନ୍ତ କଷ୍ଟକର। ସେଥିପାଇଁ ଭାରତ ଭଳି ଦେଶରେ କେହି କୌଣସି ଭାଗ ଛାଡ଼ିବାକୁ ଚାହାନ୍ତି ନାହିଁ। ଯେଉଁମାନେ ବ୍ୟକ୍ତିର ଏହି ଲୋଭକୁ ଚିହ୍ନି ତାହାକୁ ଉପଯୋଗ କରିପାରନ୍ତି, ସେମାନେ ହେଲେ ଲାଞ୍ଚଦାତା ଏବଂ ଯେଉଁମାନେ ଏହିସବୁ ଉପହାରକୁ ଗ୍ରହଣ କରିଥାନ୍ତି, ସିଏ ହେଲେ ଲାଞ୍ଚୁଆ। ଯେହେତୁ ଏ ଦେଶରେ ସରକାର ହେଉଛନ୍ତି ସବୁଠାରୁ ଧନୀ ଓ ବୃହତ୍ ସଂସ୍ଥା, ସେଥିପାଇଁ ସରକାରଙ୍କ ବିଭିନ୍ନ ଅଙ୍ଗରେ କାର୍ଯ୍ୟ କରୁଥିବା ପ୍ରଭାବଶାଳୀ ବ୍ୟକ୍ତି ନିଜ କାମ ପାଇଁ ଦରମା ଓ ଅନ୍ୟାନ୍ୟ ସୁବିଧା ବ୍ୟତୀତ ପାଉଣା ଖୋଜିଥାନ୍ତି। ତାଙ୍କ ଭିତରୁ ଅନେକେ ଏପରି ଅଛନ୍ତି, ଯେଉଁମାନେ ସିଧାସଳଖ ଅର୍ଥ ଗ୍ରହଣ କରିଥାଆନ୍ତି। ଅପରପଟରେ ଧରପଗଡ଼ ସହିତ ଟଙ୍କାକୁ ଗଚ୍ଛିତ ରଖିବା ସମସ୍ୟା ହୋଇପଡ଼ିଥିବାରୁ କେତେକେ ଲାଞ୍ଚ ନେବାର ପଦ୍ଧତି ବଦଳାଇ ଦେଲେଣି। ଅର୍ଥାତ୍ ସେମାନେ ସିଧାସଳଖ ଅର୍ଥ ନ ନେଇ ଉପହାର ନେବାକୁ ପସନ୍ଦ କରୁଛନ୍ତି। ଏବେ ଶୁଣିବାକୁ ମିଳୁଛି ଯେ, ସରକାରୀ କର୍ମଚାରୀ ଯଦି କାର୍ଯ୍ୟସ୍ଥଳରେ ଉପହାର ଗ୍ରହଣ କରନ୍ତି, ତାହାକୁ 'ଉପହାର ସଂଗ୍ରହାଳୟ'ରେ ଜମା କରିବାକୁ ପଡ଼ିବ। କେନ୍ଦ୍ର ସରକାର ଏ ନେଇ ଏକ ପ୍ରସ୍ତାବ ଆଣୁଛନ୍ତି ବୋଲି ଏକ ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏହା ଲାଗୁ ହେଲେ ଆଇଏଏସ୍, ଆଇପିଏସ୍, ଆଇଏଫ୍ଏସ୍ ଅଫିସରଙ୍କ ସହ ଅନ୍ୟ ସରକାରୀ କର୍ମଚାରୀ ସରକାରଙ୍କ ନିୟମ ମାନିବାକୁ ବାଧ୍ୟ ହେବେ। କିନ୍ତୁ ପ୍ରଶ୍ନ ଉଠୁଛି, ଏସବୁ ତଦାରଖ କିଏ କରିବେ ଏବଂ ନିଷ୍ପତ୍ତି ନେବାର କର୍ତ୍ତୃପକ୍ଷ କିଏ ହେବେ। ଏଥିସହିତ କେଉଁ ଉପହାର ସରକାରୀ ପଦବୀ ପାଇଁ ମିଳିଛି ଏବଂ କେଉଁ ଉପହାର ପାରିବାରିକ ସମ୍ପର୍କରୁ ଆସିଛି, ତାହାର ବିଶ୍ଳେଷଣ କରିବା ଅସମ୍ଭବ ହୋଇପଡ଼ିବ। ପରିସ୍ଥିତି ଏଭଳି ଉପୁଜିପାରେ ଯେ, ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କ ବିରୋଧରେ ସରକାରଙ୍କୁ ମାମଲା ଦାଏର କରି କଚେରିରେ ଦୀର୍ଘକାଳ ଲଢ଼ିବାକୁ ପଡ଼ିପାରେ। ଏଠାରେ ଏକ ଉଦାହରଣ ମନକୁ ଆସୁଛି। ଧରାଯାଉ ଜଣେ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କ ପାଖରେ ୩୦ କୋଟି ଟଙ୍କାର କାର୍ଯ୍ୟ ପାଇଁ ଟେଣ୍ଡର ପଡ଼ିଛି। ସେହି ଅଫିସର ବିଭିନ୍ନ ଆଳ ଓ ଆଲୋଚନା ମାଧ୍ୟମରେ ଟେଣ୍ଡର କାହାକୁ ଦେବେ ନିଷ୍ପତ୍ତି ନେବାର ପରିସ୍ଥିତି ସୃଷ୍ଟି କରିପାରନ୍ତି। ଅର୍ଥାତ୍ ତାଙ୍କ ସହ ଯାହାଙ୍କ ସେଟିଂ ହୋଇଯିବ ସେହି ଅନୁଯାୟୀ ଭିତିରିଆ ଚୁକ୍ତି ହୋଇପାରେ। ଏଠାରେ ଟେଣ୍ଡର ପାଇବାକୁ ଥିବା ବ୍ୟକ୍ତି ସମ୍ପୃକ୍ତ ଅଧିକାରୀଙ୍କୁ ସିଧାସଳଖ ଉପହାର ନ ଦେଇ ତାଙ୍କ ଶ୍ୱଶୁରଙ୍କୁ ଖଣ୍ଡେ ଜମି ଦେଇପାରନ୍ତି। ପରବର୍ତ୍ତୀ ସମୟରେ ଉକ୍ତ ଜମି ସେହି ଅଧିକାରୀଙ୍କ ସ୍ତ୍ରୀଙ୍କୁ ତାଙ୍କ ପିତା ଉପହାର ଦେଇଦେଲେ ତାହା ଅଧିକାରୀଙ୍କୁ ଉପହାର ଦିଆଗଲା ବୋଲି ବିବେଚିତ ହୋଇପାରିବ ନାହିଁ। କିନ୍ତୁ ପରୋକ୍ଷରେ ଏଭଳି ଉପହାର ସେହି ଅଧିକାରୀ ଉପଭୋଗ କରିଥାନ୍ତି। ଏହିଭଳି ଅନେକ କ୍ଳିଷ୍ଟ ବିଷୟ ଆସିପାରେ ଯାହାର ସରକାରୀ ପ୍ରୋସିକ୍ୟୁଶନ ପ୍ରମାଣ କରିବା ଅସମ୍ଭବ ହେବ।

୨୦୧୫ ମସିହାରେ କେନ୍ଦ୍ର ସରକାର ସର୍ବଭାରତୀୟ ସେବା (ଚରିତ୍ର) ନିୟମରେ ସଂଶୋଧନ ଆଣିଥିଲେ। ଏଥିରେ ଉଲ୍ଲେଖ କରାଯାଇଥିଲା ଯେ, ସରକାରୀ ଅଧିକାରୀ ୫୦୦୦ ଟଙ୍କାରୁ ଅଧିକ ମୂଲ୍ୟର ଉପହାର କାର୍ଯ୍ୟକ୍ଷେତ୍ରରେ ପାଇଲେ ସେହି ବିଷୟରେ ସରକାରଙ୍କୁ ଜଣାଇବେ। ଏଥିରେ ଗାଡ଼ିଭଡ଼ା, ରହିବା, ଖାଇବା ଆଦି ଅନ୍ତର୍ଭୁକ୍ତ କରାଯାଇଥିଲା। ପୂର୍ବରୁ ଏଭଳି ଉପହାରର ସୀମା ରହିଥିଲା ୧୦୦୦ ଟଙ୍କା। ୨୦୧୫ର ୫୦୦୦ ଟଙ୍କିଆ ନିଷ୍ପତ୍ତି ପରେ କେତେ ସରକାରୀ କର୍ମଚାରୀ ଏହାର ସଦୁପଯୋଗ କରିଛନ୍ତି, ତାହାର ତଥ୍ୟ ସରକାରଙ୍କ ତରଫରୁ ଅଦ୍ୟାବଧି ପ୍ରକାଶ କରାଯାଇନାହିଁ। ଏବର ସରକାରୀ ନିଷ୍ପତ୍ତି କାର୍ଯ୍ୟକାରୀ ହେଲେ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟାଳୟରେ ଯେଉଁ ଉପହାର ପାଇବେ ସେଗୁଡ଼ିକୁ ଉପହାର ସଂଗ୍ରହାଳୟରେ ଜମା କରିବେ। ପରବର୍ତ୍ତୀ ସମୟରେ ସେଥିରୁ ରାଜସ୍ୱ ସଂଗ୍ରହ କରାଯାଇପାରିବ। ଏ ସଂକ୍ରାନ୍ତ ନିୟମାବଳୀ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ତିଆରି ସରିଲାଣି। ଅଧିକାରୀଙ୍କ ଉପରେ ସରକାର ଏଭଳି ନିୟମ ଲାଗୁ କରିବା ବେଳେ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ ଉଦାହରଣ ଦିଆଯାଇଛି। କୁହାଯାଇଛି ଯେ, ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ପାଉଥିବା ଉପହାରକୁ 'କୋଷ ଘରେ' ସାଇତା ରଖାଯାଉଛି। ତେବେ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଏଭଳି ନିୟମ ଲାଗୁ କରାଗଲେ, ସେମାନେ ଏହାକୁ ସ୍ୱତଃ ପ୍ରକାଶ କରିବାକୁ ଆଗେଇ ଆସିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ଦେଖାଯାଇଛି ବ୍ୟକ୍ତିବିଶେଷର ଚରିତ୍ର ସୁଧାରିବା ଲାଗି କୌଣସି ଆଇନ, ନିୟମ ବା ଦଣ୍ଡ କାମ ଦେଇ ନ ଥାଏ। ଏଭଳିସ୍ଥଳେ ସରକାରୀ ଅଧିକାରୀଙ୍କ ସାଧୁତା ଗୁରୁତ୍ୱ ବହନ କରିଥାଏ। ସରକାର ନିୟମ କରି କାର୍ଯ୍ୟସ୍ଥଳରେ ସରକାରୀ ଅଧିକାରୀ ପାଉଥିବା ଉପହାରକୁ 'ଉପହାର ସଂଗ୍ରହାଳୟ'କୁ ପଠାଇ ଦେଇପାରନ୍ତି। କିନ୍ତୁ ଅଧିକାରୀଙ୍କ ବ୍ୟକ୍ତିଗତ ଲୋଭ ହଟାଇବା କଷ୍ଟକର। ସେଥିପାଇଁ ଏଭଳି ନିୟମ ସୃଷ୍ଟି କରାଗଲେ ଯେଉଁ କ୍ୱଚିତ୍ ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ ସରକାରୀ କର୍ମଚାରୀ ଅଛନ୍ତି, ସେମାନେ ମଧ୍ୟ ଭୟଭୀତ ହୋଇ ବାସ୍ତବତାକୁ ଲୁଚାଇବାକୁ ଚେଷ୍ଟା କରିବେ। ଅର୍ଥାତ୍ ଅବାସ୍ତବ ନିୟମ ସୃଷ୍ଟି କଲେ ତାହା ପ୍ରଶାସନରେ ବାଧା ଦେଇପାରେ।

# ଜଳ ସଂରକ୍ଷଣ ମାନସିକତା



ବୈକୁଣ୍ଠନାଥ ମିଶ୍ର

ଆମେମାନେ ଶିଶୁ ଥିବାବେଳେ ପରିବାରରେ ଗୋଟିଏ କଥା ଆମ୍ଭମାନଙ୍କୁ କୁହାଯାଉଥିଲା ଯେ ଖାଦ୍ୟ ନଷ୍ଟ କରନାହିଁ। ଏପରିକି ଖାଦ୍ୟ ବଳକା ରହିଲେ କିମ୍ବା ଥାଳି ପାର୍ଶ୍ୱରେ ବିଞ୍ଚିଗଲେ ପରିବାରରୁ ଗାଳି ଶୁଣିବାକୁ ହେଉଥିଲା। କୁହାଯାଉଥିଲା ଅନ୍ନ ହିଁ ଲକ୍ଷ୍ମୀ। ଅନ୍ନ ନଷ୍ଟ କଲେ ଲକ୍ଷ୍ମୀଙ୍କ ରୋଷର ଶିକାର ହେବାକୁ ପଡ଼େ। ଏ ପ୍ରକାର ଅନୁଭୂତି ବୟସାଧିକ ବ୍ୟକ୍ତିମାନଙ୍କର ଅବଶ୍ୟ ରହିଛି। ଏହାର କାରଣସ୍ୱରୂପ କୁହାଯାଇପାରେ ଯେ, ପ୍ରାୟ ଚାଳିଶ/ପଚାଶ ବର୍ଷ ତଳେ ଭାରତ ଥିଲା ଖାଦ୍ୟପଦାର୍ଥରେ ଏକ ନିଅଣ୍ଟିଆ ଦେଶ। ଯେତିକି ଫସଲ ଅମଳ ହେଉଥିଲା, ତାହା ଲୋକଙ୍କ ଆବଶ୍ୟକତା ମେଣ୍ଟାଇ ପାରୁ ନ ଥିଲା। ଗ୍ରାମାଞ୍ଚଳରେ ଭିକାରିଙ୍କ ସଂଖ୍ୟା ବହୁତ ଥିଲା। ଏପରିକି ମଜୁରିଆ ପଇସା ପରିବର୍ତ୍ତେ ଚାଉଳ ନେବାର ଚୁକ୍ତି କରୁଥିଲା। ସନ୍ଧ୍ୟା ହେଲେ ଗରିବ ଲୋକଟି ହାତରେ ପଇସା ଧରି ଚାଉଳ ଗଣ୍ଡେ ପାଇଁ ବାରଦୁଆର ବୁଲୁଥିଲା। ଚାଉଳ ଗଣ୍ଡେ ମିଳିଗଲେ ମନରେ ପ୍ରସନ୍ନତା ଆସୁଥିଲା, ଯାହାହେଉ ପିଲାଙ୍କ ପାଇଁ ଦିନକର ଆହାର ଯୋଗାଡ଼ ହୋଇଗଲା।

ଆମେ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ କେୟାର ଫିଡିଙ୍ଗ ଦିଆଯାଉଥିଲା। କେଆର (କଣ୍ଟ୍ରିବ୍ୟୁଶନ ଅଫ୍ ଆମେରିକାନ୍ ରିଲିଫ୍ ଏଭ୍ରିହୋୟାର) ଥିଲା ବଦାନ୍ୟ ଆମେରିକାର ଦାନ, ଯାହା ଅନେକାଂଶରେ ଭାରତୀୟ ଶିଶୁଙ୍କର କ୍ଷୁଧା ନିବାରଣ ଓ ଅପପୁଷ୍ଟି ବିମୋଚନରେ ସାହାଯ୍ୟ କରୁଥିଲା। ସମୟ ବଦଳିଛି, ତା' ସହିତ ସମତାଳରେ ବଦଳିଛି ଭାରତୀୟ କୃଷକର ଖାଦ୍ୟଶସ୍ୟ ନିଅଣ୍ଟ ସ୍ଥିତି। ଖାଦ୍ୟଶସ୍ୟ ଉତ୍ପାଦନରେ ଓଡ଼ିଶା ସମେତ ସମଗ୍ର ଦେଶ ସ୍ୱାବଲମ୍ବୀ ହୋଇଛି। ନିଜ ପରିବାରର ଖାଦ୍ୟ ଚାହିଦା ପୂରଣ ପରେ ବଳକା ଶସ୍ୟକୁ କୃଷକ ବିକ୍ରି କରୁଛି। ଖାଦ୍ୟ ନିଅଣ୍ଟ ସ୍ଥିତି ସିନା ଆଉ ନାହିଁ, ହେଲେ ଜଳକ୍ଲିଷ୍ଟତା ବର୍ତ୍ତମାନ ପୃଥିବୀବ୍ୟାପୀ ମଣିଷକୁ ଏକ ମହାସଙ୍କଟରେ ନିକ୍ଷେପ କରିବାକୁ ଯାଉଛି। ଖାଦ୍ୟର ଅଭାବ ସିନା ମଣିଷ ବିଜ୍ଞାନ ବଳରେ ଦୂର କରିପାରିଛି, ହେଲେ ଜଳର ଅଭାବ କିପରି ଦୂର ହେବ, ସେ ଉତ୍ତର କାହା ପାଖରେ ନାହିଁ। ପୃଥିବୀର ପାଖାପାଖି ତିନିଚତୁର୍ଥାଂଶ ଜଳପୂର୍ଣ୍ଣ। ଆମ୍ଭମାନଙ୍କର ଧାରଣା ଯେ ବସୁଧା ସତତ ଜଳପ୍ରସୂ ଓ ଜଳଯୋଗାଣ ଏକ ଅସୀମିତ ପ୍ରକ୍ରିୟା। ପଚାଶ ବର୍ଷ ତଳର ଖାଦ୍ୟ କଷଣ ସିନା ନାହିଁ, ହେଲେ ପଚାଶବର୍ଷ ତଳର ସେ ଜଳ ସୁଲଭତା ମଧ୍ୟ ଆଉ ନାହିଁ। ଅସୀମିତ ମନେ ହେଉଥିବା ଜଳସମ୍ପଦ ସମ୍ପ୍ରତି ଭୟଙ୍କର ସ୍ଥିତି ଆଡକୁ ପୃଥିବୀବାସୀଙ୍କୁ ଟାଣି ନେଉଛି। କୌଣସି ସ୍ଥାନର ଖାଦ୍ୟାଭାବକୁ ପରିବହନ ଦ୍ୱାରା ଅନ୍ୟ ସ୍ଥାନରୁ ଆଣି ପୂରଣ କରାଯାଇପାରେ, ମାତ୍ର ଗୋଟିଏ ସ୍ଥାନର ଜଳାଭାବକୁ ଅନ୍ୟ ସ୍ଥାନରୁ ପରିବହନ ଦ୍ୱାରା ପୂରଣ କରିବା ଏକାନ୍ତ ଅସମ୍ଭବ। ଦକ୍ଷିଣ ଆଫ୍ରିକାର ଜଳାଭାବକୁ ଭାରତ ଦୂର କରିପାରିବ ନାହିଁ କିମ୍ବା ଭାରତର ଜଳାଭାବକୁ ଆମେରିକା ଦୂର କରିପାରିବ ନାହିଁ। ଭୂ-ଅଭ୍ୟନ୍ତରରେ ଗଚ୍ଛିତ ଥିବା ଜଳକୁ କିପରି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପରିବାହିତ କରାଯାଇପାରିବ?

ଦ୍ୱିତୀୟତଃ ଖାଦ୍ୟ ନଷ୍ଟ ପ୍ରତି ଆମେ ଯେତେ ସଚେତନ, ଜଳସଙ୍କଟ ପ୍ରତି ସେ ସଚେତନତା ଆମର ନାହିଁ। ଜଳଯୋଗାଣ ଓ ସଂରକ୍ଷଣ ମଣିଷର ପ୍ରକୃତି ଉପରେ ନିର୍ଭରଶୀଳ, ଏପରି ମାନସିକତା ଆମର ନାହିଁ। ଜଳ ପରିଚାଳନାରେ ମିତବ୍ୟୟିତା ଅବଲମ୍ବନ ଜରୁରୀ। ପୃଥିବୀର ସମୁଦାୟ ଜଳର ୯୭ ପ୍ରତିଶତ ମହାସାଗରରେ ଅଛି, ଯାହା ବ୍ୟବହାର ଉପଯୋଗୀ ନୁହେଁ। ଅବଶିଷ୍ଟ ମାତ୍ର ତିନି ଶତାଂଶ ମଧୁର ଜଳ ବ୍ୟବହାର ଉପଯୋଗୀ, ଯାହାର ପରିମାଣ ପ୍ରାୟ ୩୦ ଟ୍ରିଲିୟନ ଏକର ଫୁଟ। ଉକ୍ତ ମଧୁର ଜଳର ୬୯.୫ ପ୍ରତିଶତ ହିମବାହ ଓ ବରଫ ଆକାରରେ ଗଚ୍ଛିତ ଅଛି। ଅବଶିଷ୍ଟ ୩୦.୫ ଶତାଂଶ ଜଳ ଭୂଗର୍ଭ, ନଦୀ, ହ୍ରଦ ଓ ଜଳାଶୟଗୁଡ଼ିକରେ ଗଚ୍ଛିତ ରହି ପ୍ରାଣୀମାନଙ୍କର ବ୍ୟବହାର ଉପଯୋଗୀ ହୋଇପାରୁଛି। ଅନ୍ୟ ଏକ ହିସାବ ଅନୁଯାୟୀ ମଣିଷ ପାଇଁ ବାର୍ଷିକ ମୁଣ୍ଡପିଛା ହାରାହାରି ୧.୪ ମିଲିୟନ ଲିଟର ମଧୁର ଜଳ ଉପଲବ୍ଧ। ଏହା ସର୍ବତ୍ର ସବୁ ସମୟରେ ସମାନ ନୁହେଁ। ନଦୀଗୁଡ଼ିକ ବର୍ଷାଋତୁରେ ଜଳପ୍ଲାବିତ ହୋଇ ବର୍ଷାଋତୁ ଶେଷବେଳକୁ ଜଳଶୁଷ୍କତାର ସମ୍ମୁଖୀନ ହେଉଛନ୍ତି। ସୀମିତ ଜଳଯୋଗାଣ ଓ ଜଳର କ୍ରମବର୍ଦ୍ଧମାନ ଆବଶ୍ୟକତା ଜଳସଙ୍କଟର ଭୟାବହତାକୁ ବହୁଗୁଣିତ କରୁଛି।

ଅନେକ ସମୟରେ ଆମେ ଫଳାଫଳକୁ ଭ୍ରୂକ୍ଷେପ ନ କରି ଅବିଚାରିତ ଭାବେ ଜଳ ନଷ୍ଟ କରିଚାଲିଛୁ। ମିଳିତ ଜାତିସଂଘର ଚେତାବନୀ ଅନୁଯାୟୀ ଜଳସଙ୍କଟ ସମସ୍ତ ମହାଦେଶକୁ ଆକ୍ରାନ୍ତ କଲାଣି। ପ୍ରତିବର୍ଷ ବିଶ୍ୱର ୧.୮ ନିୟୁତ ଶିଶୁ ଜଳବାହିତ ରୋଗରେ ଓ ୩୦ ହଜାର ଶିଶୁ ଦୂଷିତ ଜଳ ଯୋଗୁ ପ୍ରାଣ ହରାଉଛନ୍ତି। ଭାରତରେ ସମ୍ପ୍ରତି ଜଳ ସମସ୍ୟା ଉଦ୍‌ବେଗଜନକ। 'ୱାଟର ମ୍ୟାନେଜମେଣ୍ଟ ଇଣ୍ଡେକ୍ସ'ର ଏକ ଆକଳନ ଅନୁଯାୟୀ, ଦିଲ୍ଲୀ, ବେଙ୍ଗାଲୁରୁ, ହାଇଦ୍ରାବାଦ ଓ ଚେନ୍ନାଇ ଭଳି ଭାରତର ୨୧ଟି ସହରରେ ଭୂତଳଜଳ ୨୦୨୦ ବେଳକୁ ନିଃଶେଷ ହୋଇଯିବ। ସେହିପରି ୨୦୧୮ ୟୁଏନ୍‌ଡିପି ରିପୋର୍ଟ ଅନୁସାରେ ୨୦୩୦ ସୁଦ୍ଧା ପୃଥିବୀର ଜଳ ସ୍ଥିତି ବିପନ୍ନ ହେବ। ପାନୀୟ ଜଳ ପାଇଁ ମହାସଂଘର୍ଷର ସୂତ୍ରପାତ ହେବ।

ବେଦ, ଉପନିଷଦ୍ ଆମ୍ଭମାନଙ୍କୁ ପ୍ରତିକ୍ଷଣ ସତର୍କ କରାଉଛନ୍ତି ଯେ, ଆମେ ଆମ ପୃଥିବୀର ଜଣେ ଜଣେ ତତ୍ତ୍ୱାବଧାରକ। ଏହାର ଧ୍ୱଂସକର୍ତ୍ତା ନୋହୁଁ। ପ୍ରକୃତିର ଆମ ପ୍ରତି ସମସ୍ତ ଦାନକୁ ଆମେ ଭବିଷ୍ୟତ ବଂଶଧରଙ୍କ ନିମିତ୍ତ ସୁରକ୍ଷିତ ରଖିଯିବା ଉଚିତ। କୋରାନ୍ କହେ- "ଜଳ ହେଉଛି ଈଶ୍ୱରଙ୍କର ଆମ ପ୍ରତି ସର୍ବୋତ୍କୃଷ୍ଟ ଦାନ। ସ୍ରଷ୍ଟାଙ୍କର ବଦାନ୍ୟତାକୁ ଆମେ କୃତଜ୍ଞତାର ସହ ଗ୍ରହଣ କରି ତା'ର ସମୁଚିତ ବ୍ୟବହାର କରିବା ଉଚିତ। ସମସ୍ତ ଜୀବନ୍ତ ପଦାର୍ଥ ଜଳରୁ ସମ୍ଭୂତ। ତେଣୁ ଜଳ ସଂରକ୍ଷଣକୁ ଏକ ଉପାସନା ଭାବେ ଆମକୁ ଗ୍ରହଣ କରିବାକୁ ହେବ।" (କୋରାନ ୨୧.୩୦) ଡବ୍ଲୁ.ଏଚ୍. ଆଡେନଙ୍କ ଭାଷାରେ "ପ୍ରେମ ବିନା ହଜାର ହଜାର ମଣିଷ ବଞ୍ଚିଛନ୍ତି, କିନ୍ତୁ ଜଳ ବିନା ଜଣେ ହେଲେ ବଞ୍ଚିଥିବାର ଦୃଷ୍ଟାନ୍ତ ନାହିଁ। ପ୍ରତି ଜଳବିନ୍ଦୁକୁ ସଞ୍ଚୟ କର, କାରଣ ବିନ୍ଦୁ ବିନ୍ଦୁ ଜଳରେ ମହାସାଗରର ସୃଷ୍ଟି।" ଯେପରି ନିଜ ସମ୍ପତ୍ତି ବା ପୈତୃକ ସମ୍ପତ୍ତିକୁ ଆମେ ସୁରକ୍ଷିତ ରଖୁଛୁ, ଠିକ୍ ସେହିପରି ଜଳ ସମେତ ପ୍ରକୃତିର ସମସ୍ତ ଦାନକୁ ଆମେ ଉତ୍ତରାଧିକାର ସୂତ୍ରରେ ପରପିଢ଼ି ପାଇଁ ସଂରକ୍ଷିତ ରଖିବା ଆବଶ୍ୟକ।

ଜଳ ହିଁ ଜୀବନ। ଏପରି ଏକ ଗୁରୁ ଚିନ୍ତନ ସର୍ବଦା ଆମ ମନ ଓ ହୃଦୟକୁ ଆନ୍ଦୋଳିତ କରୁ। ଆଜି ନଷ୍ଟ ହେଉଥିବା ଜଳବିନ୍ଦୁ କାଲି ହୁଏ ତ କାହାର ଜୀବନ ରକ୍ଷାରେ ସହାୟକ ହୋଇପାରେ। ଇଂଲିଶ କବି ଏସ୍.ଟି. କୋଲେରିଜଙ୍କ ମତରେ "ୱାଟର ୱାଟର ଏଭ୍ରିହୋୟାର, ବଟ୍ ନଟ୍ ଏ ଡ୍ରପ୍ ଟୁ ଡ୍ରିଙ୍କ୍।" ଜଳରୂପକ ଜୀବନ ଅବକ୍ଷୟମୁଖୀ। ଜଳାଭାବର ଉତ୍କଟ ସ୍ଥିତି ଭୟଙ୍କର ରୂପ ନେଉଛି। କେବଳ ସରକାର ନୁହେଁ, ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କର ଜଳ ସଚେତନତାର ଆବଶ୍ୟକତା ଅଛି। ଚ୍ୟାରିଟି ବିଗିନ୍ସ ଆଟ୍ ହୋମ୍। ଅର୍ଥାତ୍ ସର୍ବନିମ୍ନ ଅନୁଷ୍ଠାନ ପରିବାରରୁ ହିଁ ବଦାନ୍ୟତାର ସୃଷ୍ଟି। ଖାଦ୍ୟ ପ୍ରତି ସଚେତନତା ଯେପରି ପରିବାରରୁ ଆରମ୍ଭ ହେଉଥିଲା, ଠିକ୍ ସେହିପରି ଜଳ ସଚେତନତା ପ୍ରତି ପରିବାରରୁ ଆରମ୍ଭ ହେବା ଉଚିତ। ସମୟର ଆହ୍ୱାନ- ଭାରତର ଜଳ ସ୍ୱାବଲମ୍ବନ ଏକାନ୍ତ ଅପରିହାର୍ଯ୍ୟ। ଜଳ ଅପଚୟକୁ ନିରୋଧ କରିବା ପାଇଁ ସଂଯମ ଆଚରଣ କଲେ ଭବିଷ୍ୟତ ବଂଶଧରଙ୍କ ପାଇଁ ଆମେ କିଛି କରିପାରିଛୁ ବୋଲି ଆତ୍ମସନ୍ତୋଷ ଲାଭ ହେବ। ବସୁଧାକୁ ଜଳକଷ୍ଟରେ ଛଟପଟ ହେବାରୁ ରକ୍ଷା ମିଳିବ। ବୁଝିବାକୁ ହେବ ଜଳ ଅସରନ୍ତି ନୁହେଁ।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ-୯୯୩୭୪୫୦୫୪୦

# ଚାଇନା-ଭାରତ ବାଣିଜ୍ୟ ସମ୍ପର୍କ



ଇଂ. ମାୟାଧର ସ୍ୱାଇଁ

ଭାରତ ଓ ଚାଇନା ପୃଥିବୀର ଦୁଇଟି ପ୍ରାଚୀନ ସଭ୍ୟତା। ଏହି ଦୁଇ ଦେଶରେ ଅନେକ ଜ୍ଞାନବିଜ୍ଞାନ ବିକଶିତ ହୋଇ ସମଗ୍ର ବିଶ୍ୱରେ ପ୍ରସାରିତ ହୋଇଛି। ଚାଇନା ଗତ ଶତାବ୍ଦୀର ପଚାଶ ଦଶକରେ ତିବ୍ବତ ଅଧିକାର କରିନେବା ପରେ ଆମେ ବର୍ତ୍ତମାନ ପଡୋଶୀ ହୋଇ ରହିଛେ। ଜନସଂଖ୍ୟା ହିସାବରେ ଚାଇନା ଓ ଭାରତ ହେଉଛି ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ଜନବହୁଳ ରାଷ୍ଟ୍ର। ବର୍ତ୍ତମାନ ଅର୍ଥନୈତିକ ଅଭିବୃଦ୍ଧିରେ ଏହି ଦୁଇ ଦେଶ ପୃଥିବୀରେ ଆଗୁଆ ଅଛନ୍ତି। ଏସବୁ ସତ୍ତ୍ୱେ ଦୁଇ ଦେଶର ସଂସ୍କୃତି, ଆଚାର ବ୍ୟବହାର ହେଉଛି ପୃଥକ୍। ଦୁଇ ଦେଶ ମଧ୍ୟରେ ସମ୍ପର୍କ ଏପରି ଯେ ଗୋଟିଏ ଦେଶ ଅନ୍ୟକୁ ବନ୍ଧୁ ଭାବୁନାହିଁ। ବିଶେଷକରି ଚାଇନାର କୁଟିଳ ନୀତି ଏଥିରେ ବାଧକ ହୋଇଛି। ଚାଇନା ସମ୍ମୁଖରେ ଯାହା କୁହେ କାର୍ଯ୍ୟରେ ତା'ର ବିପରୀତ କରିଥାଏ। ଇତିହାସ ହେଉଛି ଏହାର ସାକ୍ଷୀ। ଏହାର ପ୍ରଥମ ଶିକାର ହୋଇଥିଲେ ଆମର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ। ଉପରେ ବନ୍ଧୁତା ସ୍ଥାପନ କରି ଏହା ଅତର୍କିତ ଭାବେ ୧୯୬୨ ମସିହାରେ ଆକ୍ରମଣ କରି ଭାରତକୁ ପରାସ୍ତ ଓ ଅପଦସ୍ଥ କରିଥିଲା। ଚାଇନାର ବିଶ୍ୱାସଘାତକତାରେ ନେହେରୁ ଅତ୍ୟନ୍ତ ମର୍ମାହତ ହୋଇଥିଲେ ଏବଂ ଏହା ହିଁ ତାଙ୍କ ମୃତ୍ୟୁର କାରଣ ହୋଇଥିଲା। ଏବେ ମଧ୍ୟ ଭାରତର ପ୍ରଧାନମନ୍ତ୍ରୀ ଓ ଚାଇନାର ପ୍ରଧାନମନ୍ତ୍ରୀ ବିଭିନ୍ନ ସମ୍ମିଳନୀରେ ମିଳିତ ହେଉଛନ୍ତି ଏବଂ ପୂର୍ବପରି ଚାଇନା ବନ୍ଧୁଭାବ ପ୍ରଦର୍ଶନ କରୁଛି। କିନ୍ତୁ ଅନ୍ତର୍ଜାତୀୟ କ୍ଷେତ୍ରରେ ଆଣବିକ ସାମଗ୍ରୀ ଯୋଗାଣକାରୀ ଗୋଷ୍ଠୀର ସଦସ୍ୟ ହେଉ କିମ୍ବା ଅନ୍ୟ ଘଟଣାରେ ଏହା ଭାରତକୁ ବିରୋଧ କରୁଛି। ଭାରତରେ ଆତଙ୍କବାଦ ସୃଷ୍ଟି କରୁଥିବା ମାସୁଦ ଆଝାରଙ୍କୁ ଜାତିସଂଘ ତରଫରୁ ବିଶ୍ୱ ଆତଙ୍କବାଦୀ ଭାବେ ଘୋଷଣା ପାଇଁ ଅନେକ ଦେଶ ପ୍ରସ୍ତାବ ଦେଇଥିଲେ ସୁଦ୍ଧା ଚାଇନା ଏଥିରେ ରାଜି ହୋଇ ନ ଥିଲା। ଶେଷରେ ଅନ୍ତର୍ଜାତୀୟ ଚାପ ଆଗରେ ମୁଣ୍ଡ ନୁଆଁଇ ରାଜି ହୋଇଛି।

ଚାଇନାର ଭାରତବିରୋଧୀ ମନୋଭାବ ଦେଖି ଆମ ଦେଶରେ ସାମାଜିକ ଗଣମାଧ୍ୟମରେ ଚାଇନା ପଦାର୍ଥକୁ ବର୍ଜନ କରିବା ପାଇଁ ୨୦୧୬ ମସିହାଠାରୁ ଅନେକ ବ୍ୟକ୍ତି ଆହ୍ୱାନ ଦେଉଛନ୍ତି। ଛୋଟ ଛୁଞ୍ଚିଠାରୁ ଆରମ୍ଭକରି ବଡ଼ ବଡ଼ କଳକବ୍ଜା ଆଦି ଚାଇନାରୁ ଭାରତକୁ ଆସୁଛି। ବିଶ୍ୱ ବାଣିଜ୍ୟ ସଙ୍ଗଠନର ଚୁକ୍ତି ଅନୁଯାୟୀ ଭାରତ ଚାଇନା ଜିନିଷ ଆମଦାନିକୁ ବନ୍ଦ କରିପାରିବ ନାହିଁ। ଚାଇନା ଜିନିଷ ବର୍ଜନ କଲେ ଆମର କ'ଣ ଲାଭ ହେବ ଓ କ'ଣ ଅସୁବିଧା ହେବ?

ଚାଇନା ଜିନିଷ ବହୁ ଶସ୍ତା। ଏଥିପାଇଁ ଭାରତରେ ଏହାର ବିକ୍ରି ଅଧିକ। ଚାଇନାରେ ଶସ୍ତା ଶ୍ରମ ଏବଂ ସରକାରୀ ସ୍ତରରେ ରପ୍ତାନିକୁ ପ୍ରୋତ୍ସାହନ ଦିଆଯାଉଥିବାରୁ ଏହାର ଜିନିଷର ମୂଲ୍ୟ କମ୍ ରହୁଛି। ଆମଦାନି ମଧ୍ୟରେ ଛୋଟ ଛୋଟ ଜିନିଷ ସମେତ ଟେଲିଫୋନ, ପାୱାର ଓ ବିଦ୍ୟୁତ୍ ସରଞ୍ଜାମ ଅଛି। ଏଥିରେ ଶସ୍ତା ଛୋଟ ଛୋଟ ଜିନିଷର ଅଂଶ ୫ ପ୍ରତିଶତରୁ କମ୍, ଯାହାକୁ ଦେଖି ଚାଇନା ଜିନିଷ ବର୍ଜନ ପାଇଁ ଦାବି କରାଯାଉଛି। ବାସ୍ତବରେ ଚାଇନାରୁ ବିଦ୍ୟୁତ୍ ସାମଗ୍ରୀ, ଟେଲିକମ୍ ଯନ୍ତ୍ରପାତି ଆଦି ନ ଆସିଲେ ଭାରତରେ ଅନେକ ଅସୁବିଧା ହେବ। ଏଥିପାଇଁ ଗତ ତିନିବର୍ଷ ମଧ୍ୟରେ ଚାଇନାରୁ ଭାରତର ଆମଦାନି ବଢ଼ିଥିବା ବେଳେ ଭାରତରୁ ଚାଇନାର ଆମଦାନି ହ୍ରାସ ପାଇଛି। ୨୦୧୭-୧୮ରେ ଭାରତରୁ ଚାଇନାକୁ ୯୧,୭୭୦ କୋଟି ଟଙ୍କାର ଜିନିଷ ରପ୍ତାନି ହୋଇଥିବା ବେଳେ ସେଠାରୁ ୫.୩ ଲକ୍ଷ କୋଟି ଟଙ୍କାର ଜିନିଷ ଆମଦାନି ହୋଇଛି। ଆମେ ବ୍ୟବହାର କରୁଥିବା ମୋବାଇଲ ଫୋନ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଚାଇନାରୁ ଆସୁଛି। ଆମ ଦେଶରେ ଏହାର ଉତ୍ପାଦନ ହେଉ ନ ଥିବାରୁ ଚାଇନା ତାହାର ସୁବିଧା ନେଉଛି। ଔଷଧ ଉତ୍ପାଦନରେ ବ୍ୟବହୃତ ୭୫ ପ୍ରତିଶତ ଉପାଦାନ ଆମେ ଚାଇନାରୁ ଆମଦାନି କରୁଛେ। ୨୦୧୭-୧୮ରେ ଏହି ଉପାଦାନର ମୂଲ୍ୟ ୧୭,୨୫୦ କୋଟି ଟଙ୍କା ଥିଲା। ଚାଇନାରୁ ଏହା ନ ଆଣିଲେ ଭାରତରେ ଔଷଧର ମୂଲ୍ୟ ବହୁତ ବଢ଼ିଯିବ।

ଚାଇନା ଭବିଷ୍ୟତକୁ ଦୃଷ୍ଟିରେ ରଖି ଅନେକ ପ୍ରକଳ୍ପ ଆରମ୍ଭ କରିଛି। ଫଳରେ ଏହା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିକାଶରେ ଅଗ୍ରଣୀ ଦେଶ ହୋଇପାରିଛି। ଗୋଟିଏ ଉଦାହରଣ ଦେଖିବା। ବାୟୁ ପ୍ରଦୂଷଣ ବୃଦ୍ଧି ଏବଂ ପେଟ୍ରୋଲିୟମ୍ ପଦାର୍ଥର ଗଚ୍ଛିତ ପରିମାଣ କ୍ରମଶଃ ହ୍ରାସ ଯୋଗୁ ଅନେକ ଦେଶ ବିଦ୍ୟୁତ୍‌ଚାଳିତ ଗାଡ଼ିର ବିକାଶ କରୁଛନ୍ତି। ବର୍ତ୍ତମାନ ଏହା ସୀମିତ ସଂଖ୍ୟାରେ ପ୍ରଚଳନ ହେଉଥିଲେ ସୁଦ୍ଧା ଆସନ୍ତା ଦଶବର୍ଷ ମଧ୍ୟରେ ଏହା ପ୍ରାୟ ସମସ୍ତ ରାସ୍ତାରେ ଦେଖିବାକୁ ମିଳିବ। ଏହାର ମୁଖ୍ୟ ଅଂଶ ହେଉଛି ଲିଥିୟମ-ଆୟନ ବ୍ୟାଟେରି। ଏହି ବ୍ୟାଟେରିର ଅଧିକ ମୂଲ୍ୟ ଯୋଗୁ ବିଦ୍ୟୁତ୍ ଗାଡ଼ି ମହଙ୍ଗା ହେଉଛି। ଏହି ବ୍ୟାଟେରିରେ ବ୍ୟବହୃତ ଦୁଇ ମୁଖ୍ୟ ଧାତୁ ଲିଥିୟମ୍ ଓ କୋବାଲ୍ଟ। ଏହି ଦୁଇ ଧାତୁ ପୃଥିବୀର ବହୁ କମ୍ ଦେଶରେ ଉପଲବ୍ଧ। ଚାଇନାରେ ଲିଥିୟମ୍ ଖଣି ଅଛି, କିନ୍ତୁ କୋବାଲ୍ଟ ଖଣି ନାହିଁ। କିନ୍ତୁ ଏହା ଯୋଜନା ମୁତାବକ କଙ୍ଗୋ, ଚିଲି ଓ ବଲିଭିଆରେ ଏହି ଖଣିକୁ ବହୁ ପୂର୍ବରୁ କିଣି ନେଇଛି। ଏଣୁ ବର୍ତ୍ତମାନ ଲିଥିୟମ୍-ଆୟନ ବ୍ୟାଟେରି ଉତ୍ପାଦନରେ ଏହା ପୃଥିବୀରେ ପ୍ରଥମ ଏବଂ ଆମକୁ ବିଦ୍ୟୁତ୍ ଗାଡ଼ିର ବିକାଶ ପାଇଁ ଏହା ଉପରେ ନିର୍ଭର କରିବାକୁ ପଡ଼ିବ। ସେହିପରି ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ନିର୍ଗତ ହେଉଥିବାରୁ ଜାଗତିକ ଉଷ୍ମତା ବୃଦ୍ଧି ଓ ତଜ୍ଜନିତ ଜଳବାୟୁ ପରିବର୍ତ୍ତନ ହେଉଛି। ପ୍ରତିକାର ସ୍ୱରୂପ ସୌରଶକ୍ତିର ବିକାଶ କରାଯାଇଛି। ସୌର ବ୍ୟାଟେରି ସିଲିକନରୁ ନିର୍ମିତ ଯାହା ଚାଇନାରେ ପ୍ରଚୁର ପରିମାଣରେ ଅଛି ଏବଂ ଆମେ ତା'ଠାରୁ ଏହା ଆଣିବା ପାଇଁ ବାଧ୍ୟ।

ଏହିସବୁ କାରଣରୁ ଚାଇନା ଜିନିଷ ବର୍ଜନ କଲେ ଭାରତର ଅଧିକ କ୍ଷତି ହେବ। ସୂଚନାଯୋଗ୍ୟ ଯେ ଚାଇନାର ମୋଟ ରପ୍ତାନି ଦ୍ରବ୍ୟର ମାତ୍ର ତିନି ପ୍ରତିଶତ ଭାରତକୁ ୨୦୧୭ ମସିହାରେ ଆସିଥିଲା। ମୋବାଇଲ ଫୋନ୍ ସମେତ ଯୋଗାଯୋଗ ଉପକରଣ ପାଇଁ ଭାରତ ହେଉଛି ଚାଇନାର ଷଷ୍ଠ ବୃହତ୍ତମ ବଜାର ଏବଂ ୨୦୧୭ରେ ଏହା ଥିଲା ଚାଇନାର ମାତ୍ର ଚାରି ପ୍ରତିଶତ। ଅବଶ୍ୟ ଆମେରିକା ଓ ଚାଇନା ମଧ୍ୟରେ ଚାଲିଥିବା ବାଣିଜ୍ୟ ଯୁଦ୍ଧ ପରେ ଏହା ବଢ଼ିପାରେ। ଏଣୁ ଚାଇନା ଜିନିଷ ବର୍ଜନ ନ କରି କୂଟନୀତି ଦ୍ୱାରା ସୁସମ୍ପର୍କ ରଖାଯାଇପାରେ।

୭୦, ଲକ୍ଷ୍ମୀବିହାର, ଫେଜ-୧, ଭୁବନେଶ୍ୱର,
ମୋ-୯୪୩୮୬୯୩୭୨୪

## ଏଇ ଭାରତରେ

ଭାରତରେ ରହିଛି ଏପରି ଏକ ଗାଁ ଯେଉଁଠି ଦେଶର ଆଇନ ବ୍ୟବସ୍ଥା ଚଳି ନ ଥାଏ। ହିମାଚଳପ୍ରଦେଶର କୁଲ୍ଲୁ ନିକଟରେ ଥିବା ଏହି ଗାଁର ନାମ ହେଉଛି ମଲାଣା। ଏହି ଗାଁରେ ନିଜସ୍ୱ ସଂସଦ ରହିଛି। ଗୋଟିଏ ହେଉଛି ଜ୍ୟେଷ୍ଠାଙ୍ଗ ଏବଂ ଅନ୍ୟଟି ହେଉଛି ନିମ୍ନାଙ୍ଗ। ଗାଁ ଲୋକେ ନିଜକୁ ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡରଙ୍କ ବଂଶଧର ବୋଲି କୁହନ୍ତି। ଏଠାକାର ଆଇନ ବ୍ୟବସ୍ଥା ପୁରାତନ ଏଥେନ୍ସ ସହିତ ମେଳ ଖାଇଥାଏ। ଆଲେକ୍‌ଜାଣ୍ଡରଙ୍କ ଭାରତ ଆକ୍ରମଣ ସମୟରେ କିଛି ଗ୍ରୀକ୍ ସୈନ୍ୟ ଏଠାରେ ରହିଯାଇଥିବା କୁହାଯାଏ। ପରେ ସେମାନଙ୍କ ବଂଶ ଧୀରେ ଧୀରେ ବଢ଼ିଥିଲା। ଏବେ ଗାଁରେ ୧୨୫ ପରିବାର ବାସ କରୁଛନ୍ତି। ଗାଁର ଜନସଂଖ୍ୟା ପାଖାପାଖି ୧୨ଶହ। ବାହାର ଲୋକଙ୍କ ସହିତ ଗାଁ ଲୋକେ ସମ୍ପର୍କ ରଖିବାକୁ ପସନ୍ଦ କରି ନ ଥାନ୍ତି। ଗାଁ ଲୋକେ କନାସା ଭାଷାରେ କଥାବାର୍ତ୍ତା ହୋଇଥାନ୍ତି। ଏଠାକୁ ପ୍ରତିବର୍ଷ ବହୁ ପର୍ଯ୍ୟଟକ ଆସିଥାନ୍ତି। ତେବେ ସେମାନେ ଏଠାକାର କୌଣସି ଦ୍ରବ୍ୟ ଛୁଇଁବାକୁ ମନା। କୌଣସି ପର୍ଯ୍ୟଟକ ଗାଁର ଦ୍ରବ୍ୟାଦି ଛୁଇଁଲେ ସେଥିଲାଗି ୧ରୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିଥାଏ।

## ୨୫ ବର୍ଷ ତଳର ଧରିତ୍ରୀ

୭ ଅଗଷ୍ଟ ୧୯୯୪

- ଶ୍ରୀଲଙ୍କାର ବିରୋଧୀ ଦଳ ପିପୁଲସ୍ ଆଲାଏନ୍ସର ନେତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଶିରିମାଭୋ ବନ୍ଦରନାଏକେ ସକ୍ରିୟ ରାଜନୀତିରୁ ଅବସର ଘୋଷଣା କଲେ।
- ଭୁବନେଶ୍ୱର ବିମାନଘାଟି ଦେଇ ବିଦେଶକୁ ଜିନିଷପତ୍ର ଆମଦାନୀ ପାଇଁ କେନ୍ଦ୍ର ସରକାରଙ୍କ ଅନୁମତି।

## ଚିରନ୍ତନୀ

ଶୂନ୍ୟପଥେ ଭାସଇ ନର
ବଢ଼ାଇ ଦୁଇ ହାତ
ଧରିବା ପାଇଁ ଆକାଶେ ଦେବ-ଧନୁ
ନିମେଷେ ସବୁ ମିଳାଇଯାଏ
ନ ପାଏ କାହିଁ କାତ,
ଝାଉଁଳିପଡ଼େ କୋମଳତମ ତନୁ!
(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 2 | 4 | | A | C | 6 | 5 | | 0 | | | | |
| | | E | | | | | 1 | 0 | | 3 | | | 4 | |
| | | | | | C | | 4 | | | | | | | 9 |
| | | | 6 | | | | | | 4 | 1 | | | B | A |
| 3 | | 7 | 0 | E | | | | | 8 | 5 | 9 | | C | 6 |
| 1 | | | | | | 4 | 3 | | | | B | | | |
| | | 0 | | B | | | | D | 3 | 4 | | | 6 | |
| | D | | | | | | 2 | | | A | 7 | B | | 8 |
| A | | | | | 7 | 6 | | | 9 | E | | | 3 | |
| | | B | 5 | | | | | | | D | | 4 | 0 | |
| | | | 2 | 1 | | | | | | | | E | 8 | |
| 8 | | C | | A | | | E | | 6 | | 1 | | 9 | B |
| | 1 | A | | 9 | | | 5 | | D | C | | 7 | | 3 |
| | | | | 7 | | | 9 | 4 | | | | | 5 | |
| | E | D | | | | | 7 | | | | | A | | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | C | 7 | E | 8 | D | 3 | 9 | 1 | 6 | 0 | 2 | B | 5 | 4 |
| D | 1 | B | 5 | 2 | 6 | E | C | A | 8 | 7 | 4 | 3 | 9 | 0 |
| 6 | 0 | 9 | 7 | 1 | 4 | 8 | B | 2 | 3 | D | 5 | A | E | C |
| 3 | 8 | 5 | 9 | 0 | B | D | 6 | 4 | A | E | C | 1 | 2 | 7 |
| 2 | 4 | E | C | A | 3 | 0 | 7 | 5 | B | 1 | 9 | 6 | D | 8 |
| 4 | E | 2 | 6 | B | 8 | A | 1 | 7 | 9 | C | D | 5 | 0 | 3 |
| B | D | 6 | 2 | 3 | 7 | 4 | E | 0 | 5 | 8 | A | 9 | C | 1 |
| 0 | 3 | 8 | 4 | 5 | A | C | 2 | 9 | 7 | B | 1 | D | 6 | E |
| C | 9 | A | 1 | D | E | 5 | 8 | 3 | 4 | 6 | 0 | 7 | B | 2 |
| 5 | 7 | 1 | 0 | 9 | C | 6 | D | B | 2 | 3 | E | 8 | 4 | A |
| 1 | 2 | C | D | 6 | 0 | B | 3 | 8 | E | 5 | 7 | 4 | A | 9 |
| 9 | B | 0 | 3 | 4 | 5 | 1 | A | D | C | 2 | 8 | E | 7 | 6 |
| E | A | D | B | C | 9 | 7 | 0 | 6 | 1 | 4 | 3 | 2 | 8 | 5 |
| 7 | 5 | 3 | 8 | E | 2 | 9 | 4 | C | D | A | 6 | 0 | 1 | B |
| 8 | 6 | 4 | A | 7 | 1 | 2 | 5 | E | 0 | 9 | B | C | 3 | D |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅକୁହା କଥା

ମହାଶୟ,

ଧରିତ୍ରୀରେ ବିପିନ ବିହାରୀ ମିଶ୍ରଙ୍କ ଭିନ୍ନ ପ୍ରକାର ସନ୍ତ୍ରାସବାଦ ଶୀର୍ଷକ ଏକ ପ୍ରବନ୍ଧ ପାଠ କରିବାର ସୁଯୋଗ ପାଇଥିଲି। ଏ ପ୍ରବନ୍ଧଟି ଯିଏ ବି ପଢ଼ିବ ସେ ନିଶ୍ଚିତ ଭାବରେ ଅନୁଭବ କରିବ ତାହା ଜୀବନରେ ସେ ବି ଦିନେ ସେହିଭଳି ସନ୍ତ୍ରାସବାଦର ସମ୍ମୁଖୀନ ହୋଇଛି। ୪୦/୫୦ ବର୍ଷ ତଳେ ବିଭିନ୍ନ ବିଭାଗ ମୁଖ୍ୟମାନଙ୍କର ଅମାପ କ୍ଷମତା ଥିଲା। ସେମାନେ ସିଧାସଳଖ ନିଯୁକ୍ତ କରୁଥିଲେ। ଟ୍ରାନ୍ସଫର କରିଦେଉଥିଲେ, ଉତ୍କୋଚ ନେଇ ବର୍ଷ ବର୍ଷ ଧରି କାହାକୁ ଗୋଟିଏ ଜାଗାରେ ରଖିଦେଉଥିଲେ। ବିଭାଗରେ ଉଚ୍ଚଶିକ୍ଷିତ କର୍ମଚାରୀ ଥିଲେ ବି ସେମାନଙ୍କର ପଦୋନ୍ନତିକୁ ଏଡେଇ ଦେଇ ବାହାରୁ ଆପଏଣ୍ଟମେଣ୍ଟ କରୁଥିଲେ। ଜାଣିଶୁଣି ହଇରାଣ କରିବାକୁ ଅଗମ୍ୟ ସ୍ଥାନକୁ ଟ୍ରାନ୍ସଫର କରିଦିଆଯାଉଥିଲା। ହାକିମଙ୍କର ପାଣି, ଇଲେକ୍ଟ୍ରିକ ବିଲ୍, ପିଲାଙ୍କ ସ୍କୁଲ କଲେଜରେ ଦରମା ଫିଠ କରିବା କିମ୍ବା ବଜାର ସଉଦା କରିବା ଦାୟିତ୍ୱ ମଧ୍ୟ ତଳିଆ କର୍ମଚାରୀଙ୍କ ଉପରେ ଥାଏ। ବେଳେବେଳେ ହାତରୁ ପଇସା ଦେବାକୁ ପଡ଼େ। କଲେଜରେ ପିଏଚ୍‌ଡି ଏବଂ ଏମ୍‌ଫିଲ କରୁଥିବା ସ୍କଲାରମାନଙ୍କ କ୍ଷେତ୍ରରେ ବି ସେପରି ଘଟେ। ପ୍ରଫେସର ଜାଣିଶୁଣି ସେ ଥିସିସ ଫେରାଇବାକୁ ଭୁଲିଯାନ୍ତି। ସ୍କଲାର ମୁହଁ ଖୋଲନ୍ତି ନାହିଁ। ମୁହଁ ଖୋଲିଲେ କ୍ୟାରିୟର ନଷ୍ଟ ହୋଇଯିବ। ବିଭିନ୍ନ ଅଫିସ ଏବଂ ସିନେମା ଶିଳ୍ପରେ ମହିଳାଙ୍କୁ ଯୌନଶୋଷଣ କରାଯାଏ। ମୁହଁ ଖୋଲିଲେ ବଦନାମ ଏବଂ ଚାକିରି ଯିବାର ଭୟ ମଧ୍ୟ ରହିଛି। ଏହିଭଳି ଦୁର୍ବଳ ଉପରେ ସବଳର ଅତ୍ୟାଚାର ହୋଇଥାଏ। ଏ ପତ୍ରପ୍ରେରକ ମଧ୍ୟ ଏପରି ଭିନ୍ନ ସନ୍ତ୍ରାସବାଦର ଶିକାର ହୋଇ ଶେଷରେ ଚାକିରି ଛାଡିଦେଇଛି। ଅନେକ ଅକୁହା କଥାକୁ ଲେଖକ ମହୋଦୟ ପ୍ରକାଶ କରିଛନ୍ତି।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ୫ 'ଟି' କାର୍ଯ୍ୟକାରୀ ହେଉନାହିଁ

ମୁଁ ରାଶନ କାର୍ଡ ପାଇ ନ ଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କରିଥିବା ଅଭିଯୋଗ ଉପରେ ତଦନ୍ତ ନିର୍ଦ୍ଦେଶ ଆସିଥିଲା। ଧର୍ମଶାଳା ବ୍ଲକ୍ ତରଫରୁ ତଦନ୍ତ କରାଯାଇ ରିପୋର୍ଟ ଦିଆଯାଇଥିଲା। ଏଥିରେ ମୋତେ ଯୋଗ୍ୟ ହିତାଧିକାରୀ ଭାବେ ରାସନ କାର୍ଡ଼ ଦେବାକୁ କୁହାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ୫'ଟି'ରେ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ କାର୍ଯ୍ୟର ସମାଧାନ କରିବାକୁ କୁହାଯାଇଥିଲେ ବି ୨୦୧୭ରୁ ଅଦ୍ୟାବଧି ଜଣେ ଗରିବଙ୍କୁ ରାସନ ସାମଗ୍ରୀରୁ ବଞ୍ଚିତ କରାଯାଇଛି। ଏହାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରୁଛି।

ପ୍ରକାଶ ମହାନ୍ତି, ବ୍ରହ୍ମପୁର, ଜେନାପୁର, ଧର୍ମଶାଳା, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




■ ଭଦ୍ରକ ମଦମୃତ୍ୟୁ ମାମଲା

## ଆରଡିସିସ୍ତରୀୟ ତଦନ୍ତ ଆରମ୍ଭ

**କଟକ ଅଫିସ,୬।୮:** ଚଳିତବର୍ଷ ସାଧାରଣ ନିର୍ବାଚନ ସମୟରେ ଭଦ୍ରକରେ ମଦମୃତ୍ୟୁ ଘଟିଥିଲା। ଏହି ଘଟଣାର ଆରଡିସିସ୍ତରୀୟ ତଦନ୍ତ ଆରମ୍ଭହୋଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ଅନିଲ ସାମଲ, ଏସ୍‌ସିବି ମେଡିକାଲ ଅଧୀକ୍ଷକ ଡା. ସିବିକେ ମହାନ୍ତି ଓ ଅବକାରୀ ବିଭାଗ ଅଧିକାରୀଙ୍କୁ ନେଇ ସୋମବାର ଆରଡିସିଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମଦମୃତ୍ୟୁର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିବାବେଳେ ଆହତମାନଙ୍କୁ ଚିକିତ୍ସା କରିଥିବା ଡାକ୍ତରଙ୍କ ରିପୋର୍ଟ ଦାଖଲ କରାଯାଇଥିଲା। ସେହିପରି ମୃତଦେହ ବ୍ୟବଚ୍ଛେଦ କରିଥିବା ଡାକ୍ତରଙ୍କ ସମ୍ପର୍କରେ ରିପୋର୍ଟ ମଗାଯାଇଛି। ସୂଚନାଯୋଗ୍ୟ, ଗତ ଏପ୍ରିଲ୍ ୨୯ରେ ଭଦ୍ରକ ଜିଲା ତିହିଡି ଥାନା ଅନ୍ତର୍ଗତ ପୀରହାଟ ଅଞ୍ଚଳରେ ବିଷାକ୍ତ ମଦ ପିଇ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୩୦ ଜଣ ଅସୁସ୍ଥ ହୋଇଥିଲେ। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପକ୍ଷରୁ ଏହି ମଦ ବଣ୍ଟା ଯାଇଥିବା ଅଭିଯୋଗ ହୋଇଥିଲା।

## ଯୁକ୍ତ୨ ସପ୍ଲିମେଣ୍ଟାରି ପରୀକ୍ଷା ଫଳ: ପାସ୍ ହାର ୭୪.୮୪%

**ଭୁବନେଶ୍ୱର, ୬।୮ (ବ୍ୟୁରୋ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ମୋଟ ପାସ୍ ହାର ୭୪.୮୪% ରହିଛି। ଏଥିମଧ୍ୟରେ କଳା ବିଭାଗରେ ୮୨.୬%, ବିଜ୍ଞାନରେ ୬୭.୭%, ବାଣିଜ୍ୟରେ ୮୭.୩୭% ଓ ଧନ୍ଦାମୂଳକ ଶିକ୍ଷାରେ ୩୫.୭% ପାସ୍‌ହାର ରହିଛି। ସପ୍ଲିମେଣ୍ଟାରୀ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରମାନେ www.orissaresults.nic.in ଓ www.chseodisha.nic.in ୱେବ୍‌ସାଇଟ୍‌ରେ ରେଜଲ୍ଟ ଦେଖିପାରିବେ। ସୂଚନାଯୋଗ୍ୟ, ଗତ ଜୁଲାଇ ୧୮ରୁ ୨୦ତାରିଖ ମଧ୍ୟରେ ସପ୍ଲିମେଣ୍ଟାରୀ ପରୀକ୍ଷା ଅନୁଷ୍ଠିତ ହୋଇଥିଲା।




एम एस टी सी लिमिटेड (भारत सरकार का उपक्रम) MSTC LIMITED (A GOVT. OF INDIA ENTERPRISE)
ସିଆଇଏନ୍: ଏଲ୍୨୭୩୨୦ଡବ୍ଲ୍ୟୁବି୧୯୬୪ଜିଓଆଇ୦୨୬୨୧୧

**ବିଭିନ୍ନ ସାମଗ୍ରୀର ଇ-ନିଲାମ**

ଏମ୍ଏସ୍‌ଟିସି ଆଧୁନିକ ମେଟାଲିକ୍ସ ଲିମିଟେଡ୍, କୁଆଁରମୁଣ୍ଡା, ଓଡ଼ିଶାର ପ୍ଲାଣ୍ଟ ସାଇଟ୍‌ରେ ପଡ଼ିରହିଥିବା ବିଭିନ୍ନ ସାମଗ୍ରୀ ଯେପରି ଆଇରନ୍ ଓର୍ ଫାଇନ୍ସ, କୋକ୍ ଫାଇନ୍ସ, କୋକ୍, ଷ୍ଟିମ୍ କୋଲ୍, ମିକ୍ସଡ୍ କୋଲ୍ ଏବଂ ସ୍କ୍ରାପ୍‌ର ଇ-ନିଲାମ ତା୨୮।୦୮।୨୦୧୯ରିଖରେ ସଞ୍ଚାଳିତ କରିବ। ଅଧିକ ବିବରଣୀ ପାଇଁ www.mstcecommerce.com କିମ୍ବା www.mstcindia.co.in ପରିଦର୍ଶନ କରନ୍ତୁ। ଇମେଲ୍: arunkumar@mstcindia.co.in ଏବଂ rmahesh@mstcindia.co.in: ମୋ: ୯୮୩୦୯୨୪୨୨୨ ଓ ୮୮୦୧୨୮୧୦୦୪। ଇ-ନିଲାମ ସମ୍ପର୍କିତ କୌଣସି ଶୁଦ୍ଧିପତ୍ର/ଯୋଗପତ୍ର/ସଂଶୋଧନ/ସମୟ ବୃଦ୍ଧି/ସ୍ପଷ୍ଟୀକରଣ, ଯଦି ଥାଏ, କେବଳ ଏମ୍ଏସ୍‌ଟିସି ୱେବ୍‌ସାଇଟ୍‌ରେ ସ୍ଥାନିତ କରାଯିବ। ବିଡର୍‌ମାନେ ନିଜକୁ ସଦ୍ୟତମ ସୂଚନା ସହ ସୂଚିତ ରଖିବା ପାଇଁ ନିୟମିତ ଭାବେ ଉପରୋକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଆବଶ୍ୟକ।

**ବଙ୍ଗୋପସାଗର ଉପକୂଳରେ ଅବପାତ**

## ୪୮ ଘଣ୍ଟା ପ୍ରବଳ ବର୍ଷା, ବନ୍ୟା ଆଶଙ୍କା

ଭୁବନେଶ୍ୱର, ୬।୮ (ବ୍ୟୁରୋ)

- ସତର୍କ ରହିବାକୁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ
- ସଜାଗ ରହିବେ ବିଭିନ୍ନ ବିଭାଗ
- ୧୦ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଓଡ଼ିଶାର ଉତ୍ତର ପଶ୍ଚିମ ବଙ୍ଗୋପସାଗର ଉପକୂଳ ଓ ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତର ରୂପ ନେଇଛି। ଏହା ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା, ପବନ ସହ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି। ଏନେଇ ମଙ୍ଗଳବାର ଭାରତୀୟ ପାଣିପାଗ ବିଭାଗ ସୂଚନା ଦେବାପରେ ରାଜ୍ୟ ସରକାର ସବୁ ଜିଲାରେ ଆଲର୍ଟ ଜାରି କରିଛନ୍ତି। ଜିଲାପାଳମାନଙ୍କୁ ସ୍ଥିତି ଉପରେ ନଜର ରଖିବା ପାଇଁ ୨୪ ଘଣ୍ଟିଆ ଜରୁରିକାଳୀନ କେନ୍ଦ୍ର ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ତଳିଆ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ଖାଦ୍ୟ, ପାନୀୟ, ଆଲୋକ ଆଦିର ବ୍ୟବସ୍ଥା କରିବାକୁ କୁହାଯାଇଛି। ସେହିପରି ଓଡ୍ରାଫ ଓ ଅଗ୍ନିଶମ ବାହିନୀକୁ ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ ସମସ୍ତ ଜିଲାପାଳ, ଅଗ୍ନିଶମ ସେବା ଆଇଜି, ଏନ୍‌ଡିଆର୍‌ଏଫ୍ ସମେତ ସ୍କୁଲ ଓ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଏହି ସତର୍କତା ଜାରି କରାଯାଇଛି।

୭ ତାରିଖ ପାଇଁ ୫ ଜିଲାରେ ରେଡ୍ ଆଲର୍ଟ, ୭ ଜିଲାରେ ଅରେଞ୍ଜ ଆଲର୍ଟ ଓ ୮ ଜିଲାରେ ୟେଲୋ ଆଲର୍ଟ ଜାରି କରାଯାଇଛି। ୮ ତାରିଖରେ ୬ ଜିଲାରେ ୟେଲୋ ଆଲର୍ଟ ଜାରି ହୋଇଛି। ମାଲକାନଗିରି, କୋରାପୁଟ, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି ଓ ପୁରୀ ଜିଲା ପାଇଁ ବୁଧବାର ପର୍ଯ୍ୟନ୍ତ ରେଡ୍ ଆଲର୍ଟ ଜାରି ହୋଇଛି। ଏସବୁ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ଆଶଙ୍କା କରାଯାଇଛି। ସେହିପରି ଅରେଞ୍ଜ ଆଲର୍ଟ ଜାରି ହୋଇଥିବା ଗଜପତି, ବୌଦ୍ଧ, ସୋନପୁର, ସମ୍ବଲପୁର, ଦେବଗଡ଼, କଟକ, ଢେଙ୍କାନାଳ ଓ ନୟାଗଡ଼ ଜିଲାରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହାବ୍ୟତୀତ ୧୦ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

ଅନ୍ୟପକ୍ଷରେ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳରେ ୪୫ରୁ ୫୫ କିଲୋମିଟର ବେଗରେ ପବନ ହେବା ସମ୍ଭାବନା ରହିଛି। ପବନର ବେଗ ବୃଦ୍ଧି ପାଇ ୬୫ କିଲୋମିଟରେ ପହଞ୍ଚିପାରେ। ତେବେ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ ୩୫ରୁ ୪୦ କିଲୋମିଟର ବେଗରେ ପବନ ବହି ୫୦ କିଲୋମିଟରରେ ପହଞ୍ଚିବ ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି। ଗତ ୨୪ ଘଣ୍ଟା ମଧ୍ୟରେ ପୁରୀ, ଗୋପାଳପୁର, ସୁନ୍ଦରଗଡ଼, ଭୁବନେଶ୍ୱର ଓ ମାଲକାନଗିରିରେ ପ୍ରବଳ ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା(SARB), କଟକ
ମଧୁପାଟଣା, କଟକ

**ଡିମାଣ୍ଡ ନୋଟିସ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ (୨)ଅନୁଯାୟୀ ଡିମାଣ୍ଡ ନୋଟିସ

ଏତଦ୍‌ଦ୍ୱାରା ଋଣଗ୍ରହୀତା : **ମେସର୍ସ ଏମ୍ଏମ୍‌ଡିଭି ଏକ୍ସିମସ୍ ପ୍ରା. ଲିଃ.**ଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି । ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ ମାଧ୍ୟମରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଅବଗତ କରାଗଲା ।

| ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ.: | ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁଥିବା ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ସର୍ବମୋଟ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ଏମ୍ଏମ୍‌ଡିଭି ଏକ୍ସିମସ୍ ପ୍ରା. ଲିଃ.**, ସା: ବଇଞ୍ଛିଆ, ପୋ: ଟାଙ୍ଗୀ, ଜିଲ୍ଲା: କଟକ-୭୫୪୦୨୨, **ନିର୍ଦ୍ଦେଶକମାନେ: ୧) ଶ୍ରୀ ଭାଗୀରଥି ସାହୁ**, ପିତା: ଶ୍ରୀ ନିଳମଣୀ ସାହୁ, ସା: ଶାନ୍ତି ବିହାର, କନିକା ରୋଡ଼, କଟକ-୭୫୩୦୦୮, **୨) ଶ୍ରୀ ନିଲୋୟ ସେନଗୁପ୍ତ**, ପିତା: ଶ୍ରୀ ନିରେନ୍ ସେନଗୁପ୍ତ, ସା: ୩୨୧, ପ୍ରାନ୍ତିକ ପାଲ୍ଲି, ବୋଷ ପୁକୁର, ପୋ: ଇକେଟି କୋଲକାତା, ପଶ୍ଚିମବଙ୍ଗ-୭୦୦୧୦୭ / **ଜାମିନଦାରମାନେ: ୧) ଶ୍ରୀ ଭାଗୀରଥି ସାହୁ**, ପିତା: ଶ୍ରୀ ନିଳମଣୀ ସାହୁ, ସା: ଶାନ୍ତି ବିହାର, କନିକା ରୋଡ଼, କଟକ-୭୫୩୦୦୮, **୨) ଶ୍ରୀ ନିଲୋୟ ସେନଗୁପ୍ତ**, ପିତା: ଶ୍ରୀ ନିରେନ୍ ସେନଗୁପ୍ତ, ସା: ୩୨୧, ପ୍ରାନ୍ତିକ ପାଲ୍ଲି, ବୋଷ ପୁକୁର, ପୋ: ଇକେଟି କୋଲକାତା, ପଶ୍ଚିମବଙ୍ଗ-୭୦୦୧୦୭, **୩) ଶ୍ରୀ ନିଳମଣୀ ସାହୁ**, ପିତା: ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାହୁ, ସା: ଶାନ୍ତି ବିହାର, କନିକା ରୋଡ଼, କଟକ-୭୫୩୦୦୮ / **ଆକାଉଣ୍ଟ ନଂ.: ୩୫୮୭୮୨୯୨୭୭୭ ।** | (୧) ମେସର୍ସ ଏମ୍ଏମ୍‌ଡିଭି ଏକ୍ସିମସ୍ **ପ୍ରା. ଲିଃ.** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ଅଂଶବିଶେଷ ଯାହାର :ଖାତା ନଂ.: ୯୭୪/୧୧୭, ପ୍ଲଟ ନଂ.: ୧୫୨୧, କ୍ଷେତ୍ର: ଏକର ୦.୩୦୦ଡିସିମିଲ୍, କିସମ: ଘରବାଡ଼ି, ମୌଜା: ବଇଞ୍ଛିଆ, ତହସିଲ: ଟାଙ୍ଗୀଚୌଦ୍ୱାର, ଥାନା: ଟାଙ୍ଗୀ, ଜିଲ୍ଲା: କଟକ, ଚୌହଦୀ: ପୂର୍ବ: ପ୍ରସ୍ତାବିତ ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୫୨୨, ଉତ୍ତର: ଜାତୀୟ ରାଜପଥ-୫ (ବର୍ତ୍ତମାନ ଜାତୀୟ ରାଜପଥ-୧୬), ଦକ୍ଷିଣ: ପ୍ଲଟ୍ ନଂ.: ୧୫୨୩, **(୨) ଶ୍ରୀ ନିଳମଣୀ ସାହୁଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ଅଂଶବିଶେଷ ଯାହାର ଖାତା ନଂ.: ୪୦୫/୨୨୭, ପ୍ଲଟ ନଂ.: ୧୧୫୭, ୧୧୬୪, କ୍ଷେତ୍ର: ଏକର ୦.୨୦୦ଡିସିମିଲ୍, କିସମ: ଘରବାଡ଼ି, ମୌଜା: ନରାଜ ମାର୍ଥାପୁର, ତହସିଲ: ବାରଙ୍ଗ, ଥାନା: କଟକ ସଦର, ଜିଲ୍ଲା: କଟକ, ଚୌହଦୀ: ପୂର୍ବ: ଖାଲି ଜମି, ପଶ୍ଚିମ: ଖାଲି ଜମି, ଉତ୍ତର: ଖାଲି ଜମି, ଦକ୍ଷିଣ: ରେଳବାଇ ଟ୍ରାକ୍ । | ୩୦.୦୭.୨୦୧୯ | ୨୮.୦୬.୨୦୧୮ | ୨୪.୦୭.୨୦୧୯ ସୁଦ୍ଧା ଟ.୪୨,୨୯,୩୨୪/- |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି । ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଜଣାଇଦିଆଯାଉଛି କି ସେମାନେ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସେମାନଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଅନ୍ତର୍ଗତ ଧାରା ୧୩ର ଉପଧାରା (୪) ଅନୁସାରେ ଉକ୍ତ ନୋଟିସ୍‌ର **୬୦ ଦିନ** ଅତିକ୍ରାନ୍ତ ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ଏତଦ୍‌ଦ୍ୱାର ଋଣଗ୍ରହୀତା ଏବଂ ଜାମିନଦାରଙ୍କୁ ଜଣାଇଦିଆଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ଲିଖିତ ଅନୁମତି ବିନା ଏହି ନୋଟିସ୍‌ରେ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟାମାଧ୍ୟମ ଦ୍ୱାରା ସେମାନେ ହସ୍ତାନ୍ତରିତ କରିପାରିବେ ନାହିଁ । ଏହି ନୋଟିସ୍‌ଟି ବ୍ୟାଙ୍କ ଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ବୋଲି ମନେହେବ ତାହା ଆରମ୍ଭ କରିବାର ଅଧିକାରକୁ କୌଣସି ପ୍ରକାର ପ୍ରତିହତ କରିବ ନାହିଁ ।

ତାରିଖ : ୦୬.୦୮.୨୦୧୯
ସ୍ଥାନ : କଟକ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



**ଜାତୀୟ ହସ୍ତତନ୍ତ ଦିବସ ଉପଲକ୍ଷେ**
**ବାର୍ତ୍ତା**

ଭାରତବର୍ଷର ସମୃଦ୍ଧ ହସ୍ତତନ୍ତ ଐତିହ୍ୟ ଓ ପରମ୍ପରାର ସୁରକ୍ଷା ତଥା ବିକାଶରେ ଦେଶର ଲକ୍ଷ ଲକ୍ଷ ବୁଣାକାର ଭାଇ ଓ ଭଉଣୀଙ୍କ ସାମଗ୍ରିକ ଅବଦାନକୁ ସ୍ୱୀକୃତି ପ୍ରଦାନ କରି ପ୍ରତି ବର୍ଷ ଅଗଷ୍ଟ ୭ ତାରିଖକୁ ଜାତୀୟ ହସ୍ତତନ୍ତ ଦିବସ ଭାବେ ପାଳନ କରାଯାଉଅଛି ।

ଓଡ଼ିଶାର ହସ୍ତତନ୍ତ ପରମ୍ପରା ଆଜିର ନୁହେଁ, ଶହ ଶହ ବର୍ଷର ପୁରାତନ ଏକ ଆଭିଜାତ୍ୟପୂର୍ଣ୍ଣ କୌଳିକ ବୃତ୍ତି । ହସ୍ତତନ୍ତ ମାଧ୍ୟମରେ ଆମର କଳା, ସଂସ୍କୃତି, ନୃତ୍ୟ, ସଙ୍ଗୀତ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ଭାବାବେଗ ପ୍ରକାଶିତ ହୋଇଥାଏ । କୃଷି ପରେ ହସ୍ତତନ୍ତ ଦ୍ୱିତୀୟ ବୃହତ୍ତମ କର୍ମନିଯୁକ୍ତିର କ୍ଷେତ୍ର । ଗ୍ରାମାଞ୍ଚଳରେ ଲୋକମାନଙ୍କ ସର୍ବାଧିକ ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନ ତଥା କଲ୍ୟାଣମୂଳକ ଯୋଜନାମାନ କାର୍ଯ୍ୟକାରୀ କରାଯାଉଛି । ବିକାଶର ମୁଖ୍ୟସ୍ରୋତରେ ପ୍ରତ୍ୟେକଟି ବୁଣାକାର ପରିବାରକୁ ସାମିଲ କରିବା ସହ ଓଡ଼ିଶା ହସ୍ତତନ୍ତକୁ ଉତ୍କର୍ଷର ଶୀର୍ଷରେ ପହଞ୍ଚାଇବା ସରକାରଙ୍କ ଲକ୍ଷ୍ୟ ଓ ସଂକଳ୍ପ ।

ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ମୁଁ ରାଜ୍ୟ ତଥା ଦେଶର ବୁଣାକାର ଭାଇ ଓ ଭଉଣୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

ପଦ୍ମିନୀ ଦିଆନ
(ପଦ୍ମିନୀ ଦିଆନ)
ମାନ୍ୟବର ମନ୍ତ୍ରୀ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ, ଓଡ଼ିଶା

DSPL - 60



**ପଞ୍ଚମ ହସ୍ତତନ୍ତ ଦିବସ ପାଳନ ଅବସରରେ**
**ବାର୍ତ୍ତା**

ପଞ୍ଚମ ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ଆମର ବୁଣାକାର ଭାଇ ଓ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଓଡ଼ିଶାର ଗରିମାମୟ ହସ୍ତତନ୍ତ ବସ୍ତ୍ର ବିଶ୍ୱପ୍ରସିଦ୍ଧ । ଏହା ଆମ ରାଜ୍ୟର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ବାର୍ତ୍ତାବହ । ହସ୍ତତନ୍ତ ତଥା ଏ କ୍ଷେତ୍ରରେ କାର୍ଯ୍ୟରତ ବୁଣାକାରମାନଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ମୋର ବିଶ୍ୱାସ, ଆମର ବୁଣାକାର ଭାଇଭଉଣୀମାନେ ଏସବୁର ସୁଯୋଗ ନେବେ ଏବଂ ଓଡ଼ିଶା ହସ୍ତତନ୍ତର ମହାନ ପରମ୍ପରାକୁ ବଜାୟ ରଖିବା ଦିଗରେ କାମ କରି ଚାଲିବେ ।

ହସ୍ତତନ୍ତ କ୍ଷେତ୍ରର ବିକାଶ ପାଇଁ ମୁଁ ସମସ୍ତଙ୍କ ସହଯୋଗ କାମନା କରୁଛି ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

31001/13/0001/1920



## ଜିଲ୍ଲା ଚିଠି ଜଗତ୍‌ସିଂହପୁର

# ଶ୍ରୀହୀନ ଅଳକା

ଏକଦା ଜଗତ୍‌ସିଂହପୁର ଜିଲାରେ ପ୍ରବାହିତ ଅଳକା ନଦୀ ସୁନାବ୍ୟା ଓ ସୁଗଭୀର ଥିଲା। ଇତିହାସ କୁହେ ଇଂରେଜ ଶାସନ କାଳରେ ବଣିକମାନେ ଏହି ନଦୀକୁ ସେମାନଙ୍କ ବାଣିଜ୍ୟ ପଥ କରିଥିଲେ। ବଙ୍ଗୋପସାଗରରୁ ଅବାଧରେ ଜାହାଜମାନ ଏହି ଜଳପଥ ଦେଇ ହରିହରପୁର (ବର୍ତ୍ତମାନର ଜଗତ୍‌ସିଂହପୁର) ପର୍ଯ୍ୟନ୍ତ ଚଳାଚଳ କରିପାରୁଥିଲା। କାରଣ ହରିହରପୁର ସେତେବେଳେ ସମଗ୍ର ବଙ୍ଗଳା ଡିଭିଜନରେ ଇଂରେଜମାନଙ୍କ ପ୍ରଥମ ବାଣିଜ୍ୟକୋଠି ଥିଲା। ୧୮୬୬ ନଅଙ୍କ ଦୁର୍ଭିକ୍ଷ ପରେ ଓଡ଼ିଶାର ତତ୍କାଳୀନ ଶାସନକର୍ତ୍ତା ଟି.ଏମ୍. ରେଭେନ୍‌ଶା ନଦୀବନ୍ଧ ଓ ଜଳସେଚନ ପ୍ରତି ଯତ୍ନବାନ ହୋଇଥିଲେ। ମହାନଦୀର ଯୋବ୍ରାଠାରେ ଆନିକଟ ନିର୍ମାଣ କରାଯାଇଥିଲା। ୧୮୬୯ରେ ଆନିକଟ ଶେଷ ହେବା ପରେ ବିପନ୍ନଙ୍କୁ କାମଧନ୍ଦା ଯୋଗାଇଦେବାକୁ କେନାଲ ଖୋଳା ଆରମ୍ଭ ହୋଇଥିଲା। ୧୮୭୦ରୁ ୧୮୭୩ ମଧ୍ୟରେ ଜଳ ଯୋଗାଣ ଆରମ୍ଭ ହୋଇପାରିଥିଲା। ଅଳକା ଦେବୀ ନଦୀର ବାଗଲପୁର କସ୍ବା ନିକଟରୁ ବାହାରି ପଟୁଆଠାରେ ବଙ୍ଗୋପସାଗରରେ ମିଶିଥିବା କୁହାଯାଏ। ସେତେବେଳେ ଅଳକା ପଠା ଶସ୍ୟଶାମଳା ଥିଲା। ଜଳସେଚନ ସୁବିଧା ଯୋଗୁ ବର୍ଷସାରା ପରିବା ଓ ଅନ୍ୟ ଫସଲ ହେଉଥିଲା। ନଦୀରୁ ପ୍ରଚୁର ମାଛ ମଧ୍ୟ ଉତ୍ପାଦନ ହେଉଥିଲା। ସମୟଚକ୍ରରେ ଅଳକା ଏବେ ମୃତ ପ୍ରାୟ। କେନାଲ ସମ୍ପ୍ରସାରଣ ଓ ରାଜପଥ ନିର୍ମାଣ ପାଇଁ ବିଭିନ୍ନ ସ୍ଥାନରେ ଅଳକା ବକ୍ଷରେ ବନ୍ଧ ପଡିବାରୁ ଏହା କ୍ରମଶଃ ଖଣ୍ଡ ବିଖଣ୍ଡିତ ହୋଇଗଲା। ଏହାର ଶଯ୍ୟା ପୋତି ହୋଇଚାଲିଛି। ଅସାଧୁ ଓ ପ୍ରଭାବଶାଳୀ ଲୋକେ ନଦୀ ଶଯ୍ୟା ଜବରଦଖଲ କରି ଚାଲିଛନ୍ତି। ଏପରି କି କେତେଜଣ ଲାଭଖୋର ରାଜସ୍ୱ ଅଧିକାରୀ ଏହାର କିଛି ଅଂଶ ସେମାନଙ୍କ ହାତକୁ ବେଆଇନ ଭାବେ ଟେକି ଦେଇଛନ୍ତି। ଏବେ ସମ୍ପୃକ୍ତ ଜବରଦଖଲକାରୀ ଉକ୍ତ ଜମିକୁ ବିକ୍ରି ଓ ଲିଜ୍ ଦେଇ ଲାଭବାନ ହେଉଛନ୍ତି। ଆଶ୍ଚର୍ଯ୍ୟର କଥା ଅଳକା ନଦୀର ସ୍ଥିତି ସମ୍ପର୍କରେ ଏବେ ଆଉ ପୂର୍ଣ୍ଣାଙ୍ଗ ତଥ୍ୟ ମିଳୁନି। ସୂଚନା ଅଧିକାର ଆଇନ ବଳରେ ଜଗତ୍‌ସିଂହପୁର, ବିରିଡ଼ି, ରଘୁନାଥପୁର ଓ ବାଲିକୁଦା ତହସିଲକୁ ତଥ୍ୟ ମଗାଯାଇଥିଲା। ଜଗତ୍‌ସିଂହପୁର ଓ ବାଲିକୁଦା ତହସିଲଦାର ଅଳକାର ସ୍ଥିତି ସମ୍ପର୍କରେ କିଛି ତଥ୍ୟ ଦେଇଥିବାବେଳେ ବିରିଡ଼ି ତହସିଲ ପକ୍ଷରୁ ଏଭଳି ନଦୀ ନ ଥିବା ଉଲ୍ଲେଖ କରାଯାଇଛି। ବାସ୍ତବରେ ଅଳକା ବିରିଡ଼ି ଦେଇ ଜଗତ୍‌ସିଂହପୁର ଓ ବାଲିକୁଦା ଅଞ୍ଚଳ ପର୍ଯ୍ୟନ୍ତ ଲମ୍ବି ବଙ୍ଗୋପସାଗରରେ ମିଶିଛି। ୧୯୩୦ ମସିହା ରେକର୍ଡ ଓ ପରବର୍ତ୍ତୀ ସେଟଲମେଣ୍ଟ ରେକର୍ଡ ଯାଞ୍ଚ କରା ନ ଯାଇ ଔପଚାରିକ ଭାବେ ହାଲ ରେକର୍ଡ ପ୍ରଦର୍ଶନ କରାଯାଉଛି। ମାତ୍ର ସାବକ ପ୍ଲଟର ସ୍ଥିତି ଲୁଚାଇବାକୁ ଚେଷ୍ଟା ହୋଇଛି। ଗତବର୍ଷ ଫେବୃୟାରୀରେ ଓଡ଼ିଶା ସରକାରଙ୍କ ଉଦ୍ୟମ ଫଳରେ କେନ୍ଦ୍ରୀୟ ଅନ୍ତଃଦେଶୀୟ ମତ୍ସ୍ୟ ଗବେଷଣା ସଂସ୍ଥା (ସିଆଇଏଫ୍‌ଆର୍‌ଆଇ) ପକ୍ଷରୁ ଏକ ପ୍ରତିନିଧି ଦଳ ୪ ଦିନିଆ ଜଗତ୍‌ସିଂହପୁର ଗସ୍ତ କରି ଅଳକା ସମେତ ବାଲିଆ ଓ କାଠଯୋଡ଼ି ନଦୀ ପରିଦର୍ଶନ କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ମୃତ ନଦୀ ଗର୍ଭରେ ମାଛ ଚାଷ କରିବା ସହ ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଇବା। ଉକ୍ତ ଯୋଜନା କାର୍ଯ୍ୟକାରୀ ହେଲେ ପ୍ରାଥମିକ ପର୍ଯ୍ୟାୟରେ ଜିଲାର ପ୍ରାୟ ୧୫୦ ହେକ୍ଟର ନଦୀ ଶଯ୍ୟାରେ ମାଛ ଚାଷ ହୋଇପାରନ୍ତା। ଏଥିସହ ବାର୍ଷିକ ୬୦୦ ଟନ୍ ମାଛ ଉତ୍ପାଦନ ହୁଅନ୍ତା, ଯାହାର ଆନୁମାନିକ ମୂଲ୍ୟ ୭ କୋଟିରୁ ଅଧିକ। ଶତାଧିକ ବେକାର ଯୁବକ ଆତ୍ମନିର୍ଭରଶୀଳ ହୋଇପାରନ୍ତେ। ସ୍ୱୟଂ ସହାୟିକା ଗୋଷ୍ଠୀ, ପିଏସ୍‌ସିଏସ୍ ଓ ଉଦ୍ୟୋଗୀମାନେ ଉପକୃତ ହୋଇପାରିବେ। କିନ୍ତୁ ଏ ପର୍ଯ୍ୟନ୍ତ ଉକ୍ତ ଯୋଜନା କେବଳ ଯୋଜନାରେ ରହିଯାଇଛି। ସମ୍ପୃକ୍ତ ସଂସ୍ଥା ଡିପିଆର୍ (ଡିଟେଲ୍‌ଡ ପ୍ରୋଜେକ୍ଟ ରିପୋର୍ଟ) ଦେଇ ନ ଥିବା ଜଣାଯାଏ। ଅତୀତରେ ଅଳକା ବଞ୍ଚାଅ ଅଭିଯାନ ଆରମ୍ଭ ହୋଇଥିଲା। କିନ୍ତୁ ତାହା କ୍ରମଶଃ ଦୁର୍ବଳ ହୋଇଯାଇଛି। ଏବେ ପ୍ରଶ୍ନ ଉଠୁଛି ସରକାର ସତରେ ଅଳକା ଉଦ୍ଧାର କରିବେ ନା ପୂର୍ବଭଳି ଯୋଜନା ଶୀତଳ ଭଣ୍ଡାରକୁ ଚାଲିଯିବ।

– ପ୍ରମୋଦ କୁମାର ନାୟକ

# ଅଯୋଗ୍ୟ ହିତାଧିକାରୀଙ୍କ ଟଙ୍କା ଫେରିବ

'କାଳିଆ' ଯୋଜନା

**ଭୁବନେଶ୍ୱର, ୬।୮(ବ୍ୟୁରୋ):** କାଳିଆ ଯୋଜନାରେ ବର୍ତ୍ତମାନ ସୁଦ୍ଧା ୫୧ଲକ୍ଷ ହିତାଧିକାରୀଙ୍କୁ ସରକାର ଅର୍ଥ ପ୍ରଦାନ କରିଛନ୍ତି। ଆଗକୁ ଆଉ ୨୪ ଲକ୍ଷ କ୍ଷୁଦ୍ର, ନାମମାତ୍ର ଏବଂ ଭୂମିହୀନ ଚାଷୀଙ୍କୁ ଏଥିରେ ସାମିଲ କରାଯିବ ବୋଲି ସରକାର କହିଥିଲେ। ଏହି ଯୋଜନାରେ ମୋଟ ୭୫ଲକ୍ଷ ଚାଷୀଙ୍କୁ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। କିନ୍ତୁ ଏହି ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ମଧ୍ୟରୁ ଅଯୋଗ୍ୟଙ୍କୁ ବାଦ୍ ଦେବା ପାଇଁ ସରକାର ବର୍ତ୍ତମାନ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ଏନେଇ ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ବର୍ତ୍ତମାନ ସୁଦ୍ଧା କାଳିଆ ଯୋଜନାରେ ସହାୟତା ରାଶି ପାଇଥିବା ସମସ୍ତ ହିତାଧିକାରୀଙ୍କ ତାଲିକା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଓ ପ୍ରାଥମିକ ସେବା ସମବାୟ ସମିତିରେ ମଙ୍ଗଳବାର ଠାରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପ୍ରଦର୍ଶନ ନିମନ୍ତେ ତାଲିକା ଟଙ୍ଗାଯିବ। ଉକ୍ତ ତାଲିକାରେ ସ୍ଥାନ ପାଇଥିବା ହିତାଧିକାରୀ ଯଦି ନିଜକୁ ଅଯୋଗ୍ୟ ବୋଲି ଅନୁଭବ କରନ୍ତି ତେବେ ସେମାନେ ପଞ୍ଚାୟତସ୍ତରୀୟ ନୋଡାଲ ଅଧିକାରୀଙ୍କୁ ଜଣାଇପାରିବେ। ଏଥିପାଇଁ ଏକ ଫର୍ମ ମଧ୍ୟ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ। ସେମାନେ ଏହାପରେ ପାଇଥିବା କାଳିଆ ଟଙ୍କା ଫେରସ୍ତ କରିପାରିବେ। ସେମାନେ ଯଦି ଚାହାନ୍ତି ତାଙ୍କ ନାଁକୁ ଗୋପନ ରଖାଯିବ। ଏହାସହ ଯଦି କୌଣସି ଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ସାମିଲ ହେବାକୁ ଚାହିଁବେ ସେମାନେ ନିଜ ଅଞ୍ଚଳରେ ଥିବା ସାଧାରଣ ସେବା କେନ୍ଦ୍ର ସହାୟତାରେ ଅନ୍‌ଲାଇନ ଦ୍ୱାରା ଆସନ୍ତା ୧୪ ତାରିଖ ମଧ୍ୟରେ ଦରଖାସ୍ତ ଦେଇପାରିବେ। ଅନ୍ୟପଟେ ଅଯୋଗ୍ୟ ହିତାଧିକାରୀ ଟଙ୍କା ଫେରାଇବା ଲାଗି ସରକାରଙ୍କ ପକ୍ଷରୁ ବ୍ୟାଙ୍କ ଆକାଉଣ୍ଟ ନମ୍ବର ମଧ୍ୟ ଦିଆଯାଇଛି।

ଏନେଇ କୃଷି ସଚିବ ସୌରଭ ଗର୍ଗ କହିଛନ୍ତି, କାଳିଆ ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କ ଟଙ୍କା ଫେରିବ। ଯୋଜନାରେ ଉପକୃତ ହୋଇଥିବା ୫୧ ଲକ୍ଷ ହିତାଧିକାରୀଙ୍କ ନାଁ ୱେବ୍‌ସାଇଟ୍‌ରେ ସାର୍ବଜନୀନ କରାଯାଇଛି। ଏଥିରେ ୩୭ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ରହିଥିବା ବେଳେ ୧୪ଲକ୍ଷ ଭୂମିହୀନ କୃଷିଶ୍ରମିକ ଅଛନ୍ତି। ପ୍ରତ୍ୟେକ ପଞ୍ଚାୟତ କାନ୍ଥରେ ତାଲିକା ଟଙ୍ଗା ଯାଇଛି। ବର୍ତ୍ତମାନ ପଞ୍ଚାୟତସ୍ତରରେ କାଳିଆ ହିତାଧିକାରୀଙ୍କ ତାଲିକା ଯାଞ୍ଚ କରାଯିବ। ଏହାର ଲକ୍ଷ୍ୟ ହେଉଛି ଅଯୋଗ୍ୟ ହିତାଧିକାରୀଙ୍କୁ ଏଥିରୁ ହଟାଇବା। ବର୍ତ୍ତମାନ ଏହି ଯୋଜନାରେ ସାମିଲ ହେବାକୁ ୧କୋଟି ଦରଖାସ୍ତ ଆସିଛି। ଯୋଗ୍ୟ ହିତାଧିକାରୀଙ୍କୁ ଖୋଜିବା ପାଇଁ ପଞ୍ଚାୟତ, ବ୍ଲକ ଏବଂ ଜିଲାସ୍ତରରେ କମିଟି ଗଠନ ହୋଇଛି। ନିଜକୁ ଅଯୋଗ୍ୟ ଭାବୁଥିବା ହିତାଧିକାରୀ ନିଜ ନାଁ ବାଦ୍ ଦେବା ପାଇଁ ଦରଖାସ୍ତ କରିପାରିବେ। ଅନ୍ୟ ଲୋକ ମଧ୍ୟ ଅଯୋଗ୍ୟ ଲୋକ ସମ୍ପର୍କରେ ତଥ୍ୟ ଦେଇପାରିବେ। ଏ ସମ୍ପର୍କରେ ସୂଚନା ଦେଉଥିବା ଲୋକଙ୍କ ନାଁକୁ ଗୋପନ ରଖାଯିବ। ସରକାରଙ୍କ ନିକଟରେ ଥିବା ତଥ୍ୟ ଅନୁଯାୟୀ ଯୋଗ୍ୟ ଓ ଅଯୋଗ୍ୟ ବିବେଚନା କରିବୁ। କିଏ କହିଦେଲେ ହେବ ନାହିଁ। ଆମେ ଯାଞ୍ଚ କରିବା ପରେ ତାଲିକା ପ୍ରସ୍ତୁତ କରିବୁ ବୋଲି ଗର୍ଗ କହିଛନ୍ତି।

ମାତ୍ର ସରକାରଙ୍କ କହିବାନୁଯାୟୀ ଏ ପର୍ଯ୍ୟନ୍ତ ଅଧିକାଂଶ ପଞ୍ଚାୟତ କାର୍ଯ୍ୟାଳୟରେ ତାଲିକା ମରାଯାଇନାହିଁ। ବହୁ ସରପଞ୍ଚ ଏନେଇ ସୂଚନା ମିଳିଥିବା କହୁଥିଲେ ମଧ୍ୟ ତାଲିକା ମରାଯିବା ନେଇ ସିଧାସଳଖ ମନା କରିଦେଇଛନ୍ତି। ତାଲିକାରେ ସାମିଲ ହୋଇ କାଳିଆ ଟଙ୍କା ପାଇଥିବା ହିତାଧିକାରୀଙ୍କ ମଧ୍ୟରେ ଅଯୋଗ୍ୟ ରହିଥିବା ସରକାର ଜାଣିବା ପରେ ଚୟନ କମିଟି ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନେବେ ତାକୁ ନେଇ ପ୍ରଶ୍ନ ଉଠିଛି। କାରଣ ଗତ ବିଧାନସଭା ଅଧିବେଶନ ସମୟରେ ବହୁ ବିଧାୟକ ନିଜ ଅଞ୍ଚଳଗୁଡିକରେ ଗୋଟିଏ ପରିବାରରୁ ଏକାଧିକ ବ୍ୟକ୍ତି କାଳିଆ ଟଙ୍କା ପାଇଥିବା ଅଭିଯୋଗ କରିଥିଲେ।

# ଏନ୍‌କାଉଣ୍ଟର, ମେହେତାବ ଗୁରୁତର

**କେନ୍ଦ୍ରାପଡ଼ା ଅଫିସ, ୬।୮**

ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚମ୍ପଟ ମାରୁଥିବା ଆନ୍ତଃରାଜ୍ୟ ଦୁର୍ଦ୍ଧାନ୍ତ ଅପରାଧୀ ସେକ୍ ମେହେତାବ (୨୩)ଙ୍କୁ କେନ୍ଦ୍ରାପଡ଼ା ପୋଲିସ ସୋମବାର ବିଳମ୍ବିତ ରାତିରେ ଏନ୍‌କାଉଣ୍ଟର କରିଛି। ତାଙ୍କ ୨ ଗୋଡ଼ର ଆଣ୍ଠୁ ଉପରେ ଗୁଳି ବାଜିଛି। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମେହେତାବଙ୍କ ନିକଟରୁ ଗୋଟିଏ ୯ ଏମଏମ୍ ପିସ୍ତଲ, ନମ୍ବର ବିହୀନ ବାଇକ, ୯ ହଜାର ଟଙ୍କା, କିଛି କାଗଜପତ୍ର ଓ ୨ଟି ମୋବାଇଲ ଜବତ ହୋଇଛି। ତାଙ୍କ ନାମରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଥାନାରେ ୩୫ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଏଥିସହ ଗତ ଜୁଲାଇ ୧୩ରେ ସହରର ଜଇପୁରା ଗ୍ରାମରେ ଧର୍ମରକ୍ଷା ସେନାର ଜିଲା ଆବାହକ ବିବେକାନନ୍ଦ ମହାରଣା ଓରଫ ବାବୁଲିଙ୍କୁ ଗୁଳିମାଡ଼ ଘଟଣାର ସେ ମାଷ୍ଟରମାଇଣ୍ଡ ଥିଲେ ବୋଲି କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ, ବାବୁଲିଙ୍କୁ ଜୀବନରୁ ମାରିଦେବା ପାଇଁ ମେହେତାବ ଗ୍ୟାଙ୍ଗଷ୍ଟର ଟିଟୋଙ୍କଠାରୁ ୫ଲକ୍ଷ ଟଙ୍କା ସୁପାରୀ ନେଇଥିଲେ। ଏନେଇ ସୂଚନା ମିଳିବା ପରେ ସେ ଜିଲା ପୋଲିସ ନଜରରେ ଥିଲେ।

ସୋମବାର ରାତି ପ୍ରାୟ ୩ଟା ୧୫ ମିନିଟ୍‌ରେ ମେହେତାବ ପଟ୍ଟାମୁଣ୍ଡାଇରୁ ସହର ଆଡକୁ ଗଣ୍ଡାକିଆ ରାସ୍ତା ଦେଇ ସହଯୋଗୀଙ୍କ ସହ ଆସୁଥିଲେ। ପୂର୍ବରୁ କୌଣସି ସୂତ୍ରରୁ ଖବରପାଇ ସଦର ଥାନା ଅଧିକାରୀ ମହେଶ୍ୱର ସେଠୀ ଓ ଜିଲା ସ୍ପେଶାଲ ସ୍କ୍ୱାଡ୍ ଏସ୍‌ଆଇ ପିକେ କାନୁନଗୋଙ୍କ ନେତୃତ୍ୱରେ ୨ଟି ଟିମ୍ ନିକଟସ୍ଥ ଏରା ଛକରେ ଛକି ରହିଥିଲେ। ପୋଲିସକୁ ଦେଖି ମେହେତାବ ଓ ତାଙ୍କ ସହଯୋଗୀ ଫେରାର ହେବାକୁ ଉଦ୍ୟମ କରି ପଟ୍ଟାମୁଣ୍ଡାଇ ଆଡକୁ ଗାଡ଼ି ବୁଲାଇଥିଲେ। ଏହି ସମୟରେ ସେ ପୋଲିସ ଉପରକୁ ୪ ରାଉଣ୍ଡ ଗୁଳି ଚଳାଇଥିଲେ। ଜବାବ୍‌ରେ ପୋଲିସ ପାଲଟା ଗୁଳି ଚାଳନା କରିଥିଲା। ଏହି ଗୁଳି ମେହେତାବଙ୍କ ୨ ଆଣ୍ଠୁ ଉପରେ ବାଜିବା ପରେ ପୋଲିସ ତାଙ୍କୁ କାବୁ କରି ନେଇଥିଲା। ତେବେ ତାଙ୍କ ସହଯୋଗୀ ଫେରାର ହୋଇଯାଇଥିଲେ। ମେହେତାବଙ୍କ ନାମରେ ବିଭିନ୍ନ ଥାନାରେ ହତ୍ୟାକାଣ୍ଡ, ହତ୍ୟା ଉଦ୍ୟମ, ଦାଦାବଟି ଆଦାୟ, ମାଡ଼ ମାରିବା, ଗାଡ଼ି, ମୋଟର ସାଇକେଲ ଆଦି ଚୋରି ମାମଲା ରହିଛି ବୋଲି ଏସ୍‌ଡିପିଓ ପଣ୍ଡା ସୂଚନା ଦେଇଛନ୍ତି। ଏନେଇ ସଦର ଥାନାରେ ମାମଲା (ନଂ.୧୮୯/୧୯) ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ସେଠୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୦୧୮ ମେରୁ ଅଦ୍ୟାବଧି ୯ଟି ଏନକାଉଣ୍ଟର କରି ଜିଲା ପୋଲିସ ଚର୍ଚ୍ଚାରେ ରହିଛି।



ମେହେତାବଙ୍କୁ ଚିକିତ୍ସା କରାଯାଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଲ ଲଗାଇବ ହାବୁହାବୁକା,**
**ଭାତ ଖାଇବ ଆଗା;**
**ଚିତ୍ ହୋଇ ଶୋଇପଡ଼ିବ,**
**ମାରି ନେଉଥିବ ଜାଗା।**

ବହୁ ଲୋକଙ୍କ ମେଳରେ ରହୁଥିବା ବ୍ୟକ୍ତି ଗାଧୋଇବା, ଖାଇବା ତଥା ଶୋଇବାରେ ଯଥାସମ୍ଭବ ଚଞ୍ଚଳତା ଦେଖାଇଛନ୍ତି। କାରଣ ଏପରି ନ ହେଲେ କାଳେ ପଛରେ ରହିଗଲେ ସୁବିଧା ସୁଯୋଗ ହାତଛଡ଼ା ହୋଇଯିବ ସେହି ଆଶଙ୍କାରେ ଆଗତୁରା ନିଜ ନିଜର କାର୍ଯ୍ୟ କରାଇ ନେବାକୁ ଉଚିତ ମଣିଥାନ୍ତି। ସୁବିଧାବାଦୀ ବ୍ୟକ୍ତିଙ୍କଠାରେ ଏପରି ପ୍ରବୃତ୍ତି ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ତଳେ ତଳେ ଯାଏ ତଳ ଗଡ଼ିଶା**
**ସମ୍ଭି ମରୁଥାଇ ସାଇପଡ଼ିଶା।**

ଧୂର୍ତ୍ତ ପ୍ରକୃତିର ବ୍ୟକ୍ତିଙ୍କ କାର୍ଯ୍ୟକଳାପକୁ କେହି ସହଜରେ ଜାଣିପାରି ନ ଥାନ୍ତି। ଏପରି କଳକୌଶଳ ବା ଖଞ୍ଜରେ କାମ କରନ୍ତି ଯେ ତା'ର ଟେର୍ କେହି ବି ପାଇ ପାରି ନ ଥାନ୍ତି। ଅତ୍ୟନ୍ତ ହୁସିଆରରେ ବା ଲୁଚାଛପାରେ ନିଜର ଈପ୍ସିତ କାର୍ଯ୍ୟ ହାସଲ କରିନେବାରେ ସେମାନେ ସିଦ୍ଧହସ୍ତ ହୋଇଥାନ୍ତି। ଲୋକଲୋଚନରେ ଏପରି ବ୍ୟକ୍ତି ନିନ୍ଦିତ ହେବା ଥୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଆଜି ବନକଲାଗି

# ୪ ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ

**ପୁରୀ ଅଫିସ, ୬।୮:** ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଅପରାହ୍ନ ପ୍ରାୟ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ୪ଘଣ୍ଟା ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ନାହିଁ ବୋଲି ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ତାଙ୍କ ସୂଚନା ମୁତାବକ, ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଶ୍ରୀମନ୍ଦିର ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି।

# ଲାଗୁ ହେବ ଇ-ଅବକାରୀ ବ୍ୟବସ୍ଥା

**ଭୁବନେଶ୍ୱର,୬।୮(ବ୍ୟୁରୋ):** ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ଇ-ଅବକାରୀ ବ୍ୟବସ୍ଥା ଲାଗୁ ହେବାକୁ ଯାଉଛି। ମଙ୍ଗଳବାର ବିଭାଗୀୟ ସଚିବ ସୁଶୀଲ କୁମାର ଲୋହାନୀଙ୍କ ଅଧକ୍ଷତାରେ ବସିଥିବା ବୈଠକରୁ ଏହା ଜଣାପଡିଛି। ଏହି ସମସ୍ତ ପ୍ରକ୍ରିୟାକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ୧୧ କୋଟି ଟଙ୍କାର ଅନୁଦାନ ବ୍ୟବସ୍ଥା ମଧ କରାଯାଇଛି। ଇ-ଅବକାରୀ ପ୍ରକ୍ରିୟା ପାଇଁ ଆବଶ୍ୟକ ସଫ୍ଟୱେର, ହାର୍ଡୱେର ଏବଂ ବୈଷୟିକ ଦିଗରେ ଏହି ଅନୁଦାନ ଖର୍ଚ୍ଚ କରାଯିବ। ରାଜ୍ୟରେ ବେଆଇନ ମଦ କାରବାର ଏବଂ ଲାଇସେନ୍ସ ବଣ୍ଟନ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ଏହି ବ୍ୟବସ୍ଥା କରାଯାଉଥିବା କୁହାଯାଉଛି। ଇ-ଅବକାରୀ ବ୍ୟବସ୍ଥା ଦ୍ୱାରା ବିଭାଗୀୟ ଅଧିକାରୀ, ଲାଇସେନ୍ସ ପ୍ରଦାନକାରୀ ସଂସ୍ଥା ଓ ବିଭାଗ ସହ ଜଡିତ ବ୍ୟକ୍ତିବିଶେଷ ଏକୀକୃତ ହୋଇ ରହିବେ। HTTPS://WWW.STATEEXCISE.ODISHA.GOV.IN ୱେବସାଇଟ୍ ଦ୍ୱାରା ଇ-ଅବକାରୀ ବ୍ୟବସ୍ଥାକୁ ପ୍ରଚଳନ କରାଯିବ। ପ୍ରାୟ ୧୮୫୦ରୁ ଅଧିକ ଲେବଲ ରେଜିଷ୍ଟ୍ରେସନ ଏବଂ ଲାଇସେନ୍ସ ନବୀକରଣ ଗତ ଜୁଲାଇ ଶେଷ ସୁଦ୍ଧା ସମାପ୍ତ ହୋଇଥିବା ଜଣାପଡିଛି।


## CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ–1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
B-36/7, A-Block, Vijay Enclave, Burari, New Delhi-74

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଋଣ ଧମାକା
ଆଧାର କାର୍ଡ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348274623
8227843135

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାଡଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09517415755
09598246628

ପ୍ରାଇଭେଟ୍ କମ୍ପାନୀ ପ୍ରତି ସାବଧାନ
GRAMIN FINANCE
ଦ୍ୱାରା ସବୁ ପ୍ରକାର ଋଣ ନିଅନ୍ତୁ କମ୍ ସୁଧ + Subsidy, No File Charge, No Guarantor, Only Bank fees -
ଏ ସବୁକିଛି ଋଣ ମଞ୍ଜୁର ହେବା ପରେ
Miss Call Alert:
09610759333
S/O Durvijay Singh, 549/328, Shanti Nagar, Vakola, Santacruz, Mumbai- 400055

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

See Color Display Classified on every Tuesday & Friday

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପ୍ରତ୍ୟେକ ମହତ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡ଼େ।
- ବ୍ୟାସକବି ଫକୀରମୋହନ ସେନାପତି

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଆଲୋଚନାଚକ୍ର, ଭଗବତୀ ଭବନ, ସିପିଆଇ ଅଫିସ, ପୂର୍ବାହ୍ନ ୧୦ଟା ୩୦।
- କୃଷି ଓ ଖାଦ୍ୟ ଉତ୍ପାଦନ ବିଭାଗ ପକ୍ଷରୁ ଦ୍ୱିଦିବସୀୟ କର୍ମଶାଳା, କୃଷି ଭବନ, ମଧାହ୍ନ ୧୨ଟା।
- ମାଇ ସିଟି ଲିଙ୍କ୍ସ ପକ୍ଷରୁ ଦ୍ୱିତୀୟ ମାଇ ସିଟି ଆୱାର୍ଡସ୍, ହୋଟେଲ ସ୍ୱସ୍ତି ପ୍ରିମିୟମ, ସନ୍ଧ୍ୟା ୬ଟା ୩୦।

## ୧୦ରୁ ଆଇଟି ମନ୍ଥନ

**ଭୁବନେଶ୍ୱର,୬-୮:** ଇନ୍‌ଫର୍ମେଶନ ଟେକ୍ନୋଲୋଜି ଆସୋସିଏଶନ ଅଫ୍ ଓଡିଶା (ଇଟାଓ) ଚଳିତ ମାସ ୧୦ ଏବଂ ୧୧ ତାରିଖରେ ସ୍ୱସ୍ତି ଚିଲିକା ରିସର୍ଟଠାରେ ଆଇଟି ମନ୍ଥନ ଅନୁଷ୍ଠିତ ହେବ। ସାରା ରାଜ୍ୟର ଆଇଟି ଡିଲରମାନେ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ବ୍ୟବସାୟ କ୍ଷେତ୍ରରେ ରହିଥିବା ସୁବିଧା ସୁଯୋଗ, ଅସୁବିଧା ଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ କମ୍ପାନୀର ପ୍ରଡକ୍ଟ ଏବଂ ସେବା ସମ୍ପର୍କରେ ଡିଲରମାନେ ଜାଣିବା ଦ୍ୱାରା ବ୍ୟବସାୟ ଅଭିବୃଦ୍ଧି ଦିଗରେ ଏହା କାର୍ଯ୍ୟ କରିବ ବୋଲି ଏଠାରେ ଏକ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି। ଏହି ଅବସରରେ ସଭାପତି ଶ୍ରୀନିବାସ ତ୍ରିପାଠୀ, ଉପସଭାପତି ପ୍ରକାଶ ଚନ୍ଦ୍ର ରାୟ, କାର୍ଯ୍ୟନିର୍ବାହୀ ସଦସ୍ୟ ରାଜେଶ କୁମାର ନନ୍ଦ, ସମ୍ପାଦକ ରାକେଶ ମହାପାତ୍ର, କୋଷାଧକ୍ଷ ଆଲୋକ କୁମାର ମହାନ୍ତି, କାର୍ଯ୍ୟନିର୍ବାହୀ ସଦସ୍ୟ ବ୍ରହ୍ମ ପ୍ରକାଶ ମିଶ୍ର କହିଛନ୍ତି।

## ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୩କୋଟି ଟଙ୍କା ସହାୟତା

**ଭୁବନେଶ୍ୱର, ୬।୮ (ବ୍ୟୁରୋ):** ବାତ୍ୟା ଫନୀ ଦୁର୍ଗତଙ୍କ ସହାୟତା ଏବଂ ପୁନରୁଦ୍ଧାର ପାଇଁ ମଙ୍ଗଳବାର କେତୋଟି ସଂସ୍ଥା ଏବଂ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ ଦିଆଯାଇଛି। ନିୟୁ ଇଣ୍ଡିଆ ଆସ୍ୟୁରାନ୍ସ କୋ ଲିମିଟେଡ ପକ୍ଷରୁ ୩ କୋଟି, ଅଲ୍ ଇଣ୍ଡିଆ ୟୁନିୟନ ବ୍ୟାଙ୍କ ଅଫିସର୍ସ ଫେଡେରେଶନ ପକ୍ଷରୁ ୩୬ ହଜାର, ଇଣ୍ଡେନ ଗ୍ୟାସ୍ ଡିଷ୍ଟ୍ରିବ୍ୟୁଟର୍ସ ଅଫ ଇଣ୍ଡିଆ ପକ୍ଷରୁ ୨ଲକ୍ଷ ୫୫ ହଜାର, ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରର ଭୁବନେଶ୍ୱର କର୍ମଚାରୀଙ୍କ ପକ୍ଷରୁ ୨ଲକ୍ଷ ୩୭ ହଜାର ଏବଂ ଘାନା ଭାରତୀୟ ସଂଘ ପକ୍ଷରୁ ୫୬ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହିପରି ବିଭିନ୍ନ ସଂସ୍ଥା ପକ୍ଷରୁ ମୋଟ ୩ କୋଟି ୯ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଛି। ସହାୟତା ପ୍ରଦାନ କରିଥିବା ସଂସ୍ଥାଗୁଡିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଦୁଇ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୬।୮ (ବ୍ୟୁରୋ):** ଆସନ୍ତା ଅଗଷ୍ଟ ୯ ତାରିଖରେ ଭାରତଛାଡ ଆନ୍ଦୋଳନର ପୂର୍ତ୍ତି ଅବସରରେ ରାଷ୍ଟ୍ରପତିଙ୍କ ଆଟ୍ ହୋମ ଉତ୍ସବରେ ଓଡିଶାର ଦୁଇଜଣ ସ୍ୱାଧୀନତା ସଂଗ୍ରାମୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେମାନେ ହେଲେ ନୟାଗଡ ଜିଲାର ସହଦେବ ବେହେରା ଏବଂ ଯାଜପୁରର ନୀଳମଣି ସାମଲ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଭୟଙ୍କୁ ସଚିବାଳୟ ଠାରେ ଶାଲ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ଅର୍ଥ ସଚିବ ଉପସ୍ଥିତ ଥିଲେ। ବୁଧବାର ବିମାନଯୋଗେ ସେମାନେ ନୂଆଦିଲ୍ଲୀ ଗସ୍ତ କରିବେ। ସେମାନଙ୍କ ସହ ଦୁଇଜଣ ସରକାରୀ ଅଧିକାରୀ ମଧ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। ନୟାଗଡ ଜିଲା କଣ୍ଟିଲୋଠାରେ ୧୯୨୩ରେ ଜନ୍ମଗ୍ରହଣ କରିଥିବା ସହଦେବ ବେହେରା ୧୯୩୮ରେ ଦେଶୀୟ ରାଜାଙ୍କ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ୧୯୪୨ରେ ସେ ଭାରତ ଛାଡ ଆନ୍ଦୋଳନରେ ଯୋଗ ଦେଇଥିଲେ। ନୀଳମଣି ସାମଲ ଯାଜପୁର ଜିଲାର ବାଲିପଡିଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ୧୯୪୨ ଭାରତ ଛାଡ ଆନ୍ଦୋଳନରେ ସେ ସାମିଲ ହୋଇଥିଲେ।

### ଆଜି ଜାତୀୟ ହସ୍ତତନ୍ତ ଦିବସ

# ଅନ୍ତର୍ଜାତୀୟ ବଜାରରେ ବଢୁଛି ଓଡ଼ିଶା ହସ୍ତତନ୍ତର ଚାହିଦା

**ଭୁବନେଶ୍ୱର, ୬।୮ (ବ୍ୟୁରୋ)**

ଫେରୁଛି ହସ୍ତତନ୍ତର ଲୋକପ୍ରିୟତା। ପୁଣିଥରେ ଆଦୃତ ହେଉଛି ଭାରତର ପାରମ୍ପରିକ ହସ୍ତତନ୍ତ। କେବଳ ବୟସ୍କ ନୁହଁନ୍ତି, ବର୍ତ୍ତମାନର ଯୁବପିଢୀମାନେ ହସ୍ତତନ୍ତ ପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତକୁ ଆଧୁନିକ ଡିଜାଇନ୍ ଓ ନୂତନ ରଙ୍ଗରେ ପ୍ରସ୍ତୁତ କରାଯିବା ପରେ ତାହାର ଚାହିଦା ବଜାରରେ ବଢୁଛି। ଭାରତର ବିଭିନ୍ନ ପ୍ରାନ୍ତରେ ଥିବା ପାରମ୍ପରିକ ହସ୍ତତନ୍ତ ଆଧୁନିକ ଫ୍ୟାଶନର ଏକ ପ୍ରମୁଖ ଅଂଶଭାବେ ପରିଗଣିତ ହେଉଛି। ଏପଟେ ଉତ୍କୃଷ୍ଟ ଓ ସୂକ୍ଷ୍ମ କାରିଗରୀରେ ପ୍ରସ୍ତୁତ ଓଡ଼ିଶା ହସ୍ତତନ୍ତର ଚାହିଦା ଅନ୍ତର୍ଜାତୀୟ ବଜାରରେ ବଢୁଛି। ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ତଥ୍ୟ ମୁତାବକ ଗତ ୪ବର୍ଷ ମଧ୍ୟରେ ଓଡ଼ିଶାର ହସ୍ତତନ୍ତ ଦେଶ ତଥା ବିଦେଶରେ ଆଦୃତ ଲାଭ କରିଛି। ଜାତୀୟ ତଥା ଅନ୍ତର୍ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଓ ଟ୍ରେଡ୍ ଶୋ' ଆଦିରେ ଓଡ଼ିଶା ବସ୍ତ୍ରର ଚାହିଦା ଦେଖିବାକୁ ମିଳୁଛି। ବିଭିନ୍ନ ଫ୍ୟାଶନ ଶୋ'ରେ ପାଶ୍ଚାତ୍ୟ ପୋଷାକ ସହ ଓଡ଼ିଶା ହ୍ୟାଣ୍ଡଲୁମ୍‌ର ଫ୍ୟୁଜନ କରାଯାଇ ପ୍ରଦର୍ଶିତ ହେଉଛି।

## ଆମାଜନ୍‌ରେ ସମ୍ବଲପୁରୀକୁ ସ୍ୱତନ୍ତ୍ରସ୍ଥାନ

ଇ-ମାର୍କେଟିଂ କ୍ଷେତ୍ରରେ ଧୀରେ ଧୀରେ ଆଗକୁ ବଢୁଥିବା ଓଡ଼ିଶା ଅନ୍‌ଲାଇନ୍‌ରେ ନିଜର ବ୍ୟବସାୟକୁ ବ୍ୟାପକ କରିଛି। ଏକାଧିକ ଇ-କମର୍ସ ପ୍ଲାଟଫର୍ମରେ ଓଡ଼ିଶା ହସ୍ତଶିଳ୍ପ ଓ ହସ୍ତତନ୍ତର ଅନ୍‌ଲାଇନ୍ ବିକ୍ରିବଟା ହେଉଥିବା ଦେଖିବାକୁ ମିଳୁଛି। ସମ୍ବଲପୁରୀ ବସ୍ତ୍ରାଳୟ ସହ ବୟନିକା ଏବଂ ଉତ୍କଳିକା ଇ-ମାର୍କେଟିଂ କ୍ଷେତ୍ରରେ ବିଶେଷ ସଫଳତା ପାଇଛନ୍ତି। 'ଫ୍ୟାବ୍ ଇଣ୍ଡିଆ' ସହ 'କୁଭ୍‌ସ', 'ଫ୍ଲିପ୍‌କାର୍ଟ', 'ଆମାଜନ୍', କ୍ରାଫ୍ଟଲୀ ଓ 'ଠୁମ୍‌ରୀ' ଭଳି ଅନ୍‌ଲାଇନ ପ୍ଲାଟଫର୍ମରେ ଓଡ଼ିଶା ହସ୍ତଶିଳ୍ପ ଓ ହସ୍ତତନ୍ତର ଚାହିଦା ରହିଛି। ସମ୍ବଲପୁରୀ, ଇକ୍କତ୍, ପସାପାଲି, ଟସର ସିଲ୍କ ଭଳି ହସ୍ତତନ୍ତର ଚାହିଦା ବିଶ୍ୱ ବଜାରରେ ବଢିଛି। ଏଭଳିସ୍ଥଳେ ଜାତୀୟ ହସ୍ତତନ୍ତ ଦିବସ ଉପଲକ୍ଷେ ବିଶ୍ୱର ଅନ୍ୟତମ ଲୋକପ୍ରିୟ ଇ-ମାର୍କେଟିଂ ପ୍ଲାଟ୍‌ଫର୍ମ 'ଆମାଜନ୍' ପକ୍ଷରୁ ଆରମ୍ଭ ହୋଇଥିବା 'କାରିଗର୍ ଷ୍ଟୋର୍'ରେ ସମ୍ବଲପୁରୀ ବସ୍ତ୍ରକୁ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଛି। ଭାରତର ୨୦ଟି ରାଜ୍ୟର ୨୭୦ଟି ବିରଳ କଳା ଓ କଳାକୃତିକୁ ନେଇ ଆରମ୍ଭ ହୋଇଥିବା 'ଆମାଜନ୍ କାରିଗର'ରେ ଆର୍ଷଣୀୟ ସମ୍ବଲପୁରୀ ଇକ୍କତ ଶାଢୀ ଦେଖିବାକୁ ମିଳୁଛି। ନୂଆ ନୂଆ ରଙ୍ଗ ଓ ଆକର୍ଷଣୀୟ ଡିଜାଇନ୍‌ରେ ଉପଲବ୍ଧ ନୂଆପାଟଣା ଶାଢୀ, ସମ୍ବଲପୁରୀ ଶାଢୀ, ସମ୍ବଲପୁରୀ ସାଲୱାର ସୁଟ୍, ଇକ୍କତ ଟାଇ ଆଣ୍ଡ୍ ଡାଇ ଶାଢୀ, ସମ୍ବଲପୁରୀ ସିଲ୍କ, ବୋମକାଇ ପାଟ ଆଦିକୁ ଏହି ଇ-କମର୍ସ ପ୍ଲାଟଫର୍ମର ସ୍ୱତନ୍ତ୍ର ସେଗ୍‌ମେଣ୍ଟରେ ସ୍ଥାନିତ କରାଯାଇଛି। ଏହାସହ ହସ୍ତତନ୍ତ ବିକ୍ରିବଟା ପାଇଁ ୧୩ଟି ରାଜ୍ୟର ସରକାରୀ ସଂସ୍ଥା ସହ ଚୁକ୍ତି କରିଥିବା ଆମାଜନ୍ ଓଡ଼ିଶାର 'ବୟନିକା' ସହ ଯୋଡ଼ିହୋଇଛି। ଫଳରେ ଆମାଜନ୍ ମାଧ୍ୟମରେ ବୟନିକାର ଏକାଧିକ ଡିଜାଇନ୍ ଏବେ ଜଣେ ଘରେବସି କିଣିପାରିବ।

ଅନ୍ୟପକ୍ଷରେ ଇ-ମାର୍କେଟିଂ ପଲିସି ହସ୍ତତନ୍ତ ଓ ହସ୍ତଶିଳ୍ପ ଇଣ୍ଡଷ୍ଟ୍ରୀକୁ ସୁହାଉ ନ ଥିବାରୁ ଏହା ଅନ୍‌ଲାଇନ୍ ବିକ୍ରିରେ ସମସ୍ୟା ସୃଷ୍ଟିକରୁଛି। ଗୋଟିଏ ଗୋଟିଏ ଶାଢୀ ପ୍ରସ୍ତୁତ କରିବାକୁ ପାରମ୍ପରିକ ପଦ୍ଧତିରେ ପ୍ରାୟ ଏକମାସ ସମୟ ଲାଗିଯାଉଥିବା ବେଳେ ଗ୍ରାହକଙ୍କ ଚାହିଦା ପୂରଣ କରିବା କଷ୍ଟକର ହୋଇପଡୁଛି। ଇ-ମାର୍କେଟିଂ ପାଇଁ ଗୋଟିଏ ଶାଢୀର ଏକାଧିକ କପି ଆବଶ୍ୟକ ହେଉଥିବା ବେଳେ ପାରମ୍ପରିକ ପ୍ରଣାଳୀରେ ତାହା ପ୍ରସ୍ତୁତି କରିବା ବୁଣାକାରଙ୍କ ପାଇଁ ଅସମ୍ଭବ ହୋଇପଡୁଛି। ଏଭଳିସ୍ଥଳେ ରାଜ୍ୟ ସରକାର ଇ-ମାର୍କେଟିଂ ବିକାଶ ଉପରେ ସ୍ୱତନ୍ତ୍ରଭାବେ ଫୋକସ୍ କରିବା ସହ ଅତ୍ୟାଧୁନିକ ପଦ୍ଧତିର ବ୍ୟବହାର ପାଇଁ କାରିଗରଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବାକୁ ଦାବି ହୋଇଛି।

# ହିରୋଶିମା ଦିବସରେ ଶାନ୍ତିର ବାର୍ତ୍ତା

**ପୁରୀ ଅଫିସ, ୬।୮**

'ଇଣ୍ଟିଗ୍ରେଟର ଆସୋସିଏଶନ ଫର୍ ଦ ଫ୍ୟୁଚର ଅଫ୍ ହ୍ୟୁମାନିଟି' (ଆଇଏଏଫ୍ଏଚ୍) ପକ୍ଷରୁ ସ୍ଥାନୀୟ ଷ୍ଟେଶନରୋଡ଼ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ମଙ୍ଗଳବାର ହିରୋଶିମା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦିକା ଅଧ୍ୟାପିକା ଅଳକାନନ୍ଦା ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶ୍ରୀମନ୍ଦିର ପ୍ରଶାସକ (ରାଜସ୍ୱ) ମଧୁସୂଦନ ଦାସ ଯୋଗଦେଇ ଲାଲ୍ ବାହାଦୁର ଶାସ୍ତ୍ରୀ, ଆବ୍ରାହମ ଲିଙ୍କନ ପ୍ରମୁଖଙ୍କ ଉଦାହରଣ ଦେଇ ନିଷ୍ଠା ଓ ସେବା ମନୋଭାବ ରଖି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସୁରେନ୍ଦ୍ର ମହାନ୍ତି ହିରୋଶିମା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଅଗଷ୍ଟ ୬ରେ ହିରୋଶିମାରେ ହୋଇଥିବା ଆକ୍ରମଣ ବିଭୀଷିକାର କେତେ ଭୟାନକ ଥିଲା ତାହା ଶାନ୍ତି ପାର୍କରୁ ଜଣାପଡ଼େ। ମନୁଷ୍ୟ ନିଜ ଗର୍ବ ଅହଙ୍କାରକୁ ତ୍ୟାଗ କରି ସମାଜ କଲ୍ୟାଣ ଦିଗରେ ଆଗେଇଲେ ରାଷ୍ଟ୍ରର ବିକାଶ ସମ୍ଭବ ହେବ। ସମ୍ମାନିତ ଅତିଥି ଭାବେ ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ବିଜୟ ଦାସ ଯୋଗଦେଇ କହିଥିଲେ, ମନୁଷ୍ୟ ନିଜ ଭୋଗବିଳାସ ଲାଗି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନଷ୍ଟ କରୁଛି। ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ କବି ଶରତ ସାହୁ ଶାନ୍ତି ଉପରେ କବିତା ପାଠ କରିଥିଲେ। ଅନୁଷ୍ଠାନର ସହସମ୍ପାଦକ ହେକ୍ଟେର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦେବୀ ପ୍ରସନ୍ନ ନନ୍ଦ, ରବି ସାହୁ, ବ୍ୟୋମକେଶ ପ୍ରସାଦ, ବ୍ରହ୍ମାନନ୍ଦ ସାହୁ, ଝୁଙ୍କୁନି ବଡଜେନା, ମାୟାଧର ମହାରଣା, ଅବିନାଶ ଜେନାଙ୍କ ସମେତ ବହୁ ବୁଦ୍ଧିଜୀବୀ ଏବଂ ବୁଦ୍ଧପ୍ରେମୀ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ଶାନ୍ତିର କପୋତ ଉଡ଼ାଇଥିଲେ। ପରେ ବୁଦ୍ଧ ମନ୍ଦିର ପରିସରରୁ ଏକ ଶୋଭାଯାତ୍ରା ବାହାରି ଶାନ୍ତିର ବାର୍ତ୍ତା ଦେଇ ଜିଲା ସ୍କୁଲ ପର୍ଯ୍ୟନ୍ତ ଯାଇଥିଲା।



## ସି.ଭି. ରମଣ ଛାତ୍ରୀଛାତ୍ରଙ୍କ ସଫଳତା



**ଭୁବନେଶ୍ୱର,୬-୮**

ପଣ୍ଡିଚେରୀଠାରେ ଅନୁଷ୍ଠିତ ଜାତୀୟ ସାଇବର ସିକ୍ୟୁରିଟି ହାକାଥନରେ ସି.ଭି. ରମଣ କଲେଜ ଅଫ୍ ଇଞ୍ଜିନିୟରିଂର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଜାତୀୟ ସାଇବର ସିକ୍ୟୁରିଟି ଷ୍ଟାଣ୍ଡାର୍ଡ ଅନୁଷ୍ଠାନ ଏବଂ ଏସ୍ଏମ୍‌ଭିଇ କଲେଜର ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କଲେଜର ମୋଟ ୯ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେଥିମଧ୍ୟରୁ କମ୍ପ୍ୟୁଟର ସାଇନ୍ସ ବିଭାଗ ତୃତୀୟ ବର୍ଷ ଛାତ୍ର ରୀତିକ ରାଜ ଓ ଦେବବ୍ରତ ବର ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ସଫଳତା ଲାଗି କଲେଜର ଚେୟାରମ୍ୟାନ ସଞ୍ଜୀବ କୁମାର ରାଉତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଆନ୍ତର୍ଜାତିକ ଗ୍ରୀନ୍ ୱାକାଥନ ଲୋଗୋ ଉନ୍ମୋଚିତ



**ବୃକ୍ଷ ଉପରେ ଆମର ସ୍ଥିତି ନିର୍ଭରଶୀଳ: ରାଜ୍ୟପାଳ**

**ଭୁବନେଶ୍ୱର, ୬।୮ (ବ୍ୟୁରୋ)**

ପ୍ରେରଣା ଓ ସ୍ମାଇଲ୍ ପ୍ଲିଜ୍‌ର ମିଳିତ ସହଯୋଗରେ ଆସନ୍ତା ୧୧ ତାରିଖରେ ଖୋର୍ଦ୍ଧା ଜିଲା ରାମେଶ୍ୱରଠାରେ ଆନ୍ତର୍ଜାତିକ ଗ୍ରୀନ୍ ୱାକାଥନ ଅନୁଷ୍ଠିତ ହେବ। ଏହି ୱାକାଥନର ଲୋଗୋ ମଙ୍ଗଳବାର ଉନ୍ମୋଚିତ ହୋଇଛି। ରାଜଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହାକୁ ଉନ୍ମୋଚନ କରି କହିଲେ, ଆମର ସ୍ଥିତି ବୃକ୍ଷ ଉପରେ ନିର୍ଭରଶୀଳ। ବୃକ୍ଷକୁ ନେଇ ଆମର ସଂସ୍କୃତି, ପରମ୍ପରା ଓ ଅଧ୍ୟାତ୍ମ ଦର୍ଶନ ତିଷ୍ଠି ରହିଛି। ବ୍ୟାପକ ବୃକ୍ଷରୋପଣ ଓ ତା'ର ଯତ୍ନ କରିବାକୁ ରାଜ୍ୟପାଳ ପ୍ରଫେସର ଲାଲ ପରାମର୍ଶ ଦେଇଛନ୍ତି।

ପ୍ରେରଣା ଅଧ୍ୟକ୍ଷ ଦିଲୀପ ଶ୍ରୀଚନ୍ଦନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଲେ, ବର୍ତ୍ତମାନ ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ତଥା ଉତ୍ତାପ ବୃଦ୍ଧିଜନିତ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ତେଣୁ ବ୍ୟାପକ ବୃକ୍ଷରୋପଣ ଓ ଜଙ୍ଗଲ ସୁରକ୍ଷା ତଥା ସୁସ୍ଥ ପରିବେଶ ସୁସ୍ଥ ଜୀବନ ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ଏହି ୱାକାଥନ ଆୟୋଜନ କରାଯାଇଛି। ଏଥିରେ ଦେଶ, ବିଦେଶ ତଥା ରାଜ୍ୟରୁ ଏକ ହଜାରରୁ ଅଧିକ ପ୍ରତିନିଧି ଯୋଗଦେବେ। ଜନପ୍ରତିନିଧି, ସାହିତ୍ୟିକ, ସାମାଜିକ କର୍ମୀ, ଅଭିନେତ୍ରୀ-ଅଭିନେତା, କଣ୍ଠଶିଳ୍ପୀ, ଚିତ୍ରଶିଳ୍ପୀ ପ୍ରମୁଖ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ସାମିଲ ହେବେ। ଏହି ଲୋଗୋ ଉନ୍ମୋଚନ ଉତ୍ସବରେ ଓଡ଼ିଶା ବୀର ମହାସଂଘ ସଭାପତି ପ୍ରକାଶ ଶ୍ରୀଚନ୍ଦନ, ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଅଧ୍ୟାପିକା ଅନୁପମା ଚମ୍ପତିରାୟ, ଅଭିନେତା ସବ୍ୟସାଚୀ ମିଶ୍ର, ସ୍ମାଇଲ ପ୍ଲିଜ୍ ସମ୍ପାଦକ ରୁଷି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ମଙ୍ଗଳବାର ଭୁବନେଶ୍ୱରରେ ହୋଇଥିବା ପ୍ରବଳ ବର୍ଷାରେ ରସୁଲଗଡ଼ ନିକଟ ବମିଖାଲ ରାସ୍ତାରେ ବର୍ଷାଜଳ ଲହଡ଼ି ମାରୁଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଲିପ୍ସା



ରାହୁଲ



ଜିତୁ



ରାକେଶ



ପ୍ରକାଶ



ସାକଲିନ୍



ରମାକାନ୍ତ



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
-ବ୍ୟାସଦେବ



## ସଂକ୍ଷେପରେ

### ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କଟକ ରୋଡ,୬।୮ (ଡି.ଏନ୍.ଏ):** ଲକ୍ଷ୍ମୀସାଗର ଥାନା ଅଧୀନ ହଠାତ୍ କଲୋନୀ ନିକଟ ରେଳଧାରଣାରୁ ମଙ୍ଗଳବାର ଭୁବନେଶ୍ୱର ଜିଆରପି ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳି ପାରି ନାହିଁ। ପୂର୍ବାହ୍ନ ପ୍ରାୟ ୧୧ଟା ରେ ରେଳଧାରଣାରେ ଏକ ମୃତଦେହ ଖଣ୍ଡ ବିଖଣ୍ଡିତ ଅବସ୍ଥାରେ ପଡିଥିବା ନେଇ ଜିଆରପି ପୋଲିସକୁ ସୂଚନା ମଳିଥିଲା। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଚଳନ୍ତା ଟ୍ରେନ ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ. ୬୩/୧୯)ରୁଜୁ ହୋଇଥିବା ବେଳେ ମୃତଦେହକୁ ସଂରକ୍ଷିତ ଗୃହରେ ରଖାଯାଇଛି।

### ଅପହୃତା ନାବାଳିକାଙ୍କୁ ସେଲଟର ହୋମରେ ଦେଖା କରିବାକୁ ମନା

**ପୁରୁଣା ଭୁବନେଶ୍ୱର, ୬।୮ (ଡି.ଏନ.ଏ.):** ଭୀମଟାଙ୍ଗିରୁ ଦେଢ଼ମାସ ତଳେ ଅପହରଣ ହୋଇଥିବା ନାବାଳିକାଙ୍କୁ ଏୟାର ଫିଲ୍ଡ ଥାନା ପୋଲିସ ଦେଢ଼ମାସ ପରେ ଉଦ୍ଧାର କରିଥିଲା। ଘଟଣାର କୋର୍ଟଙ୍କ ନିକଟରେ ୧୬୪ ଧାରା ବୟାନ ରେକର୍ଡ଼ କରାଯିବା ପରେ ନାବାଳିକାଙ୍କୁ ସେଲଟର ହୋମରେ ରଖାଯାଇଛି। ଇତିମଧ୍ୟରେ ୭ ଦିନ ଗଡ଼ିଯାଇଛି। ହେଲେ ସେଲଟର ହୋମରେ ନିଜ ଝିଅକୁ ମା’ ଓ ବାପା ଦେଖା କରିବାକୁ ଲାଗିଛି ପ୍ରତିବନ୍ଧକ। ଏହି ଅପହରଣରେ ଏକ ଦଳୀୟ ଏବଂ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରଭାବରେ ପୋଲିସ ଏବଂ ଅନ୍ୟ ଅଧିକାରୀମାନେ ପ୍ରଚ୍ଛଦ ପଟରେ ରହିଛନ୍ତି। ଆସନ୍ତା ୨୩ ତାରିଖରେ ନାବାଳିକାଙ୍କ ବୟସ ପୂରି ଯାଉଥିବାରୁ ଗିରଫ ଯୁବକଙ୍କ ସହ ବିବାହ କରାଯିବାକୁ ଯୋଜନା କରାଯାଇଥିବା ତାଙ୍କ ମା’ କହିଛନ୍ତି। ଏ ନେଇ ଚାଇଲ୍ଡ ଲାଇନ ଅଧ୍ୟକ୍ଷ ଡ଼. ବେଣୁଧର ସେନାପତିଙ୍କୁ ପଚାରିବାରେ ଜେଲ ଗେଟ୍ ନିକଟରେ ଦେଖା କରିବା ସେମିତି ଅସୁବିଧା ନାହିଁ।

### ଷ୍ଟୋରକିପରଙ୍କ ଅସ୍ୱାଭାବିକ ମୃତ୍ୟୁ

**ପୁରୁଣା ଭୁବନେଶ୍ୱର, ୬।୮ (ଡି.ଏନ.ଏ.):** ଧଉଳି ଥାନ ଅଧୀନ ଶିଶୁପାଳଗଡ଼ଠାରେ ଥିବା ଏକ ଘରୋଇ କଲେଜର ଷ୍ଟୋର କିପର ଭାବେ କାମ କରୁଥିବା ଜଣେ ବ୍ୟକ୍ତିଙ୍କ ମଙ୍ଗଳବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ହେଲେ ଅରୁଣ କୁମାର ମାର୍ଥା। ପୋଲିସ ସୂଚନାମୁତାବକ ମଙ୍ଗଳବାର ଅରୁଣଙ୍କ ଶରୀର ଅସୁସ୍ଥ ହୋଇଯିବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ସ୍ଥାନୀୟ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରିବା ସହ ନଂ. ୧୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ମୃତଦେହ ଉଦ୍ଧାର

**କଟକ ରୋଡ,୬।୮ (ଡି.ଏନ୍.ଏ):** ଲକ୍ଷ୍ମୀସାଗର ଥାନା ଅଧୀନ ଲକ୍ଷ୍ମୀସାଗର ମଣ୍ଡପସାହି ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ମଙ୍ଗଳବାର ଉଦ୍ଧାର କରିଛି। ମୃତକ ହେଲେ ମଣ୍ଡପ ସାହିରେ ରହୁଥିବା ଜିତେନ୍ଦ୍ର ଜେନା। ଥାନା ଅଧିକାରୀ ଦୟାନିଧି ନାୟକଙ୍କ ସୂଚନା ଅନୁଯାୟୀ, ଗତ କିଛିଦିନ ହେବ ଜିତେନ୍ଦ୍ରଙ୍କ ପାରିବାରିକ ବିବାଦ ରହିଥିଲା। ସୋମବାର ସନ୍ଧ୍ୟାରେ ତାଙ୍କ ମୃତ୍ୟୁ ନେଇ ବିଳମ୍ବିତ ରାତିରେ ପରିବାରଲୋକେ ଥାନାକୁ ଜଣାଇଥିଲେ। ଖବରପାଇ, ଜୋନ୍-୪ ଏସିପି ଅମରେନ୍ଦ୍ର ପଣ୍ଡା ଓ ଥାନାର ଅନ୍ୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଜିତେନ୍ଦ୍ରଙ୍କ ମୃତ୍ୟୁ ନେଇ ପରିବାର ଓ ଆଖପାଖ ଲୋକଙ୍କୁ ପଚରାଉଚରା କରିଥିଲେ। ମଙ୍ଗଳବାର ସକାଳେ ମୃତକଙ୍କ ବ୍ୟବଚ୍ଛେଦ ପାଇଁ ପୋଲିସ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ.୨୮/୧୯) ରୁଜୁ ହୋଇଛି।

## ■ ଏନ୍‌କାଉଣ୍ଟର ପରେ ରବି ରାଓ ଗ୍ୟାଙ୍ଗ୍ ସଦସ୍ୟ ଜିଲାପାର୍

# ଆହତ ଅବସ୍ଥାରେ ଅର୍ଜୁନଙ୍କୁ ଧରିଲା ପୋଲିସ

**ଭୁବନେଶ୍ୱର,୬।୮ (ବ୍ୟୁରୋ)**

- ମହିମା ମୋଟର୍ସ ମାଲିକଙ୍କ ଲୁଟ୍ ସୁନା ଚେନ୍ ଜବତ
- ଡକାୟତି ପରେ ଘରର ମହିଳାଙ୍କୁ ବଳାତ୍କାର କରୁଥିଲେ
- ଜିଲା ବାହାରେ ପୋଲିସ ଟିମ୍‌ର ଚଢ଼ାଉ

ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ଜିଲାରେ ଆତଙ୍କ ଖେଳାଉଥିବା ୧୧ଜଣିଆ ରବି ରାଓ ଗ୍ୟାଙ୍ଗ୍‌କୁ ଧରିବାକୁ କମିଶନରେଟ ପୋଲିସ ସିରିଜ ଏନ୍‌କାଉଣ୍ଟର କରିଥିଲା। ୪ଜଣଙ୍କୁ ଏନ୍‌କାଉଣ୍ଟର କରି ଧରିବା ପରେ ସହର ଛାଡ଼ିବାକୁ ପ୍ରସ୍ତୁତ ହେଉଥିବା ମାଷ୍ଟର ମାଇଣ୍ଡ୍ ରବି ପଞ୍ଚମ ଏନ୍‌କାଉଣ୍ଟରେ ପୋଲିସ ଫାଶରେ ପଡ଼ିଥିଲେ। ତେବେ ସୋମବାର ରାତିରେ ଆଉଜଣଙ୍କୁ ଆହତ ଅବସ୍ଥାରେ ଗିରଫ କରିଛି ପୋଲିସ। ଅନ୍ୟ ୫ଜଣ ଜିଲାପାର୍ ହୋଇଥିବାବେଳେ ରାଜ୍ୟ ବାହାରକୁ ଖସି ଯାଇଥିବା କୁହାଯାଉଛି। ତେଣୁ ସେମାନଙ୍କୁ ଧରିବାକୁ କମିଶନରେଟ ପୋଲିସର ଦୁଇଟି ଟିମ୍ ଜିଲା ବାହାରକୁ ଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଖବର ମିଳିଛି। ସୋମବାର ରାତିରେ କମିଶନରେଟ ପୋଲିସ ଢୁମୁଢୁମା ଅଞ୍ଚଳରେ ଚଢ଼ାଉ କରିଥିଲା। ରବି ରାଓ ଗ୍ୟାଙ୍ଗ୍‌ର ଅନ୍ୟତମ ସଦସ୍ୟ ଅର୍ଜୁନ ଦାଶ ରହୁଥିବା ଏକ ଘର ଉପରେ ଚଢ଼ାଉ କରି ତାଙ୍କୁ ଗିରଫ କରିବା ସହ ତାଙ୍କଠାରୁ ମହିମା ମୋଟର୍ସ ମାଲିକଙ୍କୁ ହାଣି ଲୁଟି ନେଇଥିବା ସୁନା ଚେନ୍‌କୁ ପୋଲିସ ଜବତ କରିଛି। ଅର୍ଜୁନଙ୍କ ନାମରେ କମିଶନରେଟ ପୋଲିସର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଖଣ୍ଡଗିରିରେ ଏକ ହତ୍ୟା ମାମଲା, ଲକ୍ଷ୍ମୀସାଗର ଓ ଶହୀଦନଗର ଥାନାରେ ତାଙ୍କ ନାମରେ ବଳାତ୍କାର ମାମଲା ରହିଛି। ଏହାସହ ବହୁ ଡକାୟତି ଓ ରାହାଜାନୀ ଆଦି ମାମଲାରେ ତାଙ୍କର ସମ୍ପୃକ୍ତି ଥିବା ପୋଲିସ କହିଛି।

ରବିବାର ରାତିରେ ରବିଙ୍କୁ ପୋଲିସ ଏନ୍‌କାଉଣ୍ଟର କରିବା ପରେ ଅର୍ଜୁନ ସହର ଛାଡି ଖସିଯିବାକୁ ଉଦ୍ୟମ କରିଥିଲା। ହେଲେ ସେ ବାଇକରେ ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଆହତ ହୋଇଥିଲେ। ପୋଲିସ ଧରିଦେବା ଭୟରେ ସେ ହସ୍ପିଟାଲ ନ ଯାଇ ଢୁମୁଢୁମାରେ ଏକ ଘରେ ରହି ଚିକିତ୍ସିତ ହେଉଥିଲେ। ଏହି ଖବର ପହଞ୍ଚିବା ପରେ ପୋଲିସ ଟିମ୍ ସୋମବାର ବିଳମ୍ବିତ ରାତିରେ ସେଠାରେ ଚଢ଼ାଉ କରିଥିଲା। ସେ ଆହତ ଥିବାରୁ ଫେରାର ହୋଇପାରି ନ ଥିଲେ। ପଚରାଉଚରା କରିବା ପରେ ମଞ୍ଚେଶ୍ୱର ଥାନା ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅର୍ଜୁନ ଡକାୟତି କରିବା ସମୟରେ ଘରେ ଯଦି ମହିଳା ଦେଖୁଥିଲେ ତାଙ୍କୁ ବଳାତ୍କାର କରୁଥିଲେ। ଏହାକୁ କିନ୍ତୁ ଗ୍ୟାଙ୍ଗ୍ ଲିଡର ରବି ପସନ୍ଦ କରୁ ନ ଥିଲେ। ଯେଉଁଥିପାଇଁ ରବି ଓ ଅର୍ଜୁନଙ୍କ ମଧ୍ୟରେ ବାରମ୍ବାର ବଚସା ହୋଇଥିଲା। ଏଥିପାଇଁ ରବିଙ୍କ ସହ ତାଙ୍କର ସମ୍ପର୍କ ଭଲ ନ ଥିବା ଅର୍ଜୁନ ପୋଲିସକୁ କହିଛନ୍ତି। ଏଥିସହ ଅର୍ଜୁନଙ୍କୁ ପଚରାଉଚରାବେଳେ ପୋଲିସକୁ ବହୁ ତଥ୍ୟ ମିଳିଛି। ଏହି ଆଧାରରେ ଗ୍ୟାଙ୍ଗ୍‌ର ଅନ୍ୟ ସଦସ୍ୟଙ୍କୁ ଧରିବାକୁ ଉଦ୍ୟମ ଚଳାଇଥିବା ଜଣାପଡିଛି। ରବିଙ୍କ ସହ ଅର୍ଜୁନ ଲୁଟ୍ ପାଇଁ ଜିଲା ବାହାରକୁ ଯାଇଛନ୍ତି। ଘଟଣା ପରେ ପୋଲିସ ନଜରରୁ ହଟିବା ପାଇଁ ଅନ୍ୟମାନଙ୍କ ସହ ସେ ମଧ୍ୟ କାର ଭିତରେ ଶୋଇ ପଡୁଥିଲେ। ତେବେ ରବି ଖୁସି ମିଜାଜ୍‌ର ହୋଇଥିବାରୁ ଲୁଟ୍ ଟଙ୍କାରେ ବିଳାସବ୍ୟସନରେ ଜୀବନ କଟାଇବାକୁ ପସନ୍ଦ କରୁଥିଲେ। ଦାମୀ ମଦ ପିଇବା ସହ ପ୍ରେମିକାକୁ ଦାମୀ ଉପହାର ଦେଉଥିବା ଜଣାପଡିଛି। ଅନ୍ୟପକ୍ଷରେ ଧଉଳି ଥାନା ଅନ୍ତର୍ଗତ ବାପୁଜୀ ହାଇଟେକ୍ ଆପାର୍ଟମେଣ୍ଟର ଯେଉଁ ଘରେ ସେମାନେ ନକଲି ମଦ ତିଆରି କାରଖାନା ଚଳାଇଥିଲେ ତାହାର ମାଲିକଙ୍କୁ ପଚରାଉଚରା କରି ବହୁ ତଥ୍ୟ ପାଇଛି। ଏଥିସହ ପୋଲିସ ମଙ୍ଗଳବାର ମଧ୍ୟ ଉକ୍ତ ଘରକୁ ଯାଇ ପୁଣି ଯାଞ୍ଚ କରିବା ସହ ଉକ୍ତ ଆପାର୍ଟମେଣ୍ଟରେ ରହୁଥିବା ଅନ୍ୟମାନଙ୍କୁ ପଚରାଉଚରା କରିଛି।




ରବୀନ୍ଦ୍ର ମଣ୍ଡପରେ ଷ୍ଟ୍ରିଙ୍ଗ୍‌ସ କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

## ■ ୧୨ରୁ ଭୁବନେଶ୍ୱରରେ ଜନଗଣନା

# ପ୍ରଶିକ୍ଷଣ ନେବେ ୪୦ ସ୍କୁଲର ଶିକ୍ଷକ

**ଭୁବନେଶ୍ୱର,୬।୮ (ବ୍ୟୁରୋ)**

୨୦୨୧ ଜନଗଣନା ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଜନଗଣନା କ୍ଷେତ୍ର ପରୀକ୍ଷଣ ପ୍ରଶିକ୍ଷଣ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ବିଏମ୍‌ସି ସଭାଗୃହରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପରିଚାଳନା କରିଛନ୍ତି ଜନଗଣନା ଦାୟିତ୍ୱରେ ଥିବା ଡେପୁଟି କମିଶନର ଶ୍ୟାମସୁନ୍ଦର ସେଠୀ। ପ୍ରତି ୧୦ ବର୍ଷ ବ୍ୟବଧାନରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜନଗଣନା କାର୍ଯ୍ୟକ୍ରମ କରାଯାଉଥିବାବେଳେ ଏଥିରେ ସ୍କୁଲ ଶିକ୍ଷକମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଏହି ଅବସରରେ ଭୁବନେଶ୍ୱରର ୪୦ଟି ସରକାରୀ ସ୍କୁଲର ଶିକ୍ଷକଙ୍କୁ ଜନଗଣନା କିଭଳି ଓ କେଉଁ ଉପାୟରେ କରାଯିବ ସେନେଇ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷିତ କରାଯିବ। ଏହି ୪ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ।

ଜନଗଣନାକୁ ସ୍ପଷ୍ଟ ଓ ସ୍ୱଚ୍ଛ କରିବା ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟାର ଉପଯୋଗ ମାଧ୍ୟମରେ କରିବା ଲାଗି ଏଥର ଗୁରୁତ୍ୱ ଦିଆଯାଇଛି। ତେଣୁ ଜନଗଣନାକାରୀ କର୍ମୀ ଓ ସୁପରଭାଇଜର ଠିକ୍ ତଥ୍ୟ ସଂଗ୍ରହ କରିବାରେ ଯେପରି କୌଣସି ଅସୁବିଧା ନ ହୁଏ ସେଥିଲାଗି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପ୍ରଶିକ୍ଷଣ ନେବା ପରେ ଅଂଶଗ୍ରହଣକାରୀମାନେ ସର୍ଭେ ପାଇଁ ଯିବେ। ଏହି ଗଣନା କାର୍ଯ୍ୟକ୍ରମ ପୁରୁଣା ୱାର୍ଡ ନଂ. ୧୫ ତଥା ସାଲିଆ ସାହି, ନୟାପଲ୍ଲୀ ଏବଂ ଆଇଆର୍‌ସି ଆଦି ଅଞ୍ଚଳରେ ୨୯ଟି ଏନୁମେରେଶନ୍ ବ୍ଲକରେ ହେବ। ପ୍ରଶିକ୍ଷଣ ନେବା ପରେ ନିଜର ଦୈନିକ ବିଦ୍ୟାଳୟ କାର୍ଯ୍ୟ ବ୍ୟତୀତ ସ୍ୱତନ୍ତ୍ର ସମୟରେ ଶିକ୍ଷକମାନେ କ୍ଷେତ୍ର ପରିଦର୍ଶନ କରି ଗୃହ ତାଲିକା ଏବଂ ଜନଗଣନା କରିବେ। ଏହି ଗଣନା ଅଗଷ୍ଟ ୧୨ରୁ ଆରମ୍ଭ ହୋଇ ଆସନ୍ତା ଅକ୍ଟୋବରରେ ଶେଷ ହେବ। ସର୍ଭେର ସରଳତା ଓ ଜଟିଳତାକୁ ବିଚାରକରି ଜନଗଣନା ବିଭାଗ ଆପଣାଇଥିବା ପଦ୍ଧତିରେ ଆବଶ୍ୟକ ପରିବର୍ତ୍ତନ କରାଯିବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜନଗଣନା ବିଭାଗର ଆସିଷ୍ଟାଣ୍ଟ ଡାଇରେକ୍ଟର ରାଜେନ୍ଦ୍ର କୁମାର ସାହୁ ଯୋଗ ଦେଇଥିବା ବେଳେ ବିଏମସି ସେନ୍‌ସସ୍ ବିଭାଗର ମାନସ ରଞ୍ଜନ ମିଶ୍ର ସହଯୋଗ କରିଥିଲେ।

## ■ ନିଶା କାରବାର ରୋକିବାକୁ ସ୍ପେଶାଲ ଡ୍ରାଇଭ

# ୮୧ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୬।୮ (ବ୍ୟୁରୋ)**

**୧୦୮ କେଜି ଗଞ୍ଜେଇ, ୩୯୧ ଗ୍ରାମ ବ୍ରାଉନସୁଗାର ଜବତ**

ରାଜଧାନୀରେ ନିଶା କାରବାର ରୋକିବାକୁ କମିଶନରେଟ ପୋଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ସ୍ପେଶାଲ ଡ୍ରାଇଭରେ ବିଭିନ୍ନ ଥାନା ଅଞ୍ଚଳରେ ଚଢାଉ କରାଯାଇ ୮୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏ ନେଇ ୫୨ଟି ଏନଡିପିଏସ୍ ମାମଲା ରୁଜୁ ହୋଇଛି। ସେହିପରି ଅଭ୍ୟାସଗତ ଅପରାଧୀ ୧୧୦ ତାଲିକାରେ ଫେରାର ଥିବା ୩୧ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। କମିଶନର ସତ୍ୟଜିତ ମହାନ୍ତି ଏବଂ ଡିସିପି ଅନୁପ ସାହୁଙ୍କ ତତ୍ତ୍ୱାବଧାନରେ ଏହି ଚଢାଉ ହୋଇଥିଲା। ଏହି ସମୟରେ ୩୯୧ ଗ୍ରାମ ବ୍ରାଉନ ସୁଗାର, ୧୦୮ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ସମେତ ୨ ଲକ୍ଷ ୯୮ ହଜାର ଟଙ୍କା ଜବତ କରାଯାଇଥିଲା। ଏଥିସହ ଚୋରା କାରବାରରେ ସମ୍ପୃକ୍ତି ନେଇ ୨ଟି ଚାରିଚକିଆ, ଗୋଟିଏ ଅଟୋ, ୨୧ଟି ଦୁଇଚକିଆ, ୨୪ଟି ମୋବାଇଲ ଫୋନ ଏବଂ ଗୋଟିଏ ସୁନା ଚେନକୁ ପୋଲିସ ଜବତ କରିଛି। ଆଗାମୀ ଦିନରେ ଚଢାଉକୁ ଅଧିକରୁ ଅଧିକ ବ୍ୟାପକ କରାଯିବ ବୋଲି କମିଶନର ମହାନ୍ତି କହିଛନ୍ତି।

## ■ ପ୍ରଦର୍ଶନୀ ପଡିଆରେ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି

# ଭାଗ ନେବେ ୪ ପୋଲିସ ଟିମ୍, ଜଗିବେ ୨୦ ପ୍ଲାଟୁନ ଫୋର୍ସ

**ଭୁବନେଶ୍ୱର, ୬।୮ (ବ୍ୟୁରୋ)**

ଚଳିତ ବର୍ଷ ଗାନ୍ଧୀମାର୍ଗ ପରିବର୍ତ୍ତେ ପ୍ରଦର୍ଶନୀ ପଡିଆରେ ଅନୁଷ୍ଠିତ ହେବ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ। ସେହିଭଳି ପରେଡ଼ ବଦଳରେ ହେବ ରାଷ୍ଟ୍ରୀୟ ସାଲ୍ୟୁଟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତାକା ଉତ୍ତୋଳନ କରିବେ। ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଉକ୍ତ ଦିନ ସହରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। କାର୍ଯ୍ୟକ୍ରମସ୍ଥଳ ସମେତ ସହରର ପ୍ରମୁଖସ୍ଥାନମାନଙ୍କରେ ୨୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ ବୋଲି ପୋଲିସ କମିଶନର ସତ୍ୟଜିତ ମହାନ୍ତି ମଙ୍ଗଳବାର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ପୂର୍ବରୁ ବୋମା ନିଷ୍କ୍ରିୟକାରୀ ଟିମ୍, ସନ୍ଧାନୀ କୁକୁର ଓ କ୍ୟୁଇକ୍ ଆକ୍ସନ ଟିମ୍ ପଡିଆକୁ ତନ୍ନ ତନ୍ନ କରି ଯାଞ୍ଚ କରିବେ। ଏହି ଉତ୍ସବରେ କେବଳ ୪ଟି ପୋଲିସ ଟିମ୍ ଭାଗ ନେବେ। ସେମାନେ ହେଲେ ଟେରୀଟୋରିଆଲ ଆର୍ମି, ତେଲେଙ୍ଗାନା ପୋଲିସ, ସେଣ୍ଟ୍ରାଲ ଆର୍ମ ପୋଲିସ୍ ଓ ଓଡ଼ିଶା ପୋଲିସ୍ ଏବଂ ବ୍ୟାଣ୍ଡ ଟିମ୍ ମଧ୍ୟ ରହିବ। ଏହି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ପ୍ରଦର୍ଶନୀ ପଡ଼ିଆରେ ସମୁଦାୟ ୧୨ ହଜାର ଦର୍ଶକଙ୍କ ସହ ୫ହଜାର ସ୍କୁଲ ପିଲାଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ଭିଆଇପି ଓ ମିଡିଆ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ମୁଖ୍ୟମନ୍ତ୍ରୀ ଏକ ନମ୍ବର ଗେଟ୍ ଦେଇ ପଡ଼ିଆକୁ ପ୍ରବେଶ କରିବେ। ଏହାସହ ପୁରା ଯୋଜନା ଏକ ନକ୍ସା ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି। ସ୍ୱାଧୀନତା ଦିବସ ଦିନ ମଧୁସୂଦନ ମାର୍ଗକୁ ସିଲ କରାଯିବ। ସ୍ୱାଧୀନତା ଦିବସ ପୂର୍ବରୁ ରାଜଧାନୀରେ ବ୍ଲକିଂ ଓ ଚେକିଂ କଡାକଡି କରାଯିବା ସହ ହୋଟେଲ ଏବଂ ଲଜ୍‌କୁ ଯାଞ୍ଚ କରାଯିବ। ଏହାସହ ସାଧାପୋଷାକ ପୋଲିସ ହୋଟଲ ଓ ବିଦେଶରୁ ଆସିଥିବା ପର୍ଯ୍ୟଟକଙ୍କ ଉପରେ ତୀକ୍ଷ୍ଣ ନଜର ରଖିବେ। ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଦର୍ଶନୀ ପଡ଼ିଆ ଓ ଏହାର ଆଖପାଖ ଅଞ୍ଚଳରେ ଏକାଧିକ ସିସିଟିଭି ଲଗାଯିବ। ଏଥିପାଇଁ ପଡ଼ିଆରେ ଗୋଟିଏ କଣ୍ଟ୍ରୋଲ ରୁମ୍ ରହିବ ବୋଲି ସୂଚନା ମିଳିଛି।

## ■ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ସମର୍ଥନ

# ଲିଙ୍ଗରାଜ ମନ୍ଦିର ଆଗରେ ଦୀପଦାନ




ଏକାମ୍ର ସଂଗଠନର ସଦସ୍ୟମାନେ ମନ୍ଦିର ସମ୍ମୁଖରେ ଦୀପ ଜାଳି ଖୁସି ମନାଉଛନ୍ତି।

**ପୁରୁଣା ଭୁବନେଶ୍ୱର, ୬।୮ (ଡି.ଏନ.ଏ.)**

ଜମ୍ମୁ-କଶ୍ମୀରରେ ଧାରା ୩୭୦ ଉଚ୍ଛେଦ ହେବା ପରେ ଜମ୍ମୁ କଶ୍ମୀର କେବଳ ନୁହେଁ ସମଗ୍ର ଭାରତବର୍ଷରେ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏହାକୁ ସମର୍ଥନ ଜଣାଇ ମଙ୍ଗଳବାର ଶ୍ରୀଲିଙ୍ଗରାଜ ମନ୍ଦିର ନିକଟରେ ଏକ ସ୍ୱତନ୍ତ୍ର ଉତ୍ସବ ପାଳନ କରାଯିବା ସହ ମନ୍ଦିରରେ ଦୀପ ଜାଳିଥିଲେ ଏକାମ୍ର ସଙ୍ଗଠନର ସଦସ୍ୟାସଦସ୍ୟମାନେ। ଏଭଳି ଐତିହାସିକ ନିଷ୍ପତ୍ତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ୍ ଶାହାଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଭୟଙ୍କର ନିରାମୟ ଜୀବନ କାମନା କରିଛନ୍ତି। ସଙ୍ଗଠନର ଆବାହକ ମଦନମୋହନ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିବ ପ୍ରସାଦ ବେହେରା, ଶେଷ ଶେଖର ଗରାବଡ୍ଡୁ, ଶକ୍ତ ପ୍ରସାଦ ସାହୁ, ପ୍ରଫୁଲ୍ଲ ସ୍ୱାଇଁ, ଅଜିତ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ରାଉନ୍‌ସୁଗାର ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୬।୮ (ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ବ୍ରାଉନସୁଗାର ବେପାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ସମେଇଗାଡିଆ ଅଞ୍ଚଳରେ ରହୁଥିବା ତପନ ଷଡଙ୍ଗୀ। ପୋଲିସ ସୂଚନା ମୁତାବକ, ଗଙ୍ଗୁଆ କେନାଲ ନିକଟ ହନୁମାନ ମନ୍ଦିର ପାଖରେ ବ୍ରାଉନସୁଗାର ବିକ୍ରି ଚାଲିଥିବା ନେଇ ପୋଲିସକୁ ବିଶେଷ ସୂତ୍ରରୁ ଥାନା ଅଧିକାରୀଙ୍କ ନିକଟକୁ ଖବର ଆସିଥିଲା। ମଞ୍ଚେଶ୍ୱର ଥାନା ପୋଲିସର ଏକ ସ୍ୱତନ୍ତ୍ର ଟିମ ମନ୍ଦିର ନିକଟରେ ଚଢାଉ କରିଥିଲା। ନିଶାସକ୍ତ ଅବସ୍ଥାରେ ଥିବା ବ୍ୟକ୍ତ ପୋଲିସକୁ ଦେଖି ଫେରାର ହୋଇଯାଇଥିବା ବେଳେ ପୋଲିସ ଅଭିଯୁକ୍ତଙ୍କୁ କାବୁ କରିଥିଲା। ତାଙ୍କ ପ୍ୟାଣ୍ଟ ପକେଟ ଯାଞ୍ଚ କରିବାରୁ ୮.୩ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରାଯାଇଥିଲା। ପୋଲିସ ନଂ. ୩୧୫/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଚାରାରୋପଣ କାର୍ଯ୍ୟକ୍ରମ

**ବାଲିଅନ୍ତା,୬।୮ (ଡି.ଏନ୍.ଏ.)**

ବାଲିଅନ୍ତାସ୍ଥିତ ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ସ୍କୁଲ ପରିସରରେ ମଙ୍ଗଳବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାତ୍ୟାରେ ସ୍କୁଲ ପରିସରରେ ଥିବା ୫୦ରୁ ଉର୍ଦ୍ଧ୍ୱ ଗଛ ଭାଙ୍ଗିପଡ଼ିଥିଲା। ଯୁଥ ରେଡକ୍ରସର ଛାତ୍ରୀଛାତ୍ରମାନେ ଆଗେଇ ଆସିଥିଲେ। ସ୍କୁଲର ଅଧ୍ୟକ୍ଷ ଯତୀନ୍ଦ୍ର ସ୍ୱାଇଁ ପ୍ରଥମେ ଚାରାରୋପଣ କରି ଶୁଭାରମ୍ଭ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ୧୫୦ଟି ଚାରା ଲଗାଇଥିଲେ। ରେଡକ୍ରସ ୟୁନିଟର କାଉନସିଲର ରଶ୍ମି ରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ ଡ.ଧରଣୀଧର ସ୍ୱାଇଁ, ପୀତାମ୍ବର ପାତ୍ର, ତପନ କୁମାର ସାହୁ ଓ ରବୀନ୍ଦ୍ର ରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ରେଳ ଷ୍ଟେଶନ ଛାତରେ ପଡ଼ିଲା ତାଲା

**ଭୁବନେଶ୍ୱର,୬।୮ (ବ୍ୟୁରୋ)**

**ଧରିତ୍ରୀ ପ୍ରଭାବ**

ଭୁବନେଶ୍ୱର ରେଳ ଷ୍ଟେଶନର ପ୍ଲାଟଫର୍ମ ନଂ. ୬ରେ ଥିବା ଛାତ ଉପରେ ଗତ କିଛିଦିନ ହେବ ନିଶା ସେବନ କରାଯାଉଥିଲା। ଯାହା ସେଠାରେ ପଡ଼ିଥିବା ବିଭିନ୍ନ ନିଶା ସାମଗ୍ରୀରୁ ପ୍ରମାଣିତ କରୁଥିଲା। ଏଥିପ୍ରତି ରେଳବାଇ କର୍ତ୍ତୃପକ୍ଷ ମଧ୍ୟ କୌଣସି ତଦାରଖ ନ କରିବାରୁ ପ୍ରତିଦିନ ନିଶା ସେବନ ହେଉଥିବାର ଆଶଙ୍କା କରାଯାଉଥିଲା। ଏ ନେଇ ସୋମବାର ଧରିତ୍ରୀରେ ‘ରେଳଷ୍ଟେଶନ ଛାତରେ ବେଧଡକ ନିଶା ସେବନ’ ଶୀର୍ଷକରେ ଏକ ଖବର ପ୍ରକାଶିତ ହେବା ପରେ କର୍ତ୍ତୃପକ୍ଷ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ମଙ୍ଗଳବାର ଫୁଡ୍‌ପ୍ଲାଜା ଛାତ ଉପର ଗେଟ୍‌କୁ ତାଲା ପକାଇ ଦିଆଯାଇଛି। ତା’ସହ ଫୁଡପ୍ଲାଜା କର୍ତ୍ତୃପକ୍ଷଙ୍କୁ ରେଳ ସୁରକ୍ଷା ବଳ ପକ୍ଷରୁ ଚେତାବନୀ ଦିଆଯାଇଛି ବୋଲି ଆରପିଏଫ ଥାନାଧିକାରୀ କାଲୁ ସେଠୀ ସୂଚନା ଦେଇଛନ୍ତି। ଆଗକୁ ଘଟଣାର ପୁନରାବୃତ୍ତି ଘଟିଲେ କର୍ତ୍ତୃପକ୍ଷଙ୍କ ନାମରେ ମାମଲା ରୁଜୁ ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଷ୍ଟେଶନର ପ୍ଲାଟଫର୍ମ ନଂ. ୬ରେ ନୂଆରେ ଫୁଡପ୍ଲାଜା ଆରମ୍ଭ ହୋଇଥିବାବେଳେ ଏହାର ଛାତ ଉପରେ ମଦ, ସିଗାରେଟ ଓ ଗଞ୍ଜେଇ ଭଳି ମାରାତ୍ମକ ନିଶା ସେବନ ଅନାୟାସରେ ଚାଲୁଥିଲା। ସେଠାକୁ ଜନସାଧାରଣ ଯିବାକୁ ନିଷେଧ ଥିବାବେଳେ ଆରପିଏଫ କିମ୍ବା ସରକାରୀ ରେଳବାଇ ପୋଲିସ ଯାଉ ଥିବାରୁ ନିଶା ସେବନ ପାଇଁ ସହଜ ହେଉଥିଲା।

# ଗ୍ରାମ୍ୟ ବ୍ୟାଙ୍କ ଋଣ ଠକେଇ, ଆଉଜଣେ ଗିରଫ

**ଭୁବନେଶ୍ୱର, ୬।୮ (ବ୍ୟୁରୋ)**

ଗାଡ଼ି କିଣିବା ଆଳରେ ଜାଲ୍ କାଗଜପତ୍ର ବଳରେ ଗ୍ରାମ୍ୟ ବ୍ୟାଙ୍କରୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଋଣ ଠକେଇରେ ସଂପୃକ୍ତ ଅନ୍ୟତମ ଅଭିଯୁକ୍ତଙ୍କୁ କ୍ରାଇମ ବ୍ରାଞ୍ଚର ଇଓଡବ୍ଲ୍ୟୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ପୁରୀ ଜିଲା କୋଣାର୍କ ଥାନା ଅନ୍ତର୍ଗତ ବାଘ ରଗୋଡି ଗ୍ରାମର ବିଜୟ କୁମାର ପ୍ରଧାନ(୪୩)। ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନରେ ଚଢ଼ାଉ କରି ବିଜୟଙ୍କୁ ଗିରଫ କରାଯାଇଛି।

ସୂଚନା ମୁତାବକ, ବିଜୟଙ୍କ ସମେତ ଭାଇ ବିକ୍ରମ, ତାଙ୍କ ସ୍ତ୍ରୀ ରାଜଲକ୍ଷ୍ମୀ ଓ ରାଜଲକ୍ଷ୍ମୀଙ୍କ ଭାଇ ମଦନ ମୋହନ ପ୍ରଧାନ ଉକ୍ତ ଋଣ ଠକେଇରେ ସଂପୃକ୍ତି ଥିବା ତଦନ୍ତରୁ ଜଣାପଡିଥିଲା। ବିକ୍ରମ ଜାଲ କାଗଜପତ୍ର ଦାଖଲ କରି ଦୁଇଟି ଋଣ କରିଥିଲେ। ହାଇୱା ଟ୍ରକ କିଣିବା ପାଇଁ ୪୧.୭୦ ଲକ୍ଷ ଓ ଅନ୍ୟ ଏକ ଋଣ ବାବଦକୁ ୩୬ ଲକ୍ଷ ଟଙ୍କା ବ୍ୟାଙ୍କ୍‌ରୁ ନେଇଥିଲେ। ସେହିଭଳି ବିକ୍ରମଙ୍କ ସ୍ତ୍ରୀ ରାଜଲକ୍ଷ୍ମୀ ଏକ ସ୍କର୍ପିଓ କିଣିବା ପାଇଁ ୯ ଲକ୍ଷ ଟଙ୍କା, ଭାଇ ମଦନ ଏକ ହାଇୱା କିଣିବା ପାଇଁ ୪୦ ଲକ୍ଷ ଟଙ୍କା, ବିଜୟ ହାଇୱା କିଣିବା ପାଇଁ ୪୦ ଲକ୍ଷ ଓ ୩୬ ଲକ୍ଷ ଟଙ୍କାର ଦୁଇଟି ଋଣ କରିଥିଲେ। ଏ ନେଇ ବ୍ୟାଙ୍କରେ ଜାଲ୍ ରେଜିଷ୍ଟ୍ରେଶନ ଓ ବୀମା କାଗଜପତ୍ର ଦାଖଲ କରି ମୋଟ ୨ କୋଟି ୨ ଲକ୍ଷ ୭୦ ହଜାର ଟଙ୍କା ହଡପ କରିଥିଲେ। ଏ ନେଇ ଗ୍ରାମ୍ୟ ବ୍ୟାଙ୍କ ରିଜିଓନାଲ ମ୍ୟାନେଜର ଦେବଦତ୍ତ ନନ୍ଦ ୨୦୧୮ ମାର୍ଚ୍ଚ ୧୧ରେ ଅଭିଯୋଗ କରିବା ପରେ ଇଓଡବ୍ଲ୍ୟୁ ୨୩/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଠକେଇରେ ସମ୍ପୃକ୍ତ ରସୁଲଗଡ ଗ୍ରାମ୍ୟ ବ୍ୟାଙ୍କର ତତ୍‌କାଳୀନ ମ୍ୟାନେଜର ପ୍ରଶାନ୍ତ କୁମାର ଜେନାଙ୍କ ସମେତ ବିକ୍ରମ, ରାଜଲକ୍ଷ୍ମୀ ଓ ମଦନଙ୍କୁ ପୂର୍ବରୁ ଇଓଡବ୍ଲ୍ୟୁ ଗିରଫ କରିଥିଲା।

# କାର୍ଡ ବ୍ୟାଙ୍କ କର୍ମଚାରୀଙ୍କ ଧାରଣା

**ଭୁବନେଶ୍ୱର,୬।୮ (ବ୍ୟୁରୋ)**

**ଆଠ ବର୍ଷ ହେବ ମିଳିନି ଦରମା**



ଓଡ଼ିଶା ରାଜ୍ୟ ସମବାୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କର କର୍ମଚାରୀମାନେ ପ୍ରାୟ ଆଠ ବର୍ଷ ହେବ ଦରମା ପାଇ ନାହାନ୍ତି। ଏମାନେ ଦୀର୍ଘ ବର୍ଷ ଧରି ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରିଆସୁଥିଲେ ମଧ୍ୟ ସରକାର ସେମାନଙ୍କ ଦରମା ରୋକି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ମଙ୍ଗଳବାରଠାରୁ ଓଡ଼ିଶା କାର୍ଡ ବ୍ୟାଙ୍କ କର୍ମଚାରୀ ସଂଘ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟରେ ଥିବା ସମବାୟ ସମିତି ନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ବ୍ୟାଙ୍କଗୁଡିକୁ ନାବାର୍ଡ ଆର୍ଥିକ ଯୋଗାଉଥିବାବେଳେ ୨୦୦୩ ପରଠାରୁ ନେଣଦେଣ ଏକରକମ ବନ୍ଦ କରିଦେଇଥିଲା। ଯାହାଫଳରେ ବ୍ୟାଙ୍କଗୁଡିକ ଧୀରେ ଧୀରେ ଦେବାଳିଆ ହୋଇ ପଡିଥିଲା। ପରେ ଏହି ସଂସ୍ଥାଗୁଡିକୁ ସକ୍ରିୟ କରିବା ଲାଗି କାର୍ଡ ବ୍ୟାଙ୍କ ପରିଷଦ ଗଠନ ହୋଇଥିଲା। ହେଲେ ପରିଷଦ ଗଠନ ହେବାର ୪ ବର୍ଷ ବିତିଗଲାଣି କିନ୍ତୁ ଗୋଟିଏ ବି ବ୍ୟାଙ୍କ ସଚଳକ୍ଷମ ହୋଇନି ବୋଲି ସଂଘ ଅଭିଯୋଗ କରିଛି। ଏଭଳି ଅବସ୍ଥାରେ ବ୍ୟାଙ୍କ ଦେବାଳିଆ ହୋଇଥିବାବେଳେ ସରକାର ଆଠ ବର୍ଷ ହେବ କର୍ମଚାରୀମାନଙ୍କୁ ବି ଦରମା ଦେଉ ନାହାନ୍ତି। କେତେକ କର୍ମଚାରୀଙ୍କୁ ପୂର୍ବରୁ ଦରମା ମିଳି ଆସୁଥିଲେ ବି ଗତ ଦୁଇ ବର୍ଷ ହେବ ଅବୈତନିକ ଭାବେ ଖଟୁଛନ୍ତି। ଏନେଇ ସଂଘ ବାରମ୍ବାର ବିଭାଗୀୟ ସଚିବଙ୍କୁ ଗୁହାରି କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନି। ଏବେ ସମୂହ ସ୍ୱେଚ୍ଛାକୃତ ଅବସର ନେବା ଲାଗି ସଂଘ ନିଷ୍ପତ୍ତି ନେଇଛି। ମଙ୍ଗଳବାର ନିବନ୍ଧକଙ୍କ ସହ ସଂଘର ଆଲୋଚନା ବେଳେ ନିବନ୍ଧକ କହିଛନ୍ତି ଯେ, ଏହା ତାଙ୍କ ପରିସର ଭୁକ୍ତ ନୁହେଁ। ସମୂହ ଅବସର ଲାଗି ମନ୍ତ୍ରୀ ଓ ସଚିବ ସ୍ତରୀୟ ବୈଠକର ଆବଶ୍ୟକତା ଅଛି। ଏ ବିଷୟରେ ନିବନ୍ଧକ ବିଭାଗକୁ ଚିଠି ଲେଖି ଜଣାଇଛନ୍ତି। ବିଭାଗ ପକ୍ଷରୁ ବୈଠକ ପାଇଁ ସୂଚନା ଆସିଲେ ସଂଘକୁ ଜଣାଇବେ।

## ଉନ୍ନାଓ ବଳାତ୍କାର ପୀଡ଼ିତା ସଂକଟାପନ୍ନ

ନୂଆଦିଲ୍ଲୀ,୬।୮(ପି.ଟି): ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଉନ୍ନାଓ ବଳାତ୍କାର ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ସଂକଟଜନକ ରହିଛି। ତାଙ୍କୁ ଜୀବନ ସହାୟକ ବ୍ୟବସ୍ଥାରେ ରଖାଯାଇଥିବା ହସ୍ପିଟାଲ ସୂତ୍ରରୁ ମଙ୍ଗଳବାର ସୂଚନା ଦିଆଯାଇଛି। ପୀଡିତାଙ୍କ ଆଇନଜୀବୀଙ୍କ ସ୍ୱାସ୍ଥ୍ୟ ମଧ ଗୁରୁତର ରହିଛି। ତାଙ୍କୁ ମଙ୍ଗଳବାର ଦିଲ୍ଲୀ ଏମ୍ସର ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଛି। ସୋମବାର ଦିଲ୍ଲୀ ଟ୍ରାଫିକ ପୋଲିସ ଏକ ଗ୍ରୀନ୍ କରିଡର ସୃଷ୍ଟିକରିବା ପରେ ବଳାତ୍କାର ପୀଡିତାଙ୍କୁ ଇନ୍ଦିରାଗାନ୍ଧୀ ଅର୍ନ୍ତଜାତୀୟ ବିମାନବନ୍ଦରରୁ ଏମ୍ସ ଟ୍ରମା ସେଣ୍ଟର ପର୍ଯ୍ୟନ୍ତ ନିଆଯାଇଥିଲା। ଏଥିପାଇଁ ୧୪କିମି ଦୂରତାକୁ ୧୮ମିନିଟ ଲାଗିଥିଲା। ବର୍ତ୍ତମାନ ପୀଡିତାଙ୍କୁ ଜୀବନ ସହାୟକ ବ୍ୟବସ୍ଥା ଯୋଗାଇ ଦିଆଯିବା ସହିତ ତାଙ୍କ ରକ୍ତଚାପର ନିରନ୍ତର ପରୀକ୍ଷା କରାଯାଉଛି। ବିଭିନ୍ନ ବିଭାଗର ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିଛନ୍ତି। ପୀଡିତା ଗତ ସପ୍ତାହରେ ନିଜ ମାଇଁ ଓ ମାଉସୀଙ୍କ ସହିତ ତାଙ୍କ ଆଇନଜୀବୀଙ୍କ କାର୍‌ରେ ଯାଉଥିବାବେଳେ ଏକ ଟ୍ରକ୍ ସେମାନଙ୍କ କାର୍‌କୁ ଧକ୍କା ଦେଇଥିଲା। ପୀଡିତାଙ୍କ ମାଇଁ ଓ ମାଉସୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ପୀଡିତା ଓ ଆଇନଜୀବୀ ଗୁରୁତର ଆହତ ହୋଇ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି।

## କଲେଜ ଛାତ୍ରଙ୍କ ଆତ୍ମହତ୍ୟା

**ହେମଗିର, ୬।୮ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଗଡତୁମୁଲିଆସ୍ଥିତ ମାଣିକେଶ୍ୱରୀ ମହାବିଦ୍ୟାଳୟର ଛାତ୍ରାବାସରେ ସ୍ୱରୂପାନନ୍ଦ ପ୍ରଧାନ (୧୮) ନାମକ ଜଣେ ଛାତ୍ର ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର ଝାରସୁଗୁଡା ଜିଲାର ରେଙ୍ଗାଲି ଥାନା ଅନ୍ତର୍ଗତ ବାଦିମାଲ ଗ୍ରାମରେ। ସେ ଉକ୍ତ ମହାବିଦ୍ୟାଳୟରେ ଦ୍ୱିତୀୟ ବର୍ଷ ବାଣିଜ୍ୟ ପଢୁଥିଲେ।

# ସ୍କୁଲ ଭ୍ୟାନ୍ ଖାତକୁ ଖସି ୯ ମୃତ

ନ୍ୟୁ ଟିହରି(ଉତ୍ତରାଖଣ୍ଡ), ୬।୮(ପି.ଟି.)

ଉତ୍ତରାଖଣ୍ଡର ଟିହରି ଗଡୱାଲ ଜିଲାରେ ମଙ୍ଗଳବାର ସକାଳେ ଏକ ସ୍କୁଲ୍ ଭ୍ୟାନ ୨୦୦ମିଟର ଗଭୀର ଖାତକୁ ଖସିପଡିବା ଫଳରେ ୯ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିବା ସହିତ ୧୧ଜଣ ଆହତ ହୋଇଛନ୍ତି। ଡେରାଡୁନଠାରୁ ପାଖାପାଖି ୧୫୦କିଲୋମିଟର ଦୂର ପ୍ରତାପନଗର ଅଞ୍ଚଳର ଲାମ୍ବଗାଁ ନିକଟବର୍ତ୍ତୀ କଙ୍ଗସାଲି ମଦନେଗି ସଡକରେ ଭ୍ୟାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜିଲା ମାଜିଷ୍ଟ୍ରେଟ୍ ଭି. ଷନ୍ମୁଗମ୍ ସୂଚନା ଦେଇଛନ୍ତି। ମୁଣ୍ଡରେ ଆଘାତପ୍ରାପ୍ତ ହୋଇଥିବା ୫ଜଣ ଛାତ୍ରଙ୍କୁ ବିମାନ ଯୋଗେ



ଋଷିକେଶର ଏମ୍ସକୁ ପଠାଯାଇଥିବାବେଳେ ଅନ୍ୟ ୫ଜଣଙ୍କୁ ବୌରଡିସ୍ଥିତ ହସ୍ପିଟାଲ୍‌ରେ ଚିକିତ୍ସା କରାଯାଉଛି। ଅନ୍ୟ ଜଣେ ଛାତ୍ରକୁ ତାଙ୍କ ମାତାପିତା ପୌଡି ଜିଲାରେ ଚିକିତ୍ସା କରାଉଛନ୍ତି।

୪ରୁ ୧୩ ବର୍ଷ ବୟସ୍କ ପିଲାମାନେ ମଦନେଗିସ୍ଥିତ ଆଞ୍ଜେଲ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍‌ରେ ଅଧ୍ୟୟନ କରୁଥିଲେ। ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ୍ ଦୁର୍ଘଟଣାରେ ମୃତାହତଙ୍କ ପାଇଁ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଦୁର୍ଘଟଣାର ଜିଲାପାଳସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜଣେ ଅଫିସରଙ୍କ ସୂଚନା ଅନୁଯାୟୀ, ଭ୍ୟାନ୍‌ରେ ୧୦ଜଣ ବସିବା ପାଇଁ ବ୍ୟବସ୍ଥା ଥିଲେ ହେଁ ଏଥିରେ ୨୧ଜଣ ପିଲା ବସିଥିଲେ। ଆବଶ୍ୟକତାଠାରୁ ଅଧିକ ପିଲାଙ୍କୁ ବସାଇ ଭ୍ୟାନ୍‌ରେ ନେବା ଦୁର୍ଘଟଣାର ମୁଖ୍ୟ କାରଣ ବୋଲି କୁହାଯାଉଛି।

## ■ ଭରତପୁର କୋଇଲା ଖଣି ଦୁର୍ଘଟଣା
# ମୃତକଙ୍କ ପରିବାରକୁ ମିଳିବ ୩୦ ଲକ୍ଷ

ଅନୁଗୋଳ ଅଫିସ, ୬।୮

- ■ଖଣି ବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ
- ■ତ୍ରିପାକ୍ଷିକ ବୈଠକରେ ହେଲା ସହମତି
- ■ଡିଜିଏମ୍‌ଏସ୍‌ଙ୍କ ଦ୍ୱାରା ସୁରକ୍ଷା ଯାଞ୍ଚ କଡ଼ାକଡ଼ି ହେବ

ଭରତପୁର କୋଇଲା ଖଣି ଦୁର୍ଘଟଣାରେ ୪ ମୃତ ଶ୍ରମିକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ସହ ଜଣେ ସଦସ୍ୟଙ୍କୁ ଚାକିରି ଦିଆଯିବ। ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବସିଥିବା ଏକ ତ୍ରିପାକ୍ଷିକ ବୈଠକରେ ଏପରି ପ୍ରତିଶ୍ରୁତି ଦିଆଯିବା ପରେ ମୃତକଙ୍କ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ତାଳଚେରରେ ଚାଲିଥିବା ଖଣି ବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଉକ୍ତ ବୈଠକ ପରେ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ମୃତକଙ୍କ ପରିବାର ଲୋକଙ୍କୁ ୨୦ ଲକ୍ଷ ଟଙ୍କା ଲେଖାଏ ଚେକ୍ ମାଧ୍ୟମରେ ପ୍ରଦାନ କରିଛନ୍ତି।

ଦୁର୍ଘଟଣା ପରେ ଖଣି ବନ୍ଦ ଆନ୍ଦୋଳନ ୧୪ ଦିନରେ ପହଞ୍ଚିଥିବାବେଳେ ମଙ୍ଗଳବାର ପୂର୍ବାହ୍ନରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଓ ଗ୍ରାମବାସୀଙ୍କୁ ନେଇ ଏହି ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଓ ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ଯୋଗଦେଇଥିଲେ। ବୈଠକରେ କ୍ଷତିପୂରଣ ନେଇ ନିଷ୍ପତ୍ତି ହେବା ପରେ ୪ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଲେଖାଏ ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ଆସନ୍ତା ୧୦ ତାରିଖ ମଧ୍ୟରେ ଅବଶିଷ୍ଟ ୧୦ ଲକ୍ଷ ଲେଖାଏ ଟଙ୍କା ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ସେହିପରି ମୃତକଙ୍କ ପରିବାରରୁ ଜଣେ ସଦସ୍ୟଙ୍କୁ ଏଚ୍‌ପିସି କମ୍ପାନୀରେ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯିବ। ଉକ୍ତ ଚାକିରିକୁ ସ୍ଥାୟୀ କରିବା ପାଇଁ ୧ ମାସ ମଧ୍ୟରେ ଏମ୍‌ସିଏଲ୍ ବୋର୍ଡରେ ପ୍ରସ୍ତାବ ରଖାଯିବ। ଏପରି କି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଜିଲାପାଳଙ୍କ ଦ୍ୱାରା ଅନୁରୋଧପତ୍ର ମଧ୍ୟ ପଠାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଏହାଛଡ଼ା ଆଗାମୀ ଦିନରେ ଏପରି ଦୁର୍ଘଟଣା ଯେପରି ନ ଘଟେ ସେଥିପାଇଁ ଡିଜିଏମ୍‌ଏସ୍‌ଙ୍କ ଦ୍ୱାରା ସୁରକ୍ଷା ଯାଞ୍ଚକୁ କଡ଼ାକଡ଼ି କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।

## ବଜ୍ରପାତରେ ୨ ମୃତ, ୩ ଗୁରୁତର

ନିଶ୍ଚିନ୍ତକୋଇଲି,୬।୮(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ମଙ୍ଗଳବାର ବଜ୍ରପାତ ଘଟି ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବ୍ଲକ ଅଧୀନ ଓରତି ପଞ୍ଚାୟତ ନରାଜପୁର ଗ୍ରାମର ମହେଶ୍ୱର କାଣ୍ଡି(୬୯) ଓ ପାଳନ୍ଦା ପଞ୍ଚାୟତ ପାଳନ୍ଦା ଗ୍ରାମର ଜଳଧର ଦାସ(୪୯)। ଗୁରୁତର ହେଲେ ରାମକୃଷ୍ଣପୁର ପଞ୍ଚାୟତ ଦହପଡ଼ା ଗ୍ରାମର ଗୋପାଳ ମଲ୍ଲ(୫୦), ରାମକୃଷ୍ଣପୁର ଗ୍ରାମର ଜଟାଧାରୀ ଲେଙ୍କା(୬୪) ଓ ମନ୍ଦାକିନୀ ବେହେରା(୬୫)। ସେମାନଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମୃତକ ଦ୍ୱୟ ନେମାଳ ଥାନା ଅଞ୍ଚଳର ହୋଇଥିବାରୁ ନେମାଳ ଥାନାରେ ୨ଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଛି।

## ■ ସ୍ୟାଟ୍ ଉଚ୍ଛେଦ ପ୍ରସଙ୍ଗ
# ହାଇକୋର୍ଟରେ ପିଟିଶନ, ଶୁଣାଣି ଆଜି

କଟକ ଅଫିସ,୬।୮

ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ (ସ୍ୟାଟ୍) ଉଚ୍ଛେଦ ସଂକ୍ରାନ୍ତରେ କେନ୍ଦ୍ର ସରକାର ଗତ ୨ ତାରିଖରେ ଏକ ଗେଜେଟ୍ ନୋଟିଫିକେଶନ ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନୋଟିଫିକେଶନକୁ ଚ୍ୟାଲେଞ୍ଜ କରି ମଙ୍ଗଳବାର କଟକ ସ୍ୟାଟ୍ ବାର ଆସୋସିଏଶନ ପକ୍ଷରୁ ହାଇକୋର୍ଟରେ ପିଟିଶନ ଦାଏର କରାଯାଇଛି। ବୁଧବାର ଏହି ମାମଲାର ଶୁଣାଣି ହେବ। ହାଇକୋର୍ଟ ସ୍ୟାଟ୍‌କୁ ନେଇ ତାଙ୍କର ଚୂଡ଼ାନ୍ତ ନିଷ୍ପତ୍ତି ଦେବେ ବୋଲି ସୂଚନା ମିଳିଛି। ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଛି ଯେ, ହାଇକୋର୍ଟରେ ସ୍ୟାଟ୍ ଉଚ୍ଛେଦ ନେଇ ମାମଲା ବିଚାରାଧୀନ ରହିଛି। ମାମଲା ଶେଷ ହୋଇ ନ ଥିବାବେଳେ କେନ୍ଦ୍ର ସରକାର ଯେଉଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ତାହା ବେଆଇନ। ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କର ଏହି ବ୍ୟବସ୍ଥା ଉଚ୍ଛେଦ କରିବାର କ୍ଷମତା ନାହିଁ। କେବଳ ପାର୍ଲାମେଣ୍ଟର ଉଚ୍ଛେଦ କ୍ଷମତା ରହିଛି। ତେଣୁ ଏହି ବିଜ୍ଞପ୍ତିକୁ ରଦ୍ଦ କରିବା ପାଇଁ ଆବେଦନକାରୀ ଦର୍ଶାଇଛନ୍ତି। ଏହି ମାମଲାରେ କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଆଡମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ ଆକ୍ଟ ୧୯୮୫ ଧାର(୨) ଓ ଜେନେରାଲ କ୍ଲଜେସ୍ ଆକ୍ଟର ଧାରା ୨୧ରେ ପ୍ରଦତ୍ତ କ୍ଷମତା ଅନୁଯାୟୀ ସ୍ୟାଟ୍ ଉଚ୍ଛେଦ କରାଯାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଓଡ଼ିଶା ସରକାର ସ୍ୟାଟ୍ ଉଚ୍ଛେଦ ଲାଗି କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। ରାଜ୍ୟ ସରକାରଙ୍କ ଏହି ପ୍ରସ୍ତାବକୁ ହାଇକୋର୍ଟ ଅନୁମୋଦନ କରିଥିଲେ। ସୂଚନାଯୋଗ୍ୟ ଯେ, ୧୯୮୬ ଜୁଲାଇ ୧୪ରେ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲ ପ୍ରତିଷ୍ଠା କରାଯାଇଥିଲା। ୨୦୧୪ ଫେବୃୟାରୀ ୧୮ରେ ସ୍ୟାଟ୍‌ରେ ୮ଜଣ ସଦସ୍ୟ ରହିବା ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଭୁବନେଶ୍ୱର ଏହାର ପ୍ରମୁଖ ବେଞ୍ଚ ହୋଇଥିଲା। ତେବେ କଟକ ବେଞ୍ଚ ସହିତ ସମ୍ବଲପୁର ଓ ବ୍ରହ୍ମପୁର ସର୍କିଟ୍ ବେଞ୍ଚ ପ୍ରତିଷ୍ଠା କରାଯାଇଥିଲା। ମାତ୍ର ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ୨୦୧୫ରେ ସେପ୍ଟେମ୍ବର ୯ରେ ସ୍ୟାଟ୍ ଉଚ୍ଛେଦ ଲାଗି ନିଷ୍ପତ୍ତି ନେଇ ହାଇକୋର୍ଟଙ୍କୁ ଅନୁମୋଦନ କ୍ରମେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଏହାକୁ ନେଇ ପୂର୍ବରୁ ଉଭୟ ଭୁବନେଶ୍ୱର ଓ କଟକ ସ୍ୟାଟ୍ ବାର ଆସୋସିଏଶନ ପକ୍ଷରୁ ହାଇକୋର୍ଟରେ ମାମଲା ଦାଏର କରାଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ଜଷ୍ଟିସ୍ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲା ଚାଲୁରହିଛି। ଗତ ଜୁଲାଇ ୧୮ରେ ହାଇକୋର୍ଟ ସ୍ୟାଟ୍‌ରେ ନିଯୁକ୍ତି ସଂକ୍ରାନ୍ତରେ ସରକାର କ'ଣ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ସେ ସମ୍ପର୍କିତ ତଥ୍ୟ ଅଗଷ୍ଟ ୮ ମଧ୍ୟରେ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ।


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY

B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**ସାଉଥ୍ ଆଫ୍ରିକାରେ ଚାକିରୀ**
ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍ - ସମସ୍ତ ପ୍ରକାର ୱାର୍କର ଏବଂ ଡ୍ରାଇଭର, ହେଲପର, ଅଫିସ୍ ଷ୍ଟାଫ୍ ଆବଶ୍ୟକ। ଦରମା - ୪୦,୦୦୦/- (୨ ବର୍ଷ କଣ୍ଟ୍ରାକ୍ଟ, ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ)
କମଲ ପ୍ଲେସ୍‌ମେଣ୍ଟ, ୪୧୫, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
M : 9157312448, 9157012447

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

**ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି**
1. BLOCK CO-ORDINATOR
Qual : 10th/+2 : Sal - 12000/-
2. DISTRICT CO-ORDINATOR
Qual : +3/Above : Sal - 16000/-
ନିଜ ନିଜ ଜିଲ୍ଲାରେ ଏବଂ ବ୍ଲକରେ ଚାକିରି ପାଇଁ ଯୋଗାଯୋଗ କରନ୍ତୁ।
M : 7327965424 / 8895725158

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**OFFICE STAFF ଆବଶ୍ୟକ**
Bhubaneswar ଅଫିସ୍‌ରେ କାମ କରିବା ପାଇଁ 10th/ above Candidates (M/F) ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.
Contact: 9938414918

**PART / FULL TIME**
ଘରକାମ/ରୋଷେଇ/ରୋଗୀଙ୍କ ଯତ୍ନ/ଛୋଟ ପିଲାଙ୍କ ଯତ୍ନ ଏବଂ ଡ୍ରାଇଭର ଆବଶ୍ୟକ।
9090909300
7381222430

**ଭୁବନେଶ୍ୱର ଅଫିସ୍ ପାଇଁ ଷ୍ଟାଫ୍ ଦରକାର**
ଡ଼ି.ଟି.ପି. ଅପରେଟର, ମାର୍କେଟିଙ୍ଗ, ସ୍କ୍ରିନ୍ ପ୍ରିଣ୍ଟର ଓ ପିଅନ
ମୋ: 8249416516

**ବ୍ଲକ୍ / ଜିଲ୍ଲା ସ୍ତରୀୟ ନିଯୁକ୍ତି**
Salary upto 30,000/-
Qualification : 9th, 10th, +2 & +3.
Age : 18-35 years.
9937611782

**ଆବଶ୍ୟକ (ରେଷ୍ଟୁରାଣ୍ଟ ଷ୍ଟାଫ୍)**
SNACKS King ତା'ର ନୂତନ ଶାଖା ପାଇଁ କର୍ମଚାରୀ ଆବଶ୍ୟକ। Indian Cook, Chinise Cook, Tondoor Cook, South India Cook, ହେଲ୍‌ପର, ୱେଟର, କ୍ୟାପ୍ଟେନ୍, ହାଉସ୍ କିପିଙ୍ଗ, ସୁପରଭାଇଜର, ଡେଲିଭରି ବଏ
ଯୋଗାଯୋଗ (ରବି ଟକିଜ୍ ଛକ)
8879172945

**କାର ଡ୍ରାଇଭର ଏବଂ ଟ୍ରକ ଡ୍ରାଇଭର ଆବଶ୍ୟକ ଜଗତପୁର ଅଫିସ୍ ପାଇଁ।**
ଯୋଗାଯୋଗ ପାଇଁ :
7381075901
9437496020

**ଜିଲ୍ଲା ଓ ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ନିଜ ଜିଲ୍ଲା ଓ ବ୍ଲକରେ କାମ କରିବା ପାଇଁ ପ୍ରାର୍ଥୀ ଆବଶ୍ୟକ। ବୟସ 30 ବର୍ଷ ମଧ୍ୟରେ। ଯୋଗ୍ୟତା: 8thରୁ +3. ଦରମା: 6500/- to 25,800/-.
ଯୋଗାଯୋଗ: 9583494854

**WANTED**
Science Graduate Chemistry as a subject
Address.- Krishna Palace Plot No.- 15/A, Unit-III, Kharvel Nagar, Bhubaneswar-751001 Beside of Hotel Swosti Second Lane
Contact No.- 9040588171

ANANDAPUR COLLEGE, ANANDAPUR, KEONJHAR
**WALK-IN-INTERVIEW**
Eligible candidates are required to attend the Walk-in-Interview at 11.00 AM on 20.08.2019 for the Posts of Lecturer in Odia, Commerce and Zoology. They have to submit their bio-data along with the original certificates and marksheet for verification and deposit Rs. 300/- towards incidental charges.
Sd./- Principal

**WALK-IN-INTERVIEW**
Wanted Lecturers on contractual basis in Philosophy-1, Commerce-1 and Botany-1. Interested candidates having 55% marks in P.G may attend the walk-in-Interview with their resumes, certificates in Original, recent photograph and Rs.100/- in cash payment at 11 A.M. on 13.08.19 Tuesday in the office of the Principal.
Sd./- PRINCIPAL, Shishu Ananta Mahavidyalaya, Balipatna, Khordha

**WALK IN INTERVIEW**
Response SINCE 1992 THE CREATIVE PEOPLE
A leading 27 years old Event Management & Brand Management Agency needs following Persons
1. Manager Marketing — 2 NOS.
Minimum 5 Years Experince in Concept/Advertising field will be given priority
2. Executive Client Relation — 3 NOS.
Minimum 2 Years Experince in Concept/Advertising field will be given priority
3. Data Entry Operator/Back Office Executive — 2 NOS.
Candidate should have relevant experience
4. Office Assistant/Peon — 1 NOS.
Candidate should have relevant experience
5. Accountant — 1 NOS.
Having knowledge in tally with 2 years Experience
INTERESTED CANDIDATES MAY WALK IN BETWEEN 11 A.M TO 1.30 PM FROM 08.08.2019 TO 12.08.2019 ( EXCEPT 11.08.2019 SUNDAY ).
Contact :
Response Marketing Services (P)Ltd.
Plot No-94, Sahid Nagar, Ground floor(opp-IMFA PARK Gate) Bhubaneswar,E-mail - responsemkt@gmail.com

**REQUIRED** A reputed business house in Bhubaneswar requires the following experienced and dynamic personnel:
1. SALES EXECUTIVE: Graduation with 3-5 year experience in Lubricants /Automobile / FMCG
2) ACCOUNTS ASSISTANT - Commerce with 2-3 year experience in Tally.
Interested candidate may send recent Photo with resume to
E-mail : hr.rctpl@gmail.com, Mob.: 9437329938

**WANTED**
POST
1. B.Civil Engineer - 5 (M & F), 5 to 10 Years Exp.
2. Diploma Civil - 4 (M & F), 5 to 8 Years Exp.
3. M.B.A - 3 (M & F), 5 to 10 Years Exp.
4. B.Com & Accountant - 4 (M & F), 5 to 10 Years Exp.
Salary - Up To 45,000/-
Interview Time -10 A.M. to 4 P.M, Date : 4th & 10th Aug Sun & Sat
ADDRESS :- DUCON CONTRACTORS PVT. LTD. Malick Complex, Lane No.9, Plot No.502/2 Jagamara, Khandagiri, BBSR
Mob.- 91-9663353856, 91-9439141831-What's App

**WANTED** A State Level Leading Agency needs the following Staffs for Subarnapur District.
1. SUPERINTENDENT/ PD (F): Sociology/Psychology/ MSW.
2. COUNSELOR/S.W. (M/F): MSW/ Graduate.
3. TEACHER: B.Ed./D.Ed.(Spl. Edu.-H.I.)
4. ACCOUNTANT: B.Com. (Exp) with Computer.
5. DOCTOR: (F) B.H.M.S./ B.A.M.S.
6. COOK-CUM-PEON: Under Matric.
Apply to President, NRDC: A-7/3(G.F), Indira Housing Colony, Sisupalgarh, Bhubaneswar-751002.
Mob: 9776992297, Email: nrdc_hkmbbsr@rediffmail.com

**WANTED TEACHERS**
English, History, Science (PCM), GEOGRAPHY (TGT) (Hons with B.Ed), 3 yrs Teaching Experience CBSE / ICSE.
OFFICE ASSISTANT : Qualification +3 With Computer Knowledge
Address :- RAINBOW INTERNATIONAL SCHOOL
At-Nandan Vihar, Backside of Subhadra Apartment, KIIT, Bhubaneswar-24
Tel : 0674-2727005/9337193448
E-mail:- rainbowinternationalschool24@gmail.com, Web:- www.risbbsr.com
Walk in Interview : 11th & 18th August 2019 at 11 A.M. to 2 P.M. Principal

OrissaPOST English daily
**WANTED**
**LAYOUT DESIGNERS**
- Minimum 3 years+ experience in print media.
- Proficiency in Indesign 11, Photoshop cs3, PageMaker 7.0, CorelDRAW, QuarkXPress is a must.
Apply within 7 days to:
recruitment@orissapost.com
Pay & perks will be the best in the industry for deserving candidates.

**APPOINTMENT**
Experience Teacher's required for Udayanath Public School, At-Rench Sasan, Nimapara, Puri.
Subject : English & Computer
Contact :
9437489868, 6370204504
Email Resume :
udayanathpschool@gmail.com

**REQUIRED**
EXECUTIVE OFFICER Required for handle a team of Finance, Legal, Sales and administrative. For Corporate office. Any Retired officer, Military, Police Person preferred.
Email : mrpabitramohapatra@gmail.com
Call : 9437007738

**Odisha Coal and Power Ltd.**
**(A Govt. of Odisha Company)**
OCPL Odisha Coal and Power Limited
Zone-A, Ground Floor, Fortune Towers
Chandrasekharpur, Bhubaneswar – 751023, Odisha

Advertisement No.OCPL/HR/2019/02 — Date : 07-08-2019
Odisha Coal and Power Limited (OCPL), a Government of Odisha company invites online applications from the eligible Indian Citizens for the following posts.
Backlog vacancies :

| Sl. No. | Name of the Post | Grade (Pay Scale) | Total posts |
|---|---|---|---|
| 01 | Senior Assistant Manager (Mines) | E-2 (67,700-2,08,700) | 01 |
| 02 | Assistant Manager (Electrical) | E-1 (56,100-1,77,500) | 01 |
| 03 | Junior Foreman (Electrical) | S-2 (35,400-1,12,400) | 01 |
| 04 | Junior Overman | S-2 (35,400-1,12,400) | 04 |
| | Total | | 07 |

For detailed advertisement, pay scale, how to apply and other details please visit our website www.ocpl.org.in.
Opening of online submission of application : 10 AM of 7th Aug., 2019
Last date for submission of online application : 5 PM of 27th Aug., 2019
Last date for receipt of hard copy of application : 5 PM of 4th Sept., 2019
- *Corrigendum, if any, will be published in OCPL website only.*

Manager (HR)
Odisha Coal and Power Limited
Bhubaneswar (Odisha)., Tel : 0674-2300654/2300664

**CENTRAL UNIVERSITY OF ORISSA**
(Established Under the Act of Parliament, 2009)
Sunabeda, Dist.Koraput, Odisha. PIN-763004
Advt. No. 01/2019 — Date: 01.08.2019
**Advertisement for the post of PROFESSOR**
Online applications are invited in the prescribed Application Form from eligible candidates for appointment to the post of **Professor** in various Departments at the CUO in the Academic Pay Level 14 of 7th Central Pay Commission Pay Matrix. The last date for receipt of application is **16th September, 2019.** The recruitment shall be made in accordance with the **"UGC Regulations 2018".**
For details, please visit the University website www.cuo.ac.in
Any addendum/corrigendum shall be posted only on the University website.
Sd/- REGISTRAR

See Career Appointment on every Wednesday & Saturday

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ଫଳଚାଷ



ଅମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ । ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ବର୍ଷାଦିନ ହିଁ ଫଳଗଛ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ । ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜର ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହ କରି ଠିକ୍ ଭାବରେ ଗାତ କରି ଲଗାନ୍ତୁ। ପୂର୍ବରୁ ଲଗାଯାଇଥିବା କଦଳୀଗଛ ଓ ଅମୃତଭଣ୍ଡା ଗଛ ମରିଯାଇଥିଲେ ସେହି ଜାଗାରେ ଆଉ ଥରେ ଲଗାଇ ଖାଲିସ୍ଥାନ ପୂରଣ କରନ୍ତୁ।

## ଚିନାବାଦାମ



ଜମିରୁ ପାଣି କାଟି ଦିଅନ୍ତୁ । ଚିନାବାଦାମ ଜମିରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ଚେରର ଭାତୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ । ଭଲ ବାଦାମ ଧରେ ନାହିଁ । ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର। ଟିକାରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ (୨ ଗ୍ରାମ୍ ପ୍ରତି ୧ ଲିଟର ପାଣି) ସିଞ୍ଚନ କରନ୍ତୁ । ମୂଳଶଢ଼ା ରୋଗ ଲାଗିଲେ ରିଡୋମିଲ୍ ଏମ୍.ଜେଡ୍.-୭୨ କୁ ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ । ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ । ଯେପରି କି ମାଟି ଭଲ ଭାବରେ ଭିଜି ପାରିବ ।

## ଆତ୍ମନିଯୁକ୍ତି ପାଇଁ ଫୁଲଝାଡ଼ୁ...

(ଦ୍ୱିତୀୟ ଭାଗ)

ଝାଡ଼ୁ ଗଛର ଚଅଁରକୁ ଆମେ ବାନ୍ଧି ଫୁଲଝାଡ଼ୁ ହିସାବରେ ବ୍ୟବହାର କରୁ। ଏହି ଚଅଁର ବର୍ଷର ଶେଷମାସ ବା ଡିସେମ୍ବର ମାସ ବେଳକୁ ଆସିଥାଏ ଓ ଫେବୃୟାରୀ-ମାର୍ଚ୍ଚ ମାସରେ ପାକଳ ହୋଇଥାଏ। ଚଅଁର ସଂଗ୍ରହ ଫେବୃୟାରୀ ମାସର ଶେଷ ଓ ସବୁଜ ରଙ୍ଗକୁ ବଜାୟ ରଖିବା ପାଇଁ ତାକୁ ଗଛ ଛାଇ (ଆଂଶିକ ଖରା) ବା କଅଁଳ ଖରାରେ ଶୁଖାଇବା ଜରୁରୀ। ଶୁଖିସାରିଲା ପରେ କାଠିରେ ଥିବା ବର୍ଜ୍ୟବସ୍ତୁକୁ ବାହାର କରିଦେବା ଉଚିତ। ପ୍ରକ୍ରିୟାକରଣ ପରେ ୩୫ଟି ଚଅଁରକୁ ମିଶାଇ ପ୍ଲାଷ୍ଟିକ୍ ଫିତା, ଶିଆଳି ଲତା କିମ୍ବା ପ୍ଲାଷ୍ଟିକ ନଳି ଦ୍ୱାରା ବିଡ଼ା



ସ୍ଥାନ ବିଶେଷରେ ମାର୍ଚ୍ଚ ମାସର ଶେଷଭାଗ ପର୍ଯ୍ୟନ୍ତ ଚାଲୁ ରହିଥାଏ। ଫୁଲଝାଡ଼ୁ ଘାସ ଚାଷ କଲେ ପ୍ରଥମ ବର୍ଷରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ଲାଭଜନକ ଭାବରେ ଚଅଁର ମିଳିଥାଏ। ମାତ୍ର ଲଗାଇବାର ତୃତୀୟ ଓ ଚତୁର୍ଥ ବର୍ଷରେ ଅଧିକ ସଂଖ୍ୟକ ଚଅଁର ମିଳିଥାଏ।

ଚଅଁର ଅମଳ ପରେ ଶୁଖାଇବା, ପତ୍ର ଓ ଛେଳା ଛଡ଼ାଇବା ଆଦି କାର୍ଯ୍ୟ କରାଯାଇଥାଏ। ଏହି ସମସ୍ତ କାର୍ଯ୍ୟ ଠିକ୍ ଭାବରେ କରାଯାଇ ନ ପାରିଲେ ସଂଗ୍ରହର ସମସ୍ତ ମୂଲ୍ୟ ନଷ୍ଟ ହୋଇଯାଏ। ଗୋଟାଏ ଫୁଲଝାଡ଼ୁ ଚଅଁର ଭଲଭାବରେ ଶୁଖିବା ଲାଗି ପ୍ରାୟ ୩-୪ ଦିନ ସମୟ ଲାଗିଥାଏ। ଫୁଲଝାଡ଼ୁର ମୁଖ୍ୟ ଆକର୍ଷଣ ହେଲା ରଙ୍ଗ। ଠିକ୍ ଭାବରେ ନ ଶୁଖାଇଲେ କିମ୍ବା ରାତିରେ କାକର ଖାଇଲେ, ଏହାର ରଙ୍ଗ ସବୁଜରୁ କଳା ପଡ଼ିବା ଆରମ୍ଭ କରିଥାଏ ଏବଂ ଏପରି କି ଫିମ୍ପି ମଧ ମାରିଥାଏ। ଏହି ବନ୍ଧାଯାଇଥାଏ। ସାଧାରଣତଃ ଗୋଟିଏ କିଲୋଗ୍ରାମ ଖୋଲା ଫୁଲଝାଡ଼ୁ ଚଅଁରରୁ ୩ଟି ଝାଡ଼ୁ ପ୍ରସ୍ତୁତ ହୋଇପାରେ।

ସମ୍ପ୍ରତି ଜଙ୍ଗଲକ୍ଷୟ, ଜଳବାୟୁ ପରିବର୍ତ୍ତନ, ବନାଗ୍ନି ଓ ଜଙ୍ଗଲ ସମ୍ପଦ ଉପରେ ଅଧିକ ଚାପ ଓ ବିକାଶ ପ୍ରକ୍ରିୟାର ବହୁଳତା ଯୋଗୁ ଜଙ୍ଗଲଜାତ ଦ୍ରବ୍ୟଗୁଡ଼ିକର ଉତ୍ପାଦନ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ବିଶେଷକରି ବଜାର ଚାହିଦା ଥିବା ବନଜାତ ଦ୍ରବ୍ୟଗୁଡ଼ିକର କ୍ଷତିକାରକ ଅମଳ ହେଉଥିବା ଲକ୍ଷ୍ୟ କରାଯାଉଛି। ଏହାମଧ୍ୟରୁ ଫୁଲଝାଡ଼ୁ ଅନ୍ୟତମ। ତେଣୁ ବୈଜ୍ଞାନିକ ପଦ୍ଧତିରେ ଏହାକୁ ଚାଷକରି ଅମଳ ଓ ପ୍ରକ୍ରିୟାକରଣ କରି ବିକ୍ରିବଟା କଲେ ବନବାସୀମାନଙ୍କର ଅର୍ଥନୈତିକ ବିକାଶ ସହିତ ପରିବେଶ ସୁରକ୍ଷା ହେବ।

*-ଗୟାଧର ଶିଅଳ, ବନବିଜ୍ଞାନୀ, ୟୁଏଟି, ଭୁବନେଶ୍ୱର, ମୋ: ୯୪୩୭୦୩୧୨୦୯*

# ଏ ମାସର କୃଷି ସୂଚନା

ଜଳସେଚିତ ଅଞ୍ଚଳରେ ଧାନ ଜମିରେ କର୍ନାଳୀଗୁଡ଼ିକୁ ସଫା କରନ୍ତୁ । ଫସଲରେ କୀଟ ଓ ରୋଗର ମାତ୍ରା ଆର୍ଥିକ ଦେହଳୀ ସୀମା ଅତିକ୍ରମ କଲେ ଯଥାକ୍ରମେ ଉପଯୁକ୍ତ କୀଟନାଶକ ଓ କବକନାଶୀ ବ୍ୟବହାର କରନ୍ତୁ । ତା'ପରେ ଫସଲ ଅବସ୍ଥା ଅନୁଯାୟୀ ଉପଯୁକ୍ତ ଯତ୍ନ ନିଅନ୍ତୁ ।

**ଧାନ :** ଡିପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୦ କେ.ଜି. ଯବକ୍ଷାରଜାନ ସାର ବର୍ଷାଦେଖି ପ୍ରୟୋଗ କରନ୍ତୁ ।

-ଧାନ ରୁଆ ସରିଥିଲେ ପିଲସାର ହିସାବରେ ହେକ୍ଟର ପ୍ରତି ୪୦ କେ.ଜି. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ବୁଣାଧାନରେ ବେଉଷଣ ପରେ ହେକ୍ଟର ପିଛା ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରି ବଛାବଛି ଓ ଖେଲୁଆ କାମ ସାରି ଦିଅନ୍ତୁ ।

- ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବା ପରେ ସଅଳ କିସମ ଧାନ ଯଥା-ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ଜ୍ୟୋତିର୍ମୟୀ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ ।

- କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ।

- ତଳିଘରାରେ ପତ୍ରପୋଡ଼ା ରୋଗ ହେଲେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହିତ କପର ଅକ୍ସିକ୍ଲୋରାଇଡ୍ (୨.୫ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସଞ୍ଚନ କରନ୍ତୁ । ଡ଼ିପଜମି ଧାନରେ ପତ୍ରାଛାଦ ପୋଡ଼ା ରୋଗ ଲାଗି ପ୍ରୋପିକୋନାଜୋଲ୍ (୧ ମି.ଲି. ୧ ଲିଟର ପାଣିରେ) ଗଛର ତଳପତ୍ରକୁ ସିଞ୍ଚନ କରନ୍ତୁ । ମହିଷାରୋଗ ପ୍ରତିକାର ପାଇଁ ଟ୍ରାଇସାଇକ୍ଲାଜୋଲ୍ (୧ ଗ୍ରାମ୍/୧ ଲିଟର ପାଣିରେ) ବା କାସ୍‌ଗାମାଇସିନ୍ (୧.୫ ମି.ଲି. ୧ ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ । ବିଳମ୍ବ ରୁଆ କ୍ଷେତ୍ରରେ ଘାସ ଦମନ ସକାଶେ ଧାନ ରୁଆ ହେବାର ୩-୪ ଦିନ ପରେ ହେକ୍ଟର ପ୍ରତି ୩ ଲିଟର ୫୦୦ ମି.ଲି. ଷ୍ଟମ୍ପ୍ କିମ୍ବା ୧.୫ ଲିଟର ପ୍ରେଟିଲାକ୍ଲୋର କିମ୍ବା ବୁଟାକ୍ଲୋର୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଉପରୋକ୍ତ ଘାସମରା ଔଷଧଗୁଡ଼ିକୁ ୪୦ କି.ଗ୍ରା. ଶୁଖିଲା ବାଲିରେ ମିଶାଇ ଅଳ୍ପ ଚଖାପାଣି ରଖି ସାର ଭଳି ଜମିରେ ବୁଣି ଦିଅନ୍ତୁ ।



## ଗୋପାଳନ

ବର୍ଷା ସମୟରେ ଗୋରୁଙ୍କୁ ଚରିବାକୁ ଛାଡ଼ନ୍ତୁ ନାହିଁ। ଗାଈ ଚରୁଥିବା ସମୟରେ ହଠାତ୍ ବର୍ଷା ହେଲେ ସେମାନଙ୍କୁ ଗୁହାଳକୁ ଫେରାଇ ଆଣି ବାନ୍ଧି ଦିଅନ୍ତୁ। ସେମାନଙ୍କୁ ଅଧିକ ଦାନା ବା ଘାସ କାଟି ଆଣି ଖାଇବାକୁ ଦିଅନ୍ତୁ। ଓଦା ହେଲେ ଜ୍ୱର ଓ ନିମୋନିଆ ହେବାର ଆଶଙ୍କା ଥାଏ। ଅଧିକ ବର୍ଷା ସମୟରେ ଗୁହାଳ ଭିତରକୁ ଯେପରି ପାଣି ନଛାଟେ ତା'ର ବନ୍ଦୋବସ୍ତ କରନ୍ତୁ। ସାହାଣ ଓ ବଜବଜିଆ ରୋଗର ଟିକା ୬ ମାସ ମଧ୍ୟରେ ଦିଆ ହୋଇ ନ ଥିଲେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଦିଅନ୍ତୁ।

-ହାଇବ୍ରିଡ ନାପିଅର୍, ମକା, ବରଗୁଡ଼ି ଇତ୍ୟାଦି ଘାସ ଚାଷ ଆରମ୍ଭ କରନ୍ତୁ।



**ମକା :** ମକା ଫସଲ ୬-୭ ସପ୍ତାହ ହୋଇ ଯାଇଥିଲେ କୋଡ଼ାଖୁସା କରି ଘାସବାଛି ହେକ୍ଟର ପ୍ରତି ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଜମିରେ କୌଣସି ପ୍ରକାର ଠିଆପାଣି ରଖନ୍ତୁ ନାହିଁ ।

**ମାଣ୍ଡିଆ :** ରୁଆ ହେବାର ୨-୩ ସପ୍ତାହରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ । ବର୍ଷାଧାର ଫସଲରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଓ ଜଳସେଚିତ ଫସଲରେ ୩୦ କି.ଗ୍ରା. ଯବକ୍ଷାରଜାନ ପିଲ ସାର ଭାବେ ପ୍ରୟୋଗ କରନ୍ତୁ ।

-ବୁଣା ଯାଇଥିବା ଫସଲ ୩୫-୪୦ ଦିନର ହୋଇଥିଲେ ବାକି ହେକ୍ଟର ପ୍ରତି ୧୨କି.ଗ୍ରା. ୫୦୦ ଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।

- ମାଣ୍ଡିଆ ଫସଲ ଅଧିକ ଜଳ ସହ୍ୟ କରିପାରେ ନାହିଁ । ବର୍ଷାଦିନେ ଆବଶ୍ୟକ ହେଲେ ଜଳ ନିଷ୍କାସନ କରନ୍ତୁ ।

**ନଳିତା :** ଜମିକୁ ନିଗିଡ଼ା ରଖନ୍ତୁ । କାଣ୍ଡସଢ଼ା ଓ ମୂଳପଚା ରୋଗ ପାଇଁ କାର୍ବେଣ୍ଡାଜିମ୍ (୨ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ) କିମ୍ବା ଥାୟୋଫ୍ୟାନେଟ୍ ମିଥାଇଲ୍ (୧.୫ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ) ଗଛ ମୂଳକୁ ସିଞ୍ଚନ କରନ୍ତୁ । ଚଳିତ ମାସ ଶେଷ ଆଡ଼କୁ ନଳିତା କାଟି ବିଡ଼ା କରି ଗଛମୂଳକୁ ଘୋଡ଼ାଇ ରଖନ୍ତୁ, ଯେପରି ମୂଳ ବାହାରକୁ ଦେଖାଯିବ ନାହିଁ ।

**ଡାଲିଜାତୀୟ ଫସଲ :** ମୁଗ, ବିରି, ହରଡ଼ ବୁଣା ହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ଲାଗି ହେକ୍ଟର ପ୍ରତି ୧ ଲିଟର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ସକାଶେ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଏ ମାସ ମଧ୍ୟଭାଗରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ ନଚେତ୍ ବର୍ଷା ଦ୍ୱାରା ନଷ୍ଟ ହୋଇଯିବ । ଧାନ ବିଲ ହିଡ଼ରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ ।

**ଅଳସୀ :** ଅଳସୀର ଉତ୍କଳ ନାଇଜର-୧୫୦ କିମ୍ବା ଦେଓମାଳି କିସମ ବ୍ୟବହାର କରନ୍ତୁ ।

-ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନରେ ୧ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ଗୋଳାଇ ବିଶୋଧନ କରନ୍ତୁ ।

- ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୫ ଟନ୍ ଗୋବର ଖତ ସହିତ ୨୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ ।

- ଧାଡ଼ିକୁ ଧାଡ଼ି ୩୦ ସେ.ମି. ଦୂରତାରେ ବିହନ ବୁଣନ୍ତୁ ।

**ଆଖୁ :** କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକ ଦମନ ପାଇଁ ଟ୍ରାଇକୋଗାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ । ଏହା ଛଡ଼ା ଆଲୋକ ଜନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ୱିନାଲ୍‌ଫସ୍ ଔଷଧ ମିଶାଇ ସିଞ୍ଚନ କରନ୍ତୁ ।

***-କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର***

## ପନିପରିବା ଫସଲ



ଉଚ୍ଚା ନିଗିଡ଼ା ଜମିରେ ସଅଳ କିସମ କୋବି ଲଗାନ୍ତୁ ।

- ଲଙ୍କାମରିଚ ଓ ବାଇଗଣ ଫସଲରୁ ଘାସ ବାଛି ହୁଡ଼ା ଦିଅନ୍ତୁ ।

- ଜହ୍ନି, କଖାରୁ, କଲରା, ଛଚିନ୍ଦ୍ରା, କାକୁଡ଼ି, ଭେଣ୍ଡି, ବରଗୁଡ଼ି ଇତ୍ୟାଦି ଫସଲକୁ କୋଡ଼ାଖୁସା କରି ସାର ଦିଅନ୍ତୁ । ପୋକ ଦମନ ପାଇଁ ଜୈବ କୀଟନାଶକ ଏବଂ ନିମ୍ବ ଜାତୀୟ କୀଟନାଶକ ଅନୁମୋଦିତ ହାରରେ ପ୍ରୟୋଗ କରନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ଲାଗି ମାନ୍‌କୋଜେବ୍ (୩ ଗ୍ରାମ୍ ୧ ଲିଟର ପାଣିରେ) ଓ କାର୍ବେଣ୍ଡାଜିମ୍ (୧ ଗ୍ରାମ୍ ୧ ଲିଟର ପାଣିରେ) ଅଦଳ ବଦଳ କରି ଦୁଇତିନି ଥର ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ପାଇଁ ପ୍ଲାଣ୍ଟୋମାଇସିନ୍ (୧ ମି.ଲି. ଲିଟର ପ୍ରତି) ସହ କପର୍‌ଅକ୍ସିକ୍ଲୋରାଇଡ୍ (୨ ଗ୍ରାମ୍/ଲିଟର ପିଛା) ମିଶାଇ ମୂଳମାଟିକୁ ଭିଜାଇ ଦିଅନ୍ତୁ ।

- ଆଭ୍ୟନ୍ତରୀଣ ଜିଲ୍ଲାରେ ଅଦିନିଆ ଫୁଲ କୋବି ଲଗାନ୍ତୁ । ପୁଷା ଅର୍ଲି ସିନ୍ଥେଟିକ୍, ପୁଷା ମାଘି ଏବଂ ପୁଷା ଦୀପାଳି ଆଦି ଅତି ସଅଳ କିସମ ଫୁଲକୋବି ଚାଷ କରନ୍ତୁ।

- ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ସଙ୍କର କିସମ ଟମାଟୋ ଚାଷ କରିପାରିବେ।

# ସଫଳ ସୂର୍ଯ୍ୟମୁଖୀ ଚାଷ



ପରେଶ କୁମାର ପଣ୍ଡା

ତୈଳବୀଜ ଉତ୍ପାଦନରେ ସୂର୍ଯ୍ୟମୁଖୀର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏଥିରୁ ପ୍ରଚୁର ପରିମାଣର ଜୀବନୀଶକ୍ତି ବା ଖାଦ୍ୟପ୍ରାଣ ରହିଛି। ତାହାକୁ ନିତ୍ୟ ବ୍ୟବହାର କରି ମଣିଷ ସୁସ୍ଥ ଓ ଦୀର୍ଘାୟୁ ହୋଇଥାଏ। ଏଥିରେ ୨୦.୮ ପ୍ରତିଶତ ପୁଷ୍ଟିସାର ସହିତ ୫୦ ପ୍ରତିଶତ ସ୍ନେହସାର ଥିବାରୁ ଖାଇବା ତେଲ ଉତ୍ପାଦନରେ ଏବଂ ସ୍ୱାସ୍ଥ୍ୟ ରକ୍ଷା ଦିଗରେ ଏହାର ପ୍ରମୁଖ ଭୂମିକା ରହିଛି। ଆହୁରି ମଧ୍ୟ ଏହାର ତେଲ ଖାଉଥିବା ବ୍ୟକ୍ତିଙ୍କର କୋଲେଷ୍ଟରଲ, ହୃଦ୍‌ରୋଗ ଓ ରକ୍ତନଳିଜନିତ ରୋଗ ଆଶଙ୍କା କମ୍ ଥାଏ। ଏହି ତେଲରେ ଅଧିକ ପରିମାଣର ଭିଟାମିନ୍-'ଏ', 'ଡି' ଓ 'ଇ' ରହିଥାଏ। ସୂର୍ଯ୍ୟମୁଖୀର ପିଡ଼ିଆରେ ପୁଷ୍ଟିସାରର ମାତ୍ରା ଅଧିକ ଥିବାରୁ ତାହାକୁ ଉତ୍ତମ ଗୋଖାଦ୍ୟ ଓ କୁକୁଡ଼ା ଖାଦ୍ୟ ରୂପେ ବ୍ୟବହାର କରାଯାଏ। ଏହାର ଚାଷ କ୍ରମେ ଲୋକପ୍ରିୟ ହେଉଥିବାରୁ ପ୍ରାୟ ଜିଲାରେ ଚାଷ କରାଗଲାଣି।

ସୂର୍ଯ୍ୟମୁଖୀ ୮ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ଉତ୍ତାପ ଅନୁଭୂତ ହେଉଥିବା ଅଞ୍ଚଳରେ ଚାଷ ହୋଇଥାଏ। ଏପରି ସମୟରେ ବୁଣା ହେବା ଆବଶ୍ୟକ, ଯଦ୍ଦ୍ୱାରା ଫୁଲ ଫୁଟିବା ଓ ଦାନା ପୂରଣ ଅବସ୍ଥାରେ ଲଗାତର ବର୍ଷା ନ ହେଉଥିବା କିମ୍ବା ବାୟୁମଣ୍ଡଳୀୟ ଉତ୍ତାପ ୩୮ ଡିଗ୍ରୀ ସେଲ୍‌ସିୟସରୁ ଅଧିକ ନ ଥିବା ଆବଶ୍ୟକ। ପ୍ରାଥମିକ ଅବସ୍ଥାରେ ଗଜା ଓ ଗଛର ବୃଦ୍ଧି ପାଇଁ ଥଣ୍ଡାପାଗ ଭଲ। ଗଛଗୁଡ଼ିକ ୪-୬ ପତ୍ର ହେବା ପର୍ଯ୍ୟନ୍ତ ଅଳ୍ପ ପରିମାଣର କୁହୁଡ଼ି ମଧ୍ୟ ସହ୍ୟ କରିପାରେ। ଏହାର ଫୁଲ ହେବା ସମୟରେ ସୂର୍ଯ୍ୟକିରଣର ଆବଶ୍ୟକତା ରହିଛି। ଶୀଘ୍ର ଜଳ ନିଷ୍କାସନ ହୋଇପାରୁଥିବା ନିଗିଡ଼ା, ଦୋରସା ଓ ପଟୁ ଦୋରସା ମାଟିରେ ଏହାର ଚାଷ ଭଲ ହୋଇଥାଏ। ଏହାର ହାଲୁକା ଲୁଣା ସହଣି ଶକ୍ତି ରହିଛି। ଅମ୍ଳମାଟିରେ ଫସଲ ଭଲ ହୋଇ ନ ଥାଏ। ବର୍ଷା ଋତୁରେ ବାଲିଆ ଦୋରସା ମାଟିରେ ଏହା ଚାଷ କରାଯାଇଥାଏ। ଶୀତ ଓ ଖରାଟିଆ ଫସଲ ପାଇଁ ମଟାଳିଆ ବା ଦୋରସା ମାଟିରେ ସୂର୍ଯ୍ୟମୁଖୀ ଚାଷ କରିବା ଭଲ।

**ଉନ୍ନତ କିସମ:** ସନ୍‌ରାଇଜ୍, ମର୍‌ଡେନ, ଇ.ସି.-୬୮୪୧୪, ଇ.ସି.-୬୮୪୧୫, ଡି.ଆର୍.ଏସ୍.ଏଫ୍.-୧୦୮ ଓ ଡି.ଆର୍.ଏସ୍.ଏଫ୍-୧୧୩। **ସଙ୍କର କିସମ ହେଲା–** ବି.ଏସ୍.ଏଚ୍.-୧, କେ.ବି.ଏସ୍.ଏଚ୍-୧, ଏମ୍.ଏସ୍.ଏଫ୍.ଏଚ୍-୧୭, ଏମ୍.ଏସ୍.ଏଫ୍.ଏଚ୍-୮, ଜ୍ୱାଳାମୁଖୀ, ପି.ଏ.ସି-୩୬, ପି.ଏ.ସି.-୧୦୯୧, ଏମ୍.ଏଲ୍.ଏସ୍.ଏଫ୍.ଏଚ୍-୪୭, କେ.ବିଏସ୍ଏଚ୍-୪୪, ସନ୍‌ଜିନି-୮୫ ଓ ପ୍ରୋ.ସନ-୦୯ (୯୫ ଦିନର): କେ.ବି.ଏସ୍.ଏଚ୍-୧, କେ.ବି.ଏସ୍.ଏଚ୍-୪୪, ଏମ୍.ଏସ୍.ଏଫ୍,ଏଚ୍-୮, ଏମ୍.ଏସ୍ଏଫ୍.ଏଚ-୧୭ (୧୧୦ ଦିନର) ଓ ଅନ୍ୟ କିସମ (୧୦୦ ଦିନ ଅବଧିର)। ବିଶେଷକରି ମର୍‌ଡେନ୍, ପି.ଏ.ଏସ୍-୩୬, କେ.ବି.ଏସ୍.ଏଚ୍.-୧ ଓ କେ.ବି.ଏସ୍.ଏଚ୍.-୪୪ ଓଡ଼ିଶାରେ ଲୋକପ୍ରିୟ।



**ବିହନ, ଖତସାର:** ଖରିଫ୍ ଋତୁରେ ଜୁଲାଇ ୧୫ ମଧ୍ୟରେ, ରବି ଋତୁରେ ନଭେମ୍ବର ୧୫ ସୁଦ୍ଧା ଓ ଖରାଟିଆ ଚାଷ ପାଇଁ ଜାନୁୟାରୀରୁ ଫେବୃୟାରୀ ମଧ୍ୟରେ ବିହନ ବୁଣାଯାଇଥାଏ। ଉନ୍ନତ କିସମର ବିହନ ଏକର ପ୍ରତି ୪-୫ କି.ଗ୍ରା. ଓ ସଙ୍କର ବିହନ ୨-୩ କି.ଗ୍ରା. ଦରକାର ପଡ଼ିଥାଏ। ମେଟାଲାକ୍ସିଲ୍ ୬ ଗ୍ରାମ୍ ୧ କି.ଗ୍ରା. ବିହନ ପ୍ରତି ବିଶୋଧନ କଲେ ନିମ୍ନମୁଖୀ ପାଉଁଶିଆ ରୋଗ ଦାଉରୁ ଫସଲ ରକ୍ଷା ପାଇଥାଏ। ଶୁଷ୍କାଞ୍ଚଳରେ ଶୀଘ୍ର ଗଜା ଆସିବା ଓ ଗଛ ସଂଖ୍ୟା ଆବଶ୍ୟକ ରଖିବା ନିମନ୍ତେ ସଜ ପାଣିରେ ୧୦ ଘଣ୍ଟା ପର୍ଯ୍ୟନ୍ତ ମଞ୍ଜିକୁ ଭିଜାଇବାକୁ ପଡ଼ିଥାଏ। ବିହନଜନିତ ରୋଗରୁ ଫସଲକୁ ରକ୍ଷା କରିବା ଲାଗି କି.ଗ୍ରା. ମଞ୍ଜି ପ୍ରତି ୩ ଗ୍ରାମ ଥିରାମ୍ ବା କ୍ୟାପଟାନ୍ କିମ୍ବା ୪ ଗ୍ରାମ ଟ୍ରାଇକୋଡ଼ର୍ମା ଭିରିଡ଼େ ମିଶାଇ ବିହନ ବିଶୋଧନ କରିବା ଆବଶ୍ୟକ। ବିହନକୁ କି.ଗ୍ରା. ପ୍ରତି ୫-୭ ଗ୍ରାମ ଇମିଡ଼ାକ୍ଲୋପ୍ରିଡ୍‌ରେ ବିଶୋଧନ କଲେ ପତ୍ରରେ ଉକୁଣି ପୋକ ଲାଗିବା କମିଯାଏ। ଗୁଣ୍ଡମାଟି ସୂର୍ଯ୍ୟମୁଖୀ ଚାଷ ପାଇଁ ବିଶେଷ ଉପଯୋଗୀ। ଏଥିପାଇଁ ଗଭିରିଆ ୩ ଓଡ଼ ଚାଷକରି ମଇ ଦେଇ ମାଟିକୁ ସମତୁଲ କରାଯାଏ। ଶେଷଥର ଚାଷ ସମୟରେ ଏକର ପ୍ରତି ୩୦ କୁଇଣ୍ଟାଲ ଖତ ଭଲ ଭାବରେ ମିଶାଇବାକୁ ହୁଏ। ଲଗାତର ଗୋଟିଏ ଜମିରେ ସୂର୍ଯ୍ୟମୁଖୀ ନ କରି ଫସଲ ପର୍ଯ୍ୟାୟ ଗ୍ରହଣ କରିବା ଦରକାର। ମାଟିରେ ବତର ଅଧିକ ଥିଲେ ଭଲ ଗଜା ହୁଏ। ଉନ୍ନତ କିସମ ପାଇଁ ଧାଡ଼ି ମଧ୍ୟରେ ୪୫ ସେ.ମି. ଦୂରତା ଓ ମଞ୍ଜିକୁ ମଞ୍ଜି ୨୫-୩୦ ସେ.ମି. ଦୂରତା ଓ ୨-୪ ସେ.ମି. ଗଭୀର ରହିବା ପ୍ରୟୋଜନ। କିନ୍ତୁ ସଙ୍କର ଜାତୀୟ ବିହନ ପାଇଁ ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନ ରଖାଯାଏ। ସୂର୍ଯ୍ୟମୁଖୀ ମଞ୍ଜିର ଚୋପା ଟାଣ ହୋଇଥିବାରୁ ଗଜା ହେବାରେ ଅସୁବିଧା ହୋଇଥାଏ। ଆଶାନୁରୂପ ଅମଳ ପାଇବା ନିମନ୍ତେ ଗଜା ଉଠିବାର ୧୦-୧୫ ଦିନ ବେଳକୁ ବୁଦା ପ୍ରତି ୧ଟି କରି ସୁସ୍ଥ ଗଛ ରଖି ବାକି ଗଛଗୁଡ଼ିକୁ ଉପାଡ଼ି ଦିଆଯାଏ। ୧ କୁଇଣ୍ଟାଲ ସୂର୍ଯ୍ୟମୁଖୀ ମଞ୍ଜି ପାଇବାକୁ ମୃତ୍ତିକାରୁ ପ୍ରାୟ ୬.୩ କି.ଗ୍ରା. ଯବକ୍ଷାରଯାନ, ୧.୯ କି.ଗ୍ରା. ଫସ୍‌ଫରସ୍, ୧୨.୬ କି.ଗ୍ରା. ପଟାସ୍, ୧.୨ କି.ଗ୍ରା. ଗନ୍ଧକ ଓ ୬.୮ କି.ଗ୍ରା. କ୍ୟାଲ୍‌ସିୟମ୍ ଇତ୍ୟାଦି ଗ୍ରହଣ କରିଥାଏ। ତେଣୁ ମୃତ୍ତିକା ପରୀକ୍ଷାଭିତ୍ତିରେ ଖାଦ୍ୟସାର ପ୍ରୟୋଗ ଜରୁରୀ। ଏକର ପ୍ରତି ୭୦-୮୦ କୁଇଣ୍ଟାଲ ଶଢ଼ା ଖତ ବୁଣିବାର ୨-୩ ସପ୍ତାହ ପୂର୍ବରୁ ପ୍ରୟୋଗ କଲେ ଭଲ। ଏକର ପ୍ରତି ଖତ ସହ ଜୀବାଣୁସାର-ଆଜୋଟୋବ୍ୟାକ୍ଟର/ଆଜୋସ୍ପିରିଲମ୍ ଗୁଣ୍ଡ ୧.୬ କି.ଗ୍ରା. ଓ ଫସ୍‌ଫରସ୍ ଦ୍ରବୀଭୂତକାରୀ ଜୀବାଣୁ କଲ୍‌ଚର୍ ୨-୪ କି.ଗ୍ରା. ଗୋଳାଇ ପ୍ରୟୋଗ କଲେ ରାସାୟନିକ ସାରର ଆବଶ୍ୟକତା କମ୍ ହୋଇ ଫସଲ ଭଲ ବଢ଼ିବା ସହିତ ଅଧିକ ଅମଳ ମିଳିଥାଏ।



*-ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର*
*ମୋ: ୭୨୦୫୦୯୬୦୮୦*

## ସଂକ୍ଷେପରେ

### କଶ୍ମୀରରେ କାରଖାନା ଖୋଲିବ ଏସିଆର ସର୍ବବୃହତ୍ ହେଲ୍‌ମେଟ୍ କମ୍ପାନୀ




ନୂଆଦିଲ୍ଲୀ,୬-୮: ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ପ୍ରତ୍ୟାହାର ପରେ ଏସିଆର ସର୍ବବୃହତ୍ ହେଲମେଟ୍ ନିର୍ମାତା କମ୍ପାନୀ ଷ୍ଟିଲବାର୍ଡ ହାଇଟେକ ଇଣ୍ଡିଆ କେନ୍ଦ୍ରଶାସିତ ଅଞ୍ଚଳରେ କାରଖାନା ପ୍ରତିଷ୍ଠା କରିବାକୁ ଆଗ୍ରହ ପ୍ରକାଶ କରିଛି। କମ୍ପାନୀ ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରି କହିଛି ଯେ, କଶ୍ମୀର ଉପତ୍ୟକାରେ ନୂଆ ଔଦ୍ୟୋଗିକ କ୍ରାନ୍ତି ଆରମ୍ଭ ହେବ। ଫଳରେ ସ୍ଥାନୀୟ ନାଗରିକଙ୍କୁ ନିଯୁକ୍ତି ମିଳିବ। ଷ୍ଟିଲବାର୍ଡ ହେଲମେଟ୍ସର ଅଧକ୍ଷ ସୁଭାଷ କପୁର କହିଛନ୍ତି ଯେ, ଅନୁଚ୍ଛେଦ ୩୭୦ ହଟାଇବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ଉଠାଯାଇଥିବା ପଦକ୍ଷେପ ବହୁ ପ୍ରତୀକ୍ଷିତ ଥିଲା। ଏହି ଚମତ୍କାର ପଦକ୍ଷେପ ଦ୍ୱାରା କଶ୍ମୀର ଉପତ୍ୟକା ଭାରତର ମୁଖ୍ୟଧାରାରେ ସାମିଲ ହୋଇପାରିବ ଏବଂ ଦେଶର ସାମୂହିକ ବିକାଶର ଅଂଶବିଶେଷ ହୋଇପାରିବ। ଅଦ୍ୟାବଧି ସେଠାକାର ଜମ୍ମୁ-କଶ୍ମୀରରେ ଅଧିକାଂଶ ବିନିର୍ମାଣ ଗତିବିଧି କୃଷି ଏବଂ ହସ୍ତଶିଳ୍ପ ପର୍ଯ୍ୟନ୍ତ ସୀମିତ ରହିଛି। ସେଠାରେ ଅକ୍ଟୋବରରେ ହେବାକୁ ଥିବା ନିବେଶକ ସମ୍ମିଳନୀରେ ଅଂଶଗ୍ରହଣ କରିବା ସହ କମ୍ପାନୀ କାରଖାନା ଖୋଲିବାକୁ ଯୋଜନା ପ୍ରସ୍ତୁତ କରାଯାଉଛି ବୋଲି କମ୍ପାନୀ ଏମ୍‌ଡି ରାଜୀବ କପୁର କହିଛନ୍ତି। ସୂଚନାଥାଉ କି, ଷ୍ଟିଲ୍‌ବାର୍ଡ ଇତିମଧ୍ୟରେ ହିମାଚଳପ୍ରଦେଶର ବଦ୍ଦିରେ ୧୫୦ କୋଟି ଟଙ୍କା ନିବେଶ କରି କାରଖାନା ସ୍ଥାପନ କରିସାରିଛି। ଏଠାରେ ଦିନକୁ ୪୪,୫୦୦ ହେଲ୍‌ମେଟ ନିର୍ମାଣ ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କଶ୍ମୀର ଉପତ୍ୟକାରେ ସମାନ ପ୍ରଗତି କରିବାକୁ କମ୍ପାନୀ ଆଶାବାନ୍ଧିଛି।

### ଜେ ଆଣ୍ଡ କେ ବ୍ୟାଙ୍କ ସରକାରଙ୍କ ନିୟନ୍ତ୍ରଣକୁ ଆସିବ

ନୂଆଦିଲ୍ଲୀ,୬-୮: ଜମ୍ମୁ-କଶ୍ମୀରରେ ଅନୁଚ୍ଛେଦ ୩୭୦ ହଟିବା ପରେ ଏବେ କେନ୍ଦ୍ର ସରକାର ଜେ ଆଣ୍ଡ କେ ବ୍ୟାଙ୍କକୁ ନିଜ ନିୟନ୍ତ୍ରଣକୁ ନେବେ। ବର୍ତ୍ତମାନ ଏହି ବ୍ୟାଙ୍କର ୬୦% ଅଂଶଧନ ରାଜ୍ୟ ସରକାରଙ୍କ ନିକଟରେ ରହିଛି। ଏହା ରାଜ୍ୟର ସବୁଠାରୁ ପ୍ରମୁଖ ବ୍ୟାଙ୍କ ଯାହାର ଶାଖା ସମ୍ପୂର୍ଣ୍ଣ ରାଜ୍ୟରେ ରହିଛି। ସରକାର ଏହି ବ୍ୟାଙ୍କକୁ ନିଜ ନିୟନ୍ତ୍ରଣରେ ନେବା ପରେ ବ୍ୟାଙ୍କ ବୋର୍ଡ ସମେତ ସମସ୍ତ ମହତ୍ତ୍ୱପୂର୍ଣ୍ଣ ପଦରେ ନିଯୁକ୍ତି ଦେବାର ଅଧିକାର ପାଇଯିବେ। ଏବେ ଏହି ଅଧିକାର ରାଜ୍ୟ ସରକାରଙ୍କ ନିକଟରେ ରହିଛି। ଏହା ବର୍ତ୍ତମାନ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ, ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ପରିଚାଳିତ ହେବ। ଏବେ ରାଜ୍ୟ ସଚିବଙ୍କ ନିକଟରେ ଏହି ବ୍ୟାଙ୍କର ୫୫.୮୯% ଏବଂ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ନିକଟରେ ୩.୩୪% ଅଂଶଧନ ରହିଛି। ବ୍ୟାଙ୍କକୁ ଅଧିକାଂଶ ଆର୍ଥିକ ସହାୟତା ରାଜ୍ୟ ସରକାର ଦେଇ ଆସୁଥିଲେ। ଏହାସତ୍ତ୍ୱେ ଏହାକୁ ଘରୋଇ ସେକ୍ଟର ବ୍ୟାଙ୍କ କୁହାଯାଉଛି।

### ଡିଶ୍ ଟିଭି ସହ ମିଶିଯିବ ଏୟାରଟେଲ




ନୂଆଦିଲ୍ଲୀ,୬-୮: ଦେଶର ଦୁଇ ପ୍ରମୁଖ ଡିଟିଏଚ୍ କମ୍ପାନୀ ଚଳିତ ମାସ ଶେଷ ସୁଦ୍ଧା ମିଶିଯିବେ। ଏସେଲ ଗ୍ରୁପ୍ କମ୍ପାନୀ ଡିଶ୍ ଟିଭିକୁ ଖୁବ୍‌ଶୀଘ୍ର ଭାରତୀ ଏୟାରଟେଲ କିଣିବ। ମିଶ୍ରଣ ପରେ ଏୟାରଟେଲ ଡିଜିଟାଲ ଟିଭି ଦେଶର ସର୍ବବୃହତ ଡିଟିଏଚ୍ କମ୍ପାନୀ ହେବ। ଏହା ଟାଟା ସ୍କାଏ ଏବଂ ରିଲାଏନ୍ସ ଜିଓକୁ ଟକ୍କର ଦେବ। ରିଲାଏନ୍ସ ମଧ୍ୟ ଚଳିତ ମାସରେ ନିଜର ଗିଗାଫାଇବର ସେବାକୁ ବାଣିଜ୍ୟିକ ଭିତ୍ତିରେ ଆରମ୍ଭ କରିବାକୁ ଯାଉଛି। ଡିଶ୍ ଟିଭିକୁ ନିଜ କମ୍ପାନୀ ସହ ମିଶାଇବା ନେଇ ଏୟାରଟେଲ ମାଲିକ ସୁନୀଲ ଭାରତୀ ମିତ୍ତଲ ଚଳିତ ମାସ ମାର୍ଚ୍ଚରେ କଥାବାର୍ତ୍ତା ଆରମ୍ଭ କରିଥିଲେ, ଏହା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ମାସ ଶେଷରେ ଦୁଇ କମ୍ପାନୀ ଏକତ୍ର ଏ ସମ୍ପର୍କରେ ଘୋଷଣା କରିବେ। ରିଲାଏନ୍ସ ଜିଓ ଦେଶର ଦୁଇ ସର୍ବବୃହତ୍ କେବଲ ଟିଭି କମ୍ପାନୀ ଡେନ୍ କେବଲ ନେଟୱର୍କ ଏବଂ ହ୍ୟାଥଓ୍ୱେ କେବଲ ଆଣ୍ଡ ଡାଟାକମ୍‌ରେ ପ୍ରମୁଖ ଅଂଶଧନ କିଣିଛି। ମିତ୍ତଲ ଏବେ ଡିଟିଏଚ୍ କ୍ଷେତ୍ରରେ ଜିଓକୁ କଡ଼ା ଟକ୍କର ଦେବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। ଗତବର୍ଷ ମାର୍ଚ୍ଚରେ ଡିଶ୍ ଟିଭି ଭିଡିଓକନ ଡିଟିଏଚ୍‌କୁ ନିଜ ସହ ମିଶାଇଥିଲା। ଏୟାରଟେଲ ନିଜ କମ୍ପାନୀକୁ ଟାଟା ସ୍କାଏକୁ ବିକିବାକୁ ଚେଷ୍ଟା କରିଥିବା ବେଳେ ଏହା ସଫଳ ହୋଇନାହିଁ।

---

> ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ଆଗ୍ରହ ବୃଦ୍ଧି ପାଉଛି। ଆର୍‌ଇସି ଲିମିଟେଡ ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକାରେ ରହିଛି।
> – ଅଜିତ କୁମାର ଅଗ୍ରୱାଲ, ଆର୍‌ଇସି ସିଏମ୍‌ଡି



> ଦେଶର ଅର୍ଥନୀତିର ଗତି ଦ୍ରୁତ ହେବା ସହିତ ଏହାର ପର୍ଯ୍ୟଟନ ସେକ୍ଟର ମଧ୍ୟ ଆଗେଇବ। ଏହାକୁ ଦୃଷ୍ଟିରେ ରଖି ଥମାସ କୁକ୍ ନିବେଶ ବୃଦ୍ଧି କରିବାକୁ ଯାଉଛି।
> – ମାଧବନ୍ ମେନନ, ଥମାସ କୁକ୍ ସିଏମ୍‌ଡି



# ୫୯ ମିନିଟରେ ମିଳିବ ରିଟେଲ ଋଣ

- ଚାହିଦା ବଢ଼ାଇବା ଲକ୍ଷ୍ୟ
- ଗୃହ, କାର୍ ଋଣ ପାଇହେବ
- ଅର୍ଥ ମନ୍ତ୍ରଣାଳୟ-ବ୍ୟାଙ୍କ ମୁଖ୍ୟଙ୍କ ସହ ଆଲୋଚନା
- ଖୁବଶୀଘ୍ର ହେବ ଘୋଷଣା




ନୂଆଦିଲ୍ଲୀ,୬-୮

ଦେଶର ଅର୍ଥନୀତିକୁ ଗତିଶୀଳ କରିବାକୁ ହେଲେ ଚାହିଦା ବୃଦ୍ଧି କରିବାକୁ ହେବ। ଏହାକୁ ଦୃଷ୍ଟିରେ ରଖି ସରକାର ମାତ୍ର ୫୯ ମିନିଟରେ ରିଟେଲ ଋଣ ପ୍ରଦାନ କରିବାକୁ ଯାଉଛନ୍ତି। ଅର୍ଥ ମନ୍ତ୍ରଣାଳୟ ସହ ବ୍ୟାଙ୍କ ଗୁଡିକର ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଛି। ତେବେ ଆଲୋଚନା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ନିଷ୍ପତ୍ତି ଘୋଷଣା ନେଇ ଏବେ ଅନିଶ୍ଚିତତା ଲାଗି ରହିଛି। କିନ୍ତୁ ସରକାର ଏ ଦିଗରେ ଖୁବଶୀଘ୍ର ନିଷ୍ପତ୍ତି ନେବେ ବୋଲି ଜଣେ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

ଚାହିଦା ବୃଦ୍ଧି ପାଇଁ ଅର୍ଥ ଆବଶ୍ୟକ ହେଉଥିବା ବେଳେ ଖାଉଟି ଏବେ ପ୍ରଚଣ୍ଡ ଅର୍ଥ ସଙ୍କଟର ସମ୍ମୁଖୀନ ହେଉଛି। ଫଳସ୍ୱରୂପ ରିଟେଲ ଓ ଅଟୋ ସେକ୍ଟର ଧିମା ହୋଇଛି। ଦେଶକୁ ମାନ୍ଦାବସ୍ଥାରୁ ଦୂରେଇ ରଖିବା ଲାଗି ରିଟେଲ ସେକ୍ଟରରେ ଋଣ ପ୍ରଦାନକୁ ତ୍ୱରାନ୍ୱିତ କରିବାକୁ ହେବ ବୋଲି ବୈଠକରେ ମତପ୍ରକାଶ ପାଇଛି।

ମିଡିଆ ରିପୋର୍ଟ ଅନୁଯାୟୀ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ସହ ଉଭୟ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ମୁଖ୍ୟମାନଙ୍କ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ମାତ୍ର ୫୯ ମିନିଟରେ ଋଣ ପ୍ରଦାନ ସଫଳ ହୋଇଥିବାରୁ ଏହି ଯୋଜନାକୁ ରିଟେଲ ସେକ୍ଟରରେ ଲାଗୁ କରିବାକୁ ବ୍ୟାଙ୍କ ମୁଖ୍ୟମାନଙ୍କ ପକ୍ଷରୁ ଅର୍ଥମନ୍ତ୍ରୀଙ୍କୁ ପ୍ରସ୍ତାବ ଦିଆଯାଇଛି। ଏ ଦିଗରେ ବିଚାର କରାଯିବ ବୋଲି ସୀତାରାମନ୍ ପ୍ରତିଶ୍ରୁତି ଦେଇଛନ୍ତି। ୫୯ ମିନିଟରେ ଋଣ ପ୍ରଦାନ ବ୍ୟବସ୍ଥା ବର୍ତ୍ତମାନ ଏମଏସ୍‌ଏମ୍‌ଇ ସେକ୍ଟରରେ ଦିଆଯାଉଛି। ଯେକୌଣସି କ୍ଷୁଦ୍ର କମ୍ପାନୀ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ପିଏସ୍‌ବିଲୋନ୍‌ସଇନ୍‌୫୯ମିନିଟ୍ସ ଡଟ୍ କମ୍‌ରେ ଆବେଦନ କରି ପାଇପାରୁଛନ୍ତି।

ରିଟେଲ ଗ୍ରାହକ ଯେପରି ଘର, କାର୍, ଟିଭି, ଫ୍ରିଜ୍ ଆଦି ସହଜରେ ଋଣ ନେଇ କିଣିପାରିବେ ସେଥିପାଇଁ ସରକାରଙ୍କ ପକ୍ଷରୁ ୫୯ ମିନିଟରେ ଋଣ ପ୍ରଦାନ ପାଇଁ ଏକ ୱେବ୍‌ସାଇଟ ଆରମ୍ଭ କରାଯିବା ଦରକାର ବୋଲି ବ୍ୟାଙ୍କ ମୁଖ୍ୟମାନେ ପ୍ରସ୍ତାବ ଦେଇଛନ୍ତି। ଏହାଦ୍ୱାରା ଚାହିଦା ବୃଦ୍ଧି ପାଇବ ଓ ଅର୍ଥନୀତିର ଗତି ଦ୍ରୁତ ହେବ। ଅଟୋ, ରିୟଲ ଇଷ୍ଟେଟ, କଞ୍ଜ୍ୟୁମର ଗୁଡ୍ସ ଓ ଇଲେକ୍ଟ୍ରୋନିକ୍ସ ଶିଳ୍ପକୁ ଫାଇଦା ମିଳିବ।

## ଅଟୋ, ଏଫ୍‌ଏମ୍‌ସିଜି ସର୍ବାଧିକ ପ୍ରଭାବିତ

ଅର୍ଥନୀତି ଧିମା ହେବାର ପ୍ରଭାବ ଏବେ ଅଟୋ ଓ ଏଫ୍‌ଏମ୍‌ସିଜି ସେକ୍ଟରକୁ ସବୁଠାରୁ ଅଧିକ ପ୍ରଭାବିତ କରିଛି। ଗାଡ଼ି ବିକ୍ରି ଦିନକୁ ଦିନ ହ୍ରାସ ପାଇବା କାରଣରୁ ଅଟୋ କମ୍ପାନୀ କର୍ମଚାରୀ ଛଟେଇ କରିବା ସହ ଶୋ'ରୁମ୍ ବନ୍ଦ କରିବାକୁ ବାଧ ହୋଇଛନ୍ତି। ସେହିପରି ଫାଷ୍ଟ ମୁଭିଂ କଞ୍ଜ୍ୟୁମର ଗୁଡ୍ସ(ଏଫ୍‌ଏମ୍‌ସିଜି) ସେକ୍ଟରରେ ଚାହିଦା ହ୍ରାସ ପାଇବା କାରଣରୁ ଉତ୍ପାଦନ ହ୍ରାସ ପାଇଚାଲିଛି। ସେମାନେ ମାର୍କେଟରେ ତିଷ୍ଠି ରହିବା ଲାଗି ଭିନ୍ନ ପନ୍ଥା ଆପଣାଉଛନ୍ତି। ବିକ୍ରି ହ୍ରାସ କାରଣରୁ କମ୍ପାନୀଗୁଡ଼ିକର ଲାଭ କମିବାରେ ଲାଗିଛି। ଆକ୍ସିସ ବ୍ୟାଙ୍କ ସିଇଓ ଅମିତାଭ ଚୌଧୁରୀଙ୍କ କହିବାନୁଯାୟୀ, ଅର୍ଥନୀତିର ଧିମାପଣ ଆଶାଠାରୁ ଅଧିକ ଅବଧି ପର୍ଯ୍ୟନ୍ତ ରହିବ ବୋଲି ମନେ ହେଉଛି। ତାଙ୍କର କହିବାନୁଯାୟୀ, ଅର୍ଥନୀତି ଧିମା ହେବାର ଲକ୍ଷଣ ପ୍ରଥମେ ଏନ୍‌ବିଏଫ୍‌ସିରୁ ଆରମ୍ଭ ହୋଇ ଅଟୋ ସେକ୍ଟରକୁ ମାଡିଥିଲା। ଏବେ ଏହା ଏଫ୍‌ଏମ୍‌ସିଜି ସେକ୍ଟରକୁ ମାଡିଗଲାଣି। ଗ୍ରାମାଞ୍ଚଳରେ ଆୟ କମିବା କାରଣରୁ ଚାହିଦା ହ୍ରାସ ପାଇବାରେ ଲାଗିଛି। ଶୀଘ୍ର ଏଥିରେ ପରିବର୍ତ୍ତନ ହେବାର ସମ୍ଭାବନା ଦେଖାଯାଉନାହିଁ। ଜୁନ୍‌ରେ କୋର୍ ସେକ୍ଟର ଅଭିବୃଦ୍ଧି ୦.୨%କୁ ହ୍ରାସ ପାଇଛି, ଯାହା କି ୨୦୧୫ ପରେ ସବୁଠାରୁ ଖରାପ ରହିଛି। ଚାହିଦା ହ୍ରାସ କାରଣରୁ ବହୁ କମ୍ପାନୀ ଉତ୍ପାଦନ କମାଇଛନ୍ତି ନଚେତ କାରଖାନା ବନ୍ଦ କରିସାରିଲେଣି।

## ଗେମ୍ ଚେଞ୍ଜର ହେବ

ଏମ୍‌ଏସ୍‌ଏମ୍‌ଇ ସେକ୍ଟରରେ ସରକାର ମାତ୍ର ୫୯ ମିନିଟରେ ଋଣ ପ୍ରଦାନ ବ୍ୟବସ୍ଥା ଗତବର୍ଷ ନଭେମ୍ବର ୨ରେ ଶୁଭାରମ୍ଭ କରିଥିଲେ। ଋଣ ପାଇଁ ବ୍ୟାଙ୍କକୁ ଧାଁଦୌଡ ନ କରି ପୋର୍ଟାଲ ମାଧ୍ୟମରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ ଆବେଦନ କରିବାକୁ ଛୋଟ ଉଦ୍ୟୋଗଗୁଡ଼ିକୁ ସୁବିଧା ପ୍ରଦାନ କରାଯାଇଛି। ସରକାରଙ୍କ ଏହି ଉଦ୍ୟମ ସଫଳ ମଧ୍ୟ ହୋଇଛି। ଚଳିତବର୍ଷ ଜୁଲାଇ ୧୭ ସୁଦ୍ଧା ମାତ୍ର ୫୯ ମିନିଟରେ ୧୩ ଲକ୍ଷ ଋଣ ମଞ୍ଜୁର କରାଯାଇଛି । ଏହି ଋଣ ପରିମାଣକୁ ୧ରୁ ୫ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ଆଗତ ଏକ ପ୍ରସ୍ତାବ ବିଚାରାଧୀନ ରହିଛି। ଜଣେ ବରିଷ୍ଠ ବ୍ୟାଙ୍କ ଅଧିକାରୀ କହିଛନ୍ତି ଯେ, ଉକ୍ତ ବ୍ୟବସ୍ଥାରେ ଋଣ ଚାହୁଁଥିବା ଛୋଟ କମ୍ପାନୀଙ୍କ ପାଇଁ ଆବେଦନ କରିବା ସହଜ ହୋଇଛି। ମାତ୍ର ୧ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଋଣ ଆବେଦନକୁ ଅନୁମୋଦନ କରାଯାଉଥିବା ବେଳେ ୮ ବ୍ୟବସାୟିକ କାର୍ଯ୍ୟ ଦିବସ ମଧ୍ୟରେ ଆବଶ୍ୟକୀୟ ସମସ୍ତ କାଗଜପତ୍ର ଯାଞ୍ଚ କରିବା ପରେ ଆବେଦନକାରୀଙ୍କ ଆକାଉଣ୍ଟରେ ଋଣ ଅର୍ଥ ଚାଲିଆସୁଛି। ଯୋଜନାର ବିସ୍ତାର ଲାଗି ଏସ୍‌ବିଆଇ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ, କର୍ପୋରେଶନ ବ୍ୟାଙ୍କ ଏବଂ ଆନ୍ଧ୍ର ବ୍ୟାଙ୍କ ମଧ୍ୟରେ ଚୁକ୍ତି ହୋଇଛି। ରିଟେଲ କ୍ଷେତ୍ରରେ ଏହି ସୁବିଧା ପ୍ରଦାନ କରାଗଲେ ଏହା ଅର୍ଥନୀତି ପାଇଁ ଗେମ୍‌ଚେଞ୍ଜର ହେବ ବୋଲି ସେ କହିଛନ୍ତି। କାରଣ ଏହାଦ୍ୱାରା ପର୍ସନାଲ, ହାଉସିଂ ସେକ୍ଟରରେ ଚାହିଦା ବୃଦ୍ଧି ପାଇବ।

## ବ୍ୟାଙ୍କ ଋଣ ପ୍ରଦାନ ସ୍ଥିତି ଖରାପ

ରିଜର୍ଭ ବ୍ୟାଙ୍କ ଡାଟା ଅନୁଯାୟୀ, ଚଳିତ ବର୍ଷର ପ୍ରଥମ ୬ ମାସରେ ଦେଶର ବ୍ୟାଙ୍କଗୁଡ଼ିକ ପକ୍ଷରୁ ରିଟେଲ ଋଣ ପ୍ରଦାନ ସ୍ଥିତି ଅତ୍ୟନ୍ତ ଖରାପ ରହିଛି। ଗତ ୫ ବର୍ଷ ମଧ୍ୟରେ ଏହା ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଚାହିଦା କମିବା ତଥା ବେକାରି ବୃଦ୍ଧି କାରଣରୁ ଋଣ ପ୍ରଦାନ କମିଛି ବୋଲି ଆର୍‌ବିଆଇ ଡାଟାରୁ ସ୍ପଷ୍ଟ ହୋଇଛି। ଡାଟା ଅନୁଯାୟୀ ୨୦୧୪ ଜାନୁୟାରୀରୁ ଜୁନ୍ ମଧ୍ୟରେ ରିଟେଲ ଋଣ ପ୍ରଦାନ ସର୍ବନିମ୍ନ ଥିଲା। ସେତେବେଳେ ମାତ୍ର ୬.୪% ରିଟେଲ ଋଣ ପ୍ରଦାନ କରାଯାଇଥିଲା ବୋଲି ଡାଟାରୁ ଜଣାପଡିଛି। ଚଳିତବର୍ଷର ପ୍ରଥମାର୍ଦ୍ଧ ଜାନୁୟାରୀରୁ ଜୁନ୍ ମଧ୍ୟରେ ୭.୩% ରିଟେଲ ଋଣ ପ୍ରଦାନ କରାଯାଇଛି। ଗତବର୍ଷ ଏହି ସମୟରେ ଏହା ୭.୭% ଥିଲା। ୨୦୧୭ରେ ଏହା ୮.୬% ରହିଥିଲା।

---

### ସେପ୍ଟେମ୍ବର ପହିଲାରୁ ହେବ ଲାଗୁ

## ଜିରୋ ବାଲାନ୍ସ ଆକାଉଣ୍ଟଧାରୀଙ୍କ ପାଇଁ ନିୟମ କୋହଳ

ମୁମ୍ବାଇ,୬-୮




ସାରା ଦେଶରେ କୋଟି କୋଟି ଜିରୋ ବାଲାନ୍ସ ଆକାଉଣ୍ଟଧାରୀ(ଜନଧନ ଆକାଉଣ୍ଟଧାରୀ)ଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସେପ୍ଟେମ୍ବର ପହିଲାରୁ ନୂଆ ନିୟମ କୋହଳ କରି ସୁବିଧା ଦେବାକୁ ଘୋଷଣା କରିଛି । କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କଗୁଡ଼ିକ ପାଇଁ ଏକ ନୂଆ ଆଡଭାଇଜାରୀ ଜାରି କରାଯାଇଛି। ଯାହାକୁ ଏବେ କୋଅପରେଟିଭ ବ୍ୟାଙ୍କ ମଧ୍ୟ ପାଳନ କରିବାକୁ ବାଧ ରହିବେ। ବେସିକ୍ ସେଭିଙ୍ଗସ ବ୍ୟାଙ୍କ ଡିପୋଜିଟ(ବିଏସ୍‌ବିଡି) ବା ଜନଧନ ଖାତା ଯେକୌଣସି ବ୍ୟାଙ୍କରେ ଖୋଲାଯାଇପାରିବ। ଏହାକୁ ମଧ୍ୟ ଜିରୋ ବାଲାନ୍ସ ଆକାଉଣ୍ଟ କୁହାଯାଉଛି।

ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ, ନୂଆ ସୁବିଧା ନେବା ଲାଗି ଜିରୋ ବାଲାନ୍ସ ଖାତାଧାରୀଙ୍କୁ କୌଣସି ପ୍ରକାର ଶୁଳ୍କ ଦେବାକୁ ପଡିବ ନାହିଁ। ମିନିମମ୍ ବା ସର୍ବନିମ୍ନ ବାଲାନ୍ସ ବା ଜମା ରଖିବାକୁ ଚାହୁଁ ନ ଥିବା ଏବଂ ମାସକୁ ୪ ଥରରୁ କମ୍ କାରବାର କରୁଥିବା ବ୍ୟକ୍ତି ଜିରୋ ବାଲାନ୍ସ ଆକାଉଣ୍ଟ ଖୋଲିପାରିବେ। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଆଡଭାଇଜରୀ ଜାରି କରି କୁହାଯାଇଛି ଯେ, ଜିରୋ ବାଲାନ୍ସ ଆକାଉଣ୍ଟଧାରୀ ଏଣିକି ବ୍ୟାଙ୍କ ଶାଖା ବ୍ୟତୀତ ଏଟିଏମ୍ ଓ କ୍ୟାଶ ଜମା ମେଶିନ ଜରିଆରେ ଅର୍ଥ ଜମା କରିପାରିବେ। ଏଭଳି ଆକାଉଣ୍ଟରେ ଫଣ୍ଡ ଟ୍ରାନ୍ସଫର ଅଥବା ୟୁପିଆଇ ଜରିଆରେ ଅର୍ଥ ଜମା କରାଯାଇପାରିବ। ମାସକରେ ଏକାଧିକ ଥର ଏହା କରାଯିବାରେ ବାଧା ନାହିଁ। ଏଭଳି ଖାତାଧାରୀ ପ୍ରତି ମାସରେ ଏଟିଏମ୍ ସହିତ ବ୍ୟାଙ୍କ ଶାଖାରେ ୪ ଥର ଟଙ୍କା କାଢ଼ିପାରିବେ। ସେମାନଙ୍କୁ ଡେବିଟ କାର୍ଡ ମିଳିବ। ବ୍ୟାଙ୍କ ଏଭଳି ଗ୍ରାହକଙ୍କୁ ଚେକ୍ ବହି ମଧ୍ୟ ଜାରି କରିବାରେ ଅସୁବିଧା ନାହିଁ। ତେବେ ଚେକ୍ ବହି ଜାରି କରିବା ଆଳରେ ବ୍ୟାଙ୍କ ସେମାନଙ୍କ ଜିରୋ ବାଲାନ୍ସ ଆକାଉଣ୍ଟକୁ ସେଭିଙ୍ଗ୍‌ସ ବ୍ୟାଙ୍କ ଆକାଉଣ୍ଟକୁ ବଦଳାଇପାରିବେ ନାହିଁ। ନିୟମ କୋହଳ କରିବାର ଲାଭ ଯେପରି ପ୍ରତ୍ୟେକ ଗ୍ରାହକ ପାଇପାରିବେ ସେ ଦିଗରେ ବ୍ୟାଙ୍କ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ସୂଚନାଥାଉ କି, ବର୍ତ୍ତମାନ ଜିରୋ ବାଲାନ୍ସ ଆକାଉଣ୍ଟଧାରୀଙ୍କୁ ଚେକ୍ ବହି ଭଳି ଅତିରିକ୍ତ ସୁବିଧା ନେବା ପାଇଁ ବ୍ୟାଙ୍କ ସେମାନଙ୍କ ଆକାଉଣ୍ଟକୁ ସେଭିଙ୍ଗ୍‌ସ ଆକାଉଣ୍ଟରେ ବଦଳାଇ ଦେଉଛନ୍ତି। ଏହାଛଡା ଅନ୍ୟ ସୁବିଧା ଦେବା ଆଳରେ ସେମାନଙ୍କଠାରୁ ଚାର୍ଜ ଅସୁଲ କରାଯାଉଛି। ଆଡ୍‌ଭାଇଜରୀ କୁହାଯାଇଛି ଯେ, ଜିରୋ ବାଲାନ୍ସ ଆକାଉଣ୍ଟଧାରୀଙ୍କୁ କେତେକ ନିଶ୍ଚିତ ସୁବିଧା ମାଗଣା ପ୍ରଦାନ କରିବାକୁ ହେବ। ସେହିପରି କୌଣସି ଶୁଳ୍କ ନ ନେଇ ବ୍ୟାଙ୍କ ସେମାନଙ୍କୁ ଚେକ୍ ବହି ଜାରି କରିବାକୁ ବାଧହେବ। ସେମାନଙ୍କୁ ସର୍ବନିମ୍ନ ଜମା ରଖିବା ଲାଗି ବ୍ୟାଙ୍କ ବାଧ କରିପାରିବ ନାହିଁ।

## ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଅଡିଟର, ଅନ୍ୟ ୨୧ଙ୍କ ଆକାଉଣ୍ଟ ହେବ ଅଚଳ

ନୂଆଦିଲ୍ଲୀ,୬-୮

ଅର୍ଥ ସଙ୍କଟର ସମ୍ମୁଖୀନ ହୋଇଥିବା ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ (ଆଇଏଲ୍‌ଆଣ୍ଡଏଫ୍‌ଏସ୍)ର ଅଡିଟର ଡେଲଏଟ ଓ ବିଏସ୍‌ଆରଙ୍କର ଅଡୁଆ ବଢ଼ିବାକୁ ଯାଉଛି। ସେମାନଙ୍କ ସହ ଦୁର୍ନୀତିରେ ଲିପ୍ତ ଅନ୍ୟ ୨୧ ଜଣଙ୍କ ଆକାଉଣ୍ଟ ଅଚଳ କରିବା ଲାଗି କେନ୍ଦ୍ର ସରକାର ମଙ୍ଗଳବାର ଏନ୍‌ସିଏଲ୍‌ଟିରେ ଆବେଦନ କରିଛନ୍ତି। ଅନିୟମିତତାରେ ସାମିଲ ହେବା ତଥା ଦୁର୍ନୀତିକୁ ଲୁଚାଇବା ଅଭିଯୋଗ ଆଣି କେନ୍ଦ୍ର ସରକାର ଇତିପୂର୍ବେ ଉକ୍ତ ଅଡିଟରଙ୍କୁ ୫ ବର୍ଷ ବ୍ୟାନ୍ କରିବାକୁ ଏନ୍‌ସିଏଲ୍‌ଟିରେ ଆବେଦନ କରିଛନ୍ତି। ମାମଲାର ରାୟ ଶୀଘ୍ର ପ୍ରକାଶ ପାଇବାକୁ ଯାଉଛି। ବ୍ୟାନ ମାମଲାର ରାୟ ପ୍ରକାଶ ପର୍ଯ୍ୟନ୍ତ ଅଡିଟରଙ୍କ ଆକାଉଣ୍ଟ ଅଚଳ ଲାଗି ଅର୍ଥ ମନ୍ତ୍ରଣାଳୟ ଚାହୁଁଛି। ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ର ପୂର୍ବତନ ନିର୍ଦ୍ଦେଶକଙ୍କ ଭଳି ଏହି ଅଡିଟରଙ୍କୁ ମାସକୁ ୧ରୁ ୨ ଲକ୍ଷ ଟଙ୍କା ଉଠାଇବାକୁ ଅନୁମତି ଦେବାକୁ ଆବେଦନରେ ଦର୍ଶାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ଲଢୁଥିବା ଓକିଲ ସଞ୍ଜୟ ସୋରେ କହିଛନ୍ତି।

## ଖାଉଟି ସୁରକ୍ଷା ବିଲ୍ ପାର୍ଲାମେଣ୍ଟରେ ଅନୁମୋଦିତ

ନୂଆଦିଲ୍ଲୀ,୬-୮

ବହୁ ପ୍ରତୀକ୍ଷିତ ଖାଉଟି ସୁରକ୍ଷା ବିଲ୍ ୨୦୧୯ ମଙ୍ଗଳବାର ପାର୍ଲାମେଣ୍ଟରେ ଅନୁମୋଦନ ଲାଭ କରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଫଳପ୍ରଦ ପ୍ରଶାସନିକ ପଦକ୍ଷେପ ଜରିଆରେ ଖାଉଟି ବିବାଦର ସମାଧାନ କରିବା ଏହି ବିଲ୍‌ର ଲକ୍ଷ୍ୟ ରହିଛି। ଲୋକ ସଭାରେ ପୂର୍ବରୁ ଅନୁମୋଦିତ ଏହି ବିଲ୍ ମଙ୍ଗଳବାର ରାଜ୍ୟ ସଭାରେ ବାଚନିକ ଭୋଟ୍‌ରେ ମଞ୍ଜୁର ହୋଇଛି। ଏହି ବିଲ୍ ଜରିଆରେ ଉପଭୋକ୍ତାଙ୍କ ଅଧିକାରକୁ ଅଧିକ ଶକ୍ତିଶାଳୀ କରାଯିବା ସହ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ବ୍ୟବସ୍ଥା କରାଯାଇଛି। ଆଲୋଚନାରେ ଅଂଶଗ୍ରହଣ କରି ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାଶ ପାଶୱାନ କହିଛନ୍ତି ଯେ, ଏମ୍‌ପିମାନଙ୍କ ପରାମର୍ଶକୁ ନିୟମ ଭାବେ ଏହି ବିଲ୍‌ରେ ସାମିଲ କରାଯିବ।

## ଶ୍ୟାମ ଷ୍ଟିଲ ପକ୍ଷରୁ ଡିଲର ସମ୍ମିଳନୀ

ଭୁବନେଶ୍ୱର,୬-୮

ପ୍ରିମିୟମ ବ୍ରାଣ୍ଡ ଟିଏମ୍‌ଟି ଉତ୍ପାଦନକାରୀ ଶ୍ୟାମ ଷ୍ଟିଲ ପକ୍ଷରୁ ଏହାର ବାର୍ଷିକ ଡିଲର ସମ୍ମିଳନୀ କଲିକତାର ଏକ ହୋଟେଲରେ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶାର ୧୦ ବିତରକ ଏବଂ ୨୦୦ ଡିଲର ଅଂଶଗ୍ରହଣ କରିଥିଲେ। ବଲିଉଡ ସେଲିବ୍ରିଟି ସାନା ସଇଦା, ସ୍କାରଲେଟ ୱିଲସନ, ଓଡ଼ିଆ ଅଭିନେତ୍ରୀ ଏଲିନା ସାମନ୍ତରାଏ, ତାରିକ ଅଜିଜ, ନାଭ୍ୟା ଭେ ଏହି ଅବସରରେ ଉପସ୍ଥିତ ଥିଲେ। ଏଠାରେ ୧୦୦ ଡିଲରଙ୍କୁ ଉପହାର ଏବଂ ୫୦ ଜଣଙ୍କୁ ଅନ୍ତର୍ଜାତୀୟ ଟୁର ପ୍ୟାକେଜ ପ୍ରଦାନ କରାଯାଇଛି। ଉନ୍ନତ ଷ୍ଟିଲ ବ୍ୟବହାର ନେଇ ଲୋକଙ୍କୁ ସଚେତନ କରାଯାଉଥିବା ଶ୍ୟାମ ଷ୍ଟିଲର ନିର୍ଦ୍ଦେଶକ ଲଳିତ ବେରିୱାଲ କହିଛନ୍ତି। ସେ ଏହି ଅବସରରେ ଓଡ଼ିଶାରେ କମ୍ପାନୀ ଗ୍ରହଣ କରୁଥିବା ବିଭିନ୍ନ ସାମାଜିକ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ।

---

# ୫,୫୦୦ ପେଟ୍ରୋଲ ପମ୍ପ ଖୋଲିବେ ରିଲାଏନ୍ସ-ବିପି

ନୂଆଦିଲ୍ଲୀ,୬-୮

- ଯୌଥ ଉଦ୍ୟୋଗରେ ରହିବ ରିଲାଏନ୍ସର ୫୧% ଅଂଶଧନ
- ପ୍ୟାକେଜଡ ଫୁଏଲ, ଭ୍ରାମ୍ୟମାଣ ଫୁଏଲିଂ ୟୁନିଟ ସ୍ଥାପନ, ଇନ୍ଧନର ହୋମ୍ ଡେଲିଭରି ହେବ
- ରିଲାଏନ୍ସ ନିକଟରେ ୧୪୦୦ ଫୁଏଲିଂ ଷ୍ଟେଶନ
- ୫ ବର୍ଷରେ ସମ୍ପ୍ରସାରଣ ଯୋଜନା



ସାରା ଦେଶରେ ୫,୫୦୦ ପେଟ୍ରୋଲ ପମ୍ପ ଖୋଲିବା ଲାଗି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ଏବଂ ବିପି ପିଏଲ୍‌ସି ଚୁକ୍ତିରେ ସାମିଲ ହୋଇଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏବଂ ବିପି ପକ୍ଷରୁ ଗ୍ରୁପ୍ ଚିଫ୍ ଏକ୍‌ଜିକ୍ୟୁଟିଭ ବବ୍ ଡଡ୍‌ଲୀଙ୍କ ମଧ୍ୟରେ ମଙ୍ଗଳବାର ମୁମ୍ବାଇଠାରେ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଭାରତ ଏକ ଅଭିବୃଦ୍ଧିଶୀଳ ବଜାର ହୋଇଥିବାରୁ ଏଠାରେ ସମ୍ପ୍ରସାରଣ ନେଇ ଏଭଳି ପଦକ୍ଷେପ ନିଆଯାଇଥିବା ଦୁଇ କମ୍ପାନୀ ପକ୍ଷରୁ ସୂଚନା ରହିଛି। ଯାନ ବାହାନ ଲାଗି ଇନ୍ଧନ ଏବଂ ବିମାନ ଇନ୍ଧନ ଉପଲବ୍ଧ କରାଯିବାକୁ ଏହା ଦ୍ୱାରା ଯୋଜନା ଗ୍ରହଣ କରାଯିବ। ଭାରତୀୟ ଗ୍ରାହକଙ୍କୁ ଗୁଣବତ୍ତା ଏବଂ ଅତ୍ୟାଧୁନିକ ସେବା ଯୋଗାଣ ଲକ୍ଷ୍ୟରେ ଦୁଇ କମ୍ପାନୀ ଚୁକ୍ତିରେ ସାମିଲ ହୋଇଛନ୍ତି। ୨୦୧୧ରେ ଦୁଇ ସଂସ୍ଥା ପ୍ରଥମେ ଚୁକ୍ତିରେ ସାମିଲ ହୋଇଥିଲେ। ତେଲ ଏବଂ ମୋବିଲିଟି ବାଣିଜ୍ୟରେ ରହିଥିବା ବିଭିନ୍ନ ବିକଳ୍ପ ସମ୍ପ୍ରସାରଣ ଲାଗି ୨୦୧୭ରେ ଦୁଇ କମ୍ପାନୀ ଯୋଜନା କରିଥିଲେ।

ଚୁକ୍ତି ଅବସରରେ ରିଲାଏନ୍ସ ଅଧ୍ୟକ୍ଷ ମୁକେଶ ଅମ୍ବାନୀ କହିଛନ୍ତି ଯେ, ଫୁଏଲ ରିଟେଲିଂରେ ଗ୍ଲୋବାଲ ଲିଡର ଭାବେ ପରିଚିତ ବିପି ସହ ଚୁକ୍ତିରେ ସାମିଲ ହୋଇ ଅତ୍ୟନ୍ତ ଖୁସି। ବିପି ସହ ମିଳିତ ହୋଇ ଗ୍ୟାସ୍ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ରିଟେଲିଂ ଏବଂ ବିମାନ ଇନ୍ଧନ ଯୋଗାଣକୁ ତ୍ୱରାନ୍ୱିତ କରାଯିବାକୁ ଲକ୍ଷ୍ୟ ରହିଛି। ସାରା ଦେଶରେ ଗ୍ରାହକଙ୍କୁ ବିଶ୍ୱ ସ୍ତରୀୟ ସେବା ଯୋଗାଣ ଲକ୍ଷ୍ୟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମୁକେଶ କହିଛନ୍ତି।

ସେହିଭଳି ଗ୍ରୁପ ଚିଫ୍ ଏକ୍‌ଜିକ୍ୟୁଟିଭ ବବ୍ ଡଡ୍‌ଲୀ କହିଛନ୍ତି, ଭାରତ ଏକ ପ୍ରମୁଖ ଅଭିବୃଦ୍ଧିଶୀଳ ବଜାର ହୋଇଥିବାରୁ ଇନ୍ଧନ ଆବଶ୍ୟକତା ପୂରଣ ଲକ୍ଷ୍ୟରେ କାର୍ଯ୍ୟ କରୁଛୁ। ଅଭିବୃଦ୍ଧି ଏବଂ ନୂତନ ସୁଯୋଗକୁ ନଜରରେ ରଖି ଭାରତରେ ବୃହତ୍ତ ନିବେଶ କରିଛୁ। ରିଲାଏନ୍ସ ସହ ମିଶି ଗ୍ୟାସ କ୍ଷେତ୍ରରେ ଏବେ କାର୍ଯ୍ୟ କରୁଥିବା ବେଳେ ଏହି ଧାରାକୁ ଇନ୍ଧନ ରିଟେଲିଂ ଏବଂ ବିମାନ ଇନ୍ଧନ କ୍ଷେତ୍ରକୁ ସମ୍ପ୍ରସାରଣ କରିବାକୁ ପଦକ୍ଷେପ ନିଆଯାଇଥିବା ସେ ସ୍ପଷ୍ଟ କରିଛନ୍ତି।

ଯୌଥ ଉଦ୍ୟୋଗରେ ରିଲାଏନ୍ସ ନିକଟରେ ୫୧% ଏବଂ ବିପି ନିକଟରେ ୪୯% ଅଂଶଧନ ରହିବ। ୨୦୧୯ ସୁଦ୍ଧା ଚୁକ୍ତି ସଂକ୍ରାନ୍ତ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟକୁ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ୨୦୨୦ ପ୍ରଥମାର୍ଦ୍ଧ ସୁଦ୍ଧା ଟ୍ରାଞ୍ଜାକ୍‌ଶନ ଶେଷ କରିବାକୁ ଯୋଜନା ଧାର୍ଯ୍ୟ ହୋଇଛି। ଆଗାମୀ ୨୦ ବର୍ଷରେ ଭାରତ ବିଶ୍ୱର ସର୍ବବୃହତ୍ ଅଭିବୃଦ୍ଧିଶୀଳ ବଜାର ହେବ ବୋଲି ଆକଳନ କରାଯାଇଛି। ଏହି ସମୟରେ ଦେଶର ପାସେଞ୍ଜର ଯାନ ୬ ଗୁଣା ବୃଦ୍ଧି ଘଟିବ। ବର୍ତ୍ତମାନ ୧୪୦୦ ସାଇଟରେ ରିଲାଏନ୍ସର ଫୁଏଲ ରିଟେଲିଂ ଷ୍ଟେଶନ ରହିଛି। ନୂଆ ଚୁକ୍ତି ଦ୍ୱାରା ଏହାକୁ ୫,୫୦୦କୁ ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଆଗାମୀ ୫ ବର୍ଷ ମଧ୍ୟରେ ଏହି ଷ୍ଟେଶନଗୁଡିକ ଖୋଲିବ ବୋଲି ସୂଚନା ରହିଛି। ଏହା ମଧ୍ୟରେ ରିଲାଏନ୍ସର ବିମାନ ଇନ୍ଧନ ବାଣିଜ୍ୟକୁ ମଧ୍ୟ ସାମିଲ କରାଯାଇଛି। ଦେଶର ୩୦ ବିମାନ ବନ୍ଦରରେ ରିଲାଏନ୍ସ ବିମାନ ଇନ୍ଧନ ଯୋଗାଣ କରୁଛି। ଏହି ଧାରାକୁ ଦୁଇ କମ୍ପାନୀ ମିଳିତ ହୋଇ ଆହୁରି ବୃଢ କରିବା ନେଇ ଆଶାବାଦୀ ଅଛନ୍ତି। ସେହିଭଳି ଜିଓ ଡିଜିଟାଲ ପ୍ଲାଟଫର୍ମରେ ଲୋକଙ୍କୁ ଡିଜିଟାଲ ଏକ୍ସପେରିଏନ୍ସ ପ୍ରଦାନ କରିବା ନେଇ ଲକ୍ଷ୍ୟ ରଖାଯାଇଛି। ଉକ୍ତ ନେଟୱର୍କରେ କ୍ୟାଷ୍ଟ୍ରଲ ଲୁବ୍ରିକାଣ୍ଟ ମଧ୍ୟ ଉପଲବ୍ଧ ହେବ। ମୋବାଇଲ ଫୁଏଲିଂ ୟୁନିଟ ସମେତ ପ୍ୟାକେଜ ଫୁଏଲ ଏବଂ ଫୁଏଲର ହୋମ ଡେଲିଭରି ମଧ୍ୟ ଲୋକଙ୍କୁ ଦିଆଯିବ। ରିଲାଏନ୍ସର ଜାମନଗର ରିଫାଇନିଂ ଫାସିଲିଟିରୁ ଫୁଏଲ ଯୋଗାଣ ନେଇ ଯୋଜନା ରଖାଯାଇଛି।

### ଇ-କମର୍ସ ନୀତିରେ ଖାଉଟିଙ୍କ ସୁରକ୍ଷାକୁ ଅଗ୍ରାଧିକାର

## ୧୪ ଦିନ ଭିତରେ ଦେବାକୁ ହେବ ରିଫଣ୍ଡ

ନୂଆଦିଲ୍ଲୀ,୬-୮

କେନ୍ଦ୍ର ସରକାର ଇତିମଧ୍ୟରେ ଇ-କମର୍ସ ଲାଗି ଗାଇଡଲାଇନ ଚିଠା ପ୍ରସ୍ତାବ ଜାରି କରିଛନ୍ତି। ଉପଭୋକ୍ତାଙ୍କ ହିତକୁ ଏଥିରେ ଅଗ୍ରାଧିକାର ଦିଆଯାଇଛି। ପ୍ରସ୍ତାବ ଅନୁଯାୟୀ ଅନ୍‌ଲାଇନ ସପିଂ କମ୍ପାନୀଗୁଡ଼ିକ ସାମଗ୍ରୀ ଏବଂ ସେବା ଯୋଗାଣ ଲାଗି ବିକ୍ରେତାଙ୍କ ସମ୍ପୂର୍ଣ୍ଣ ତଥ୍ୟ ନିଜ ୱେବ୍‌ସାଇଟରେ ଦର୍ଶାଇବାକୁ ବାଧ ରହିବେ। ଉପଭୋକ୍ତାଙ୍କ ଅଭିଯୋଗର ସମାଧାନ ଲାଗି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସ୍ପଷ୍ଟ କରିବାକୁ ହେବ। ଏଥିସହିତ ରିଫଣ୍ଡ ଆବେଦନକୁ ସର୍ବାଧିକ ୧୪ ଦିନ ଭିତରେ ସମାଧାନ କରିବାକୁ ନିୟମ କରାଯାଇଛି। ଜାରି ଗାଇଡଲାଇନ ଚିଠା ଅନୁଯାୟୀ, ଇ-କମର୍ସ କମ୍ପାନୀଗୁଡ଼ିକ ଖାଉଟିଙ୍କ ବ୍ୟକ୍ତିଗତ ପରିଚୟ ଥିବା ସୂଚନାକୁ ସୁରକ୍ଷିତ ରଖିବେ।

ୱେନ୍ ରୁନି ଡର୍ବି ଫୁଟ୍‌ବଲ ଟିମ୍‌ର ପ୍ଲେୟର–କୋଚ୍ ଭାବେ ଯୋଗ ଦେଉଥିବା ଯାହା ଶୁଣାଯାଉଛି, ତାହା ଉପରେ ମୁଁ କିଛି ଟିପ୍ପଣୀ ଦେବାକୁ ଚାହେଁନି ।

–ଫିଲିପ୍ କୋକୁ, ଡର୍ବି ମ୍ୟାନେଜର



ଭାରତୀୟ ଟେବୁଲ ଟେନିସ ଖେଳାଳିମାନେ ଆଗକୁ ୨୦୨୦ ଟୋକିଓ ଅଲିମ୍ପିକ କ୍ୱାଲିଫାୟର୍ସକୁ ଦୃଷ୍ଟିରେ ରଖି ବାଛି ବାଛି ଟୁର୍ନାମେଣ୍ଟ ଖେଳିବା ଶ୍ରେୟସ୍କର ।

–ମାସିଓ କଷ୍ଟାଣ୍ଟିନି, ପୂର୍ବତନ କୋଚ୍



## ସଂକ୍ଷେପରେ

### ଡୁ'ପ୍ଲେସି ଦକ୍ଷିଣ ଆଫ୍ରିକା ଟେଷ୍ଟ ଅଧିନାୟକ

**ଜୋହାନ୍ସ ବର୍ଗ, ୬।୮(ଏଏଫ୍‌ପି):** ଅକ୍ଟୋବରରେ ଖେଳାଯିବାକୁଥିବା ଭାରତ ବିପକ୍ଷ ଟେଷ୍ଟ ସିରିଜରେ ଫାଫ୍ ଡୁପ୍ଲେସି ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ। କ୍ରିକେଟ ସାଉଥ୍ ଆଫ୍ରିକା (ସିଏସ୍ଏ)ର ନୂଆ କାର୍ଯ୍ୟକାରୀ ନିର୍ଦ୍ଦେଶକ (କ୍ରିକେଟ) କୋରି ଭାନ୍ ଜାଇଲ ମଙ୍ଗଳବାର ପ୍ରକାଶ କରିଛନ୍ତି। ଡୁ'ପ୍ଲେସିଙ୍କୁ କିନ୍ତୁ ସମସ୍ତ ଫର୍ମାଟ ପାଇଁ ଅଧିନାୟକ କରା ନ ଯାଇପାରେ। ଭାନ୍ ଜାଇଲ କହିଛନ୍ତି, ସେ ଆସନ୍ତା ସିଲେକ୍ସନ ବୈଠକରେ ଅଧକ୍ଷତା କରିବେ। ଏଥିରେ ୨୦୨୩ ବିଶ୍ୱକପ୍ ପାଇଁ ଯୋଜନା ସମେତ ଭବିଷ୍ୟତ ରଣକୌଶଳ ସମ୍ପର୍କରେ ଆଲୋଚନା ହେବ। ଟେଷ୍ଟ ସିରିଜ ପୂର୍ବରୁ ଦକ୍ଷିଣ ଆଫ୍ରିକା ଆସନ୍ତା ମାସରେ ଭାରତରେ ୩ ଅନ୍ତର୍ଜାତୀୟ ଟି୨୦ ଖେଳିବ। ନୂଆ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପରିପ୍ରେକ୍ଷୀରେ ଦକ୍ଷିଣ ଆଫ୍ରିକା ଓ ଭାରତ ସେମାନଙ୍କ ପ୍ରଥମ ମ୍ୟାଚ ଅକ୍ଟୋବର ୨ରୁ ଖେଳିବେ। ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସିଏସ୍ଏ ମୁଖ୍ୟ କାର୍ଯ୍ୟନିର୍ବାହୀ ଥବଙ୍ଗ ମୋରେ କହିଛନ୍ତି ଡିସେମ୍ବରରେ ଇଂଲଣ୍ଡର ଦକ୍ଷିଣ ଆଫ୍ରିକା ଟୁର୍ ପୂର୍ବରୁ ଜାତୀୟ ଦଳ ପଇଁ ନୂଆ ଢାଞ୍ଚାରେ ନିଯୁକ୍ତି ଦିଆଯିବ ବୋଲି ମୁଁ ଆଶା କରୁଛି।

### ରୋଭର୍ସ ଆଥଲେଟିକ କ୍ଲବର କାର୍ଯ୍ୟକାରିଣୀ ବୈଠକ

**କଟକ ଅଫିସ,୬।୮:** ବାରବାଟୀ ଷ୍ଟାଡିୟମସ୍ଥିତ ତୀରନ୍ଦାଜୀ ସଂଘ କାର୍ଯ୍ୟାଳୟରେ ରୋଭର୍ସ ଆଥଲେଟିକ କ୍ଲବର ବାର୍ଷିକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । କ୍ଲବର ଉପସଭାପତି ଡ. ନିର୍ମଳକାନ୍ତି ସେନ ବୈଠକରେ ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରୁ ପରଲୋକ ଘଟିଥିବା କ୍ଲବର ପୂର୍ବତନ ସଭ୍ୟଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ କ୍ଲବର ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ୨୦୧୮-୧୯, ୨୦୧୯-୨୦ ଆୟବ୍ୟୟ ରିପୋର୍ଟ ଉପସ୍ଥାପନ କରିଥିଲେ। ରିପୋର୍ଟ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା । କ୍ଲବର ଅର୍ଥ ସଂଗ୍ରହ ଅଭିଯାନକୁ କାର୍ଯ୍ୟକାରୀ କରାଯିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ଫାଓ ଫୁଟବଲ ଲିଗ, ଆନ୍ତଃ କ୍ଲବ କ୍ରିକେଟ ପ୍ରତିଯୋଗିତା, ଆନ୍ତଃ କ୍ଲବ ବାସ୍କେଟବଲ, କଟକ ଜିଲା କ୍ରୀଡ଼ା ସଂସଦର ଜିଲା ସ୍ତରୀୟ ଆଥଲେଟିକ ମିଟ୍‌ରେ ଚଳିତବର୍ଷ ରୋଭର୍ସ ଆଥଲେଟିକ କ୍ଲବ ଅଂଶ ଗ୍ରହଣ କରିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ଅବସରରେ କ୍ଲବର ନୂତନ ଜର୍ସି ଲୋକାର୍ପିତ କରାଯାଇଥିଲା। କ୍ଲବର ଉପଦେଷ୍ଟା ସୁନୀଲ କୁମାର ବୋଷ, ସରୋଜ କୁମାର ସିଂ, ଚିତ୍ତରଞ୍ଜନ ଜେଠୀ, ଉପସଭାପତି ସୁନୀଲ ମୁରାରକା, ସମୀର କୁମାର ପରିଜା, ଶରତ ଚନ୍ଦ୍ର ସାହୁ, ଶ୍ରୀଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ । କୋଷାଧ୍ୟକ୍ଷ ସୁଘୋଷ ଦାସ ଆସନ୍ତା ବଜେଟ ଉପସ୍ଥାପନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ହୃଦୟ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତର କ୍ଲିନ୍ ସୁଇପ୍




ଟି୨୦ ସିରିଜ୍ ବିଜୟୀ ଭାରତୀୟ ଦଳ।

**ଟି୨୦ ସିରିଜ୍**

**ଗୁୟାନା, ୬।୮(ପି.ଟି.)**

ୱେଷ୍ଟଇଣ୍ଡିଜ୍ ବିପକ୍ଷ ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି। ସ୍ଥାନୀୟ ପ୍ରୋଭିଡେନ୍ସ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୭ ଉଇକେଟରେ ୱେଷ୍ଟଇଣ୍ଡିଜକୁ ହରାଇଛି। ଏଥିସହ ଭାରତ ୩–୦ରେ ସିରିଜ କ୍ଲିନ୍ ସୁଇପ୍ କରିଛି। ଟସ୍ ଜିତି ଭାରତ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଘରୋଇ ଦଳ ୨୦ ଓଭରରେ ୬ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୧୯.୧ ଓଭରରେ ୩ ଉଇକେଟ ହରାଇ ୧୫୦ ରନ କରି ବିଜୟ ହାସଲ କରିଥିଲା। ଅଧିନାୟକ ବିରାଟ କୋହଲି ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଅର୍ଦ୍ଧଶତକ ହାସଲ କରି ଦଳକୁ ଜିତାଇଥିଲେ। ଦୀପକ ଚହର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ କୃନାଲ ପାଣ୍ଡ୍ୟା ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ।

୧୪୭ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ଭାରତ ଅଭିଜ୍ଞ ଓପନର ଶିଖର ଧାୱନଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ୩ ରନ କରିଥିବାବେଳେ ଧାୱନ ଫାଇନଲେଗ୍‌ରେ ସେଲଡନ କଟ୍ରେଲଙ୍କୁ କ୍ୟାଚ୍ ଦେଇ ଓସେନ ଥୋମାସଙ୍କ ଶିକାର ହୋଇଥିଲେ। ଅନ୍ୟତମ ଓପନର ଲୋକେଶ ରାହୁଲ ୧୮ ବଲରୁ ୨ ଚୌକା ଓ ୧ ଛକା ସହ ୨୦ ରନକରି ଫାବିଆନ ଆଲେନଙ୍କ ବଲ୍‌ରେ ଉଇକେଟକିପର ନିକୋଲାସ ପୁରନଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ତୃତୀୟ ଉଇକେଟରେ କୋହଲି ଓ ପନ୍ତ ୭୭ ବଲରୁ ୧୦୬ ରନକରି ଦଳକୁ ବିଜୟ ଦ୍ୱାରରେ ପହଞ୍ଚାଇଥିଲେ। ତେବେ କୋହଲି ୪୫ ବଲରୁ ୬ ଚୌକା ସହ ୫୯ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଥୋମାସଙ୍କ ବଲ୍‌ରେ ପଏଣ୍ଟରେ ଲୁଇସ୍‌ଙ୍କୁ ସିଧା କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ପନ୍ତ ଚମତ୍କାର ବ୍ୟାଟିଂ କରି ୪୨ଟି ବଲ ଖେଳି ୪ ଚୌକା ଓ ୪ ଛକା ସହ ୬୫ ରନ କରି ଅପରାଜିତ ରହିଥିଲେ ଓ ଛକା ମାରି ଦଳକୁ ଜିତାଇଥିଲେ। ମନୀଷ ପାଣ୍ଡେ ୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ୍ ତରଫରୁ ଥୋମାସ ୨ ଓ ଆଲେନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ମାତ୍ର ୧୪ ରନରେ ୩ ଉଇକେଟ ହରାଇଥିଲା। ୨୬ ବର୍ଷୀୟ ଦ୍ରୁତ ବୋଲର ଦୀପକ ଚହର ପ୍ରଥମ ୩ଟି ଯାକ ଉଇକେଟ ଅକ୍ତିଆର କରି ଘରୋଇ ଦଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସୁନୀଲ ନାରିନ ୨ ରନ କରି ଦୀପକଙ୍କ ବଲ୍‌ରେ ନବଦୀପ ସଇନିଙ୍କୁ ମିଡ୍‌ଅନ୍‌ରେ କ୍ୟାଚ୍ ଦେଇଥିଲେ। ଏହାପରେ ଇଭିନ ଲୁଇସ୍ ୧୦ ଓ ଶିମରନ ହେଟମେର ୧ ରନ କରି ଦୀପକଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଚତୁର୍ଥ ଉଇକେଟରେ କିରନ ପୋଲାର୍ଡ ଓ ନିକୋଲାସ ପୁରନ ୫୬ ବଲ୍‌ରୁ ୬୬ ରନକରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ପୁରନ ୨୩ ବଲରୁ ଗୋଟିଏ ଲେଖାଏ ଚୌକା ଓ ଛକା ବଳରେ ୧୭ ରନକରି ସଇନିଙ୍କ ବଲ୍‌ରେ ଉଇକେଟକିପର ରିଷଭ ପନ୍ତଙ୍କୁ କ୍ୟାଚ୍ ଦେଇଥିଲେ। ପୋଲାର୍ଡ ୪୫ ବଲରୁ ୧ ଚୌକା ଓ ୬ ଛକା ୫୮ ରନ କରିଥିବା ବେଳେ ସଇନିଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଅଧିନାୟକ କାର୍ଲୋସ ବ୍ରାଥୱେଟ୍ ଦ୍ରୁତ ଗତିରେ ରନ୍ କରିବାକୁ ଯାଇ ଗୋଟିଏ ଛକା ସହ ୧୦ ରନକରି ପଦାର୍ପଣ କରିଥିବା ଲେଗ୍ ସ୍ପିନର ରାହୁଲ ଚହରଙ୍କ ବଲ୍‌ରେ ଲଙ୍ଗଅନ୍‌ରେ ୱାଶିଂଟନ ସୁନ୍ଦରଙ୍କୁ କ୍ୟାଚ୍ ଦେଇଥିଲେ। ଶେଷରେ ସପ୍ତମ ଉଇକେଟରେ ୧୬ଟି ବଲରୁ ଫାବିଆନ ଆଲେନ ଓ ରୋଭମ୍ୟାନ ପାୱେଲ ୧୬ଟି ବଲ ଖେଳି ଅପରାଜିତ ୨୭ ରନ କରି ୫ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ପାୱେଲ୍ ୨୦ ବଲରୁ ୧ ଚୌକା ଓ ୨ ଛକା ସହ ୩୨ ଓ ଆଲେନ ୫ ବଲ୍‌ରୁ ୧ ଛକା ସହ ୮ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ଦୀପକ ସର୍ବାଧିକ ୩, ସଇନି ୨, ରାହୁଲ ଚହର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଭାରତୀୟ ଦଳରେ ୩ଟି ପରିବର୍ତ୍ତନ କରାଯାଇଥିଲା। ତାରକା ଓପନର ରୋହିତ୍ ଶର୍ମାଙ୍କୁ ବିଶ୍ରାମ ଦିଆଯାଇଥିଲା। ତାଙ୍କ ସ୍ଥାନରେ ଲୋକେଶ ରାହୁଲ ଦଳରେ ସ୍ଥାନ ପାଇଥିଲେ। ୨୦ ବର୍ଷୀୟ ଲେଗ୍ ସ୍ପିନର ରାହୁଲ ଚହର ପଦାର୍ପଣ କରିଥିବା ବେଳେ ତାଙ୍କ ସମ୍ପର୍କୀୟ ଭାଇ ତଥା ଦ୍ରୁତ ବୋଲର ଦୀପକ ଚହର ମଧ୍ୟ ଦଳରେ ସାମିଲ ହୋଇଥିଲେ। ରବୀନ୍ଦ୍ର ଜାଡେଜା ଓ ଯୁବ ଦ୍ରୁତ ବୋଲର ଖଲିଲ ଅହମ୍ମଦଙ୍କୁ ବାଦ୍ ଦିଆଯାଇଥିଲା।

## ସ୍କୋର ବୋର୍ଡ

**ୱେଷ୍ଟଇଣ୍ଡିଜ ଇନିଂସ**
ଲିୱିସ–ଏଲ୍‌ବିଡବ୍ଲ୍ୟୁ– ଡି.ଚହର–୧୦
ନାରିନ୍–କ–ସଇନି–ବୋ–ଡି.ଚହର–୨
ହେଟମେୟର–ଏଲ୍‌ବିଡବଲ୍ୟୁ– ଡି. ଚହର–୧
ପୋଲାର୍ଡ–ବୋ–ସଇନି–୫୮
ପୁରନ–କ–ପନ୍ତ–ବୋ–ସଇନି–୧୭
ପାୱେଲ–ନଟ୍ ଆଉଟ୍–୩୨
ବ୍ରାଥୱେଟ୍–କ–ୱାଶିଂଟନ–ବୋ–ଆର୍. ଚହର–୧୦
ଆଲେନ୍–ନଟ୍ ଆଉଟ୍–୮
ଅତିରିକ୍ତ–୮
ମୋଟ: (୨୦ ଓଭର, ୬ ଉଇକେଟ) ୧୪୬।
**ଉଇକେଟ ପତନ:** ୧/୪, ୨/୧୩, ୩/୧୪, ୪/୮୦, ୫/୧୦୫, ୬/୧୧୯।
**ବୋଲିଂ (ଭାରତ)**
ଭୁବନେଶ୍ୱର କୁମାର ୩–୦–୧୯–୦
ଦୀପକ ଚହର ୩–୧–୪–୩
ନବଦୀପ ସଇନି ୪–୦–୩୪–୨
ରାହୁଲ ଚହର ୩–୦–୨୭–୧
ୱାଶିଂଟନ ସୁନ୍ଦର ୩–୦–୨୩–୦
କ୍ରୁନାଲ ପାଣ୍ଡ୍ୟା ୪–୦–୩୫–୦।

**ଭାରତ ଇନିଂସ**
ରାହୁଲ–କ–ପୁରନ–ବୋ–ଆଲେନ–୨୦
ଧାୱନ–କ–କୋଟ୍ରେଲ–ବୋ–ଥୋମାସ–୩
କୋହଲି–କ–ଲିୱିସ–ବୋ–ଥୋମାସ–୫୯
ରିଷଭ–ନଟ୍ ଆଉଟ୍–୬୫
ମନୀଷ–ନଟ୍ ଆଉଟ୍–୨
ଅତିରିକ୍ତ–୧
ମୋଟ: (୧୯.୧ ଓଭର,୩ ଉଇକେଟ)–୧୫୦।
ଉଇକେଟ ପତନ: ୧/୧୦, ୨/୨୭, ୩/୧୩୩
**ବୋଲିଂ (ୱେଷ୍ଟଇଣ୍ଡିଜ)**
ଶେଲଡନ କୋଟ୍ରେଲ ୪–୦–୨୬–୦
ଓଶାନେ ଥୋମାସ ୪–୦–୨୯–୨
ଫାବିଏନ୍ ଆଲେନ୍ ୩–୦–୧୮–୧
ସୁନୀଲ ନାରିନ୍ ୪–୦–୨୯–୦
କାର୍ଲୋସ ବ୍ରାଥୱେଟ୍ ୨.୧–୦–୨୫–୦
କିମୋ ପଲ୍ ୨–୦–୨୩–୦।

# ପୋଲାର୍ଡଙ୍କୁ ଅର୍ଥଦଣ୍ଡ

**ଦୁବାଇ, ୬।୮ (ପି.ଟି.)**




ଭାରତ ବିପକ୍ଷରେ ରବିବାର ଫ୍ଲୋରିଡାରେ ଖେଳାଯାଇଥିବା ଟି୨୦ ସିରିଜର ୨ୟ ମ୍ୟାଚ୍‌ରେ ଅମ୍ପାୟରଙ୍କ ଆଦେଶକୁ ଅବମାନନା କରିଥିବା ଯୋଗୁ ୱେଷ୍ଟଇଣ୍ଡିଜ ଅଲ୍‌ରାଉଣ୍ଡର କିରନ ପୋଲାର୍ଡଙ୍କୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରାଯାଇଛି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ତାଙ୍କ ମ୍ୟାଚ୍ ଫି'ର ୨୦ ପ୍ରତିଶତ ଅର୍ଥ କାଟିଦେଇଛି ଏବଂ ତାଙ୍କ ନାମରେ ଏକ ଡିମେରିଟ୍ସ ପଏଣ୍ଟ ଯୋଡ଼ି ହୋଇଛି। ପୋଲାର୍ଡ ଆଇସିସି ଆଚରଣ ସଂହିତାର ଧାରା ୨.୪କୁ ଉଲ୍ଲଂଘନ କରିଥିବା କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ପକ୍ଷରୁ ମଙ୍ଗଳବାର କୁହାଯାଇଛି। ଘଟଣାରୁ ପ୍ରକାଶ, ଦ୍ୱିତୀୟ ଟି୨୦ରେ ୱେଷ୍ଟଇଣ୍ଡିଜର ଫିଲ୍ଡିଂ ସମୟରେ ପୋଲାର୍ଡ ଜଣେ ବଦଳ ଖେଳାଳିଙ୍କୁ ଡାକିବାକୁ ଅମ୍ପାୟରଙ୍କୁ ବାରମ୍ବାର କହିଥିଲେ। ଅମ୍ପାୟର ତାଙ୍କୁ ସେହି ଓଭର ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଥିଲେ। କିନ୍ତୁ ଅମ୍ପାୟରଙ୍କ ଆଦେଶକୁ ବେଖାତିର କରି ପୋଲାର୍ଡ ବଦଳ ଖେଳାଳିଙ୍କୁ ସେହି ଓଭରରେ ଡକାଇଥିଲେ ବୋଲି ଆଇସିସି ଏହାର ବିଜ୍ଞପ୍ତିରେ କହିଛି। ପୋଲାର୍ଡ ପ୍ରଥମେ ନିଜ ଭୁଲକୁ ସ୍ୱୀକାର କରି ନ ଥିଲେ। ଫଳରେ ମ୍ୟାଚ୍ ରେଫରି ଜେଫ୍ କ୍ରୋ'ଙ୍କ ସମ୍ମୁଖରେ ଶୁଣାଣି କରାଯାଇଥିଲା ଏବଂ ସେଠାରେ ତାଙ୍କୁ ଦୋଷୀ କରାଯାଇଥିଲା। ଯଦି ପୋଲାର୍ଡ ଆଗାମୀ ୨୪ ମାସ ମଧ୍ୟରେ ଆଉ ୪ଟି ଡିମେରିଟ୍ସ ପଏଣ୍ଟ ଲାଭ କରନ୍ତି ତେବେ ତାହା ସପେନ୍ସନ ପଏଣ୍ଟକୁ ବଦଳିଯିବ ଏବଂ ସେ ବାସନ୍ଦ ହେବେ।

# ବୋଲିଂ କୋଚ୍ ଦୌଡ଼ରେ ଯୋଶୀ

**ନୂଆଦିଲ୍ଲୀ, ୬।୮ (ପି.ଟି.):** ପୂର୍ବତନ ଭାରତୀୟ ସ୍ପିନର ସୁନୀଲ ଯୋଶୀ ଭାରତୀୟ ଦଳର ବୋଲିଂ କୋଚ୍ ପଦବୀ ପାଇଁ ଆବେଦନ କରିଛନ୍ତି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳ ଜଣେ ବୋଲିଂ ବିଷାରଦ ଆବଶ୍ୟକ କରୁଛି ବୋଲି ସେ କହିଛନ୍ତି। ଅନିଲ କୁମ୍ବଲେଙ୍କ ପରଠାରୁ ଭାରତୀୟ ଦଳ ପାଇଁ ଜଣେ ହେଲେ ସ୍ପେଶାଲିଷ୍ଟ ସ୍ପିନ ପରାମର୍ଶଦାତା ନିଯୁକ୍ତି ପାଇନାହାନ୍ତି। କୁମ୍ବଲେ ଅବଶ୍ୟ ମୁଖ୍ୟ କୋଚ ପଦବୀରେ ଥିଲେ। ମାତ୍ର ୨୦୧୭ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପରାଜୟ ପରେ କୋହଲିଙ୍କ ସହିତ ତାଙ୍କର ଗୁରୁତର ମତଭେଦ ହୋଇଥିଲା। ସେଥିପାଇଁ ତାଙ୍କୁ ପଦ ତ୍ୟାଗ କରିବାକୁ ପଡ଼ିଥିଲା। ୪୯ ବର୍ଷୀୟ ଯୋଶି କହିଛନ୍ତି ବାଂଲାଦେଶ କ୍ରିକେଟ ଦଳ ସହିତ ମୁଁ ଅଢେଇ ବର୍ଷ ସଫଳତାର ସହିତ କାର୍ଯ୍ୟ କରିଛି। ବର୍ତ୍ତମାନ ପରବର୍ତ୍ତୀ ଚ୍ୟାଲେଞ୍ଜ ପାଇଁ ମୁଁ ପ୍ରସ୍ତୁତ। କିଛି ଦିନ ହେଲା ଭାରତୀୟ ଦଳର ଜଣେ ସ୍ପେସାଲିଷ୍ଟ ସ୍ପିନ କୋଚ୍ ନାହାନ୍ତି। ମୋର ଅଭିଜ୍ଞତା ବିଚାରକୁ ନିଆଯିବ ବୋଲି ଆଶା। ଅନ୍ତର୍ଜାତୀୟ ଏବଂ ରଣଜୀ ଦଳର କୋଚ୍ ଭାବେ କାର୍ଯ୍ୟ କରିବା ପୂର୍ବରୁ ଯୋଶି ୧୯୯୬ରୁ ୨୦୦୧ ମଧ୍ୟରେ ଭାରତୀୟ କ୍ରିକେଟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ସେ ୧୫ଟି ଟେଷ୍ଟ ମ୍ୟାଚରେ ୩୫.୮୫ ଆଭରେଜରେ ୪୧ ଉଇକେଟ ଅକ୍ତିଆର କରିଛନ୍ତି। ସେହିପରି ଅନ୍ତର୍ଜାତୀୟ ଦିନିକିଆରେ ସେ ୩୬.୩୬ ଆଭରେଜରେ ୬୯ ଉଇକେଟ ନେଇଛନ୍ତି। କର୍ଣାଟକର ଏହି ଷ୍ଟଲୱାର୍ଟ ୧୬୦ ପ୍ରଥମ ଶ୍ରେଣୀ ଗେମ୍‌ରେ ୨୫.୧୨ ଆଭରେଜରେ ୬୧୫ ଉଇକେଟ ଅକ୍ତିଆର କରିଛନ୍ତି।



# ଶୁଭମ୍ ଇମର୍ଜିଂ, ପ୍ରମୋଦ ଶ୍ରେଷ୍ଠ



ଜସ୍ମିନ ପାର୍ଥସାରଥି ମିଶ୍ର, ଶୁଭମ୍ ଷଡ଼ଙ୍ଗୀ, ପ୍ରମୋଦ ଭଗତ, ସୌଭାଗିନୀ ପ୍ରଧାନ, ଶିବ ପ୍ରସାଦ ଦାସ।

**ଭୁବନେଶ୍ୱର, ୬।୮(କ୍ରୀଡ଼ା ପ୍ରତିନିଧି)**

ବିଶ୍ୱ ଚାମ୍ପିୟନ ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ ଚଳିତ ବର୍ଷର ସ୍ପୋର୍ଟ୍ସଲଗ୍‌ଅନ୍ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ପାରା ବ୍ୟାଡ୍‌ମିଣ୍ଟନ କୋଚ୍ ଶିବ ପ୍ରସାଦ ଦାସ ଶ୍ରେଷ୍ଠ କୋଚ୍, ଭାରୋତ୍ତୋଳନ ଓ ଶକ୍ତିଉତ୍ତୋଳନକାରୀ ସୌଭାଗିନୀ ପ୍ରଧାନ (ରାଉତରାୟ) ପ୍ଲେୟର ଅଫ୍ ଦି ବାଏଗନ୍ ଏରା ପୁରସ୍କାର ପାଇବେ। ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ଶୁଭମ୍ ଷଡ଼ଙ୍ଗୀ ଇମର୍ଜିଂ ପ୍ଲେୟର ଅଫ୍ ଦି ଇୟର ଏବଂ କରାଟେକା ଜସ୍ମିନ ପାର୍ଥସାରଥି ମିଶ୍ର କୁମୁଦିନୀ ମିଶ୍ର କ୍ରୀଡ଼ା ପ୍ରତିଭା ପୁରସ୍କାରରେ ସମ୍ମାନିତ ହେବେ। ପୁରସ୍କାର ଆକାରରେ ଏହି ୫ ବିଜେତାଙ୍କୁ ୧ ଲକ୍ଷ ୧୦ ହଜାର ଟଙ୍କା ସହ ଟ୍ରଫି ଏବଂ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯିବ। ଆସନ୍ତା ୧୧ ତାରିଖରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ। ପ୍ରକାଶ ଯୋଗ୍ୟ ଯେ, ରାଜ୍ୟର କ୍ରୀଡ଼ା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା କ୍ରୀଡ଼ାବିତ୍‌ମାନଙ୍କୁ ୨୦୧୧ ମସିହାଠାରୁ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି।

### ରାଜ୍ୟ ସବ୍‌ଜୁନିୟର ବାଳକ ଫୁଟବଲ ଶିବିର ୯ରୁ

**କଟକ ଅଫିସ,୬।୮**

ଆସନ୍ତା ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ ଚାମ୍ପିୟନଶିପର ପୂର୍ବାଞ୍ଚଳ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ନିମନ୍ତେ ଓଡ଼ିଶା ଦଳର ଚୟନ ଓ ପ୍ରସ୍ତୁତି ଶିବିର ଅଗଷ୍ଟ ୯ରୁ ଆରମ୍ଭ ହେବ। ଶିବିରରେ ଯୋଗ ଦେବାକୁ ଇଚ୍ଛୁକ ଖେଳାଳିଙ୍କ ଜନ୍ମ ୨୦୦୫ ଜାନୁୟାରୀ ୧ ତାରିଖରୁ ୨୦୦୬ ଡିସେମ୍ବର ୩୧ ତାରିଖ ମଧ୍ୟରେ ହୋଇଥିବା ଆବଶ୍ୟକ। ୧୦ ତାରିଖ ନାମ ପଞ୍ଜୀକରଣର ଶେଷ ତାରିଖ ରହିଛି ବୋଲି ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ଘୋଷଣା କରାଯାଇଛି।

### ୟୁନିଲାଇଟ କପ୍ ଆନ୍ତଃ ସ୍କୁଲ ଫୁଟବଲ

# କିସ୍, ଶ୍ରୀ ଅରବିନ୍ଦ ବିଦ୍ୟାପୀଠ ବିଜୟୀ

**ଭୁବନେଶ୍ୱର, ୬।୮(କ୍ରୀଡ଼ା ପ୍ରତିନିଧି)**

ୟୁନିଟ–୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ହାଇସ୍କୁଲ ପଡ଼ିଆରେ ଚାଲିଥିବା ୟୁନିଲାଇଟ କପ୍ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ୍ ସାଇନ୍ସେସ (କିସ୍) ଓ ଶ୍ରୀ ଅରବିନ୍ଦ ନୋଡାଲ ବିଦ୍ୟାପୀଠ ବିଜୟ ହାସଲ କରିଛି।

ପ୍ରଥମ ମ୍ୟାଚରେ କିସ୍ ୭–୦ ଗୋଲରେ ୨ ନମ୍ବର ଉଚ୍ଚ ବାଳକ ବିଦ୍ୟାଳୟକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ କୁନାରାମ ସୋରେନ ଓ ଯଦୁନାଥ ହାଁସଦା ହ୍ୟାଟ୍ରିକ ଗୋଲ ଦେଇଥିବାବେଳେ ବଳରାମ ହାଁସଦା ଗୋଟିଏ ଗୋଲ ସ୍କୋର କରିଥିଲେ। ଆଇଆରସି ଭିଲେଜ ବାଳକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ଅତିଥିଭାବେ ଯୋଗଦେଇ କିସ୍‌ର କୁନାରାମଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଶ୍ରୀ ଅରବିନ୍ଦ ବିଦ୍ୟାପୀଠ ୨–୦ ଗୋଲରେ କଳିଙ୍ଗ ବିଦ୍ୟାପୀଠକୁ ହରାଇଥିଲା। ୧୬ତମ ମିନିଟରେ ଅଭିଷେକ ପଡ଼ିଆରୀ ଏବଂ ୪୪ତମ ମିନିଟରେ ବାବୁଲାଲ ସାହୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନର ଯୁଗ୍ମ ସମ୍ପାଦକ ମନୋରଞ୍ଜନ ମହାନ୍ତି ଅତିଥିଭାବେ ଯୋଗଦେଇ ବାବୁଲାଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦେଇଥିଲେ। ମ୍ୟାଚ ୨ଟିକୁ ଚନ୍ଦ୍ରକାନ୍ତ ବାରିକ, ସରୋଜ ମହାରଣା, କୀର୍ତ୍ତି ସ୍ୱାଇଁ, ରାଜେନ୍ଦ୍ର ବାରିକ, ଅମିତ ନାୟକ, ଶ୍ରୀକାନ୍ତ ପଣ୍ଡା, ଦେବଜ୍ୟୋତି ସିଂ ଓ ଶେଖାୱତ ଖାଁ ପରିଚାଳନା କରିଥିଲେ।




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବାବୁଲାଲ ସାହୁ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର**

# ପ୍ରମୋଦ ଶ୍ରେଷ୍ଠ କ୍ରୀଡ଼ାବିତ୍

**ଭୁବନେଶ୍ୱର, ୬।୮ (କ୍ରୀଡ଼ା ପ୍ରତିନିଧି)**




ପାରା ଆଥଲେଟ୍ ପ୍ରମୋଦ ଭଗତ ୨୦୧୮ ମସିହା ପାଇଁ ବିଜୁ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ମଙ୍ଗଳବାର ପୁରସ୍କାର ପାଇଁ କମିଟି ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ମିଳିଥିବା ସୂଚନା ଅନୁସାରେ ୨୦୧୮ ବର୍ଷ ପାଇଁ ଲାଇଫ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର କାହାରିକୁ ଦିଆଯିବ ନାହିଁ। ଏହି ପୁରସ୍କାର ପାଇଁ ଆବେଦନ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ କେହି ଯୋଗ୍ୟ ବିବେଚିତ ହୋଇ ନାହାନ୍ତି। ଶ୍ରେଷ୍ଠ କୋଚ୍ ପାଇଁ ୫–୬ ଜଣ ଆବେଦନ କରିଥିଲେ ମଧ୍ୟ କେହି ମାନଦଣ୍ଡ ପୂରଣ କରିପାରି ନାହାନ୍ତି। ତେଣୁ ଏହି ପୁରସ୍କାର ମଧ୍ୟ ଏଥର ଦିଆ ଯିବନାହିଁ। ବେଷ୍ଟ କଣ୍ଟ୍ରିବ୍ୟୁଶନ ଟୁ ପ୍ରମୋଶନ ସ୍ପୋର୍ଟ୍ସ ଆଣ୍ଡ ଗେମ୍ସ ପାଇଁ କିଟ୍‌କୁ ସମ୍ମାନିତ କରାଯିବ। ସେହିପରି ଏକ୍ସିଲେନ୍ସ ଇନ୍ ସ୍ପୋର୍ଟ୍ସ ଜର୍ନାଲିଜମ୍ ପୁରସ୍କାର ପାଇଁ ମଧ୍ୟ ଏଥର କେହି ଯୋଗ୍ୟ ବିବେଚିତ ହୋଇପାରି ନାହାନ୍ତି। ତେଣୁ ଏଥର ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର କେବଳ ୨ଟି ବିଭାଗରେ ସୀମିତ ରହିବା ନିଶ୍ଚିତ ହୋଇଛି। ପ୍ରକାଶ ଯୋଗ୍ୟ ଯେ ଗତ ୨ ବର୍ଷ ମଧ୍ୟରେ ପ୍ରମୋଦ ଭଗତ ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ଦେଶ ପାଇଁ ପାରା ଅଲିମ୍ପିକ୍ସ ପଦକ ଜିତିବାର ଦକ୍ଷତା ମଧ୍ୟ ସେ ରଖିଛନ୍ତି। ରାଜ୍ୟରେ କ୍ରୀଡ଼ାବିତ୍‌ଙ୍କୁ ସମ୍ମାନ ଓ ସ୍ୱୀକୃତି ଦେବା ଲକ୍ଷ୍ୟରେ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୦୧ ମସିହାରୁ ପ୍ରଚଳିତ ହୋଇଆସୁଛି। ରାଜ୍ୟର ଶ୍ରେଷ୍ଠ କ୍ରୀଡ଼ା ପୁରସ୍କାର ଭାବେ ଏହା ବିବେଚିତ ହେଉଥିବାବେଳେ ଏଥର ଏକାଧିକ ବିଭାଗ ପାଇଁ କେହି ଯୋଗ୍ୟ ବିବେଚିତ ନ ହେବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।



“ଷ୍ଟିଭ୍ ସ୍ମିଥ୍ ବର୍ତ୍ତମାନ ଯେପରି ବ୍ୟାଟିଂ କରୁଛନ୍ତି, ତାଙ୍କୁ ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲିଙ୍କ ସହିତ ତୁଳନା କରାଯାଇ ପାରେ ।

–ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କୋଚ୍

“ଆମେ ଏଭଳି ଜଣେ ରାଷ୍ଟ୍ରପତି ପାଇଛୁ, ଯିଏକି ଅନ୍ୟର ମହତ୍ତ୍ୱ ନ ବୁଝି କେବଳ ନିଜ କଥା ଚିନ୍ତା କରନ୍ତି, ସେ ଅବା କିପରି କ୍ରୀଡ଼ାରେ ଲିଙ୍ଗଭିତ୍ତିକ ସମାନତାର ମୂଲ୍ୟ ବୁଝିବେ ।

–କାର୍ଲ ଲୁଇସ୍, ଆମେରିକାର କିମ୍ବଦନ୍ତୀ ଆଥଲେଟ୍



## ସଂକ୍ଷେପରେ

### ଟୁର୍ ଅଫ୍ ପୋଲାଣ୍ଡ ସାଇକ୍ଲିଂ
### ଲାମ୍ବ୍ରେଚ୍ଙ୍କ ମୃତ୍ୟୁ ପାଇଁ ୪ର୍ଥ ଷ୍ଟେଜ୍ ରେସ୍ ବାତିଲ

**ୱାରସ, ୬।୮ (ଏଏଫ୍‌ପି):** ବେଲଜିୟମର ରାଇଡର ବ୍ୟର୍ଗ ଲାମ୍ବ୍ରେଚ୍ଙ୍କ ମୃତ୍ୟୁ କାରଣରୁ ଚଳିତ ଆୟୋଜକମାନେ ଚଳିତ ଟୁର୍ ଅଫ୍ ପୋଲାଣ୍ଡ ସାଇକେଲ ରେସ୍‌ର ଚତୁର୍ଥ ଷ୍ଟେଜ୍‌କୁ ବାତିଲ କରିଦେଇଛନ୍ତି। ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଟିମ୍‌ଗୁଡ଼ିକର ସହମତି କ୍ରମେ ବ୍ୟର୍ଗଙ୍କୁ ସମ୍ମାନ ଜଣାଇ ଏହି ନିଷ୍ପତ୍ତି ନିଆଯାଇଛି। ସୋମବାର ବର୍ଷାରେ ତୃତୀୟ ଷ୍ଟେଜ ଚାଲିଥିବାବେଳେ ୨୨ବର୍ଷୀୟ ବ୍ୟର୍ଗଙ୍କ ସାଇକେଲଟି ସଡ଼କ ପାର୍ଶ୍ୱରେ ଏକ କଂକ୍ରିଟ୍ ଷ୍ଟ୍ରକ୍ଚର ସହିତ ଧକ୍କା ହୋଇଥିଲା। ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ରିବ୍‌ନିକ୍ ସହରସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଆସ୍ତୋପଚାର ଅବସ୍ଥାରେ ତାଙ୍କର ପ୍ରାଣହାନି ଘଟିଥିଲା। ସୂଚନାଯୋଗ୍ୟ, ଗତ ବର୍ଷ ଜଣେ ପ୍ରଫେଶନାଲ ସାଇକ୍ଲିଷ୍ଟ ଭାବେ ଲୋଟୋ ସୋଡାଲ ଟିମ୍‌ରେ ଯୋଗ ଦେବା ପୂର୍ବରୁ ଲାମ୍ବ୍ରେଚ୍ ୨୩ ବର୍ଷରୁ କମ୍ ଲିଗ୍-ବାଷ୍ଟୋନେ-ଲିଗ୍ ଜିତିଥିଲେ। ପରେ ସେ ୨୦୧୭ରେ ଟୁର୍ ଡେଲ୍’ ଆଭେନିରରେ ଟୁର୍ ଡି’ ଫ୍ରାନ୍ସ ବିଜେତା ଏଗାନ ବର୍ନାଲଙ୍କ ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।

### ଅଲିମ୍ପିଆନ ଜୁନେଦ ପାକିସ୍ତାନ ହକିର ନୂଆ କୋଚ୍

**କରାଚି, ୬।୮ (ପି.ଟି.):** ଅଲିମ୍ପିଆନ ଖ୍ୱାଜା ଜୁନେଦଙ୍କୁ ପାକିସ୍ତାନ ସିନିୟର ପୁରୁଷ ହକି ଦଳର ନୂତନ ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ଦୁଇବର୍ଷ ତଳେ ଜୁନୈଦଙ୍କୁ ସମାନ ପଦରୁ ହଠାତ୍ ବାହାର କରିଦିଆଯାଇଥିଲା। ଜୁନୈଦଙ୍କୁ ସହାୟତା କରିବା ପାଇଁ ପାକିସ୍ତାନ ହକି ଫେଡେରେଶନ (ପିଏଚ୍‌ଏଫ୍)ମୁଖ୍ୟ ବ୍ରିଗେଡିୟର (ରିଟାୟାର୍ଡ) ସଜ୍ଜାଦ ଖୋଖର ପୂର୍ବତନ ଖେଳାଳି ସମୀର ହୁସେନ, ୱାସିମ ଅହମ୍ମଦ ଓ ଅଜମଲ ଖାଁଙ୍କୁ ନିଯୁକ୍ତ କରିଛି। ଆଗାମୀ ୨୦୨୦ ଟୋକିଓ ଅଲିମ୍ପିକ୍ସକୁ ନଜରରେ ରଖି ପାକିସ୍ତାନ ହକି ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ୨୦୧୭ରେ ଜୁନୈଦ ପାକିସ୍ତାନ ଦଳର ମୁଖ୍ୟକୋଚ୍ ଭାବେ ଦାୟିତ୍ୱ ତୁଲାଉଥିବାବେଳେ ହଠାତ୍ ଲଣ୍ଡନରେ ଅନୁଷ୍ଠିତ ବିଶ୍ୱ ହକି ଲିଗ୍ ପୂର୍ବରୁ ତାଙ୍କୁ ବାହାର କରିଦିଆଯାଇଥିଲା। ସେତେବେଳେ ଜୁନୈଦ ରାଗିଯାଇ ପିଏଚ୍‌ଏଫ୍ ସଭାପତି ଓ ସମ୍ପାଦକଙ୍କୁ ଗାଳିଗୁଲଜ କରିଥିଲେ। ୧୯୯୨ ବାର୍ସିଲୋନା ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ପାକିସ୍ତାନ ଦଳର ସେ ସଦସ୍ୟ ରହିଥିଲେ।

## ■ ରେଡ୍ ବଲ୍‌କୁ ଫେରିଲା ଦୁଲୀପ ଟ୍ରଫି

# ଇଣ୍ଡିଆ ଗ୍ରୀନ୍ ଦଳରେ ଓଡ଼ିଶାର ରାଜେଶ



**ନୂଆଦିଲ୍ଲୀ, ୬।୮ (ପି.ଟି.)**

ଭାରତର ଏକମାତ୍ର ଦିବା-ରାତ୍ର ପ୍ରଥମ ଶ୍ରେଣୀ କ୍ରିକେଟ୍ ଟୁର୍ନାମେଣ୍ଟ ଦୁଲୀପ୍ ଟ୍ରଫି ପୁଣିଥରେ ରେଡ୍ ବଲ୍ ଫର୍ମାଟ୍‌କୁ ପ୍ରତ୍ୟାବର୍ତ୍ତନ କରିଛି। ଗତ ୩ଟି ସିଜନ ଧରି ପିଙ୍କ୍ ବଲରେ ଖେଳାଯାଉଥିବା ଏହି ସମ୍ମାନଜନକ ପ୍ରତିଯୋଗିତାର ଚଳିତ ସଂସ୍କରଣ ରେଡ୍ ବଲ୍‌ରେ ଖେଳାଯିବ। ଟିଭି କଭରେଜ୍‌ରେ ସମସ୍ୟା ଦେଖାଦେବାରୁ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ଭାରତୀୟ ଘରୋଇ କ୍ରିକେଟ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହେଉଥିବା ଏହି ଟୁର୍ନାମେଣ୍ଟ ଅଗଷ୍ଟ ୧୭ରୁ ସେପ୍ଟେମ୍ବର






୯ ତାରିଖ ପର୍ଯ୍ୟନ୍ତ ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି। ଭାରତର ଭବିଷ୍ୟତ ଷ୍ଟାର୍ କୁହାଯାଉଥିବା ୩ ଉଦୀୟମାନ ଖେଳାଳି ଶୁବମନ ଗିଲ୍, ପ୍ରିୟଙ୍କ ପଞ୍ଚାଲ ଓ ବିଦର୍ଭ ରଣଜୀ ଦଳର ଅଧିନାୟକ ଫୈଜ ଫଜଲଙ୍କୁ ଯଥାକ୍ରମେ ଇଣ୍ଡିଆ ବ୍ଲୁ, ଇଣ୍ଡିଆ ରେଡ୍ ଓ ଇଣ୍ଡିଆ ଗ୍ରୀନ୍ ଟିମ୍‌ର ନେତୃତ୍ୱ ପ୍ରଦାନ କରାଯାଇଛି। ଓଡ଼ିଶା ରଣଜୀ ଦଳ ଯୁବ ଦ୍ରୁତ ବୋଲର ରାଜେଶ ମହାନ୍ତି ଫଜଲଙ୍କ ନେତୃତ୍ୱାଧୀନ ଇଣ୍ଡିଆ ଗ୍ରୀନ ଦଳରେ ସ୍ଥାନ ପାଇଛନ୍ତି।

ସେପ୍ଟେମ୍ବର ୫ରୁ ୯ ତାରିଖ ପର୍ଯ୍ୟନ୍ତ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଷ୍ଟାର୍ ସ୍ପୋର୍ଟ୍ସରେ ଫାଇନାଲ ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ। ସମସ୍ତ ମ୍ୟାଚ୍ ରେଡ୍ ବଲ୍‌ରେ ଖେଳାଯିବ ବୋଲି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଜିଏମ୍ (କ୍ରିକେଟ୍ ଅପରେଶନ) ସବା କରିମ୍ ମଙ୍ଗଳବାର କହିଛନ୍ତି। ‘ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଫ୍ଲଡ୍ ଲାଇଟ୍ ବ୍ୟବସ୍ଥା ରହିଛି, କିନ୍ତୁ ଯେହେତୁ କୌଣସି ସିଧାପ୍ରସାରଣର ବ୍ୟବସ୍ଥା ନାହିଁ ତେଣୁ ଆମେ ଲାଇଟ୍‌ରେ ପିଙ୍କ୍ ବଲରେ ମ୍ୟାଚ୍ ଖେଳିବୁ ନାହିଁ। କେବଳ ଫାଇନାଲ ମ୍ୟାଚ୍ ଦିବା-ରାତ୍ର ବିଶିଷ୍ଟ ହେବ ଏବଂ ଏହା ସିଧାପ୍ରସାରଣ କରାଯିବ’ ବୋଲି କରିମ୍ ପ୍ରକାଶ କରିଛନ୍ତି।

### ସଂକ୍ଷେପରେ ରାଜେଶ...

- ନାମ: ରାଜେଶ ମହାନ୍ତି
- ଜନ୍ମ: ୨୦ ମେ, ୨୦୦୦
- ଘର: ତୁଳସୀପୁର, ନୟାଗଡ଼, ଓଡ଼ିଶା
- ପରିବାର: ମା-ମନୋରମା ମହାନ୍ତି, ବାପା-କିଶୋର ମହାନ୍ତି
- ପ୍ଲେଇଂ ଷ୍ଟାଇଲ: ଡାହାଣହାତୀ ମିଡିୟମ ପେସ୍ ବୋଲର, ବାମହାତୀ ବ୍ୟାଟ୍ସମ୍ୟାନ
- କୋଚ୍: ଦୀପକ ମଙ୍ଗରାଜ
- ଆଦର୍ଶ: ମହମ୍ମଦ ଅମିର(ପାକିସ୍ତାନ), ଉମେଶ ଯାଦବ(ଭାରତ)
- ଘରୋଇ କ୍ଲବ: ରାମେଶ୍ୱର ସ୍ପୋର୍ଟିଂ କ୍ଲବ
- ଟୁର୍ନାମେଣ୍ଟ: ବିଜୟ ମର୍ଚ୍ଚାଣ୍ଟ ଟ୍ରଫି, ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଟି୨୦, କୁଚ୍‌ବିହାର ଟ୍ରଫି, ରଣଜୀ ଟ୍ରଫିରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ। ୨୦୧୮ ନଭେମ୍ବର ୧ରେ ରଣଜୀ ଟ୍ରଫି ପଦାର୍ପଣ।
- ୨୦୧୯ ଫେବ୍ରୁୟାରୀ ୩-୪ରେ ଥିରୁଭାନନ୍ତପୁରମଠାରେ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ବୋର୍ଡ ସଭାପତି ଏକାଦଶ ପକ୍ଷରୁ ପ୍ରତିନିଧିତ୍ୱ।
- ୨୦୧୮ ସେପ୍ଟେମ୍ବର ୨୯ରେ ଢାକାଠାରେ ଆରମ୍ଭ ହୋଇଥିବା ୧୯ ବର୍ଷରୁ କମ୍ ଏସିଆ କପ୍ ପାଇଁ ଭାରତୀୟ ଦଳରେ ସାମିଲ। ସେଥିରେ ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ, ହଂକଂ, ନେପାଳ ଓ ୟୁଏଇ ଅଂଶଗ୍ରହଣ କରିଥିଲେ।
- ୨୦୧୮ ସେପ୍ଟେମ୍ବର ୧୨ରୁ ୧୮ ପର୍ଯ୍ୟନ୍ତ ଲକ୍ଷ୍ନୌଠାରେ ଅନୁଷ୍ଠିତ ୪ ଦଳ ବିଶିଷ୍ଟ ଟୁର୍ନାମେଣ୍ଟରେ ୧୯ ବର୍ଷରୁ କମ୍ ଭାରତ‘ଏ’ ଦଳରୁ ପ୍ରତିନିଧିତ୍ୱ। ଏହି ପ୍ରତିଯୋଗିତାରେ ଭାରତ ‘ବି’, ଆଫଗାନିସ୍ତାନ ଓ ନେପାଳ ଅନ୍ୟ ୩ ଦଳ ଥିଲେ।
- ୨୦୧୬ରେ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ(ଏନସିଏ)ର ୧୬ ବର୍ଷରୁ କ୍ୟାମ୍ପ ପାଇଁ ମନୋନୀତ।
- ୨୦୧୯ରେ ଚେନ୍ନାଇସ୍ଥିତ ଏମଆରଏଫ ପେସ୍ ଫାଉଣ୍ଡେଶନରେ ଅଭ୍ୟାସ।
- ୨୦୧୯ ଅଗଷ୍ଟ ୧୭ରୁ ସେପ୍ଟେମ୍ବର ୯ ପର୍ଯ୍ୟନ୍ତ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ହେବାକୁଥିବା ଦୁଲୀପ ଟ୍ରଫି ପାଇଁ ଇଣ୍ଡିଆ ଗ୍ରୀନ ଦଳରେ ସାମିଲ। ଟୁର୍ନାମେଣ୍ଟର ଅନ୍ୟ ଦୁଇ ଦଳ ହେଲେ ଇଣ୍ଡିଆ ରେଡ୍ ଓ ଇଣ୍ଡିଆ ବ୍ଲୁ।

| ଇଣ୍ଡିଆ ବ୍ଲୁ | ଇଣ୍ଡିଆ ଗ୍ରୀନ୍ | ଇଣ୍ଡିଆ ରେଡ୍ |
| --- | --- | --- |
| ଶୁବମନ ଗିଲ୍ (ଅଧିନାୟକ), ରୁତୁରାଜ ଗାଏକ୍ୱାଡ, ରଜତ ପଟିଦାର, ଅନ୍‌ମୋଲପ୍ରୀତ୍ ସିଂ, ରିକି ଭୁଇ, ଅଙ୍କିତ ବାୱ୍ନେ, ସ୍ନେଲ ପଟେଲ (ଉଇକେଟ୍‌କିପର), ଶ୍ରେୟାସ ଗୋପାଳ, ସୌରଭ କୁମାର, ଜଲଜ ସକ୍ସେନା, ତୁଷାର ଦେଶପାଣ୍ଡେ, ବସିଲ ଥାମ୍ପି, ଦ୍ୱିୱେଶ ପଠାନିଆ, ଅନିକେତ୍ ଚୌଧାରୀ ଆଶୁତୋଷ ଅମର। | ଫୈଜ ଫଜଲ (ଅଧିନାୟକ), ଅକ୍ଷୟ ରେଡ୍ଡୀ, ଧ୍ରୁବ ସୋରୀ, ପ୍ରିୟଙ୍କ ଗର୍ଗ, ସିଦ୍ଧେଶ ଲାଡ୍, ଆକାଶଦୀପ୍ ନାଥ, ରାହୁଲ ଚହର, ଧର୍ମେନ୍ଦ୍ର ଜାଡେଜା, ଜୟନ୍ତ ଯାଦବ, ଅଙ୍କିତ ରାଜପୁତ୍, ଇଶାନ ପୋରେଲ, ତନବୀର ଉଲ୍-ହକ, ଅକ୍ଷୟ ୱାଡକର (ଉଇକେଟ୍‌କିପର), ରାଜେଶ ମହାନ୍ତି ଓ ମିଲିନ୍ଦ କୁମାର। | ପ୍ରିୟଙ୍କ ପଞ୍ଚାଲ (ଅଧିନାୟକ), ଅଭିମନ୍ୟୁ ଈଶ୍ୱରନ, ଅକ୍ଷର ପଟେଲ, କରୁନ ନାୟାର, ଈଶାନ କିଶାନ (ଉଇକେଟ୍‌କିପର), ହର୍‌ପ୍ରୀତ୍ ଭାଟିଆ, ଆଦିତ୍ୟ ସରୱତେ, ମହିପାଲ ଲୋମ୍ରୋ, ଅକ୍ଷୟ ୱାଖରେ, ବରୁନ ଆରୁନ, ରୋନିତ୍ ମୋରେ, ଜୟଦେବ ଉନାଡକଟ୍, ସନ୍ଦୀପ ୱାରିୟର ଓ ଅଙ୍କିତ କାଲ୍‌ସି। |


ଜନ୍ମଦିନ ଶୁଭେଚ୍ଛା



ସାଇଶ୍ରଦ୍ଧା (ରୁହି)
ପ୍ରଥମ ଶୁଭ ଜନ୍ମଦିନ ଅବସରରେ ତୋ ଭବିଷ୍ୟତ ଉଜ୍ଜ୍ୱଳମୟ ଓ ଚଲାପଥ କୁସୁମିତ ହେଉ, ପ୍ରଭୁ ଶ୍ରୀ ଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ ବୋଲି ଆମର କାମନା।
ଶୁଭେଚ୍ଛା ସହ:
ବାପା, ମା’, ଦାଦା, ଦାଦି, ନାନା, ନାନୀ, ମାମୁ, କାକା, କାକି
ଧ-୧୩୮୦୦


### ଫ୍ରଣ୍ଟ ଫୁଟ୍ ନୋ-ବଲ୍ କଲ୍
### ଟିଭି ଅମ୍ପାୟରଙ୍କୁ କ୍ଷମତା

**ନୂଆଦିଲ୍ଲୀ, ୬।୮ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ଖୁବ୍ ନିକଟରେ (ଆଇସିସି) ଫ୍ରଣ୍ଟ ଫୁଟ୍ ନୋ-ବଲ୍ କଲ୍ କ୍ଷମତା ଟିଭି ଅମ୍ପାୟରଙ୍କୁ ପ୍ରଦାନ କରିବ। ଆଇସିସିର କ୍ରିକେଟ ଅପରେଶନ୍ସ ଜେନେରାଲ ମ୍ୟାନେଜର ଜେଫ୍ ଅଲାରଡିସ୍ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ଏହି ନୂଆ ସିଷ୍ଟମ ପ୍ରଥମେ କେତୋଟି ନିର୍ଦ୍ଦିଷ୍ଟ ସୀମିତ ଓଭର ବିଶିଷ୍ଟ ସିରିଜରେ ପରୀକ୍ଷାମୂଳକ ଭାବେ ବ୍ୟବହାର କରାଯିବ। ଏହା ଆଦୃତ ହେଲେ ସ୍ଥାୟୀ ଭାବେ କାର୍ଯ୍ୟକାରୀ ହେବ। ଫଳସ୍ୱରୂପ ଭବିଷ୍ୟତରେ ଅନ୍-ଫିଲ୍ଡ ଅମ୍ପାୟର ଓଭର ଷ୍ଟେପିଙ୍ଗ ପାଇଁ ନୋ-ବଲ୍ କଲ୍ ଅଧିକାର ହରାଇବେ। କୌଣସି ବୋଲର ନୋ ବଲ୍ ପକାଇବା ମାତ୍ରେ ତୃତୀୟ ଅମ୍ପାୟର କିଛି ସେକେଣ୍ଡ ମଧ୍ୟରେ ଏହା ଅନ୍-ଫିଲ୍ଡ ଅମ୍ପାୟରଙ୍କୁ ଅବଗତ କରାଇବେ।

### ଦ୍ରାବିଡ଼ଙ୍କୁ ନୋଟିସ୍

**ନୂଆଦିଲ୍ଲୀ, ୬।୮ (ପି.ଟି.):** ବର୍ତ୍ତମାନ ନ୍ୟାଶନାଲ କ୍ରିକେଟ ଏକାଡେମୀ(ଏନ୍‌ସିଏ)ର କ୍ରିକେଟ ଅପରେଶନ ମୁଖ୍ୟ ଥିବା ଭାରତର ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡଙ୍କ ବିରୋଧରେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ (କନଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ) ଅଭିଯୋଗ ଆସିଛି। ଏହାର ଜବାବ ଦେବା ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓମ୍ବୁଡ୍ସମ୍ୟାନ୍ ତଥା ଏଥିକ୍ସ ଅଫିସର ଡି.କେ. ଜୈନ ତାଙ୍କୁ ନୋଟିସ ଜାରି କରିଛନ୍ତି।

## ଲର୍ଡ୍ସ ଟେଷ୍ଟରୁ ଆଣ୍ଡରସନ ବାଦ୍

**ଆଶେସ୍ ସିରିଜ୍**

**ଲଣ୍ଡନ, ୬।୮ (ଏଏଫ୍‌ପି)**

ଇଂଲଣ୍ଡର ବରିଷ୍ଠ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଆଶେସ ଟେଷ୍ଟ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ଡାହାଣ ଗୋଡ଼ର ମାଂସପେଶୀରେ ଆଘାତଜନିତ ସମସ୍ୟା ଦେଇ ଗତି କରୁଥିବା ଆଣ୍ଡରସନ କେବେ ସମ୍ପୂର୍ଣ୍ଣ ଭାବେ ଫିଟ୍ ହୋଇ ଦଳକୁ ଫେରିବେ ସେ ନେଇ ଟିମ୍ ମ୍ୟାନେଜମେଣ୍ଟ ଅନିଶ୍ଚିତତା ମଧ୍ୟରେ ରହିଛି। ଇଂଲଣ୍ଡ ପକ୍ଷରୁ ଟେଷ୍ଟ କ୍ରିକେଟ୍‌ରେ ସର୍ବାଧିକ ଉଇକେଟ୍ ଅକ୍ତିଆର କରିଥିବା ୩୭ ବର୍ଷୀୟ ଏହି ଡାହାଣହାତୀ ବୋଲର ଆଘାତଜନିତ ସମସ୍ୟା ଯୋଗୁ ଏଜ୍‌ବାଷ୍ଟନରେ ଶେଷ ହୋଇଥିବା ପ୍ରଥମ ଆଶେସ ଟେଷ୍ଟର ପ୍ରଥମ ଇନିଂସରେ ମାତ୍ର ୪ ଓଭର ବୋଲିଂ କରିବାକୁ ସକ୍ଷମ ହୋଇଥିଲେ। ଏହାପରେ ସେ ଆଉ ବୋଲିଂ କରିବାକୁ ଆସି ନ ଥିଲେ। ନିକଟରେ ବିଶ୍ୱ ବିଜୟୀ ହେବାର ସ୍ୱାଦ ଚାଖିଥିବା ଇଂଲଣ୍ଡ ଏହି ମ୍ୟାଚ୍‌କୁ ୨୫୧ ରନର ବୃହତ୍ ବ୍ୟବଧାନରେ ପରାସ୍ତ ହୋଇଥିଲା।

## ‘ଲଦାଖ ଖେଳାଳି ଜମ୍ମୁ-କଶ୍ମୀରରୁ ଖେଳିପାରିବେ’

**ନୂଆଦିଲ୍ଲୀ,୬।୮(ପି.ଟି.)**

ବର୍ତ୍ତମାନ ନୂଆକରି ଗଠିତ ହୋଇଥିବା କେନ୍ଦ୍ରଶାସିତ ଅଞ୍ଚଳ ଲଦାଖରୁ ଖେଳାଳିମାନେ ଜମ୍ମୁ-କଶ୍ମୀର ତରଫରୁ ଆଗାମୀ ଘରୋଇ ସେସନରେ ପ୍ରତିନିଧିତ୍ୱ କରିପାରିବେ ବୋଲି ମଙ୍ଗଳବାର କ୍ରିକେଟ ପ୍ରଶାସକ କମିଟି (ସିଓଏ) ମୁଖ୍ୟ ବିନୋଦ ରାଏ କହିଛନ୍ତି। ସମ୍ବିଧାନର ୩୭୦ ଧାରା ଉଚ୍ଛେଦ କରି ସରକାର ସୋମବାର ଜମ୍ମୁ-କଶ୍ମୀର ରାଜ୍ୟକୁ ଦୁଇ ଭାଗ କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଛନ୍ତି। ଗୋଟିଏ ହେଲା ଲାଦାଖ ଓ ଅନ୍ୟଟି ହେଲା ଜମ୍ମୁ- କଶ୍ମୀର। ତେବେ ବର୍ତ୍ତମାନ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଅଲଗା ଅଲଗା ରାଜ୍ୟ ଆସୋସିଏଶନ ଗଠନ କରିବ ନାହିଁ। ଫଳରେ ଉଭୟ ଅଞ୍ଚଳର ଖେଳାଳି ଜମ୍ମୁ-କାଶ୍ମୀର ପାଇଁ ବିସିସିଆଇର ସବୁ ପ୍ରକାର ଘରୋଇ କ୍ରିକେଟରେ ପ୍ରତିନିଧିତ୍ୱ କରିବେ ବୋଲି ବିନୋଦ ସ୍ପଷ୍ଟ କରିଛନ୍ତି। ଅବଶ୍ୟ ଏପର୍ଯ୍ୟନ୍ତ ଲଦାଖରୁ କୌଣସି ଖେଳାଳି ଜମ୍ମୁ- କଶ୍ମୀର ପାଇଁ ଖେଳିନାହାନ୍ତି। ଆଗାମୀ ଡିସେମ୍ବରରୁ ଦେଶର ସର୍ବବୃହତ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ରଣଜୀ ଟ୍ରଫି ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ପ

ପୁଡୁଚେରୀ ଭଳି ଲଦାଖକୁ ମତଦାନ ଅଧିକାର ମିଳିବ କି ବୋଲି ପ୍ରଶ୍ନ ହେବାରୁ ବିନୋଦ ଏ ନେଇ କୌଣସି ଆଲୋଚନା କରାଯାଇନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳ ହୋଇଥିଲେ ମଧ୍ୟ ଏହାର ଖେଳାଳିମାନେ ପଞ୍ଜାବ କିମ୍ବା ହରିୟାଣା ତରଫରୁ ପ୍ରତିନିଧିତ୍ୱ କରିଥାନ୍ତି। ଠିକ୍ ସେହିପରି ଏବେ ଲଦାଖର ଖେଳାଳିମାନେ ଜମ୍ମୁ-କଶ୍ମୀର ତରଫରୁ ପ୍ରତିନିଧିତ୍ୱ କରିବେ ବୋଲି ବିନୋଦ କହିଛନ୍ତି। ୩୭୦ ଧାରା ଉଚ୍ଛେଦ ହୋଇଥିଲେ ମଧ୍ୟ ବିସିସିଆଇ ଏ ନେଇ ଆଦୌ ଚିନ୍ତିତ ନୁହେଁ। କଶ୍ମୀର ଉପତ୍ୟକାରେ ପୂର୍ବପରି କ୍ରିକେଟ ଚାଲୁ ରହିବ ବୋଲି ସେ କହିଛନ୍ତି। ଗତବର୍ଷ ଭଳି ଜମ୍ମୁ- କଶ୍ମୀର ଶ୍ରୀନଗରରେ ତା’ର ଘରୋଇ ମ୍ୟାଚ୍ ଖେଳିବ। ବିକଳ୍ପ ଭେନ୍ୟୁ ନେଇ କୌଣସି ଆଲୋଚନା କରାଯାଇ ନାହିଁ। ତେଣୁ କୌଣସ ପରିବର୍ତ୍ତନ କରାଯିବ ନାହିଁ। ଅମରନାଥ ଯାତ୍ରୀଙ୍କ ଉପରେ ଆତଙ୍କବାଦୀ ଆକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସବୁ ବୟସ ବର୍ଗର ଅଭ୍ୟାସ ଶିବିରକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦେବାକୁ ନିଷ୍ପତ୍ତି ନେଇଥିଲେ। ରାଜ୍ୟ ଟିମ୍ ମେଣ୍ଟର ଇର୍ଫାନ ପଠାନଙ୍କ ସହିତ ସବୁ ୧୦୦ କ୍ରିକେଟରଙ୍କୁ କଶ୍ମୀର ଉପତ୍ୟକା ଛାଡି ଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

### ୨୩ ବର୍ଷରୁ କମ୍ ଏସିଆନ୍ ଭଲିବଲ୍
## କ୍ୱାର୍ଟରଫାଇନାଲରେ ଭାରତ

**ନୂଆଦିଲ୍ଲୀ, ୬।୮ (ପି.ଟି.)**

ମ୍ୟାନମାରରେ ଚାଲିଥିବା ୨୩ ବର୍ଷରୁ କମ୍ ଏସିଆନ୍ ଭଲିବଲ୍ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଭାରତ ୨-୩ରେ ଥାଇଲାଣ୍ଡ ନିକଟରୁ ପରାସ୍ତ ହୋଇଥିଲା। କିନ୍ତୁ ଭାରତ ଏଥିପୂର୍ବରୁ ଚାଇନା ଓ ନ୍ୟୁଜିଲାଣ୍ଡକୁ ହରାଇ ୩ ମ୍ୟାଚ୍‌ରୁ ୬ ପଏଣ୍ଟ ପାଇ ନିଜ ଗ୍ରୁପ୍‌ରେ ଶୀର୍ଷ ସ୍ଥାନ ହାସଲ କରିଥିବାରୁ ଅନ୍ତିମ-୮ରେ ପହଞ୍ଚିବାରେ କୌଣସି ଅସୁବିଧା ହୋଇନାହିଁ। ଭାରତୀୟ ଦଳ ପ୍ରଥମଥର ଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହେବାର ସୌଭାଗ୍ୟ ଲାଭ କରିଛି। ଭାରତ ସମେତ ଏହି ଗ୍ରୁପ୍‌ରୁ ଚାଇନା ମଧ୍ୟ ୩ ମ୍ୟାଚ୍‌ରୁ ୨ ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ପାଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛି।

## ଓଡ଼ିଶା ପୋଲିସ ବିଜୟୀ

**କଟକ ଅଫିସ,୬।୮:** କଟକରେ ଚାଲିଥିବା ପ୍ରଥମ ଡିଭିଜନ ଫୁଟବଲ ଲିଗର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ପୋଲିସ ୨-୦ ଗୋଲରେ ରାଧାରମଣକୁ ପରାସ୍ତ କରିଛି। ଓଡ଼ିଶା ପୋଲିସ ପକ୍ଷରୁ ପ୍ରମୋଦ କୁମାର ଦାସ ପ୍ରଥମାର୍ଦ୍ଧ ଖେଳର ୧୬ତମ ଓ ୪୧ତମ ମିନିଟରେ ଦୁଇଟି ଯାକ ଗୋଲ ସ୍କୋର କରିଥିଲେ।



କଟକ: ବାରବାଟୀ ଷ୍ଟାଡ଼ିୟମ୍‌ରେ ମଙ୍ଗଳବାର ରାଧାରମଣ କ୍ଲବ୍ ଓ ଓଡ଼ିଶା ପୋଲିସ ମଧ୍ୟରେ ଅନୁଷ୍ଠିତ ଫାଓ ଲିଗ୍‌ର ଏକ ମ୍ୟାଚ୍।

## ଓସିଏ ସମ୍ବିଧାନ ସଂଶୋଧନରେ ଜାଲିଆତି ଅଭିଯୋଗ

**କଟକ ଅଫିସ, ୬।୮:** ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ବିଧାନ ସଂଶୋଧନରେ ଜାଲିଆତି ହୋଇଥିବା ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି। ମଙ୍ଗଳବାର ଏ ସଂକ୍ରାନ୍ତରେ ଆଇଜି ରେଜିଷ୍ଟ୍ରେଶନଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରାଯାଇଛି। ସୁପ୍ରିମକୋର୍ଟଙ୍କ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶାନାମାକୁ ଉଲ୍ଲଂଘନ କରାଯାଇ ଏକପାଖିଆ ସମ୍ବିଧାନ ସଂଶୋଧନ ହୋଇଛି। ସୁପ୍ରିମକୋର୍ଟର ୨୦୧୬ ଜୁଲାଇ ୧୮ ଓ ୨୦୧୮ ମସିହା ଅଗଷ୍ଟ ୯ ତାରିଖର ମକଦ୍ଦମା ନିର୍ଦ୍ଦେଶରେ ବିଭିନ୍ନ ରାଜ୍ୟ ସଂଘ ଗୁଡ଼ିକର ସମ୍ବିଧାନ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ସମ୍ବିଧାନ ଅନୁଯାୟୀ ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାଛଡ଼ା ମାସକ ଭିତରେ ସମ୍ବିଧାନ ସଂଶୋଧନ କରିବାକୁ ମଧ୍ୟ ନିର୍ଦ୍ଦେଶ ଥିଲା। ରାଜ୍ୟ ସଙ୍ଗଠନଗୁଡ଼ିକ କେଉଁ କେଉଁ ଧାରାରେ ସଂଶୋଧନ କଲେ ତାହାର ବିବରଣୀ ସୁପ୍ରିମକୋର୍ଟରେ ଦାଖଲ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଥିଲା। ସମସ୍ତ ନିର୍ଦ୍ଦେଶକୁ ବେଖାତିର କରି ବିନା ସାଧାରଣ ପରିଷଦ ବୈଠକରେ ଓସିଏ ସମ୍ବିଧାନ ସଂଶୋଧନ କରିଛି। ଏହା ସୋସାଇଟି ରେଜିଷ୍ଟ୍ରେଶନ ଆଇନ ୧୮୬୦ ଧାରାକୁ ଅବମାନନା କରୁଛି ବୋଲି ସଙ୍ଗଠନର ଆବାହକ ତଥା ଆଇନଜୀବୀ ସୁବ୍ରତ ନନ୍ଦ କହିଛନ୍ତି। ଓସିଏ ଚାପ୍ଟର ୬(୫), ୨୩(୧), ୨୪(୪), ୨୬(୨ଏ) (୨)କୁ ବିନା ଅନୁମୋଦନରେ ଦାଖଲ କରିଛି ବୋଲି ଅଭିଯୋଗ ପତ୍ରରେ ମଧ୍ୟ ଦର୍ଶାଯାଇଛି। ଓସିଏର ଏହି କାର୍ଯ୍ୟ ସୁପ୍ରିମକୋର୍ଟର ବିରୁଦ୍ଧାଚରଣ ବୋଲି ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି ।


ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଅଭୟ ଚରଣ ପଟ୍ଟନାୟକ
(ଅବସରପ୍ରାପ୍ତ ଜିଲ୍ଲା ବିଚାରପତି)
କେ ୪- ଏଲଆଇଜି ୭୫୦, କଳିଙ୍ଗ ବିହାର, ଭୁବନେଶ୍ୱର
ଆବିର୍ଭାବ: ୨୧।୦୫।୧୯୪୦
(ବୈଶାଖ ଶୁକ୍ଳ ପୂର୍ଣ୍ଣିମୀ)
ତିରୋଧାନ: ୨୮।୦୮।୨୦୧୮
(ଭାଦ୍ରବ କୃଷ୍ଣପକ୍ଷ ଦ୍ୱିତୀୟା)
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ସ୍ୱାଭିମାନ ତଥା ସେବା ମନୋବୃତ୍ତି ଆମମାନଙ୍କ ପାଇଁ ସର୍ବଦା ଚିର ସ୍ମରଣୀୟ ହୋଇ ରହିବ। ଆପଣ ଯେଉଁଠାରେ ଥାଆନ୍ତୁ, ଆପଣଙ୍କର ଆଶୀର୍ବାଦ ସଦାସର୍ବଦା ଆମ ଉପରେ ଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ତ୍ରୀ: ନୀଳିମା, ପୁତ୍ର: ସନ୍ତୋଷ, ଅରୁଣ, ପୁତ୍ରବଧୂ: ଶୁଭ୍ରା, ପ୍ରାଚୀ, ଝିଅ: ସସ୍ମିତା, ସୁଜାତା, ଜ୍ୱାଇଁ: ପ୍ରଭୁ, ଅରବିନ୍ଦ, ନାତି ଓ ନାତୁଣୀ: ସୀଲ୍‌କି, ବୁଲ୍‌ବୁଲ୍, ରୁଗୁଲ୍, ଅର୍ଜିତା, ଆଭାସ ଏବଂ ପରିବାରବର୍ଗ।
ଧ-୧୩୮୦୩

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭକ୍ତ ଭୂଷଣ ଦାସ
(ଜଟଣୀ)
ଆବିର୍ଭାବ: ୧୫।୦୧।୧୯୬୪
ତିରୋଧାନ: ୨୮।୦୭।୨୦୧୯
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଦିଗ୍‌ଦର୍ଶନ ଆମପାଇଁ ପ୍ରେରଣାର ଉତ୍ସ ହେଉ। ଆପଣ ଆମ ମାନସପଟରେ ସର୍ବଦା ଜୀବନ୍ତ ହୋଇ ରହିବେ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ସ୍ତ୍ରୀ: ମାମୀ, ପୁତ୍ର: ରାଜା, କନ୍ୟା: ପୂଜା, ବୁଢା, ଝିମି, ବୁବୁ, ଲିଜା, ଛୁଲୁ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୧୩୮୦୪

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୭/୨୦୧୯ Bhubaneswar, Wednesday, August 7/2019

## ସଂକ୍ଷେପରେ

### ଦୀପୁ, ଓମ୍ ହତ୍ୟା ମାମଲା: ଏସ୍ଆଇଙ୍କ ସାକ୍ଷ୍ୟଗ୍ରହଣ

କଟକ ଅଫିସ,୬।୮: ବହୁଚର୍ଚ୍ଚିତ ଦୀପୁ ଓ ଓମ୍ ହତ୍ୟା ମାମଲାରେ ସୋମବାର ସେସନ କୋର୍ଟରେ ତତ୍କାଳୀନ ଚାଉଳିଆଗଞ୍ଜ ଏସ୍ଆଇ ସୁରେଶ ଚନ୍ଦ୍ର ମଲ୍ଲିକଙ୍କ ସାକ୍ଷ୍ୟଗ୍ରହଣ କରାଯାଇଛି। କୋର୍ଟରେ ଧଳସାମନ୍ତ ଭ୍ରାତା ମଧ ହାଜର ହୋଇଥିଲେ। ଆସନ୍ତା ସେପ୍ଟେମ୍ବର ୪ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, ଦୀପୁ ଓ ଓମ୍ ୨୦୦୦ରୁ ଧଳସାମନ୍ତ ଭ୍ରାତାଙ୍କ ପାଖରେ କାର୍ଯ୍ୟ କରୁଥିଲେ। ଉଭୟ ଟେଣ୍ଡର ଫିକ୍ସିଂ କାର୍ଯ୍ୟ କରୁଥିବାବେଳେ ଶାର୍ପ ସୁଟର ମଧ ଥିଲେ। ତେବେ କୌଣସି କାରଣରୁ ଧଳସାମନ୍ତ ଭ୍ରାତାଙ୍କଠାରୁ ସେମାନେ ଦୂରେଇ ଯିବାରୁ ୨୦୧୩ରେ ସେମାନଙ୍କୁ ହତ୍ୟା କରାଯାଇଥିଲା। ଏହି ସମୟରେ ଦୀପୁଙ୍କ ବାପା ଅଦ୍ୱୈତ ମଲ୍ଲିକ ଚାଉଳିଆଗଞ୍ଜ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ ପୋଲିସ ତାହାକୁ ଗ୍ରହଣ କରି ନ ଥିଲା। ମାତ୍ର ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୬ ଜାନୁୟାରୀ ୧୮ରେ ଅଦ୍ୱୈତ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଚାଉଳିଆଗଞ୍ଜ ଥାନାରେ ଏତଲା ଦେଇଥିଲେ। ସେହିପରି ଫେବୃୟାରୀ ୧୦ରେ ଓମ୍ଙ୍କ ସ୍ତ୍ରୀ ଧଳସାମନ୍ତ ଭ୍ରାତାଙ୍କ ସହ ୩ଜଣଙ୍କ ବିରୋଧରେ ଏହି ଥାନାରେ ଅଭିଯୋଗ ରୁଜୁ କରିଥିଲେ।

### ନେମାଳ ମଠରୁ ଭକ୍ତଙ୍କୁ ଅପହରଣ ଘଟଣାର ପର୍ଦ୍ଦାଫାଶ
### ଉଠେଇ ନେଇଛି ଆନ୍ଧ୍ର ପୋଲିସ

ନିଶ୍ଚିନ୍ତକୋଇଲି,୬।୮(ସ୍ୱ.ପ୍ର.) ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ନେମାଳ ମଠ ପରିସରରୁ ରବିବାର ଭୁବନେଶ୍ୱର ଭୀମଟାଙ୍ଗି ଅଞ୍ଚଳର ଭକ୍ତ ଶୁଭେନ୍ଦୁ ମହାପାତ୍ରଙ୍କୁ ଅପହରଣ କରାଯାଇଥିବା ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହା ଅପହରଣ ନୁହେଁ, ଠକେଇ ଅଭିଯୋଗରେ ଆନ୍ଧ୍ରପ୍ରଦେଶ ରାଜ୍ୟର ବିଜୟ୍ ନଗରମ ପୋଲିସ ଶୁଭେନ୍ଦୁଙ୍କୁ ଗିରଫ କରିଛି। ଏଥିସହିତ ଅନ୍ୟ ୨ଜଣଙ୍କୁ ମଧ ପୋଲିସ ଭୁବନେଶ୍ୱର ଓ ବ୍ରହ୍ମପୁର ଅଞ୍ଚଳରୁ ଗିରଫ କରିଥିବା ନେମାଳ ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଏମାନେ ଆନ୍ଧ୍ରପ୍ରଦେଶର କେତେଜଣ ଯୁବକଙ୍କୁ ରେଲୱେରେ ଚାକିରି କରାଇଦେବାକୁ କହି ଟଙ୍କା ନେଇଥିଲେ। ହେଲେ ଚାକିରି ଦେଇ ପାରି ନ ଥିଲେ। ଏନେଇ ସମ୍ପୃକ୍ତ ଯୁବକମାନେ ଥାନାରେ ଅଭିଯୋଗ କରିଥିଲେ। ଘଟଣାରେ ମୋଟ୍ ୬ଜଣ ସମ୍ପୃକ୍ତ ଥିବା ଜଣାପଡ଼ିଛି। ସେମାନଙ୍କୁ ପୋଲିସ ଗିରଫ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ନେମାଳ ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି ମଙ୍ଗଳବାର 'ଧରିତ୍ରୀ'କୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଶୁଭେନ୍ଦୁ ପରିବାର ସହ ନେମାଳ ପୀଠକୁ ଆସିଥିବାବେଳେ ସେଠାରେ ପୋଲିସ ବେଶରେ ଜଣେ ଯୁବତୀଙ୍କ ସହ ୬ଯୁବକ ପହଞ୍ଚି ତାଙ୍କୁ ଅପହରଣ କରିଥିବା ସ୍ତ୍ରୀ ଲୋପାମୁଦ୍ରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ-୬୬/୧୯ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।




## ■ ଦୂରହେବ ଦୃଷ୍ଟିବାଧିତ ପିଲାଙ୍କ ପାଠପଢ଼ା ସମସ୍ୟା
# ଜର୍ମାନୀରୁ ଆସିଲା ଉଚ୍ଚଶକ୍ତିସମ୍ପନ୍ନ ବ୍ରେଲ୍ ମେଶିନ

■ ସେକେଣ୍ଡକୁ ୧୬ ଅକ୍ଷର ଛାପିବ

■ ବ୍ରହ୍ମପୁର ବ୍ରେଲ୍ ପ୍ରେସ୍‌ରେ ସ୍ଥାପନ ହେବ

ଭୁବନେଶ୍ୱର, ୬।୮(ବ୍ୟୁରୋ)


ବ୍ରେଲ୍ ମେଶିନ

ରାଜ୍ୟର ଦୃଷ୍ଟି ବାଧିତ ଛାତ୍ରୀଛାତ୍ରଙ୍କ ନିମନ୍ତେ ବ୍ରେଲ୍ ପାଠ୍ୟପୁସ୍ତକ ପାଇଁ ଉଚ୍ଚ କ୍ଷମତାବିଶିଷ୍ଟ ଅତ୍ୟାଧୁନିକ ବ୍ରେଲ୍ ମେଶିନ ଜର୍ମାନୀରୁ ଅଣାଯାଇଛି। ଏହି ମେଶିନ ଦ୍ୱାରା ମାଧ୍ୟମିକ ସ୍ତରରେ ପଢୁଥିବା ଦୃଷ୍ଟି ବାଧିତ ପିଲାଙ୍କ ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ପାଠ୍ୟପୁସ୍ତକ ଛପାଯାଇପାରିବ। ଆସନ୍ତା ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ଏହାକୁ ବ୍ରହ୍ମପୁରସ୍ଥିତ ରାଜ୍ୟର ଏକମାତ୍ର ବ୍ରେଲ୍ ପ୍ରେସ୍‌ରେ ସ୍ଥାପନ କରାଯିବ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏହି ମେଶିନ ପାଇଁ ୧.୧୮ କୋଟି ଟଙ୍କା ବ୍ୟୟ କରିଛି। ଏହି ମେଶିନ କମ୍ପ୍ୟୁଟର ସହାୟତାରେ ଆଲୁମିନିୟମ୍ ମାଷ୍ଟର ପ୍ଲେଟ୍‌ରେ ପ୍ରତି ସେକେଣ୍ଡକୁ ୧୬ଟି ଅକ୍ଷର ଛାପିବ। ପରେ ମୋଟା କାଗଜରେ ଘଣ୍ଟାପ୍ରତି ୧୦ ହଜାର ପୃଷ୍ଠା ଛପାଯାଇପାରିବ। ଏହାଦ୍ୱାରା ବ୍ରେଲ୍ ଛାପା କାର୍ଯ୍ୟ ନିର୍ଭୁଲ ଓ ପରିମାଣ ଦୃଷ୍ଟିରୁ ଅଧିକ ହେବ। ୧୯୭୪ରେ ବ୍ରହ୍ମପୁରଠାରେ ପ୍ରତିଷ୍ଠିତ ରେଡ୍‌କ୍ରସ ଦୃଷ୍ଟିହୀନ ବିଦ୍ୟାଳୟରେ ୧୯୮୬ ନଭେମ୍ବରରେ ବ୍ରେଲ୍ ପ୍ରେସ୍ ଆରମ୍ଭ କରାଯାଇଥିଲା। ରାଜ୍ୟର ଏକମାତ୍ର ବ୍ରେଲ୍ ପାଠ୍ୟପୁସ୍ତକ ପ୍ରଣୟନ ସଂସ୍ଥା ଭାବରେ ଏହି ଅନୁଷ୍ଠାନ କାର୍ଯ୍ୟ କରୁଛି। ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ନିମନ୍ତେ ପାଠ୍ୟ ପୁସ୍ତକ ପାଇଁ ୨୦୧୩ରେ ରାଜ୍ୟ ସରକାର ୧.୫୫ କୋଟି ଖର୍ଚ୍ଚ କରି ଦୁଇଟି ବ୍ରେଲ୍ ମେଶିନ ଆଣିଥିଲେ। ସେଥିରୁ ମାଷ୍ଟରପ୍ଲେଟ୍ ପ୍ରସ୍ତୁତ କରୁଥିବା ମେଶିନଟିର କ୍ଷମତା କମ୍ ଥିଲା। ଫଳରେ ପାଠ୍ୟପୁସ୍ତକ ପ୍ରସ୍ତୁତିରେ ବିଳମ୍ବ ହେଉଥିଲା। ଏଣିକି ଏହି ସମସ୍ୟା ବି ଦୂର ହେବ। ଭବିଷ୍ୟତରେ ଓଡ଼ିଆ ସାହିତ୍ୟର ପ୍ରମୁଖ ପୁସ୍ତକଗୁଡ଼ିକ ସମେତ ଉଚ୍ଚମାଧ୍ୟମିକ ସ୍ତରର ଦୃଷ୍ଟିବାଧିତ ବିଦ୍ୟାର୍ଥୀମାନଙ୍କ ପାଇଁ ମଧ ବ୍ରେଲ୍ ପୁସ୍ତକ ପ୍ରକାଶ କରାଯିବାର ଯୋଜନା ରଖାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

## ଗୋପ ବ୍ଲକ୍‌ରେ ଆବାସ ଯୋଜନା ମହାଦୁର୍ନୀତି ଘଟଣା
# ଜିପିଟିଏ ବହିଷ୍କୃତ, ଅନ୍ୟ ଜଣେ ନିଲମ୍ବିତ

ଗୋପ, ୬।୮(ଡି.ଏନ୍.ଏ.)

ଗୋପ ବ୍ଲକ୍ ବଉଲାଙ୍ଗ ପଞ୍ଚାୟତରେ ହୋଇଥିବା ଆବାସ ଯୋଜନା ମହାଦୁର୍ନୀତି ଘଟଣାରେ ୩ବର୍ଷ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ। ତତ୍କାଳୀନ ଜିପିଟିଏ ସୀତାପତି ସେଠୀଙ୍କୁ ବହିଷ୍କୃତ କରାଯାଇଥିବାବେଳେ ଅନ୍ୟଜଣେ ଜିପିଟିଏ ନିବେଦିତା କାନୁନ୍‌ଗୋଙ୍କୁ ନିଲମ୍ବିତ କରାଯାଇଥିବା ଗୋପ ବିଡିଓ ଦୀପ୍ତିରାଣୀ ଦାସ ସୂଚନା ଦେଇଛନ୍ତି। ଏଥିସହ ଏହି ଦୁର୍ନୀତି ନେଇ ତଦନ୍ତ ଜାରି ରହିଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ୨୦୧୫-୧୬ ଆର୍ଥିକ ବର୍ଷରେ ଉପରୋକ୍ତ ଦୁଇଜଣ ଜିପିଟିଏ ବଉଲାଙ୍ଗ ପଞ୍ଚାୟତର ଗୋଟିଏ ପରିବାରର ୮ ଜଣଙ୍କୁ ଆବଶ୍ୟକ କାଗଜପତ୍ର ନ ଥାଇ ମୋ କୁଡ଼ିଆ ଓ ଇନ୍ଦିରା ଆବାସ ଗୃହ କାର୍ଯ୍ୟାଦେଶ ପାଇବାରେ ସହଯୋଗ କରିଥିଲେ। ହେଲେ ଗୋପ ବ୍ଲକ୍ ପକ୍ଷରୁ ଚପାଇ ଦେବାକୁ ଉଦ୍ୟମ କରାଯାଉଥିବାବେଳେ

### ୩ବର୍ଷ ପରେ ହେଲା କାର୍ଯ୍ୟାନୁଷ୍ଠାନ

ଗଣମାଧ୍ୟମ ରିପୋର୍ଟକୁ ନେଇ ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ପକ୍ଷରୁ ୫୦/୧୬ ରେ ଏକ ମାମଲା ରୁଜୁ କରାଯାଇଥିଲା। ତତ୍କାଳୀନ ପୁରୀ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଉକ୍ତ ପଞ୍ଚୟତକୁ ଯାଇ ତଦନ୍ତ କରିଥିବାବେଳେ କୌଣସି ଗୋଟିଏ ହେଲେ ଗୃହ ନିର୍ମାଣ ହୋଇ ନ ଥିବା ଜାଣିବାକୁ ପାଇଥିଲେ। ପରେ ଭିଜିଲାନ୍ସ ଏ ସମ୍ପର୍କିତ କାଗଜପତ୍ର ୨ ଜିପିଟିଏଙ୍କୁ ମାଗିଥିଲେ ମଧ ମିଳି ନ ଥିଲା। ଭିଜିଲାନ୍ସ ବିଭାଗର ରିପୋର୍ଟକୁ ନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଏହି ଦୁଇ ଜିପିଟିଏଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କାର୍ଯ୍ୟରୁ ବହିଷ୍କୃତ ଜିପିଟିଏ ସୀତାପତି ବର୍ତ୍ତମାନ କଣାସ ବ୍ଲକ୍‌ରେ କାର୍ଯ୍ୟରତ ଥିବାବେଳେ ଜିପିଟିଏ ନିବେଦିତା ସାକ୍ଷୀଗୋପଳ ବ୍ଲକ୍‌ରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

## ■ ୮ରେ ଜାତୀୟ କୃମିନାଶ ଦିବସ
# ୧କୋଟିରୁ ଅଧିକ ପିଲାଙ୍କୁ ଦିଆଯିବ ବଟିକା



ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ସମ୍ପର୍କରେ ସୂଚନା ଦିଆଯାଉଛି।

ଭୁବନେଶ୍ୱର, ୬।୮(ବ୍ୟୁରୋ)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପ୍ରତି ୬ମାସରେ ଥରେ ୧ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ କୃମିନାଶ ଔଷଧ ଓ ୯ମାସରୁ ୫ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ଭିଟାମିନ୍ 'ଏ'ର ଦ୍ରବଣ ଖାଇବାକୁ ଦିଆଯାଉଛି। ନିୟମିତ କୃମିନାଶ ଔଷଧ ଖାଇବା ଦ୍ୱାରା ପିଲାମାନେ ଏହି ପରଜୀବି ସଂକ୍ରମଣ ଦ୍ୱାରା ହେଉଥିବା ରକ୍ତହୀନତା, ପୁଷ୍ଟିହୀନତା ଜନିତ ଶାରିରୀକ, ମାନସିକ, ବୌଦ୍ଧିକ ବିକାଶର ବାଧାରୁ ରକ୍ଷା ପାଆନ୍ତି। ଚଳିତବର୍ଷ ଅଗଷ୍ଟ ମାସରେ ହେଉଥିବା ଏହି ଅଭିଯାନରେ ରାଜ୍ୟ ସରକାର ୧ବର୍ଷରୁ ୧୯ବର୍ଷ ମଧ୍ୟରେ ୧କୋଟି ୩୦ ଲକ୍ଷ ପିଲାମାନଙ୍କୁ ଏହି ବଟିକା ଖାଇବାକୁ ଦେବା ପାଇଁ ଯୋଜନା କରିଛନ୍ତି। ଆସନ୍ତା ୮ ତାରିଖରେ ୧ବର୍ଷରୁ ୧୯ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାମାନଙ୍କୁ ମାଗଣାରେ ଏହି ଔଷଧ ଖାଇବାକୁ ଦିଆଯିବ। ଯେଉଁ ପିଲାମାନେ ଅସୁସ୍ଥତା ବଶତଃ କିମ୍ବା ଅନୁପସ୍ଥିତ ରହିବା ଯୋଗୁ ଏହି ବଟିକା ଖାଇ ପାରି ନ ଥିବେ ସେମାନେ ୧୬ ତାରିଖରେ ଏହି ବଟିକା ଖାଇବେ ବୋଲି ମଙ୍ଗଳବାର ବିଭାଗ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ କୁହାଯାଇଛି। ସେହିପରି ୧ରୁ ୩ ବର୍ଷ ବୟସ ପିଲାମାନଙ୍କୁ କୃମିନାଶ ସିରପ୍ ଏବଂ ୪ ଓ ୫ ବର୍ଷ ବୟସ ପିଲାମାନଙ୍କୁ କୃମିନାଶ ବଟିକା ଗୁଣ୍ଡ କରି ସଫା ପାଣିରେ ମିଶାଇ ଅଙ୍ଗନୱାଡି କେନ୍ଦ୍ରରେ ଖାଇବାକୁ ଦିଆଯିବ। ୬ରୁ ୧୯ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ସେମାନେ ପଢୁଥିବା ବିଦ୍ୟାଳୟରେ ଶିକ୍ଷକମାନେ ଏହି ବଟିକା ଖାଇବାକୁ ଦେବେ। ବିଦ୍ୟାଳୟକୁ ଯାଉ ନ ଥିବା ୬ରୁ ୧୯ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ଏହି ଔଷଧ ଅଙ୍ଗନୱାଡି କର୍ମୀ ଓ ଦମନ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଖାଇବାକୁ ଦିଆଯିବ। ଏଥିରେ ଆଶାକର୍ମୀ ସହାୟତା କରିବେ। ସେହିପରି ଫାଇଲେରିଆ ବ୍ୟାପକତା ଥିବାରୁ ବାଲେଶ୍ୱର, ଖୋର୍ଦ୍ଧା, କଟକ, ଢେଙ୍କାନାଳ ଓ ନୂଆପଡ଼ା ଆଦି ୫ଟି ଜିଲାରେ ଘରକୁ ଘର ବୁଲି ୨ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ଫାଇଲେରିଆ ବଟିକା ସହିତ କୃମିନାଶ ବଟିକା ଦିଆଯିବ। ଏହାଛଡ଼ା ରାଜ୍ୟ ସରକାରଙ୍କ ଦ୍ୱାରା ଏହି ଚଳିତ ମାସରେ ୩୦ଟି ଜିଲାରେ ୯ମାସରୁ ୫ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାମାନଙ୍କୁ ଟୀକାକରଣ କେନ୍ଦ୍ର ଓ ସ୍ୱତନ୍ତ୍ର ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପୁଷ୍ଟି ଦିବସରେ ଭିଟାମିନ୍ 'ଏ' ଦ୍ରବଣ ଖାଇବାକୁ ଦିଆଯିବ ବୋଲି ସୂଚନା ଦିଆଯାଇଛି। ଇମେଜ୍‌ଠାରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ପରିବାର କଲ୍ୟାଣ ନିର୍ଦ୍ଦେଶକ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଓ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଉପସ୍ଥିତ ଥିଲେ।

# ୧୬ କୋଟିର ଅନିୟମିତତା ଅଭିଯୋଗ

### ଶ୍ରୀଜଗନ୍ନାଥ ବଲ୍ଲଭ ମଠ

ପୁରୀ ଅଫିସ, ୬।୮

ଶ୍ରୀମନ୍ଦିର ରୀତିନୀତି ସହିତ ଜଡ଼ିତ ଶ୍ରୀଜଗନ୍ନାଥ ବଲ୍ଲଭ ମଠ। ଏହି ମଠର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାବଦରେ ପ୍ରାୟ ୧୬କୋଟି ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିବା ନେଇ ମଙ୍ଗଳବାର ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ ହୋଇଛି। ପୁରୀ ସଚେତନ ନାଗରିକ ମଞ୍ଚର ସଭାପତି ଆଇନଜୀବୀ ପ୍ରସନ୍ନ କୁମାର ଦାଶ ଏହି ଅଭିଯୋଗ କରିଛନ୍ତି। ଦେବୋତ୍ତର ବିଭାଗ ଅଧୀନରେ ପରିଚାଳିତ ଶ୍ରୀଜଗନ୍ନାଥ ବଲ୍ଲଭ ମଠର ଆର୍ଥିକ ଅନିୟମିତତା ସମ୍ପର୍କରେ ଅଡିଟ୍‌ରୁ ଜଣାପଡ଼ିଛି। ମଠ ପରିଚାଳନା ବୋର୍ଡ ସଭାପତି ଏବଂ ୬ଜଣ ଅଧିକାରୀଙ୍କ ଅମଳରେ ୧୬କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆୟବ୍ୟୟ ହିସାବ ଉପରେ ଆପତ୍ତି ଉଠାଇଛନ୍ତି ଅଡିଟର। ଏହି ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଆଇନଜୀବୀ ଦାଶ ଦାବି କରିଛନ୍ତି।

ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଅଡିଟ ରିପୋର୍ଟ ନଂ. ୨୪୩୩/୨୭.୩. ୨୦୧୯ ଏବଂ ଓଡ଼ିଶା ଦେବୋତ୍ତର କମିଶନଙ୍କ ପତ୍ରାଙ୍କ ନଂ. ୩୦୩୦/ତା ୨୦.୪. ୨୦୧୯ରିଖର ୮୫ପୃଷ୍ଠା ସମ୍ବଳିତ ରିପୋର୍ଟରେ ଆର୍ଥିକ ଅନିୟମିତତା ସମ୍ପର୍କରେ ଉଲ୍ଲେଖ ହୋଇଛି। ମଠ ଖାତାରୁ ଅନଧିକାର ଓ ବେଆଇନ ଭାବେ ଟଙ୍କା ଉଠାଣ, ବିଭିନ୍ନ ନିଲାମ ବାବଦରେ ହେରଫେର, ପରିଷଦର ବିନା ସୁପାରିଶରେ କାର୍ଯ୍ୟ କରିବା, ବିଭିନ୍ନ ବାବଦରେ ପଇଠ କରାଯାଇଥିବା ଅର୍ଥର ରସିଦ୍ ନ ଥିବା, ପାର୍କିଂ ଆଦାୟ ଟଙ୍କା ଆକାଉଣ୍ଟରେ ଜମା ହୋଇ ନ ଥିବା, ବିଭିନ୍ନ ବାବଦରେ ଆଦାୟ ଅର୍ଥ ମଠ ହିସାବରେ ଜମା ନ ରହିବା, କିଣାଯାଇଥିବା ସାମଗ୍ରୀର ଠିକ୍ ତଥ୍ୟ ରଖା ନ ଯିବା ଆଦି ୬୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବାବଦ ଆଦାୟ ଅର୍ଥରେ ଅନିୟମିତତା ହୋଇଥିବା ନେଇ ଅଡିଟର ଆପତ୍ତି ଉଠାଇଥିବା ଏଥିରେ ଦର୍ଶାଯାଇଛି।




# ସବ୍ୟସାଚୀଙ୍କୁ ସୋସିଆଲ ମିଡିଆରେ ଧମକ

### ଡିସିପିଙ୍କ ନିକଟରେ ଅଭିଯୋଗ

ଭୁବନେଶ୍ୱର, ୬।୮(ବ୍ୟୁରୋ)

ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ନେଇ ଓଲିଉଡ୍ ଅଭିନେତା ସବ୍ୟସାଚୀ ମିଶ୍ର ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଖୁସିବ୍ୟକ୍ତ କରିବା ସହ ଶୁଭେଚ୍ଛା ଜଣାଇଥିଲେ। ଏଥିସହ ଏ ସଂକ୍ରାନ୍ତରେ ସେ ନିଜର କିଛି ମନ୍ତବ୍ୟ ରଖିଥିଲେ। ତେବେ ଏହାକୁ ନେଇ ତାଙ୍କ ନିକଟକୁ ବହୁତ କମେଣ୍ଟ ଆସିଥିଲା। ହେଲେ ପାକିସ୍ତାନରୁ ଆସିଥିବା କମେଣ୍ଟରେ ତାଙ୍କୁ ଧମକ ଦିଆଯାଇଥିବା ନେଇ ସବ୍ୟସାଚୀ ମଙ୍ଗଳବାର ଭୁବନେଶ୍ୱର ଡିସିପି ଅନୁପ ସାହୁଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଘଟଣାକୁ ଡିସିପି ସାହୁ ଗୁରୁତ୍ୱର ସହ ଗ୍ରହଣ କରିଥିବାବେଳେ ଏହାର ତଦନ୍ତ ଆରମ୍ଭ ହୋଇଛି।

ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟିବା ଯୋଗୁ ଏବେ ଭାରତ ଏକ ପୂର୍ଣ୍ଣ ଦେଶରେ ପରିଣତ ହୋଇଛି। ତେବେ ଏହାକୁ ନେଇ ରାଜନୀତି କିମ୍ବା ହିଂସା ନ ଘଟାଇ ଚରମପନ୍ଥୀମାନେ କଶ୍ମୀର ଉପତ୍ୟକା ଛାଡ଼ି ଚାଲିଯିବାକୁ ସେ ପରାମର୍ଶ ଦେବାସହ ଶାନ୍ତି, ଶିକ୍ଷା ଓ ବିକାଶ କାର୍ଯ୍ୟ ଆରମ୍ଭ ହେଲା ବୋଲି ସବ୍ୟସାଚୀ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଥିଲେ। ଏହି ପୋଷ୍ଟକୁ ନେଇ ପାକିସ୍ତାନର ୭୦ରୁ ଊର୍ଦ୍ଧ୍ୱ ଜାଲ୍ ଆକାଉଣ୍ଟରୁ ତାଙ୍କୁ ଧମକ ଦିଆଯାଇଛି। ଜୀବନରୁ ମାରିଦେବା ସହ ତାଙ୍କ ଆକାଉଣ୍ଟକୁ ହ୍ୟାକ୍ କରିଦିଆଯିବ। ଏପରିକି ଭାରତକୁ ବହୁତ ଖରାପ ପରିଣାମ ଭୋଗିବାକୁ ପଡିବ ବୋଲି ଧମକ ଦିଆଯାଇଥିବା ସବ୍ୟସାଚୀ ଅଭିଯୋଗ ଆଣିଛନ୍ତି। ଏଥିସହ ସେ କହିଛନ୍ତି, ପ୍ରଥମେ ସୋସିଆଲ ମିଡିଆରେ ରହୁଥିବା ସମସ୍ତ ଛାତ୍ରୀଛାତ୍ର ଏବଂ ଯୁବପିଢି ଡିଜିଟାଲ ଟେରରିଜିମ୍ ବିପଦ ପ୍ରତି ସତର୍କ ରହନ୍ତୁ। ଆକାଉଣ୍ଟ ଯାଞ୍ଚ କରି ବନ୍ଧୁତା ସ୍ଥାପନ କରନ୍ତୁ। ସାଇବର ଇସଲାମ ଆର୍ମି, ପାକିସ୍ତାନ ସାଇବର ଟାକ୍ସ ଫୋର୍ସ ଏପରି ଅନେକ ଜାଲ ଆକାଉଣ୍ଟ କରି ଭାରତୀୟଙ୍କୁ ଡରାଇବାକୁ ଚେଷ୍ଟା କରୁଛନ୍ତି। ଏଥିପ୍ରତି ସମସ୍ତେ ସଚେତନ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି।


ଧମକପୂର୍ଣ୍ଣ ପୋଷ୍ଟ ଦେଖାଉଛନ୍ତି ସବ୍ୟବାଚୀ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ରାସ୍ତା ଉପରୁ ହଟୁନି ବିଦ୍ୟୁତ୍ ଖୁଣ୍ଟ



**ସାଲେପୁର,୬।୮(ଡି.ଏନ.ଏ.):** ସାଲେପୁର ସେସୁ ଅଧୀନ ଖରାଖିଆ-ଜପକୁଦ ରାସ୍ତାର ପୁରଣ ଛକ ନିକଟ ରାସ୍ତା ଉପରେ ଏକ ବିଦ୍ୟୁତ୍ ଖୁଣ୍ଟ ରହିଛି। ଏଥିଯୋଗୁ ଗାଡ଼ି ଚଳାଚଳରେ ସମସ୍ୟା ସୃଷ୍ଟି ହେବା ସହ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ହେଲେ ଏହି ବିଦ୍ୟୁତ୍ ଖୁଣ୍ଟ ହଟାଯିବାର କୌଣସି ବ୍ୟବସ୍ଥା କରାଯାଉନାହିଁ। ଫଳରେ ଏହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି। ଲୋକଙ୍କ ହିତ ଦୃଷ୍ଟିରୁ ତୁରନ୍ତ ରାସ୍ତା ଉପରୁ ଖୁଣ୍ଟ ହଟାଇବାକୁ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି। ଏହା ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ସାଲେପୁର ସେସୁ ବିଭାଗର ଏସଡିଓ ସୁଜିତ୍ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଏହା ଆମ ଦାୟିତ୍ୱ ନୁହେଁ। ଖୁଣ୍ଟ ହଟାଇବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅବଗତ କରାଯାଇଛି। ସେମାନେ ଯାହା ନିଷ୍ପତ୍ତି ନେବେ। ତେବେ ଯାହା ବିଭାଗ ହେଉନା କାହିଁକି ଖୁଣ୍ଟ ଉଠିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

### କେନାଲରେ ପଶିଗଲା ସ୍କୁଲ୍ ଭ୍ୟାନ୍, ବର୍ତ୍ତିଲେ ୭ ଛାତ୍ରୀଛାତ୍ର



**ନିଶ୍ଚିନ୍ତକୋଇଲି,୬।୮(ସ୍ୱ.ପ୍ର.):** ସ୍ଥାନୀୟ ଜାଭିୟର ସ୍କୁଲ୍‌ର ଏକ ଟାଟା ମ୍ୟାଜିକ୍ ମଙ୍ଗଳବାର ସକାଳେ ଛାତ୍ରୀଛାତ୍ରଙ୍କୁ ନେଇ ମହାଜନପୁର ଅଭିମୁଖେ ଯାଉଥିଲାବେଳେ ଭାରସାମ୍ୟ ହରାଇ କେନାଲ ଭିତରକୁ ପଶି ଯାଇଥିଲା। ସେଠାକାର ଲୋକେ ତୁରନ୍ତ ଉଦ୍ଧାର କାର୍ଯ୍ୟ କରିବାରୁ ଭ୍ୟାନରେ ଥିବା ୭ଜଣ ଛାତ୍ରୀଛାତ୍ର ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ମହାଜନପୁର ଗ୍ରାମରେ ଥିବା(୮)ଏ-୨କେନାଲ ନିକଟରେ ଏହି ଘଟଣା ଘଟିଥିଲା। କେନାଲରେ ପାଣି କମ୍ ଥିବାରୁ ବିଶେଷ ଅସୁବିଧା ହୋଇନାହିଁ।

### ବଡ଼ମ୍ବାରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

**ବଡ଼ମ୍ବା,୬।୮(ଡି.ଏନ.ଏ.):** ବଡ଼ମ୍ବା ବ୍ଲକ ସଭାଗୃହରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ, ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟ ଏବଂ ବଡ଼ମ୍ବା ସମନ୍ୱିତ ଶିଶୁ ବିକାଶ ଯୋଜନା ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥିଭାବେ ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ଅନୁସୟା ନାଏକ, ଉପାଧକ୍ଷ ସଦାନନ୍ଦ ସ୍ୱାଇଁ, ବିଡିଓ ସଦାନନ୍ଦ ସେଠୀ ଓ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଉଦୟ ରଞ୍ଜନ ପ୍ରମୁଖ ଯୋଗଦେଇ ଉପସ୍ଥିତ ମହିଳାଙ୍କୁ ସଚେତନ କରିଥିଲେ। ବ୍ଲକ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ ପ୍ରମିଳା ଦେଇ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିବା ସହିତ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ପରେ ଅଙ୍ଗନୱାଡି କର୍ମୀ, ସହାୟିକା ଓ ଆଶାକର୍ମୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ସେହିପରି ଶିଶୁମାନଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା।

■ ଏମିତି ଚାଲିଛି ଚକାପଦା ପ୍ରାଥମିକ ବିଦ୍ୟାଳୟ

# ପାଞ୍ଚ ଶ୍ରେଣୀ ପାଇଁ ୩ ଶିକ୍ଷକ

**ବାଙ୍କୀ,୬।୮(ସ୍ୱ.ପ୍ର.)**

ସରକାର ପ୍ରାଥମିକ ଶିକ୍ଷାକୁ ଲୋକାଭିମୁଖୀ କରିବା ପାଇଁ ଅନେକ ଯୋଜନା କରୁଛନ୍ତି। ହେଲେ ଏହି ସବୁ ଯୋଜନା ଠିକ୍‌ରେ କାର୍ଯ୍ୟକାରୀ ହୋଇ ପାରୁନାହିଁ। ଯଦ୍ୱାରା ଅନେକ ସ୍ଥାନରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ଦେଖିବାକୁ ମିଳୁଛି। କେଉଁଠି ଶିକ୍ଷକ ତ ଅନ୍ୟ କେଉଁଠି ଶ୍ରେଣୀଗୃହ ଅଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏହାର ଏକ ଉଦାହରଣ ବାଙ୍କୀ ଏନଏସି ଅନ୍ତର୍ଗତ ଚକାପଦା ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଶିକ୍ଷାଦାନ କରାଯାଉଛି। ହେଲେ ଏହି ୫ଟି ଶ୍ରେଣୀ ପାଇଁ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। ମାତ୍ର ୩ଜଣ ଶିକ୍ଷକ ୫ଟି ଶ୍ରେଣୀ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଯଦ୍ୱାରା ବର୍ଷକୁ ବର୍ଷ ଏଠାରୁ ପିଲାଙ୍କ ସଂଖ୍ୟା କମୁଥିବା ଜଣାପଡ଼ିଛି।

ଏହି ବିଦ୍ୟାଳୟ ସର୍ବପୁରାତନ ବିଦ୍ୟାଳୟଭାବେ ପରିଚିତ। ପୂର୍ବରୁ ଚକାପଦା ଗ୍ରାମରେ ଦୁଇଟି ବିଦ୍ୟାଳୟ ଥିଲା। ୮ଜଣ ଶିକ୍ଷୟିତ୍ରୀଶିକ୍ଷକ ଶିକ୍ଷାଦାନ କରୁଥିଲେ। ପରେ ସରକାରଙ୍କ ନିୟମାନୁସାରେ ୨ଟି ସ୍କୁଲକୁ ମିଶାଇ ଗୋଟିଏ ବିଦ୍ୟାଳୟ କରାଗଲା। କିନ୍ତୁ ଦୁଃଖର କଥା ଗତ ଦୁଇବର୍ଷ ଧରି ମାତ୍ର ୩ଜଣ ଶିକ୍ଷକ ରହିଛନ୍ତି। ବର୍ତ୍ତମାନ ୬୫ଜଣ ଛାତ୍ରୀଛାତ୍ର ଏହି ସ୍କୁଲରେ ପାଠ ପଢୁଛନ୍ତି। ଏଠାରେ ପ୍ରଥମ ଶ୍ରେଣୀରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିଲେ ମଧ ୩ ଶିକ୍ଷକ ରହିବା କେତେ ଯଥାର୍ଥ ତା'କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍କୁଲରେ ଶିକ୍ଷକ ନ ଥିବାରୁ ଶିକ୍ଷାଦାନ ଠିକ୍‌ରେ ହୋଇ ପାରୁନାହିଁ। ଛାତ୍ର ସଂଖ୍ୟା ଓ ଶିକ୍ଷକ ଅନୁପାତରେ ଏଠାରେ ୮ଜଣ ଶିକ୍ଷକ ରହିବା କଥା। ଏଥିରେ ବହୁ ବ୍ୟତିକ୍ରମ କରାଯାଇଛି। ଏନେଇ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ଏଥିଯୋଗୁ ପିଲାଙ୍କ ସଂଖ୍ୟା କମୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଜ୍ଞାପିତ କ୍ଷେତ୍ର ପରିଷଦ ଅନ୍ତର୍ଗତ ଅନ୍ୟ ସମସ୍ତ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ରହିଛନ୍ତି। କେବଳ ଏହି ସ୍କୁଲକୁ ଅବହେଳା କରାଯାଇଥିବା ଗ୍ରାମବାସୀ କହିଛନ୍ତି। ସେହିପରି ବାତ୍ୟା ଫନୀ ପ୍ରଭାବରେ ବିଦ୍ୟାଳୟର ଦୁଇ ଶ୍ରେଣୀ ଗୃହ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ଅନ୍ୟ ଶ୍ରେଣୀରେ ପିଲାଙ୍କୁ ଏକାଠି ବସାଯାଉଛି। ଫଳରେ ଗୋଟିଏ ଶ୍ରେଣୀରେ ଦୁଇଟି କ୍ଲାସ ପିଲାଙ୍କୁ ଶିକ୍ଷାଦାନ କରିବାରେ ବ୍ୟାଘାତ ସୃଷ୍ଟି ହେଉଛି। ହେଲେ ଶ୍ରେଣୀଗୃହ ମରାମତି କିମ୍ବା ନୂତନ ଗୃହ ନିର୍ମାଣ କରାଯାଉନାହିଁ। ଏହାକୁ ନେଇ ଅଭିଭାବକଙ୍କ ମଧରେ ଘୋର ଅସନ୍ତୋଷ ଦେଖାଦେଇଛି। ଆଗାମୀ ଦିନରେ ନୂତନ ଶିକ୍ଷକ ନିଯୁକ୍ତି ଏବଂ ଗୃହ ମରାମତି କରା ନ ଗଲେ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଡମପଡ଼ା ବ୍ଲକ ବିଇଓ ପ୍ରତିମା ସୁନ୍ଦରୀ ଦଳେଇଙ୍କୁ ପଚାରିବାରେ ସେ କହିଥିଲେ, ବିଦ୍ୟାଳୟରେ ନୂତନ ଶିକ୍ଷକ ନିଯୁକ୍ତି ବ୍ୟବସ୍ଥା ଶୀଘ୍ର କରାଯିବ। ଶ୍ରେଣୀଗୃହ ମରାମତି ସମ୍ପର୍କରେ କହିଥିଲେ, ଶ୍ରେଣୀଗୃହ ମରାମତି ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗଦ କରାଯାଇଛି। ଅନୁଦାନ ଆସିଲେ କାର୍ଯ୍ୟ ଆରମ୍ଭ ହେବ।



ଫନୀ ବାତ୍ୟାରେ ଭାଙ୍ଗିପଡ଼ିଥିବା ବିଦ୍ୟାଳୟ ଶ୍ରେଣୀଗୃହ।

**ବାଧାପ୍ରାପ୍ତ ହେଉଛି ଶିକ୍ଷାଦାନ**
- ■ କମୁଛନ୍ତି ଛାତ୍ରୀଛାତ୍ର ସଂଖ୍ୟା
- ■ ଫନୀରେ ଭାଙ୍ଗିଥିବା ଶ୍ରେଣୀଗୃହର ମରାମତି ହେଉନାହିଁ

## ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଅଭିଯୋଗ

**ସାଲେପୁର,୬।୮(ଡି.ଏନ.ଏ.)**

ଯୌତୁକ ପାଇଁ ଜଣେ ମହିଳାଙ୍କୁ ତାଙ୍କ ଶାଶୁଘର ଲୋକେ ବିଷ ପିଆଇ ହତ୍ୟା କରିଥିବା ମଙ୍ଗଳବାରେ ସାଲେପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲା ନଂ-୧୯୪/୧୯ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ସରପଡ଼ା ଗ୍ରାମର ଅକ୍ଷୟ ବେହେରା ୨୦୧୭ ଜୁନ ୧୨ରେ ତାଙ୍କ ସାନଝିଅ ଚନ୍ଦନାଙ୍କୁ ସାଲେପୁର ଥାନା ନାନ୍ଦୋଳ ପଞ୍ଚାୟତ ଭାତପଡ଼ା ଗ୍ରାମର ସ୍ୱର୍ଗତ ବଇଆ ସାହୁଙ୍କ ପୁଅ ମଦନଙ୍କ ସହ ବିବାହ କରାଇଥିଲେ। ବିବାହ ସମୟରେ ବର ପକ୍ଷର ଦାବି ମୁତାବକ ଯୌତୁକ ଅକ୍ଷୟ ଦେଇଥିଲେ। ହେଲେ ବିବାହର କିଛିଦିନ ପରେ ସ୍ୱାମୀ ମଦନ, ଶାଶୁ, ଦେଢ଼ଶୁର ପପୁ, ଖୁଡୁତାଶୁର ମଙ୍ଗୁଳ ଏକ ବାଇକ୍ ଆଣିବା ପାଇଁ ଚନ୍ଦନାଙ୍କୁ ବାଧ କରିଥିଲେ। ହେଲେ ବାପା ଆଉ ବାଇକ୍ ଦେଇପାରିବେ ନାହିଁ ବୋଲି ଚନ୍ଦନା ଶାଶୁଘର ଲୋକଙ୍କୁ ଜଣାଇଥିଲେ। ଏହାପରେ ସେମାନେ ବିଭିନ୍ନ ସମୟରେ ଚନ୍ଦନାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏପରି କି ଖାଇବା ପିଇବାକୁ ଦେବାରେ ଅବହେଳା କରିବା ସହିତ ମାରପିଟ୍ ଓ ଗାଳିଗୁଲଜ କରିଥିଲେ। ଏ ନେଇ ଚନ୍ଦନା ତାଙ୍କ ବାପାଙ୍କୁ ଜଣାଇବାରୁ ସେ ଆସି ଘଟଣାର ଆପୋସ ସମାଧାନ କରିଥିଲେ। କିଛିଦିନ ଠିକ୍‌ଠାକ୍ ଚାଲିବା ପରେ ଗତ ଜୁଲାଇ ୨୩ରେ ଶାଶୁଘର ଲୋକେ ଚନ୍ଦନାଙ୍କୁ ପୁଣି ମାଡ଼ ମାରିବା ସହ ବିଷ ପିଆଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସାଲେପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖବରପାଇ ଚନ୍ଦନାଙ୍କ ମା'ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ସେତେବେଳକୁ ଚନ୍ଦନାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ହେଲେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନ ଆସିବାରୁ ପୁଣି ଜଗତ୍‌ପୁରର ଏକ ଘରୋଇ ହସ୍ପିଟାଲ୍‌କୁ ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି ବୋଲି ଚନ୍ଦନାଙ୍କ ବାପା ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଚନ୍ଦନାଙ୍କ ଏକ ୮ମାସର କନ୍ୟାସନ୍ତାନ ଥିବା ମଧ ଦର୍ଶାଯାଇଛି। ଏ ସମ୍ପର୍କରେ ଥାନା ଆଇଆଇସି ଦେବେନ୍ଦ୍ର କୁମାର ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ, ଅଭିଯୋଗ ଅନୁସାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

## ଶୁକ୍ରବାରଠାରୁ କାର୍ଯ୍ୟରେ ଯୋଗଦେବ ଓକିଲ ସଂଘ

**ବଡ଼ମ୍ବା,୬।୮(ଡି.ଏନ.ଏ.)**

୪ ଦଫା ଦାବି ନେଇ ବଡ଼ମ୍ବା ଓକିଲ ସଂଘ ଚଳାଇଥିବା ଆନ୍ଦୋଳନର ଅବସାନ ଘଟିଛି। ସଂଘ ପକ୍ଷରୁ କୋର୍ଟରେ ପକା ଯାଇଥିବା ତାଲାକୁ ସୋମବାର ଖୋଲା ଯାଇଥିଲା। ଆସନ୍ତା ଶୁକ୍ରବାରଠାରୁ ସଂଘ କାର୍ଯ୍ୟର ଯୋଗଦେବ ବୋଲି ମଙ୍ଗଳବାର ସୂଚନା ଦିଆଯାଇଛି। ଏ ନେଇ ଏକ ବୈଠକ ସଂଘ ଲାଇବ୍ରେରୀ ହଲ୍‌ରେ ଅନୁଷ୍ଠିତ ହୋଇଥିଲା। କ୍ରିୟାନୁଷ୍ଠାନ କମିଟି ସଭାପତି କୈଳାସଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

ପ୍ରକାଶଯୋଗ୍ୟ, ବଡ଼ମ୍ବାରେ ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା, ବଡ଼ମ୍ବାକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା, ମାଣିଆବନ୍ଧ ଫାଣ୍ଡିକୁ ଥାନା ମାନ୍ୟତା ଦାବି ସହିତ ବଡ଼ମ୍ବା ଉପକାରାଗାର ବନ୍ଦ ପ୍ରସ୍ତାବକୁ ବିରୋଧ କରି ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିଲା। ଏଥିସହିତ ଏକ ସର୍ବଦଳୀୟ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇ ବିଧାୟକ ଦେବୀପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ କମିଟି ସଦସ୍ୟ ଗୃହ ସଚିବ, ଆଇନ ସଚିବ, ଆଇନ ମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କୁ ଭେଟି ଦାବି ଉପରେ ଆଲୋଚନା କରିଥିଲେ। ଏହା ମଧରେ ହାଇକୋର୍ଟ ଓ ରାଜ୍ୟ ସରକାର ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବାରୁ ସଂଘ ଆନ୍ଦୋଳନରୁ ଓହରି ଯାଇଛି। ହେଲେ ଅନ୍ୟ ଦାବିଗୁଡ଼ିକ ଉପରେ ସର୍ବଦଳୀୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଜାରି ରହିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ତେଣୁ ରାଜ୍ୟ ସରକାର ଏହା ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ କମିଟି ପକ୍ଷରୁ ନିବେଦନ କରାଯାଇଛି।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାପୀଠ ପ୍ରତିଷ୍ଠା ଦିବସ

**ସାଲେପୁର,୬।୮(ଡି.ଏନ.ଏ.)**

ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାପୀଠର ୪୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଦ୍ୟାପୀଠ ଅଧକ୍ଷା ମୈତ୍ରୀମୟୀ ଦତ୍ତଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳାଜ୍ଞାନ ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଶ୍ରୀଅରବିନ୍ଦ ପାଠଚକ୍ରର ରାଜ୍ୟ ସଙ୍ଗଠକ ଅନାଦୀ ଚରଣ ସ୍ୱାଇଁ, ନବଜୀବନ ଶିକ୍ଷା ସଂସଦ ସମ୍ପାଦକ ପ୍ରସାଦ ତ୍ରିପାଠୀ, ନବଜୀବନ ଶିକ୍ଷକ ସଂସଦ ସଦସ୍ୟ ବ୍ରଜଭାଇ, ବିନୋଦ ଭାଇ, କପିଳ ଭାଇ, ବିଦ୍ୟାଳୟ ସମ୍ପାଦକ ବୀରବର ସାହୁ ପ୍ରମୁଖ ଯୋଗଦେଇ ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସମସ୍ତ ଅପା, ଭାଇ, ପରିଚାଳନା କମିଟି କର୍ମକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## କେନ୍ଦ୍ର ସରକାରଙ୍କ ଐତିହାସିକ ପଦକ୍ଷେପକୁ ସ୍ୱାଗତ



ଆଲୋଚନାଚକ୍ରରେ ଉପସ୍ଥିତ ବାଙ୍କୀ ବୁଦ୍ଧିଜୀବୀ ପରିଷଦ କର୍ମକର୍ତ୍ତା।

**ବାଙ୍କୀ,୬।୮(ସ୍ୱ.ପ୍ର.)**

ଜମ୍ମୁ-କାଶ୍ମୀରର ଉପରୁ ଧାରା ୩୭୦ ଉଚ୍ଛେଦ କରି କେନ୍ଦ୍ର ସରକାର ଯେଉଁ ପଦକ୍ଷେପ ନେଇଛନ୍ତି ତାହାକୁ ବାଙ୍କୀ ବୁଦ୍ଧିଜୀବୀ ପରିଷଦ ପକ୍ଷରୁ ସ୍ୱାଗତ କରାଯାଇଛି। ସ୍ଥାନୀୟ ପ୍ରେସ୍ କ୍ଲବ ବିଦ୍ୟାରତ୍ନ ଭବନଠାରେ ପରିଷଦ ପକ୍ଷରୁ ଏ ନେଇ ଏକ ସ୍ୱାଗତ ଉତ୍ସବ ସହ ଆଲୋଚନାଚକ୍ର ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ବୁଦ୍ଧିଜୀବୀ ପରିଷଦ ସଭାପତି ବିଶ୍ୱଦୟ ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ସମ୍ପାଦକ ପ୍ରଦୀପ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଉତ୍କଳ ମନ୍ତ୍ରୀ, ସରୋଜ ମତଗଜ ସିଂହ, ବ୍ରଜବନ୍ଧୁପାଲ, ମନୋଜ ମହାପାତ୍ର, ଡ. ଗଣେଶ୍ୱର ସ୍ୱାଇଁ, କବି କୌଶିକ ନାୟକ, ସୁରେନ୍ଦ୍ର ପଣ୍ଡା, ସମରେନ୍ଦ୍ର ମହାପାତ୍ର, ପଣ୍ଡିତ ନଗେନ୍ଦ୍ର ମହାପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇ କହିଥିଲେ, ଜମ୍ମୁ-କାଶ୍ମୀରବାସୀ ଆଉ ଆମ ପଡ଼ୋଶୀ ନୁହେଁ ଏବେ ସେମାନେ ଆମ ପରିବାରର ସଦସ୍ୟ ହୋଇଗଲେ। ଇଂ.ସତ୍ୟବ୍ରତ ରଥ, ପ୍ରାବନ୍ଧିକ ଜ୍ଞାନେନ୍ଦ୍ର ମିଶ୍ର, ପ୍ରଧାନଶିକ୍ଷକ ଗୋବିନ୍ଦ ତ୍ରିପାଠୀ, ଗଗନ ବିହାରୀ ମହାପାତ୍ର, ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରିଥିଲେ।

## ଆବାସ, ବିଜୁ ପକ୍କାଘର କାର୍ଯ୍ୟାଦେଶ ବଣ୍ଟନ



ବିଧାୟକ ଦେବୀ ପ୍ରସାଦ ମିଶ୍ର ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

**ବଡମ୍ବା,୬।୮(ଡି.ଏନ.ଏ.)**

ବଡ଼ମ୍ବା ବ୍ଲକ ଅଧୀନ ୯ ପଞ୍ଚାୟତର ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ମଙ୍ଗଳବାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବ୍ଲକ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇ ୫୨୦ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ବ୍ଲକ ଅଧକ୍ଷା ଅନୁସୟା ନାଏକ, ଉପାଧକ୍ଷ ସଦାନନ୍ଦ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ସାହୁ, ବିଡିଓ ସଦାନନ୍ଦ ସେଠୀ, ବଡ଼ମ୍ବାଗଡ ପଞ୍ଚାୟତ ସମିତିସଭ୍ୟ ମୁରଲିଧର ମହାପାତ୍ର ପ୍ରମୁଖ ଯୋଗଦେଇ ଠିକ୍ ସମୟରେ କାର୍ଯ୍ୟ ସମାପ୍ତ କରିବା ପାଇଁ ଉପସ୍ଥିତ ହିତାଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

## ସ୍ୱାଧୀନତା ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

**ବଡ଼ମ୍ବା,୬।୮(ଡି.ଏନ.ଏ.)**

ବଡ଼ମ୍ବାରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପରିପ୍ରେକ୍ଷୀରେ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ସ୍ୱାଧୀନତା ଦିବସ ପରିଚାଳନା କମିଟି ଆନୁକୂଲ୍ୟରେ ତର୍କ, କୁଇଜ ଓ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ଶିକ୍ଷକ ରମେଶଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନାରେ ଅନୁଷ୍ଠିତ ପ୍ରତିଯୋଗିତାରେ ବିଚାରକଭାବେ ମୋହନସୁବୁଦ୍ଧି ମହାବିଦ୍ୟାଳୟର ଅଧାପିକା ଓ ଅଧାପକ ଉପସ୍ଥିତ ଥିଲେ। ତହସିଲ କିରାଣି ଅଭୟ ସାହୁ ପରିଚାଳନାରେ ସହଯୋଗ କରିଥିଲେ।

## ଭଟ୍ଟାରିକା ପୀଠରେ ଭାଗବତ ପାଠ ଉଦ୍‌ଯାପିତ

**ବଡ଼ମ୍ବା,୬।୮(ଡି.ଏନ୍.ଏ)**

ବଡମ୍ବା ବ୍ଲକ୍ ଅନ୍ତର୍ଗତ ଶଶାଙ୍ଗ ଗ୍ରାମସ୍ଥିତ ବିଜେ ଭଟ୍ଟାରିକାଙ୍କ ପୀଠରେ ୧୨ଦିନଧରି ଚାଲିଥିବା ଶ୍ରୀମଦ୍ ଭାଗବତ ମହାପୁରାଣ ପାଠ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । କାଳିକା ମଣ୍ଡଳ ଗହଣଦଳ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରତ୍ୟହ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଭାଗବତ ପାଠ କରାଯାଇଥିଲା । ଏଥିରେ ସୁଶାନ୍ତ କୁମାର ପଣ୍ଡା ଓ ଅନ୍ୟ ସହଯୋଗୀ ଭାଗବତ ପାଠ କରିଥିଲେ। ଭାଗବତ ଶୁଣିବା ପାଇଁ ବଡମ୍ବା, ନରସିଂହପୁର, ତିଗିରିଆ, ଆଠଗଡ, ଢେଙ୍କାନାଳ, ଅନୁଗୋଳ, ତାଳଚେର ଓ ପାଲଲହଡା ଆଦି ଅଞ୍ଚଳର ବହୁ ଶ୍ରୋତାଙ୍କ ସମାଗମ ହୋଇଥିଲା। କାଳିକା ମଣ୍ଡଳ ସଭାପତି, ସର୍ଦ୍ଦାର, ଦକ୍ଷିଣ ଇଲାକା ସଙ୍ଗଠକ, ବିଚାରପତି, ମୁଖ୍ୟ ସଙ୍ଗଠକ, ଅସୁଆର, ଗୀତା ପାଠକ, ଟହଲ ଓ ପୂର୍ବତନ ସର୍ଦ୍ଦାର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ୨ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଭାଗବତ ପାଠକ ଓ ଅନ୍ୟମାନେ।

## ବାଙ୍କୀ ମହୋତ୍ସବ ସ୍ମରଣିକା କମିଟି ବୈଠକ

**ବାଙ୍କୀ,୬।୮(ସ୍ୱ.ପ୍ର.)**

ଆସନ୍ତା ଅକ୍ଟୋବର ୧୩ରୁ୧୭ ୫ଦିନ ଧରି ବାଙ୍କୀ କଚେରି ପଡ଼ିଆଠାରେ ବାଙ୍କୀ ମହୋତ୍ସବ-୨୦୧୯ ଅନୁଷ୍ଠିତ ହେବ। ସେହିପରି ପ୍ରତିବର୍ଷ ପରି ଚଳିତବର୍ଷ ଏକ ସ୍ମରଣିକା ପ୍ରକାଶ ପାଇବ। ଏହି ପରିପ୍ରେକ୍ଷୀରେ ସ୍ମରଣିକା କମିଟିର ଏକ ବୈଠକ ଇଂ. ସତ୍ୟବ୍ରତ ରଥଙ୍କ ସଭାପତିତ୍ୱରେ ବିଦ୍ୟାରତ୍ନଭବନଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ଯୋଗଦେଇ ସ୍ମରଣିକାକୁ ସରସ ଓ ସୁନ୍ଦର କରିବା ଉପରେ ମତ ରଖିଥିଲେ। ବୈଠକରେ ସ୍ମରଣିକା ସମ୍ପାଦକ କବି କୌଶିକ ନାୟକ, ପ୍ରାବନ୍ଧିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର, ପ୍ରଧାପକ ମନୋଜ ମହାପାତ୍ର, ପଣ୍ଡିତ ନଗେନ୍ଦ୍ର ମହାପାତ୍ର, ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ବାଙ୍କୀର ଐତିହ୍ୟ, ସଂସ୍କୃତି, ପରମ୍ପରା, ଧର୍ମପୀଠ, ଐତିହାସିକ ସ୍ଥାନ, ଲୋକନୃତ୍ୟ, ଲୋକଗୀତ ସମ୍ପର୍କୀୟ ଲେଖା ଏହି ସ୍ମରଣିକାରେ ପ୍ରକାଶ ପାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ୨୫ତାରିଖ ସୁଦ୍ଧା ଲେଖାଗୁଡ଼ିକ ସ୍ମରଣିକା ସମ୍ପାଦକଙ୍କ ପାଖରେ ପହଞ୍ଚାଇବାକୁ ଲେଖକଙ୍କୁ ଅନୁରୋଧ କରାଯାଇଛି। ଶେଷରେ ମହୋତ୍ସବ ସମ୍ପାଦକ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ମାନସିକ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ ନେଲେ ଆଶାକର୍ମୀ

**ବାଙ୍କୀ,୬।୮(ବି.ପ୍ର.)**

ବାଙ୍କୀ ବ୍ଲକ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଆଶାକର୍ମୀଙ୍କୁ ମଙ୍ଗଳବାର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ବାଙ୍କୀ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ୨ଟି ପର୍ଯ୍ୟାୟରେ ଆୟୋଜିତ ହୋଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ ସାହୁ ପ୍ରଶିକ୍ଷଣକୁ ସଞ୍ଚାଳନ କରିଥିଲେ। ବ୍ଲକ କାର୍ଯ୍ୟକ୍ରମ ଅଧିକାରୀ ଚିତ୍ତରଞ୍ଜନ ଦାସ ପରିଚାଳନାରେ ସହଯୋଗ କରିଥିଲେ। ଡା. କାନନବାଳା ମହାନ୍ତି ଯୋଗଦେଇ ଆଶା କର୍ମୀଙ୍କୁ ବିଷୟଗତ ପ୍ରଶିକ୍ଷଣ ଦେବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ମନୋସ୍ତାତ୍ତ୍ୱିକ ସମାଜ କାର୍ଯ୍ୟାଧିକାରୀ ହରିନାରାୟଣ ଦାସ ଓ ମାନସିକ ସ୍ୱାସ୍ଥ୍ୟ ସୁପରଭାଇଜର ଜାନକୀ ସି ପ୍ରମୁଖ ଶିକ୍ଷଣ ପ୍ରଦାନ କରିଥିଲେ। ମାନସିକ ରୋଗ କ'ଣ, ମାନସିକ ରୋଗୀକୁ ଚିହ୍ନିବା ପ୍ରକ୍ରିୟା, ଚିକିତ୍ସା, ମାନସିକ ରୋଗର ଲକ୍ଷଣ ଗୁଡିକ ଜାଣିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ଦିଗରେ ଅଞ୍ଚଳର ଆଶାକର୍ମୀ ମୁଖ୍ୟତଃ ୪ଟି କାମ ଉପରେ ଗୁରୁତ୍ୱ ଦେବା ଜରୁରୀ ବୋଲି ସୂଚନା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୬୦ ଓ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ୬୦ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଛି।




ଆଶା କର୍ମୀଙ୍କୁ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।
-ବ୍ୟାସଦେବ



## ସଂକ୍ଷେପରେ

### ଦୁଇ ପୁତୁରାଙ୍କୁ ଆକ୍ରମଣ କରି ଦାଦା ଗିରଫ

**କଟକ ସଦର,୬।୮(ଡି.ଏନ୍.ଏ):** ଦୁଇ ପୁତୁରାଙ୍କୁ କଟୁରିରେ ଆକ୍ରମଣ କରିବା ଅଭିଯୋଗରେ ୪୨ମୌଜା ଫାଣ୍ଡି ପୋଲିସ ମଙ୍ଗଳବାର ତାଙ୍କ ଦାଦା ବାନା ଭୋଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଆକ୍ରମଣରେ ବ୍ୟବହୃତ କଟୁରିକୁ ପୋଲିସ ଜବତ କରିଛି। ଏ ନେଇ କଟକ ସଦର ଥାନାରେ ଏକ ମାମଲା (ନଂ.୩୪୫/୧୯)ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସୋମବାର ସନ୍ଧ୍ୟାରେ ବାନା ତାଙ୍କ ବଡ ଭାଇର ଦୁଇ ପୁଅ ପ୍ରଭାତ ଭୋଇ ଓ ହେମନ୍ତ ଭୋଇଙ୍କୁ କଟୁରିରେ ଆକ୍ରମଣ କରିଥିଲେ। ଏଥିରେ ହେମନ୍ତଙ୍କ ଛାତିରେ ଓ ପ୍ରଭାତଙ୍କ ବେକ, ଆଖିରେ ଆଘାତ ଲାଗିଥିଲା। ଖବରପାଇ ଫାଣ୍ଡି ପୋଲିସ ପହଞ୍ଚି ଗୁରୁତର ଉଭୟ ଭାଇଙ୍କୁ ଚିକିତ୍ସା ପାଇଁ ବେଣ୍ଟକାର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏ ନେଇ ଗୁରୁତର ଦ୍ୱୟଙ୍କ ବୋଉ ମୀନା ଭୋଇ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ।

### ହିରୋଶିମା ଦିବସ

**କଟକ ଅଫିସ, ୬।୮:** ଖ୍ରୀଷ୍ଟ କଲେଜିଏଟ ବିଦ୍ୟାଳୟରେ ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି ପକ୍ଷରୁ ମଙ୍ଗଳବାର ହିରୋଶିମା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଷ୍ଟିସ ମନୋରଞ୍ଜନ ମହାନ୍ତି, ବିଜୟ ପଢ଼ିଆରୀ, ଡା. କୃପାସିନ୍ଧୁ ପଣ୍ଡା, ପ୍ରମୋଦ ମହାପାତ୍ର, ଶିକ୍ଷକ ମହାସଂଘର ସଭାପତି ବିବେକାନନ୍ଦ ଦାଶ ପ୍ରମୁଖ ଯୋଗଦେଇ ହିରୋଶିମା ଓ ନାଗାସାକୀରେ ଆମେରିକା କେବେ ଓ କାହିଁକି ବୋମା ନିକ୍ଷେପଣ କରିଥିଲା ସେ ବିଷୟରେ ମତବ୍ୟକ୍ତ କରିଥିଲେ। କୃଷ୍ଣଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

### ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

**କଟକ ସଦର,୬।୮(ଡି.ଏନ୍.ଏ):** ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ମଙ୍ଗଳବାର କଟକ ସଦର ବ୍ଲକ ସମନ୍ୱିତ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ବିରିବାଟିଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଶିବାଶିଷ ଶତପଥୀ ଯୋଗଦେଇ ସ୍ତନ୍ୟପାନ ଦ୍ୱାରା ଶିଶୁର ଉପକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଅଙ୍ଗନୱାଡି କର୍ମୀମାନଙ୍କ ମଧ୍ୟରେ କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହିଳା ସୁପରଭାଇଜର ନିବେଦିତା ବିଭୂତି ରାୟ, ସ୍ୱର୍ଣ୍ଣପ୍ରଭା ଶତପଥୀ, ସୁଦୀପ୍ତା ଓତା, ମଧୁଲିତା ଦାସ, ରଞ୍ଜିତା ମହାନ୍ତି ଓ ଗରିମା ଏକା କୁଇଜ ଓ ବକ୍ତୃତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିବ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

### ଅରୁଣ ସାମନ୍ତରାୟଙ୍କ ଜୟନ୍ତୀ

**ଚୌଦ୍ୱାର,୬।୮(ଡି.ଏନ୍.ଏ):** ଉତ୍କଳ ବିକାଶ ପରିଷଦର ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ ସ୍ୱର୍ଗତ ଅରୁଣ ସାମନ୍ତରାୟଙ୍କ ୬୮ତମ ଜନ୍ମ ଦିବସ କପାଳେଶ୍ୱର ନୂଆସାହିରେ ପାଳିତ ହୋଇଯାଇଛି। ପରିଷଦର କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ବରାଳଙ୍କ ସଭାପତିତ୍ୱରେ ସୋମବାର ସନ୍ଧ୍ୟାରେ ଆୟୋଜିତ ସଭାରେ ଲକ୍ଷ୍ମୀଧର ଖୁଣ୍ଟିଆ, ହରିହର ବେଉରା, ଭୁବନାନନ୍ଦ ସାହୁ, ରଞ୍ଜନ ସ୍ୱାଇଁ, ରସାନନ୍ଦ ନାୟକ, ପ୍ରତାପ ଜେନା, ଚନ୍ଦ୍ର ମୋହନ ସାହୁ, ଦୀପକ ମଙ୍ଗରାଜ,ସନ୍ତୋଷ ଖୁଣ୍ଟିଆ, କିରଣବାଳା ନାୟକ ପ୍ରମୁଖ ସ୍ୱର୍ଗତ ସାମନ୍ତରାୟଙ୍କ ସ୍ମୃତିଚାରଣ କରିଥିଲେ। ଅଶୋକ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

### ଅର୍ଥଶାସ୍ତ୍ର ବିଭାଗ ପକ୍ଷରୁ ଆଲୋଚନାଚକ୍ର

**କଟକ ଅଫିସ, ୬।୮:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଅର୍ଥଶାସ୍ତ୍ର ବିଭାଗ ପକ୍ଷରୁ ମଙ୍ଗଳବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧାରା ୩୭୦ ଏବଂ ୩୫(ଏ)କୁ ଉଚ୍ଛେଦ ଓ ସରକାରଙ୍କ ନୂତନ ନିୟମ ପ୍ରୟୋଗ ଶୀର୍ଷକରେ ଆଲୋଚନା କରାଯାଇଥିଲା। ବିଭାଗର ସେମିନାର ଉପଦେଷ୍ଟା ଡା. ଆଶିଷ କୁମାର ସେନାପତି ବିଷୟବସ୍ତୁ ସମ୍ପର୍କରେ ସମ୍ୟକ ଧାରଣା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଭାଗର ସହକାରୀ ପ୍ରଫେସର ଡ. ଚିତ୍ତରଞ୍ଜନ ନାୟକ ଯୋଗଦେଇ କହିଥିଲେ, ଏହି ଧାରା ଜମ୍ମୁ-କଶ୍ମୀରକୁ ବିକାଶର ଏକ ନୂତନ ରୂପରେଖ ପ୍ରଦାନ କରିବା ସହିତ ଶିକ୍ଷା, ଗମନାଗମନ, ପୁଞ୍ଜିନିବେଶକୁ ବୃଦ୍ଧି କରିବାରେ ସହାୟକ ହେବ। ବିଭାଗର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶୁଭମ ସୌମେନ ସେନାପତି ଧନ୍ୟବାଦ ଦେଇଥିଲେ।





ଲଗାଣ ବର୍ଷା ଯୋଗୁ କଟକ ଅରୁଣୋଦୟ ନଗର ରାସ୍ତା ଓ ବାଦାମବାଡି ବସ୍‌ଷ୍ଟାଣ୍ଡ ମୁଖ୍ୟ ରାସ୍ତା ଜଳାର୍ଣ୍ଣବ।

# ଲଗାଣ ବର୍ଷାରେ କଟକ ଜଳାର୍ଣ୍ଣବ

**କଟକ ଅଫିସ,୬।୮**

ଲଗାଣ ବର୍ଷାଯୋଗୁ ମଙ୍ଗଳବାର କଟକ ସହର ଜଳାର୍ଣ୍ଣବ ହୋଇପଡ଼ିଛି। ସହରର ଲିଙ୍କ୍‌ରୋଡ ଟ୍ରାଫିକ ଛକଠାରୁ ବାଦାମବାଡି ପର୍ଯ୍ୟନ୍ତ ଅଞ୍ଚଳ ପାଣି ଘେରରେ ରହିଛି। ସେହିପରି ଓଏମ୍‌ପି ଛକ, ଶିଖରପୁର, ଛତ୍ରବଜାର, ମାଲଗୋଦାମ, ରକ୍ସିଲେନ୍, ପିଠାପୁର, ଯୋବ୍ରା, ଜଗତ୍‌ପୁର ସମେତ ସହର ବିଭିନ୍ନ ଅଞ୍ଚଳରେ ବର୍ଷାପାଣି ଜମି ରହିଛି। ଏଥିଯୋଗୁ ଯାତାୟତ ବାଧାପ୍ରାପ୍ତ ହୋଇଛି। ଜାଇକା କାର୍ଯ୍ୟ ଯୋଗୁ ସହରର ବିଭିନ୍ନ ରାସ୍ତା ଓ ଅନ୍ୟ ସ୍ଥାନକୁ ଖୋଳିଦିଆଯାଇଛି। ଫଳରେ ଏହି ଖାଲରେ ପାଣି ଭର୍ତ୍ତି ହୋଇଯାଇଥିବାରୁ ଗାଡି ଚାଳକମାନେ ଯାତାୟାତ କରିବାକୁ ଭୟ କରୁଛନ୍ତି। ସହରର ଡ୍ରେନ୍‌ଗୁଡିକରେ ବର୍ଷାପାଣି ନିଷ୍କାସନରେ ସମସ୍ୟା ହୋଇଛି। ଫଳରେ ଏହି ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଭାସୁଛି। କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ୨୨ଟି ପମ୍ପ ସାହାଯ୍ୟରେ ବିଭିନ୍ନ ଅଞ୍ଚଳରୁ ବର୍ଷାପାଣି ନିଷ୍କାସନ କାମ ଜାରି ରହିଛି।



ରକ୍ସିଲେନ୍ ଅଞ୍ଚଳରେ ଜମି ରହିଥିବା ବର୍ଷା ଜଳ।

## ମୌଳିକ ସମସ୍ୟାରେ ସୁଧାର ଆଣିବା ଦାବିରେ ସ୍ମାରକପତ୍ର

**କଟକ ଅଫିସ, ୬।୮**

ଚଳିତବର୍ଷ କଟକ ସହରରେ ଇଦ୍-ଉଲ୍-ଜୁହା ତିନିଦିନ ବ୍ୟାପୀ ପାଳନ କରାଯିବ। ଏହାର ଅବ୍ୟବହିତ ପୂର୍ବରୁ ସହରର ମୁସ୍‌ଲିମ ବହୁଳ ଅଞ୍ଚଳରେ ୨୪ ଘଣ୍ଟା ପରିମଳ ବ୍ୟବସ୍ଥା, ନିୟମିତ ସଫେଇ, ଡ୍ରେନ୍ କଡରେ ବ୍ଲିଚିଂ ପକାଇବା, ନିୟମିତ ବିଶୁଦ୍ଧ ପାନୀୟଜଳ ଯୋଗାଣ କରିବା ଓ ସାହିବସ୍ତିରେ ଆଲୋକ ବ୍ୟବସ୍ଥା କାର୍ଯ୍ୟକ୍ଷମ କରିବା ଭଳି ମୌଳିକ ସମସ୍ୟାରେ ସୁଧାର ଆଣିବା ଦାବି ନେଇ କଟକ ନଗର ଜିଲା କଂଗ୍ରେସ ସଂଖ୍ୟାଲଘୁ କମିଟି ପକ୍ଷରୁ ମଙ୍ଗଳବାର ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେକ୍ ଜିଆଉଦ୍ଦୀନଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ମଜୀଦ ଖାନ, ପୂର୍ବତନ କର୍ପୋରେଟର ଗିରିବାଳା ବେହେରା, ଶୈଳବାଳା ଜେନା, ସୂର୍ଯ୍ୟକାନ୍ତ ରାଉତ, ଉସ୍‌ମାନ ଖାନ, ସେକ୍ ସେକୁ, ଇରସାଦ ଖାନ, ବିକି ଚକ୍ରବର୍ତ୍ତୀ, ଇଶରତ ଜହାନା, ଅଙ୍ଗୁରୀ ବେଗମ ପ୍ରମୁଖ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

■ ଜିଲାସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

## ମା’କ୍ଷୀର ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ




ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

**କଟକ ଅଫିସ, ୬।୮**

ଜିଲାସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଉଦ୍‌ଘାଟନ କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ନିରୁପମା ବେହେରା ଯୋଗଦେଇ କହିଥିଲେ, ମା’ମାନେ ଶିଶୁକୁ ୬ ମାସ ପର୍ଯ୍ୟନ୍ତ ସ୍ତନ୍ୟପାନ କରାଇଲେ ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଇଥାଏ। ଏଥିସହିତ ମା’କୁ ମାନସିକ ଓ ଆଧ୍ୟାତ୍ମିକ ତୃପ୍ତି ମିଳିଥାଏ। ଡା. ସରୋଜିନୀ ଷଡଙ୍ଗୀ ଯୋଗଦେଇ ଗର୍ଭବତୀ ମହିଳାଙ୍କ ଯତ୍ନ, ଶିଶୁକୁ ସ୍ତନ୍ୟପାନ କରାଇବା ଦ୍ୱାରା ମା’ମାନଙ୍କର ସ୍ୱାସ୍ଥ୍ୟ ଭଲ ରହିବା, ସ୍ତନ୍ୟପାନ ଦ୍ୱାରା ଶିଶୁ ବିଭିନ୍ନ ରୋଗରୁ ରକ୍ଷା ପାଇବା ସମ୍ପର୍କରେ ବିଶଦ୍ ଭାବେ ବୁଝାଇଥିଲେ। ଏହି ବାବଦରେ ସଚେତନତା ସୃଷ୍ଟି କରିବାକୁ ସେ ଉପସ୍ଥିତ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ। ଗୋଷ୍ଠୀ ଖାଦ୍ୟ ଓ ପୃଷ୍ଟି ସମ୍ପ୍ରସାରଣ ବିଭାଗର ଶରତ କୁମାରୀ ଆଚାର୍ଯ୍ୟ ଯୋଗଦେଇ ଶିଶୁ ପାଇଁ ମା’ କ୍ଷୀରର ଆବଶ୍ୟକତା, ଶିଶୁକୁ ମା’ କ୍ଷୀର ଦେବା ପ୍ରଣାଳୀ, କର୍ମଜୀବୀ ମହିଳାଙ୍କ ଦ୍ୱାରା ଉପଯୁକ୍ତ ପ୍ରଣାଳୀରେ ଶିଶୁକୁ ସ୍ତନ୍ୟପାନ ସମ୍ପର୍କରେ ଆଲୋକପାତ କରିଥିଲେ। ମହିଳା ଶିଶୁ ବିକାଶ ବିଭାଗର ମନୋରଞ୍ଜନ ବାରିକ ଯୋଗଦେଇ ମା’ର କଷ କ୍ଷୀର ଶିଶୁର କବଚ ସଦୃଶ ତୁଳନାକରି ପିଲା ପାଇଁ କଷ କ୍ଷୀରର ଉପାଦେୟତା, ଡବା କ୍ଷୀରର ଅପକାରିତା ବିଷୟରେ ବୁଝାଇଥିଲେ। ଏହି ଅବସରରେ ବେବି ଶୋ’ ଓ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା କାର୍ଯ୍ୟକ୍ରମ ଅଧିକାରୀ ଗାୟତ୍ରୀ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଭୂତି ଭୂଷଣ ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ଷଡଙ୍ଗୀ, ୟୁନିସେଫ୍‌ର ସଂଯୋଜକ ସୁଦୀପ ଦାସ, ସୁଧାଂଶୁ କୁମାର ମଣ୍ଡଳ, ମିଶନ ଶକ୍ତିର ସଂଯୋଜିକା ବନଜବଲ୍ଲୀ ଦେବୀ, ସୁଲଗ୍ନା ପ୍ରଧାନ, ଶୁଭ୍ରା ଦାଶ ଓ ସଞ୍ଜୁଲତା ମହାନ୍ତିଙ୍କ ସମେତ ଜିଲାର ଅଙ୍ଗନୱାଡି ଓ ଆଶାକର୍ମୀମାନେ ଉପସ୍ଥିତ ଥିଲେ।




ଜମ୍ମୁ-କଶ୍ମୀର ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଐତିହାସିକ ପଦକ୍ଷେପକୁ ସ୍ୱାଗତ କରି ମଙ୍ଗଳବାର କଟକ କଲେଜ ଛକଠାରେ ଭାଜପା କଟକ ମହାନଗର ମହାନଦୀ ମଣ୍ଡଳ କର୍ମୀମାନେ ଖୁସି ମନାଉଛନ୍ତି।

## ଜଗତ୍‌ପୁର ଅଞ୍ଚଳରେ ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

### ସ୍ୱାସ୍ଥ୍ୟ ଅଧିକାରୀଙ୍କ ନାଁରେ ଏତଲା

**କଟକ ଅଫିସ,୬।୮**

କଟକ ମହାନଗର ନିଗମ(ସିଏମ୍‌ସି) କର୍ତ୍ତୃପକ୍ଷଙ୍କ ପାଇଁ ଅବହେଳା ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସିଏମ୍‌ସି ଅନ୍ତର୍ଗତ ଜଗତପୁରର ୪୮ ଓ ୪୯ ନମ୍ବର ୱାର୍ଡ ଡେଙ୍ଗୁ ପ୍ରବଣ ଅଞ୍ଚଳ। ଗତବର୍ଷ ମଧ ଏହି ଅଞ୍ଚଳରେ ଡେଙ୍ଗୁ ବ୍ୟାପି ଭୟାବହ ପରିସ୍ଥିତି ସୃଷ୍ଟି ହୋଇଥିଲା। ଜଗତ୍‌ପୁର ଅଞ୍ଚଳରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ନାଳନର୍ଦ୍ଦମା ସଫା ନ ଦେବା, ବର୍ଷାଦିନରେ ବ୍ଲିଚିଂ ପାଉଡର ନ ପଡ଼ିବା, ମଶାଧୂଆଁ ପ୍ରୟୋଗ ନ କରାଯିବା, ମଶାତେଲ ନ ପକାଯିବା, ବୁଶ୍‌କଟିଂ ନ ହେବା, ନିର୍ଦ୍ଧାରିତ ସମୟରେ ସ୍ୱାସ୍ଥ୍ୟ ନିରୀକ୍ଷକ ୱାର୍ଡ ପରିଦର୍ଶନ ନ କରିବା ଫଳରେ ପ୍ରତିବର୍ଷ ଡେଙ୍ଗୁ ବ୍ୟାପିବାରେ ଲାଗିଛି। ଜଗତପୁର ଅଞ୍ଚଳର ଉଭୟ ୱାର୍ଡରେ ଡେଙ୍ଗୁ ବ୍ୟାପୀ ଭୟାବହ ପରିସ୍ଥିତି ସୃଷ୍ଟି ହୋଇଛି। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅବହେଳାକୁ ଦାୟୀ କରି ଜଗତ୍‌ପୁର କଂଗ୍ରେସ ପକ୍ଷରୁ ସ୍ଥାନୀୟ ଥାନାରେ ଏତଲା ଦିଆଯାଇଛି। ଆଗାମୀ ଦିନରେ ଏଥିପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ଏହି ଏତଲା ପ୍ରଦାନବେଳେ ୪୮ ନଂ. ୱାର୍ଡ ସଭାପତି ରଶ୍ମିକାନ୍ତ ସାମଲ ଓ ୪୯ ନଂ. ୱାର୍ଡ ସଭାପତି ଅଲେଖ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ପିସିସି ସଭ୍ୟ ମାନସ ପରିଡ଼ା, ରଶ୍ମି ମିଶ୍ର, ସୁର୍‌ଜିତ ସାହୁ, ବାଞ୍ଛାନିଧି ମିଶ୍ର, ଶ୍ରମିକ ନେତା ଲକ୍ଷ୍ମୀଧର ସରଣ, ହୃଦାନନ୍ଦ ମହାନ୍ତି, ହେମରାଜ ବିଶ୍ୱାଳ, ଜୟନାରାୟଣ ତ୍ରିପାଠୀ, ପ୍ରତାପ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଗାନ୍ଧୀ ବିଚାରଧାରା ସମସ୍ତଙ୍କ ପାଖରେ ପହଞ୍ଚିବ

**କଟକ ଅଫିସ, ୬।୮**

ମହାତ୍ମା ଗାନ୍ଧୀ ଓ କସ୍ତୁରବା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଥୋରିଆସାହିସ୍ଥିତ ଗୁଣନିଧି ଭବନରେ ଅନୁଷ୍ଠିତ ହୋଇଯାଇଛି। କୈଳାସ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଗାନ୍ଧୀଙ୍କ ବିଚାର ଧାରା ପ୍ରତ୍ୟେକ ବ୍ୟକ୍ତି ପାଖରେ ପହଞ୍ଚାଇବା ପାଇଁ ବିଚାର ବିମର୍ଷ କରାଯାଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଯୁବପିଢ଼ିଙ୍କ ପାଖରେ ଗାନ୍ଧୀଙ୍କ ବିଚାରଧାରା ପହଞ୍ଚାଇବା ପାଇଁ ପୁସ୍ତକ ପ୍ରକାଶନ, ପଦଯାତ୍ରା, ଗାନ୍ଧୀ ଚିତ୍ର ପ୍ରଦର୍ଶନୀ ସହ ବିଭିନ୍ନ ଜିଲାରେ ସଭାସମିତି ଆୟୋଜନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ରମାକାନ୍ତ ମଣ୍ଡଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଖିଳ ଭାରତ ସର୍ବୋଦୟ ମଣ୍ଡଳ ଆନ୍ଦୋଳନ ସମିତିର ସଂଯୋଜକ ଅବିନାଶ କାକଡେ, ମଣ୍ଡଳର ପୂର୍ବତନ ସଭାପତି ନାରାୟଣ ଦାସ, ପୂର୍ବତନ ଏମ୍‌ପି ଏ.ଭି. ସ୍ୱାମୀ, ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ଶୈଳଜ ରବି ଓ ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନର ସଦସ୍ୟ ମଳୟ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଗାନ୍ଧୀ ବିଚାର ଦ୍ୱାରା କିଭଳି ଏକ ସମତାପୂର୍ଣ୍ଣ ସୁଖୀ ସମାଜ ରଚନା କରାଯାଇପାରିବ ତାହା ଆଲୋକପାତ କରିଥିଲେ। ଏଥିସହ ଗାନ୍ଧୀ ବିଚାରର ଶିକ୍ଷା, ନିଶାନିବାରଣ, ଅସ୍ପୃଶ୍ୟତା ନିବାରଣ, ସାମ୍ପ୍ରଦାୟିକ ସଦ୍‌ଭାବ, ଧର୍ମନୀତି, ଗ୍ରାମୀଣ ବିକାଶ, କୁଟୀର ଶିଳ୍ପ, ନ୍ୟାୟ ବ୍ୟବସ୍ଥାର ବିଭିନ୍ନ ବିଭାଗ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ବୈଠକରେ ସର୍ବୋଦୟ ସଙ୍ଗଠକ ଗୌରାଙ୍ଗ ମହାପାତ୍ର, କୈଳାସ ବରାଳ, କୁଳମଣୀ ଶୁକ୍ଳ, ସନ୍ଦୀପ ଶ୍ରୀବାସ୍ତବ, ବୈଲୋଚନ ଜେନା, ବନିତା ସାମଲ, ପ୍ରଦୀପ ସାହୁ, ରମାରଞ୍ଜନ ସ୍ୱାଇଁ, ନକୁଳ ଦାସ ଓ ଅଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ନିରାକାର ବେଉରା ଧନ୍ୟବାଦ ଦେଇଥିଲେ।

## ୧୦ ଗୋରୁ ଉଦ୍ଧାର: ୨ ଗିରଫ

**କଟକ ଅଫିସ, ୬।୮**

**ବେଆଇନ୍ ଗୋଚାଲାଣ**

ଲାଲବାଗ ଥାନା ଅଧୀନ ଚୌଧୁରୀ ବଜାର ନିକଟରୁ ସୋମବାର ବିଳମ୍ବିତ ରାତିରେ ପୋଲିସ ଏକ ଗୋରୁ ବୋଝେଇ ଗାଡିକୁ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଚନ୍ଦକା ଥାନା ଅନ୍ତର୍ଗତ ମେଣ୍ଢାଶାଳ ଅଞ୍ଚଳର ସେକ୍ ଆଫ୍ରିଦି(୨୧) ଓ ନରସିଂହପୁର ଥାନା ଅଞ୍ଚଳର ସରାଫତ ଖାନ(୨୨)ଙ୍କୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଏଥିସହ ଜବତ ଗାଡିରୁ ୧୦ଟି ଗୋରୁଙ୍କୁ ଉଦ୍ଧାର କରାଯାଇ ନୂଆବଜାର ସ୍ଥିତ ଗୋଶାଳାରେ ଛାଡ଼ି ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ସାଢେ ୨ଟାରେ ଅଭିଯୁକ୍ତ ଦ୍ୱୟ ଏକ ଗାଡିରେ ଗୋରୁମାନଙ୍କୁ ନେଇ ଚୂନଭାଟି ଗଳିରୁ ଚୌଧୁରୀ ବଜାର ଆଡକୁ ଯାଉଥିବାବେଳେ ପୋଲିସ ଅଟକାଇଥିଲା। ଗାଡିକୁ ଯାଞ୍ଚ କରାଯିବାରୁ ସେଥିରେ ଗୋରୁ ଥିବା ଜଣାପଡିଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଏସ୍‌ସିବିରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମୀକ୍ଷା ବୈଠକ

**କଟକ ଅଫିସ, ୬।୮**

ଏସ୍‌ସିବି ମେଡିକାଲ କଲେଜ ଅଧକ୍ଷଙ୍କ କାର୍ଯ୍ୟାଳୟରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଷ୍ଟିସ ପି.କେ. ମହାନ୍ତି, ଅତିରିକ୍ତ ମୁଖ୍ୟଶାସନ ସଚିବ ସୁରେଶ ମହାପାତ୍ର, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଏସ୍‌ସିବି ମେଡିକାଲ ଅଧକ୍ଷ ପ୍ରଫେସର ଜୟଶ୍ରୀ ମହାନ୍ତି, ଅଧୀକ୍ଷକ ସିବିକେ ମହାନ୍ତି, ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା, ହସ୍ପିଟାଲ ମ୍ୟାନେଜର ବିରଞ୍ଚି ନାରାୟଣ ସାହୁ, ସୌମ୍ୟା ମହାନ୍ତି, ଡା. ଶିକତା ନନ୍ଦଙ୍କ ସମେତ ପିଏଚ୍‌ଡି, ପିଡବ୍ଲ୍ୟୁଡି ଏବଂ ଜିଇଡି ବିଭାଗର ଅଧିକାରୀ ଯୋଗଦେଇଥିଲେ। ଏସ୍‌ସିବି ମେଡିକାଲରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ଅଧିକାରୀମାନେ ଅବଗତ ହେବା ସହ ଏଥିରେ ସନ୍ତୁଷ୍ଟି ପ୍ରକାଶ କରିଥିଲେ। ସେହିପରି ସହରରେ ବାୟୋ ୱେଷ୍ଟରୁ କମ୍ପୋଷ୍ଟ ପ୍ରସ୍ତୁତି ଲାଗି ସ୍ଥାନ ନିରୂପଣ କରିବାକୁ ସିଏମ୍‌ସି କମିଶନରଙ୍କୁ ପରାମର୍ଶ ଦିଆଯାଇଛି।



ବୈଠକରେ ଅତିରିକ୍ତ ମୁଖ୍ୟଶାସନ ସଚିବ ସୁରେଶ ମହାପାତ୍ରଙ୍କ ସହ ଅନ୍ୟମାନେ।

■ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ

## ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

**କଟକ ଅଫିସ, ୬।୮**



ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ।

ଜିଲା ସଡକ ସୁରକ୍ଷା କମିଟି ବୈଠକ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧକ୍ଷତା କରିଥିଲେ। ୧୬ ନମ୍ବର ଜାତୀୟ ରାଜପଥରେ ଚିହ୍ନଟ ହୋଇଥିବା ୮ଟି ଦୁର୍ଘଟଣା ପ୍ରବଣ ଅଞ୍ଚଳ (ଫୁଲନଖରା, ବମ୍ଫକୁଦ, ପ୍ରତାପନଗରୀ, ବାଲିକୁଦା, ଗୋପାଳପୁର, ଶିଖରପୁର, ପଶୁପତିଗଡା, ରଜକଣା) ଉପରେ ଆଲୋଚନା ହୋଇଥିଲା। ଏହି ଅଞ୍ଚଳରେ ଦୁର୍ଘଟଣା ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ମଙ୍ଗୁଳି ଛକଠାରୁ ପଶୁପତିଗଡା ପର୍ଯ୍ୟନ୍ତ ବେଆଇନ ପାର୍କିଂକୁ ହଟାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣା ହ୍ରାସ ନିମନ୍ତେ ବେପରୁଆ ଗାଡି ଚାଳନା, ବିପରୀତ ଦିଗରୁ ଆସୁଥିବା ଗାଡି ଚାଳକଙ୍କୁ ନିୟନ୍ତ୍ରଣ କରାଯିବା, ଗାଡି ଚଲାଇବାବେଳେ ମୋବାଇଲରେ କଥା ହେଉଥିବା ଓ ହେଲମେଟ ପିନ୍ଧି ନ ଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ଦଣ୍ଡ ପ୍ରଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏତଦ୍‌ବ୍ୟତୀତ ଟ୍ରାଫିକ୍ ନିୟମକୁ କଡାକଡି କରିବା, ୟୁନିଫର୍ମ ସାଇନେଜ ବ୍ୟବସ୍ଥା, ଛାତ୍ରୀଛାତ୍ରମାନେ ରାସ୍ତା ପାର ହୋଇ ସ୍କୁଲ ଯିବାବେଳେ ନିର୍ଦ୍ଦିଷ୍ଟ ଶିକ୍ଷୟିତ୍ରୀଶିକ୍ଷକମାନେ ସେମାନଙ୍କୁ ସହାୟତା କରିବା, ଟ୍ରାଫିକ ନିୟମ ବିଷୟରେ ସଚେତନ କରାଇବା, ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ନିକଟସ୍ଥ ଚିକିତ୍ସାଳୟରେ ପହଞ୍ଚାଇବା ଆଦି ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ରାଧାବିନୋଦ ପାଣିଗ୍ରାହୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ଅବଦଲ ଅଖତର, ସିଏମ୍‌ସି କମିଶନର ଅନନ୍ୟା ଦାସ, ଚିତ୍ତ ରଞ୍ଜନ ରାୟ, ସିଡିଏ ସେକ୍ରେଟେରି ମନୋରଞ୍ଜନ ମହାପାତ୍ର, ପୂଜା ମିଶ୍ର, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଦୀପ୍ତି ରଞ୍ଜନ ପାତ୍ର, ଟ୍ରାଫିକ ଏସିପି ଯତୀନ ପଣ୍ଡା, ବସ୍ ମାଲିକ ସଂଘ ପକ୍ଷରୁ ଦେବେନ୍ଦ୍ର ସାହୁ, ଅଜୟ ବାରିକ, ଟ୍ରକ ମାଲିକ ସଂଘ ପକ୍ଷରୁ ରବି ନାରାୟଣ ଶତପଥୀ, ତ୍ରିଧାରା ଅନୁଷ୍ଠାନର ସମ୍ପାଦକ ରଞ୍ଜନ ମହାପାତ୍ର, ବିକାଶ ମହାପାତ୍ର, ମିନତି ବିନ୍ଧାଣିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ସଂକ୍ଷେପରେ

### ୩୭୦ ଉଚ୍ଛେଦ ଆଣିଲା ଖୁସିର ମାହୋଲ

**ଖୋର୍ଦ୍ଧା ଅଫିସ,୬।୮:** ଜମ୍ମୁ ଓ କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦କୁ କେନ୍ଦ୍ର ସରକାର ସୋମବାର ଉଚ୍ଛେଦ କରିବା ପରି ଐତିହାସିକ ପଦକ୍ଷେପକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ଅବସରରେ ସ୍ଥାନୀୟ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସରେ ମଙ୍ଗଳବାର କେକ୍ କାଟି ମହାବିଦ୍ୟାଳୟର ଅଧାପିକା, ଅଧାପକ, କର୍ମଚାରୀ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ମିଠା ବଣ୍ଟନ କରାଯାଇ ଉତ୍ସବ ପାଳନ କରାଯାଇଥିଲା। ଭାରତ ମାତା କି ଜୟ, ବନ୍ଦେ ମାତରଂ, ଏକ ଦେଶ ଏକ ତ୍ରିରଙ୍ଗା ନାରା ଦେଇ ଛାତ୍ରୀଛାତ୍ର ମହାବିଦ୍ୟାଳୟ ପରିସର ପରିକ୍ରମା କରିଥିଲେ। କ୍ୟାମ୍ପସ ୟୁନିଟ୍ ସଭାପତି କଳ୍ପତରୁ ଦାସଙ୍କ ନେତୃତ୍ୱରେ ଉଦିତ୍ୟ ନାରାୟଣ ପ୍ରହରାଜ, ଆଶୁତୋଷ ରଥ, ସମରେଶ ପାଇକରାୟ, ବିଶ୍ୱ ରଞ୍ଜନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ଆସିଲାନି ଆମ୍ବୁଲାନ୍ସ : ବଜ୍ରପାତରେ ଆହତ ଚାଷୀଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ,୬।୮:** ଖୋର୍ଦ୍ଧା ବ୍ଲକ ମୁକ୍ତାପୁର ଗାଁର ବାବୁଲା ମାଝି(୫୫) ବର୍ଷର ଜଣେ ଚାଷୀଙ୍କର ବଜ୍ରପାତରେ ମଙ୍ଗଳବାର ମୃତ୍ୟୁ ହୋଇଛି। ପରିବାରର ଅଭିଯୋଗ ଅନୁସାରେ ବାବୁଲା ଅପରାହ୍ନରେ ଧାନ ବିଲକୁ ଯାଇଥିଲେ। ବିଲରେ କାମ କରୁଥିବାବେଳେ ବଜ୍ରପାତ ପ୍ରଭାବରେ ଆହତ ହୋଇଥିଲେ। ନିକଟରେ ଥିବା ଚାଷୀ ବାବୁଲାଙ୍କୁ ଉଦ୍ଧାର କରି ଘରକୁ ଆଣିଥିଲେ। ଏହି ସମୟରେ ୧୦୮ ଆମ୍ବୁଲାନ୍ସକୁ ଫୋନ କରାଯାଇଥିଲା। ହେଲେ ଆମ୍ବୁଲାନ୍ସ ଆସି ନ ଥିଲା। ଏଭଳି ସମୟରେ ସେବା ନ ପାଇ ବାବୁଲା ଆଖି ବୁଝିଥିଲେ। ରାତିରେ ବାବୁଲାଙ୍କ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ଭାଜପାର ସଦସ୍ୟ ସଂଗ୍ରହ ଅଭିଯାନ

**ବୋଲଗଡ଼,୬।୮(ଡି.ଏନ.ଏ.)-** ସମ୍ପ୍ରତି ଭାଜପାର ସଦସ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଚାଲୁରହିଛି । ଏହି ଅବସରରେ କୃଷକମାନଙ୍କୁ ଅଧିକ ସଂଖ୍ୟାରେ ଏଥିରେ ସାମିଲ କରିବା ପାଇଁ ମଙ୍ଗଳବାର ବୋଲଗଡ ବ୍ଲକ ଚୁଡା ଗ୍ରାମଠାରେ କୃଷକ ମୋର୍ଚ୍ଚା ପକ୍ଷରୁ ଅଭିଯାନ ଆୟୋଜିତ ହୋଇଛି । ଏଥିରେ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ବହୁ ମହିଳା, ପୁରୁଷ ଓ କୃଷକମାନେ ଭାଜପାର ସଦସ୍ୟତା ଗ୍ରହଣ କରିଥିଲେ । ଭାଜପା କୃଷକ ମୋର୍ଚ୍ଚାର ରାଷ୍ଟ୍ରୀୟ ଉପସଭାପତି ମହେଶ୍ୱର ସାହୁ ରାଜ୍ୟ ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ, ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ , ରାଜ୍ୟ ସମ୍ପାଦକ ଅଶୋକ କୁମାର ମହାନ୍ତି, ସଂଯୋଜକ ବିଶ୍ୱଜିତ ସ୍ୱାଇଁ ପ୍ରମୁଖ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

### ଅସହାୟ ଲୋକଙ୍କୁ ଖାଦ୍ୟ ବଣ୍ଟନ

**ନିରାକାରପୁର,୬।୮(ଡି.ଏନ.ଏ.)-** ଖୋର୍ଦ୍ଧା ଜିଲା ନିରାକାରପୁରସ୍ଥିତ 'ସହଯୋଗ' ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ଅସହାୟ ଓ ପାଗଳମାନଙ୍କୁ ଖାଦ୍ୟ ପଦାର୍ଥ ବଣ୍ଟନ କରାଯାଇଛି। ଏହି ଅନୁଷ୍ଠାନ ଜଙ୍କିଆ ଓ ନିରାକାରପୁର ଅଞ୍ଚଳରେ ବୁଲୁଥିବା ଅସହାୟ ଓ ମାନସିକ ନିୟନ୍ତ୍ରଣ ହରାଇଥିବା ଲୋକଙ୍କୁ ପ୍ରତି ରବିବାର ଶୁଖିଲା ଖାଦ୍ୟ ଓ ପୋଷାକ ବିତରଣ କରିଥିଲା। ସହରସ୍ଥିତ ରାମେଶ୍ୱର ଛକଠାରେ ଏଭଳି ଦାତବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହେଉଥିଲା । ହିମାଂଶୁ ଭୂଷଣ ଚମ୍ପତିରାୟ, ମାନସ ଚନ୍ଦ୍ର ପଟ୍ଟନାୟକ, ଘନଶ୍ୟାମ ବେହେରା, ଲଛମନ ନାୟକ ଓ ଅଭିରାମ ମିଶ୍ର ପ୍ରମୁଖ ଖାଦ୍ୟ ବଣ୍ଟନବେଳେ ସହଯୋଗ କରିଥିଲେ। ଅସହାୟ ଲୋକଙ୍କୁ ସରକାରୀ ପଞ୍ଜୀକୃତ ସଂସ୍ଥାଗୁଡ଼ିକ ଜରିଆରେ ଥଇଥାନ କରି ତାଙ୍କ ପରିବାରକୁ ହସ୍ତାନ୍ତର କରିବା, ଅଞ୍ଚଳରେ ବୁଲୁଥିବା ମାନସିକ ଭିନ୍ନକ୍ଷମ ଓ ଅସହାୟଙ୍କ ଚିହ୍ନଟ ପାଇଁ ୱେବସାଇଟ୍ ଜରିଆରେ ଫଟୋ ଅପ୍‌ଲୋଡ଼ କରିବା, ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟ ଶିବିର, ବୃକ୍ଷରୋପଣ, ସ୍ୱଚ୍ଛ ଭାରତ ଅଭିଯାନ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହୋଇଥାଏ। ଏଥିସହ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ବିଭିନ୍ନ ସରକାରୀ ଯୋଜନା ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରାଯିବ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

■ କାର୍ଯ୍ୟ ଦିବସରେ ଝୁଲୁଥିଲା ତାଲା

# ଗଣମାଧ୍ୟମ ପ୍ରତିନିଧି ଦେଖି ଖୋଲିଲା ସ୍କୁଲ

**ଖୋର୍ଦ୍ଧା ଅଫିସ, ୬।୮**



ଭାଟପଡ଼ା ସ୍କୁଲର ଶିକ୍ଷୟିତ୍ରୀ ପାଠ ପଢ଼ାଉଛନ୍ତି।

ଆଦିବାସୀ ଅଧ୍ୟୁଷିତ ବାଣପୁର ବ୍ଲକର ଦାମିଆ ବରବରା ପଞ୍ଚାୟତର ଭାଟପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର କାର୍ଯ୍ୟ ଦିବସରେ ତାଲା ଝୁଲୁଥିବାର ଦେଖିବାକୁ ମିଳିଥିଲା। ଗଣମାଧ୍ୟମର ପ୍ରତିନିଧିଙ୍କୁ ଦେଖି ସ୍କୁଲ ଖୋଲିଥିଲା। ଅପରାହ୍ନ ୨ଟାରେ ୩ ପିଲାଙ୍କୁ ପାଠ ପଢ଼ା ଯାଇଥିଲା ।ଏ ଘଟଣା ପରେ ଦାମିଆ ବରବରା ପଞ୍ଚାୟତରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ଅଭିଯୋଗର ସତ୍ୟତା ପଦାକୁ ଆସିଛି। ଘଟଣା ସମ୍ପର୍କରେ ବାଣପୁର ବ୍ଲକ ଶିକ୍ଷା ଅଧିକାରୀ ଅବଗତ ହେବା ପରେ ଏବିଇଓଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଦାମିଆ ବରବରା ପଞ୍ଚାୟତରେ ଥିବା କେତେଗୋଟି ବିଦ୍ୟାଳୟରେ ଶିକ୍ଷକମାନେ ପାଳିରେ ଶିକ୍ଷାଦାନ କରୁଛନ୍ତି। ଅପରପକ୍ଷେ ବିଦ୍ୟାଳୟରେ କାର୍ଯ୍ୟ ଦିବସରେ ଶିକ୍ଷକମାନେ ବିଦ୍ୟାଳୟରେ ତାଲା ପକାଇ ଛୁଟି ମନାଉଥିବା ଅଭିଯୋଗ ହୋଇଥିଲା। ଦାମିଆ ବରବରା ପଞ୍ଚାୟତଟି ଆଦିବାସୀ ଅଧ୍ୟୁଷିତ ହୋଇଥିବା ବେଳେ ଦୁର୍ଗମ ବରବରା ଜଙ୍ଗଲ ମଧ୍ୟରେ ରହିଛି। ଏଠାରେ ୬ଟି ପ୍ରାଥମିକ ବିଦ୍ୟାଳୟ ଅଛି। ତେବେ ଏଠାରେ ନିୟୋଜିତ ଶିକ୍ଷକମାନେ ଦୁର୍ଗମ ଜଙ୍ଗଲ ରାସ୍ତାରେ ଯାତାୟାତ ନ କରି ପାଳିରେ ଶିକ୍ଷକତା କରୁଥିବା କୁହାଯାଉଛି। ବିଦ୍ୟାଳୟର କିଛି ଶିକ୍ଷକ ବିନା ଦରଖାସ୍ତରରେ ଛୁଟିରେ ରହୁଛନ୍ତି। ମଙ୍ଗଳବାରେ ଅଭିଯୋଗର ସତ୍ୟତା ପରଖିବା ପାଇଁ କିଛି ଗଣମାଧ୍ୟମର ପ୍ରତିନିଧି ଭାଟପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚିଥିଲେ । ଅପରାହ୍ନ ଗୋଟାଏ ବେଳେ ବିଦ୍ୟାଳୟରେ ପହଞ୍ଚିବା ବେଳକୁ ବିଦ୍ୟାଳୟରେ ତାଲା ପଡିଥିବା ଦେଖିବାକୁ ମିଳିଥିଲା । ତେବେ ବିଦ୍ୟାଳୟକୁ ଗଣମାଧ୍ୟମର ପ୍ରତିନିଧି ଆସିଥିବା ସୂଚନା ପାଇ ଜଣେ ଶିକ୍ଷୟିତ୍ରୀ ଗ୍ରାମରୁ ୩ ଜଣ ପିଲାଙ୍କୁ ଡକାଇ ଆଣି ସ୍କୁଲ ଖୋଲିଥିଲେ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୫୫ ଜଣ ବିଦ୍ୟାର୍ଥୀ ପାଠ ପଢୁଥିବା ବେଳେ ଅପରାହ୍ନ ୨ଟା ବେଳକୁ ୩ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ପାଠପଢ଼ା ଆରମ୍ଭ ହୋଇଥିଲା। ପରେ ପରେ ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ପହଞ୍ଚିଥିଲେ। ତେବେ ଛାତ୍ରୀଛାତ୍ର ବହିପତ୍ର ଆଣି

■ଅପରାହ୍ନ ୨ଟାରେ ୩ ପିଲାଙ୍କୁ ପଢ଼ାଗଲା ପାଠ

■ଏବିଇଓଙ୍କ ରିପୋର୍ଟ ପରେ ହେବ କାର୍ଯ୍ୟାନୁଷ୍ଠାନ

ନ ଥିବା ବେଳେ ୟୁନିଫର୍ମ ପିନ୍ଧି ନ ଥିଲେ। ଜଣେ ଗ୍ରାମବାସୀଙ୍କ ମୃତ୍ୟୁ ହୋଇଯାଇଥିବାରୁ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସି ନ ଥିବା ପ୍ରଧାନ ଶିକ୍ଷକ ପ୍ରକାଶ କରିଥିଲେ। ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ବିଦ୍ୟାଳୟରେ ତାଲା ପଡିଥିବା କେତେଜଣ ଗ୍ରାମବାସୀ ପ୍ରକାଶ କରିଛନ୍ତି। ପୂର୍ବାହ୍ନରେ ପିଲାମାନେ ସ୍କୁଲକୁ ଆସିଥିବା ବେଳେ ତାଲା ପଡିଥିବାରୁ ସେମାନେ ଫେରି ଯାଇଥିବା ଅଭିଭାବକମାନେ ଅନୁରୂପ ଅଭିଯୋଗ କରିଛନ୍ତି। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ସନାତନ ଜାଲିଙ୍କୁ ଯୋଗାଯୋଗ କରାଯିବାକୁ ବୁଧବାର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଦ୍ୟାଳୟ ପରିଦର୍ଶନ କରି ରିର୍ପୋଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

■ ବିଦେଶରେ ଓଡ଼ିଆ ଶ୍ରମିକ ମୃତ

## ମୃତଦେହ ଫେରାଇ ଆଣିବାକୁ ପରିବାରର ଦାବି

**ଖୋର୍ଦ୍ଧା ଅଫିସ, ୬।୮**

ଆରବ ଦେଶରେ ଖୋର୍ଦ୍ଧା ଜିଲା ବାଣପୁର ଥାନା ମାଣିକପୁର ଗ୍ରାମର କରୁଣାକର ବେହେରା ନାମକ (୪୫) ଜଣେ ଓଡ଼ିଆ ଶ୍ରମିକଙ୍କର ମୃତ୍ୟୁ ହୋଇଛି। ମାଣିକପୁର ଗ୍ରାମର ମହେଶ୍ୱର ବେହେରାଙ୍କ ସାନପୁଅ କରୁଣାକର ଆରବ ଦେଶର ବିଭିନ୍ନ ସ୍ଥାନରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ପ୍ରାୟ ୧୬ ମାସ ପୂର୍ବେ କରୁଣାକର ଗ୍ରାମକୁ ଫେରି ଆସିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଆରବ ଦେଶର ଆବୁଧାବିସ୍ଥିତ ଅଲ୍ ଜାବରୀ କମ୍ପାନୀରେ ଶ୍ରମିକ ଭାବେ ନିୟୋଜିତ ହୋଇଥିଲେ । ଗତ ୪ ତାରିଖ ଶନିବାର ସକାଳେ ସେ କାମ କରିବାକୁ ଯିବା ସମୟରେ ହଠାତ୍ ଛାତିରେ ଭୀଷଣ ଯନ୍ତ୍ରଣା ଅନୁଭବ କରିଥିଲେ। ସେଠାରେ ଥିବା ଅନ୍ୟ ଓଡ଼ିଆ ଶ୍ରମିକମାନେ କରୁଣାକରଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ସମ୍ପର୍କରେ କାର୍ଯ୍ୟରତ ଅନ୍ୟ ଓଡିଆ ଶ୍ରମିକମାନେ କରୁଣାକର ଙ୍କ ସ୍ତ୍ରୀ ସଞ୍ଜୁଙ୍କୁ ଖବର ଜଣାଇଥିଲେ। ତେବେ କମ୍ପାନୀ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇନଥିବା ସଞ୍ଜୁ ଅଭିଯୋଗ କରିଛନ୍ତି। କରୁଣାକରଙ୍କ ମୃତଦେହ ଭାରତ ଫେରାଇ ଆଣିବା ସହ ବକେୟା ଦରମା ଓ ବୀମା ପ୍ରାପ୍ୟ ପାଇବା ପାଇଁ ସଞ୍ଜୁ ଶ୍ରମ ଅଧିକାରୀଙ୍କ ସମେତ ଜିଲା ପ୍ରଶାସନିକ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି।

## ୨୫ ପରିବାରଙ୍କ ଯାତାୟାତରେ ବାଧକ

**ଖୋର୍ଦ୍ଧା ଅଫିସ, ୬।୮**

ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକର ବାଲିଅନ୍ତାପାଟଣା ନାହାକ ସାହିରେ ଜଣେ ଲୋକ ପ୍ରାଚୀର କରି ରାସ୍ତାକୁ ଅବରୋଧ କରିଛନ୍ତି। ରାସ୍ତା ଅବରୋଧ ଯୋଗୁ ୨୫ ପରିବାର ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ବାଲିଅନ୍ତାପାଟଣା ନାହାକ ସାହିରେ ଯେଉଁ ରାସ୍ତାଟି ଜବରଦଖଲ କରାଯାଇ ପ୍ରାଚୀର କରାଯାଇଛି ତାହା କେତେଜଣ ଲୋକଙ୍କ ନାଁରେ ରହିଛି। ଜମି କିଣିବା ବେଳେ ସମ୍ପୃକ୍ତ ଲୋକମାନେ ରାସ୍ତା ପାଇଁ ସ୍ଥାନ ଛାଡି ରାସ୍ତା କରିଥିଲେ। ଯେଉଁମାନଙ୍କର ନାଁରେ ରାସ୍ତାଟି ରହିଛି ସେମାନେ ବିକ୍ରି କରି ନ ଥିବାବେଳେ ରାସ୍ତା ଜବରଦଖଲ ହଟାଇବାକୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି।

କଚ୍ଛପ ଗତିରେ ଚାଲିଛି ଜଟଣୀ ଓଭର ବ୍ରିଜ କାର୍ଯ୍ୟ

## ଜିଲାପାଳଙ୍କୁ ଭେଟିଲେ ବ୍ୟବସାୟୀ ସଂଘ



ଜିଲାପାଳଙ୍କୁ ଜଟଣୀ ବିଧାୟକ ଓ ବ୍ୟବସାୟୀମାନେ ଭେଟି ଫେରାଦ ହେଉଛନ୍ତି।

**ଖୋର୍ଦ୍ଧା ଅଫିସ, ୬।୮**

ଜଟଣୀ ଓଭର ବ୍ରିଜର କାର୍ଯ୍ୟ ପୁରୁଣା ପ୍ଲାନ ଅନୁସାରେ କରାଯାଉ। ଅଯଥାରେ ସମୟ ନଷ୍ଟ ନ କରି ଓଭର ବ୍ରିଜର କାର୍ଯ୍ୟ ତୁରନ୍ତ ଶେଷ ହେଉ। ଏ ନେଇ ସୀତାରାମ ଛକ ବ୍ୟବସାୟୀ ସଂଘ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ମଙ୍ଗଳବାର ଜିଲାପାଳଙ୍କୁ ଫେରାଦ୍ ହୋଇଛନ୍ତି। ପ୍ରକାଶଥାଉ କି ଜଟଣୀ ଓଭର ବ୍ରିଜର କାମ ପ୍ରାୟ ୫ ବର୍ଷ ତଳୁ ଆରମ୍ଭ ହେଲାଣି। ହେଲେ ବିଭିନ୍ନ କାରଣରୁ ଏହା ବିବାଦୀୟ ହୋଇ କାର୍ଯ୍ୟ କଚ୍ଛପ ଗତିରେ ଚାଲିଛି। ବ୍ୟବସାୟୀ ସଂଘ ପକ୍ଷରୁ ପୁରୁଣା ପ୍ଲାନରେ କାର୍ଯ୍ୟ କରିବାକୁ କୁହାଯାଉଥିବାବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ଓରଭ ବ୍ରିଜର ଲମ୍ବକୁ ବୃଦ୍ଧି କରିବାରୁ ବିବାଦୀୟ ପରିସ୍ଥିତି ଲାଗି ରହିଛି। ଦୋକାନ ଉଚ୍ଛେଦକୁ ଆଖି ଆଗରେ ରଖି ବ୍ୟବସାୟୀମାନେ ପ୍ରତିବାଦ ଓ ବିରୋଧ କରି ଆସୁଛନ୍ତି। ଏପଟେ ସାମାନ୍ୟ ବର୍ଷାରେ ଖୋର୍ଦ୍ଧା–ପିପିଲି ମୁଖ୍ୟ ରାସ୍ତାର ଜଟଣୀ ଅଣ୍ଡରଗ୍ରାଉଣ୍ଡଠାରେ ପାଣି ଜମା ହୋଇରହୁଛି। ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଖୋର୍ଦ୍ଧା–ପିପିଲି ଯାତାୟାତ ଠପ ହୋଇଯାଉଛି। ଏହି ସମସ୍ୟା ବହୁବର୍ଷ ହେଲା ଲାଗି ରହିଥିଲେ ମଧ୍ୟ ସମାଧାନର ପନ୍ଥା ବାହାରୁନି। ଅନ୍ୟପକ୍ଷେ ଓଭର ବ୍ରିଜ ନିର୍ମାଣ ଉଦ୍ଦେଶ୍ୟରେ ଯେଉଁ ବ୍ୟବସାୟୀମାନେ ଉଚ୍ଛେଦ ହୋଇଛନ୍ତି ଓ ଆଗକୁ ହେବାର ରହିଛି, ସେମାନଙ୍କୁ ତୁରନ୍ତ ଥଇଥାନ କରି ଓଭର ବ୍ରିଜ କାର୍ଯ୍ୟ ଶେଷ କରିବାକୁ ଦାବି ହେଉଛି।

### ୬.୨୪୦ କିଗ୍ରା ଗଞ୍ଜେଇ ଜବତ: ବ୍ୟବସାୟୀ ଗିରଫ

**ଖୋର୍ଦ୍ଧା ଅଫିସ, ୬।୮**

ଖୋର୍ଦ୍ଧା ସଦର ଥାନା ପୋଲିସ ମଙ୍ଗଳବାର ଅପରାହ୍ନରେ କୁରାଢ଼ମଲ୍ଲ ଗାଁ ଉପରେ ଚଢ଼ାଉ କରି ବିଜୟ ବଳିଆରସିଂଙ୍କ ଘରୁ ୬ କିଗ୍ରା ୨୪୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ବିଜୟଙ୍କୁ ଗିରଫ କରାଯାଇଛି। ତାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ। ଅନ୍ୟପକ୍ଷେ ପୋଲିସ ୨୦(ବି)ଆଇଆଇ ଏନଡିପିସି ଆକ୍ଟରେ ନଂ. ୧୧୨/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ୩୭୦, ୩୫(ଏ) ଉଚ୍ଛେଦ ବିଲ୍ ମଞ୍ଜୁରୀକୁ ସ୍ୱାଗତ

**ବୋଲଗଡ଼,୬।୮(ଡି.ଏନ.ଏ.)**

ରାଜ୍ୟ ସଭା ପରେ ଲୋକସଭାରେ ୩୭୦, ୩୫(ଏ) ବିଲ୍ ମଞ୍ଜୁରୀକୁ ମଙ୍ଗଳବାର ବୋଲଗଡ଼ ବ୍ଲକ ଅଞ୍ଚଳର ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ସ୍ଥାନୀୟ ମା'ରାମଚଣ୍ଡୀ ଅଟୋ ଆସୋସିଏଶନ ସଦସ୍ୟ ଏବଂ କର୍ମକର୍ତ୍ତାମାନେ ମିଠା ବଣ୍ଟନ କରିଥିଲେ। ବଂଶୀଧର ଚାନ୍ଦ, ଉଦ୍ଧବ ଚମ୍ପତି, ଦୁଃଖାନନ୍ଦ ସାମନ୍ତରାୟ, ସନାତନ ସ୍ୱାଇଁ, ଅଜୟ କୁମାର ପରିଡ଼ା, ସୁମନ୍ତ ଚମ୍ପତି, ପପୁ ପରିଡା ପ୍ରମୁଖ ପରସ୍ପର ମଧ୍ୟରେ ମିଠା ବାଣ୍ଟିଥିଲେ। ଏଭଳି ଐତିହାସିକ ପଦକ୍ଷେପକୁ ଦଳମତ ନିର୍ବିଶେଷରେ ସ୍ୱାଗତ କରାଯାଇଛି।

## ଅଯୋଗ୍ୟ ହିତାଧିକାରୀ ବାଦ୍ ପାଇଁ ବୈଠକ

**କାଳିଆ ଯୋଜନା**

**ବେଗୁନିଆ, ୬।୮ (ଡି.ଏନ.ଏ.)**



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

ଜନସାଧାରଣଙ୍କର ହିତରେ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ବିଭିନ୍ନ ଯୋଜନା ମଧ୍ୟରୁ କାଳିଆ ଯୋଜନାରେ ଛନ୍ଦି ହୋଇପଡିଥିଲେ ସରକାର। ବହୁ ବ୍ୟତିକ୍ରମ ପଦାକୁ ଆସିବା ପରେ ପୁଣି ଏବେ ଆରମ୍ଭ କରିଛନ୍ତି ଆଉ ଏକ ପଦକ୍ଷେପ। ଏହି ଯୋଜନାରୁ ଅର୍ଥ ହାତେଇ ନେଇଥିବା ଅଯୋଗ୍ୟ ହିତାଧିକାରୀମାନଙ୍କୁ ଖୋଜ ଏବଂ ତାଙ୍କଠାରୁ ଅର୍ଥକୁ କୌଶଳ ପ୍ରୟୋଗ କରି ଆଦାୟ କର। ଏଥିସହ ପ୍ରକୃତ ଯୋଗ୍ୟ ହିତାଧିକାରୀ ଚୟନ କରି କିଭଳି ସେମାନେ ପ୍ରଥମ କିସ୍ତି ଟଙ୍କା ପାଇବେ ସୁବନ୍ଦୋବସ୍ତ କର ବୋଲି ବେଗୁନିଆ ବ୍ଲକସ୍ତରୀୟ ଯାଞ୍ଚ କମିଟି ବୈଠକରେ ମତ ପ୍ରକାଶ ପାଇଛି। ମଙ୍ଗଳବାର ବେଗୁନିଆ ବ୍ଲକ କୃଷି କାର୍ଯ୍ୟାଳୟ ସଭା ଗୃହ ପରିସରରେ ବିଡିଓ ରବିନାରାୟଣ ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ କୃଷି ଅଧିକାରୀ ରତିକାନ୍ତ ପଟ୍ଟନାୟକ, ଶ୍ରାବଣୀ ମହାରଣା, ସେକ୍ଟର ଅଫିସର, ନୋଡାଲ ଅଫିସରମାନେ ଯୋଗ ଦେଇଥିଲେ। ପଞ୍ଚାୟତସ୍ତରରେ ହିତାଧିକାରୀ ତାଲିକା ଯାଞ୍ଚ ସମୟରେ ଅଙ୍ଗନୱାଡି ଓ ଆଶା କର୍ମୀ, କୃଷକ ସାଥୀଙ୍କ ସହ ଗ୍ରାମର ସଙ୍କୋଟ ବ୍ୟକ୍ତିମାନଙ୍କର ନାମ ଗୋପନ ରଖି ସହାୟତା ଲୋଡାଯିବ। ବ୍ଲକର ସମୁଦାୟ ୫୯ ହଜାର ଚାଷୀ କାଳିଆ ଯୋଜନାରେ ଅବେଦନ କରିଥିଲେ। ତେବେ ଆବେଦନ କରିଥିବା ଭୂମିହୀନ ୧୮ ହଜାରଙ୍କ ମଧ୍ୟରୁ ୬ ହଜାର ସହାୟତା ପାଇଛନ୍ତି। ସେହିପରି ୪୧ ହଜାର ନାମମାତ୍ର ଓ କ୍ଷୁଦ୍ରଚାଷୀ ଆବେଦନ କରିଥିଲେ। ସେଥିମଧ୍ୟରୁ ୧୫ ହଜାର ଚାଷୀ ସହାୟତା ପାଇଛନ୍ତି। ମାତ୍ର ଆବେଦନ କରିଥିବା ଆଉ ୩୬ ହଜାର ଚାଷୀ ସହାୟତା ରାଶି ଅପେକ୍ଷାରେ ରହିଛନ୍ତି।

■ପୁଣି ଆରମ୍ଭ ହେବ ପ୍ରିୟାପ୍ରୀତି କସରତ

ସୂଚନାଥାଉକି ସରକାରଙ୍କ ଅଭିମୁଖ୍ୟକୁ ଏଡାଇ ଦେଇ ପଞ୍ଚାୟତ ଅଞ୍ଚଳର ରାଜନୈତିକ ବ୍ୟକ୍ତିଙ୍କଠାରୁ ଜନ ପ୍ରତିନିଧିମାନଙ୍କର ଚାପ ପ୍ରୟୋଗ କରାଯାଇଥିଲା। ଯେଉଁଥିରେ କି ପ୍ରିୟାପ୍ରୀତି ତୋସାରପାତ କରାଯାଇ ଅଯୋଗ୍ୟ ହିତାଧିକାରୀ ଏବଂ ଗୋଟିଏ ପରିବାରର ଏକାଧିକ ବ୍ୟକ୍ତିଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ପୁଣି ଏବେ ଚଳିତ ଅଗଷ୍ଟ ୬ରୁ ୧୪ ପର୍ଯ୍ୟନ୍ତ ପଞ୍ଚାୟତ ୱାରି ହିତାଧିକାରୀ ତାଲିକା ଯାଞ୍ଚ ପ୍ରକ୍ରିୟାରେ କାହାକୁ କାଟିବେ ପ୍ରିୟାପ୍ରୀତି କସରତ ଆରମ୍ଭ ହେଲାଣି ବୋଲି ବୁଦ୍ଧିଜୀବୀ ଅକ୍ଷୟ କୁମାର ରଥ, ଏସ.ଏନ. ପଟ୍ଟନାୟକ, ସନ୍ତୋଷ ପଣ୍ଡାଙ୍କ ସହ ବହୁ ଲୋକ ମତ ଦେଇଛନ୍ତି।

■ ଖାଲଢ଼ିପରେ ମଧୁପୁର-ମହୁଲ ରାସ୍ତା

## ନିମ୍ନମାନର କାର୍ଯ୍ୟ ଯୋଗୁ ଅବସ୍ଥା ଶୋଚନୀୟ

**ଜଟଣୀ, ୬।୮(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅଙ୍ଗାରପଡ଼ା ପଞ୍ଚାୟତ ଅନ୍ତର୍ଗତ ଗୋଟିଏ ରାସ୍ତାର ବାରମ୍ବାର ନିର୍ମାଣ କରାଯାଉଥିଲେ ମଧ୍ୟ ମାସେ ଦୁଇମାସ ପରେ ଏହା ପୂର୍ବସ୍ଥିତିକୁ ଫେରି ଆସୁଛି। ଏକ କିମି ଦୂରତା ବିଶିଷ୍ଟ ଏହି ପଞ୍ଚାୟତର ମଧୁପୁର- ମହୁଲ ମୁଖ୍ୟରାସ୍ତାର ନିର୍ମାଣ ଓ ମରାମତି ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି। ପ୍ରତିଥର ନିମ୍ନମାନର କାର୍ଯ୍ୟ ହେଉଥିବାରୁ ନିର୍ମାଣର କିଛିଦିନ ପରେ ରାସ୍ତାରୁ ଚିପ୍‌ସ ଉଠି ପୁଣି ଖାଲ ଢିପରେ ପରିଣତ ହେଉଛି। ଦେଢ଼ବର୍ଷ ପୂର୍ବେ ଏହି ରାସ୍ତାରେ ଦେଢ଼ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଏହାର ୬ ମାସ ପରେ ପୁଣି ୧ ଲକ୍ଷ। ମାସେ ପୂର୍ବେ ପୁଣି ଅଢ଼େଇ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ରାସ୍ତାରୁ ଚିପ୍ ଉଠି ବଡ ବଡ ଖାଲ ସୃଷ୍ଟି ହୋଇଛି। ଗୋପବନ୍ଧୁ ଗ୍ରାମୀଣ ଯୋଜନା, ତିତିଲି ଅନୁଦାନ ଆଦି ବିଭିନ୍ନ ଫଣ୍ଡରୁ ଅର୍ଥ ମଞ୍ଜୁର ହୋଇ କାର୍ଯ୍ୟ ହେଉଛି। ଅତି ନିମ୍ନମାନର କାର୍ଯ୍ୟ ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାରମ୍ବାର ବ୍ଲକ ପ୍ରଶାସନକୁ ଗ୍ରାମବାସୀ ଏ ନେଇ ଅବଗତ କରାଇଥିଲେ ମଧ୍ୟ ବ୍ୟାପକ କମିଶନ କାରବାର ଯୋଗୁ ସବୁ ଅଭିଯୋଗ ନାଳିଫିତା ତଳେ ରହି ଯାଉଥିବା ଗ୍ରାମର ପ୍ରଦୀପ କୁମାର ବରାଳ ଓ ଏହି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଭାସ୍କର ମହାକୁଡ଼ କହିଛନ୍ତି। ଏ ନେଇ ଜିଲାପାଳଙ୍କୁ ଅଭିଯୋଗ କରାଯିବା ପରେ ଡିଆରଡିଏର କେତେଜଣ ଅଧିକାରୀ ସୋମବାର ପହଞ୍ଚି ଉପରୋକ୍ତ ରାସ୍ତା ଓ ପଞ୍ଚାୟତର ଅନ୍ୟ କେତେକ କାର୍ଯ୍ୟ ଅନୁଧ୍ୟାନ କରି ଫେରି ଯାଇଛନ୍ତି।



ମଧୁପୁର–ମହୁଲ ରାସ୍ତା ଖାଲଖମାରେ ଭରପୁର।

# ପୁଣି ଅନ୍ଧାରରେ କନ୍ଦଳେଇ ଗ୍ରାମବାସୀ



ବିଦ୍ୟୁତ୍ ନ ଥିବାରୁ ଡିବିରି ଆଲୁଅରେ ପିଲାମାନେ ପଢୁଛନ୍ତି।

**ଖୋର୍ଦ୍ଧା ଅଫିସ, ୬।୮**

ବଣ ପାହାଡ ଘେରାରେ କନ୍ଦଳେଇ ଗ୍ରାମ। ଏଠାକୁ ଯିବା ପାଇଁ ଭଲ ରାସ୍ତା ନାହିଁ। ବ୍ଲକ କାର୍ଯ୍ୟାଳୟ ଜଟଣୀଠାରୁ ଏହି ଗ୍ରାମ ୨୦କି.ମି. ହୋଇଥିବା ବେଳେ ଜିଲା କାର୍ଯ୍ୟାଳୟ ଖୋର୍ଦ୍ଧାରୁ ୧୮କି.ମି. ଦୂରରେ ରହିଛି। ଗ୍ରାମରେ ୨୫ପରିବାରର ପ୍ରାୟ ୨୬୦ଆଦିବାସୀ ଲୋକ ବସବାସ କରନ୍ତି। ସ୍ୱାଧୀନତାର ୭୧ବର୍ଷ ପରେ ବି ଏହି ଗ୍ରାମକୁ ଦୁଇ ଦୁଇ ଥର ବିଦ୍ୟୁତ୍ ଆସିଥିଲେ ମଧ୍ୟ ପୁଣି ଗ୍ରାମବାସୀ ଅନ୍ଧାରରେ ରହିଛନ୍ତି। ପ୍ରଥମ ଥର ୮ଦିନ ଓ ଦ୍ୱିତୀୟ ଥର ୪ଦିନ ପାଇଁ ଗାଁରେ ବିଦ୍ୟୁତ୍ ଜଳିଥିଲା। ଗତ ଜୁଲାଇ ୧ରୁ ପୁଣି ଅନ୍ଧାରରେ ରହୁଛନ୍ତି ସ୍ଥାନୀୟ ବାସିନ୍ଦା। ଉଭୟ ଥରର ବିଦ୍ୟୁତ୍ କଟିବା ପଛରେ ନିମ୍ନମାନର ବିଦ୍ୟୁତ୍

■ନିମ୍ନମାନର ବିଦ୍ୟୁତ୍ କେବୁଲ ଲଗାଯାଉଥିବା ଅଭିଯୋଗ

■୧୨ ଦିନ ପାଇଁ ଜଳିଥିଲା ବିଦ୍ୟୁତ୍

■ସନ୍ଧ୍ୟା ହେଲେ ଖୋଜା ପଡୁଛି ଡିବିରି

କେବୁଲ୍ ଲଗାଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଯିବା ପାଇଁ ଆଦିବାସୀମାନେ ମୌଖିକ ଦାବି କରିଥିଲେ ମଧ୍ୟ ସେମାନଙ୍କ ଅଭିଯୋଗ ପ୍ରଶାସନ ଓ ଜନପ୍ରତିନିଧିଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଏଠାରେ ସନ୍ଧ୍ୟା ହେଲେ ଖୋଜା ପଡୁଛି ଡିବିରି ଆଲୁଅ। ନିକଟରେ ଚନ୍ଦକା ଅଭୟାରଣ୍ୟ ଓ ବିଞ୍ଝିଗିରି ଜଙ୍ଗଲ ଥିବାରୁ ଗାଁକୁ ସବୁବେଳେ ବନ୍ୟ ଜୀବଜନ୍ତୁଙ୍କ ଭୟ ରହିଛି। ଏଭଳିସ୍ଥଳେ ବିଦ୍ୟୁତ୍ ନ ଥିବାରୁ ସନ୍ଧ୍ୟା ହେଲେ ଗାଁର ପ୍ରାୟତଃ ସବୁ ଘରେ ତାଟି କବାଟ ପଡିଯାଇଥାଏ। ଏ ନେଇ ସେସୁର ନିର୍ବାହୀ ଯନ୍ତ୍ରୀ ମନୋଜ ଦାସ କୁହନ୍ତି, ଖୁବ୍‌ଶୀଘ୍ର କନ୍ଦଳେଇକୁ ବିଦ୍ୟୁତ୍ ଯୋଗାଇ ଦିଆଯିବାକୁ ପଦକ୍ଷେପ ନିଆଯାଉଛି।

### ଏମାନେ କହନ୍ତି...



ବର୍ଷ ବର୍ଷ ଧରି ଅନ୍ଧାରରେ ରହିଲୁ। ସରକାର ଆମ୍ଭମାନଙ୍କୁ ସୋଲାର ଲାଇଟ୍ ଯୋଗାଇ ଦେଲେ। ଏହା ଦିନେ କାମ କଲେ ୧ମାସ ଅଚଳ। ବହୁ ଦିନର ଦାବି, ଅଭିଯୋଗ ପରେ ଗାଁରେ ବିଦ୍ୟୁତ୍ ଜଳିଲା। ୨ଥର କେବୁଲ ପୋଡିଯିବା ପରେ ଗାଁ ଅନ୍ଧାରରେ ରହିଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ଏହାର ମରାମତି କାର୍ଯ୍ୟ ଠିକ୍ ଭାବେ କରାଯାଉ ନାହିଁ।

**ଆଶ୍ରିତା ଚତରା, ଗ୍ରାମବାସୀ**



ବିଦ୍ୟୁତ୍ ନ ଥିବାରୁ ପିଲାଙ୍କ ପାଠପଢ଼ାରେ ଡୋରି ବନ୍ଧା ହୋଇଗଲା। ସନ୍ଧ୍ୟାରେ ଡିବିରି ଆଲୁଅରେ ପାଠ ପଢ଼ିବାକୁ ପିଲା ରାଜି ହେଉ ନାହାନ୍ତି। ସରକାର କଣ୍ଟ୍ରୋଲରେ ଯେଉଁ କିରୋସିନ ଯୋଗାଉଛନ୍ତି ତାହା ପାଉ ନାହିଁ। ଏଣୁ ସ୍ୱଳ୍ପ ସମୟ ପାଇଁ ଡିବିରି ଜଳେ। ଡିବିରି ଜଳିବା ବେଳେ ସମସ୍ତେ ନିଜ ନିଜର କାମ କରିଥାନ୍ତି। ଜୀବଜନ୍ତୁଙ୍କ ଭୟରେ ସନ୍ଧ୍ୟା ହେଲେ ଗ୍ରାମବାସୀ ଭୟଭୀତ ହୋଇ ରହୁଛନ୍ତି।

**ଗୁମାନି ଗାଗରାଇ**

ଗ୍ରାମବାସୀ ଅନ୍ଧାରରେ ରହିବା ଅଭ୍ୟାସ ହୋଇ ଯାଇଥିଲା। ଆଲୋକରେ ରହି ପୁଣି ଅନ୍ଧାରରେ ରହିବାକୁ ଭଲ ଲାଗୁ ନାହିଁ। ଦୁଇ ଥର ବିଦ୍ୟୁତ୍ ଗାଁକୁ ଆସିଲାଣି। ହେଲେ କିଛି ଦିନ ପରେ ନିମ୍ନମାନର ବିଦ୍ୟୁତ୍ ଉପକରଣ ଯୋଗୁ ବିଦ୍ୟୁତ୍ ସେବା ବନ୍ଦ ହୋଇଯାଉଛି। ବିଦ୍ୟୁତ୍ ବିଭାଗ ଆଦିବାସୀଙ୍କ ଅସୁବିଧାକୁ ହୃଦୟଙ୍ଗମ କରୁଥିଲେ ବିଦ୍ୟୁତ୍ ବିଭ୍ରାଟକୁ ରୋକିପାରନ୍ତା।



**ଶ୍ୟାମ ଗାଗରାଇ, ଗ୍ରାମବାସୀ**

## ସଂକ୍ଷେପରେ

### ୨କୋଟିର ଋଣ ଠକେଇ, ଆଉ ଜଣେ ଗିରଫ

ଭୁବନେଶ୍ୱର, ୬।୮(ବ୍ୟୁରୋ): ଗାଡ଼ି କିଣିବା ଆଳରେ ଜାଲ୍ କାଗଜପତ୍ର ବଳରେ ଗ୍ରାମ୍ୟ ବ୍ୟାଙ୍କରୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଋଣ ଠକେଇରେ ସଂପୃକ୍ତ ଅନ୍ୟତମ ଅଭିଯୁକ୍ତଙ୍କୁ କ୍ରାଇମ ବ୍ରାଞ୍ଚର ଇଓଡବ୍ଲ୍ୟୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ପୁରୀ ଜିଲା କୋଣାର୍କ ଥାନା ଅନ୍ତର୍ଗତ ବାଘ ରଗୋଡି ଗ୍ରାମର ବିଜୟ୍ କୁମାର ପ୍ରଧାନ(୪୩)। ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନରେ ଚଢ଼ାଉ କରି ବିଜୟ୍‌ଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ, ବିଜୟ୍‌ଙ୍କ ସମେତ ଭାଇ ବିକ୍ରମ, ତାଙ୍କ ସ୍ତ୍ରୀ ରାଜଲକ୍ଷ୍ମୀ ଓ ରାଜଲକ୍ଷ୍ମୀଙ୍କ ଭାଇ ମଦନ ମୋହନ ପ୍ରଧାନ ଉକ୍ତ ଋଣ ଠକେଇରେ ସଂପୃକ୍ତି ଥିବା ତଦନ୍ତରୁ ଜଣାପଡିଥିଲା। ବିକ୍ରମ ଜାଲ କାଗଜପତ୍ର ଦାଖଲ କରି ଦୁଇଟି ଋଣ କରିଥିଲେ। ହାଇୱା ଟ୍ରକ କିଣିବା ପାଇଁ ୪୧.୭୦ ଲକ୍ଷ ଓ ଅନ୍ୟ ଏକ ଋଣ ବାବଦକୁ ୩୬ ଲକ୍ଷ ଟଙ୍କା ବ୍ୟାଙ୍କ୍‌ରୁ ନେଇଥିଲେ। ସେହିଭଳି ବିକ୍ରମଙ୍କ ସ୍ତ୍ରୀ ରାଜଲକ୍ଷ୍ମୀ ଏକ ସ୍କର୍ପିଓ କିଣିବା ପାଇଁ ୯ ଲକ୍ଷ ଟଙ୍କା, ଭାଇ ମଦନ ଏକ ହାଇୱା କିଣିବା ପାଇଁ ୪୦ ଲକ୍ଷ ଟଙ୍କା, ବିଜୟ୍ ହାଇୱା କିଣିବା ପାଇଁ ୪୦ ଲକ୍ଷ ଓ ୩୬ ଲକ୍ଷ ଟଙ୍କାର ଦୁଇଟି ଋଣ କରିଥିଲେ। ଏ ନେଇ ବ୍ୟାଙ୍କରେ ଜାଲ୍ ରେଜିଷ୍ଟ୍ରେଶନ ଓ ବୀମା କାଗଜପତ୍ର ଦାଖଲ କରି ମୋଟ ୨ କୋଟି ୨ ଲକ୍ଷ ୭୦ ହଜାର ଟଙ୍କା ହଡପ କରିଥିଲେ। ଏ ନେଇ ଗ୍ରାମ୍ୟ ବ୍ୟାଙ୍କ ରିଜିଓନାଲ ମ୍ୟାନେଜର ଦେବଦତ୍ତ ନନ୍ଦ ୨୦୧୮ ମାର୍ଚ୍ଚ ୧୧ରେ ଅଭିଯୋଗ କରିବା ପରେ ଇଓଡବ୍ଲ୍ୟୁ ୨୩/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଠକେଇରେ ସମ୍ପୃକ୍ତ ରସୁଲଗଡ ଗ୍ରାମ୍ୟ ବ୍ୟାଙ୍କର ତତ୍‌କାଳୀନ ମ୍ୟାନେଜର ପ୍ରଶାନ୍ତ ଜେନାଙ୍କ ସମେତ ବିକ୍ରମ, ରାଜଲକ୍ଷ୍ମୀ ଓ ମଦନଙ୍କୁ ପୂର୍ବରୁ ଇଓଡବ୍ଲ୍ୟୁ ଗିରଫ କରିଥିଲା।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ପୁରୀ ଅଫିସ, ୬।୮:ଲୋକନାଥ ରୋଡ଼ର ଛପନ ଛକଠାରେ ମଙ୍ଗଳବାର ଅର୍ଜୁନ ନାୟକ ନାମକ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ପୋଲିସ ଅନୁମାନ କରୁଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅର୍ଜୁନଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ପୂର୍ବାହ୍ନରେ ଛପନ ଛକରେ ଅର୍ଜୁନ(୪୫) ଠିଆ ହୋଇଥିଲେ। ଏହି ସମୟରେ ୩ଜଣ ଯୁବକ କ୍ରିଷ୍ଣା, ଟୁକୁନା ଓ କୁନା ବେହେରା ଗୋଟିଏ ବାଇକ୍‌ରେ ଆସି ହଠାତ୍ ତାଙ୍କୁ ଆକ୍ରମଣ କରିଥିଲେ। ସେ ଜୀବନ ବଞ୍ଚାଇବାକୁ ଦୌଡ଼ିବାରୁ ସେମାନେ ଗୋଡ଼ାଇ ଗୋଡ଼ାଇ ତାଙ୍କୁ ମାରଣାସ୍ତ୍ରରେ ହାଣିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅର୍ଜୁନ ସେଠାରେ ପଡ଼ିଯାଇଥିଲେ। ଏହାପରେ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପରିବାରବର୍ଗ ପହଞ୍ଚି ଅର୍ଜୁନଙ୍କୁ ଉଦ୍ଧାର କରି ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅର୍ଜୁନଙ୍କ ପରିବାରବର୍ଗଙ୍କ ଅଭିଯୋଗ କ୍ରମେ ବାସେଳି ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ୧୨ ଗ୍ରାମ ବ୍ରାଉନସୁଗାର ଜବତ: ମହିଳା ଗିରଫ

ପୁରୀ ଅଫିସ, ୬।୮: କୁମ୍ଭାରପଡ଼ା ଥାନା ଅଧୀନ ନରେନ୍ଦ୍ରକୋଣ ଏବଂ ଦେବୀଘାଟ ଅଞ୍ଚଳ ନିଶା କାରବାରର ପେଣ୍ଠସ୍ଥଳ ପାଲଟିଛି। ନାବାଳକ ଓ ମହିଳାମାନଙ୍କ ଜରିଆରେ ଏହି ବେପାର ଚାଲିଛି। ମଙ୍ଗଳବାର ନରେନ୍ଦ୍ରକୋଣରୁ ଜଣେ ମହିଳାଙ୍କଠାରୁ ୧୨ଗ୍ରାମ ବ୍ରାଉନ ସୁଗାର ଜବତ କରିଛି ଅବକାରୀ ବିଭାଗ। ବେଆଇନ ନିଶା କାରବାର ଅଭିଯୋଗରେ ସମ୍ପୃକ୍ତ ମହିଳା ସନ୍ତୋଷୀ ନାୟକଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି। ଜବତ ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ଥାନା ଆଇଆଇସି ବିକାଶ ନାୟକ କହିଛନ୍ତି।

### ଜିଲାପାଳଙ୍କୁ ଦାବିପତ୍ର

ପୁରୀ ଅଫିସ, ୬।୮:ବିଭିନ୍ନ ସମସ୍ୟା ନେଇ ପୁରୀ ଜିଲା କଂଗ୍ରେସ କମିଟି କର୍ମକର୍ତ୍ତା ମଙ୍ଗଳବାର ଜିଲାପାଳ ବଲୱନ୍ତ ସିଂଙ୍କୁ ଭେଟି ଆଲୋଚନା କରିଛନ୍ତି। ଏଥିସହ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ବାତ୍ୟା ପରବର୍ତ୍ତୀ ଥଇଥାନ ଏବଂ ବିପନ୍ନଙ୍କୁ କ୍ଷତିପୂରଣ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଆଲୋଚନା ବେଳେ ଜିଲା କଂଗ୍ରେସ କମିଟି ସଭାପତି ଅମୀୟ ପଟ୍ଟନାୟକ, ଉପସଭାପତି ବିରେନ୍ଦ୍ର ଭୂଷଣ ହୋତା, ନିରଦ ଖୁଣ୍ଟିଆ, ବିନାୟକ ଦାସ ମହାପାତ୍ର, ବିଶ୍ୱଲୋଚନ ହରିଚନ୍ଦନ ମହାପାତ୍ର, ଆଇନଜୀବୀ ପୁଷ୍କର ମହାପାତ୍ର, ଜାବେଦ ଚନ୍ଦ୍ର ରଥ, କାବ୍ଲୁରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଦବିଛି କୂଅ, ଭଣ୍ଡାରଘର ଭୁଶୁଡ଼ିବା ଆଶଙ୍କା

## ଏଷ୍ଟିମେଟ୍ ପରେ ଟଙ୍କା ନେଇ ଚୁପ୍ ବସିଛି ଆର୍ ଆଣ୍ଡ ବି

ପୁରୀ ଅଫିସ, ୬।୮:

ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରର ରକ୍ଷଣାବେକ୍ଷଣ ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଉ ନାହିଁ। ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟଦେଇ ମନ୍ଦିର ଗତି କରୁଛି। ତେବେ ମନ୍ଦିରର ଭଣ୍ଡାରଘର ପ୍ରତି ଅଧିକ ବିପଦ ଦେଖାଦେଇଛି। ଗଙ୍ଗା କୂଅ ଦବିଥିବାରୁ ଏହା ନିକଟରେ ଥିବା ଭଣ୍ଡାରଘର ଭୁଶୁଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ଏହାର ତ୍ୱରିତ ମରାମତି ପାଇଁ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଆର୍ ଆଣ୍ଡ ବିକୁ ଅବଗତ କରାଯାଇଥିଲା। ଆର୍ ଆଣ୍ଡ୍ ବି ଅଧିକାରୀ ଏହାର ଏଷ୍ଟିମେଟ୍ କରି ୯୫ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ଏହାପରେ ମନ୍ଦିର କାର୍ଯ୍ୟାଳୟ ପାଣ୍ଠିରୁ ୯୫ ହଜାର ଟଙ୍କା ଆର୍ ଆଣ୍ଡ୍ ବିକୁ ପ୍ରଦାନ କରାଯାଇଛି। ତେବେ ଇତିମଧ୍ୟରେ ୪ମାସ ବିତିଯାଇଥିଲେ ମଧ୍ୟ ମରାମତି କରାଯାଇ ନାହିଁ। ଫଳରେ ଗଙ୍ଗା କୂଅ ଦିନକୁ ଦିନ ଅଧିକ ଦବିବାରେ ଲାଗିଛି । ଏହି କୂଅ କଡ଼ରେ ଥିବା ଭଣ୍ଡାରଘର ଯେ କୌଣସି ମୁହୂର୍ତ୍ତରେ ଭୁଶୁଡ଼ିପଡ଼ିବ ବୋଲି ସେବାୟତ ଏବଂ ମନ୍ଦିର କାର୍ଯ୍ୟାଳୟ କର୍ମଚାରୀ ଆଶଙ୍କା ପ୍ରକାଶ କରିଛନ୍ତି।

ଲୋକନାଥ ମନ୍ଦିର ପରିସରରେ ରହିଛି ଗଙ୍ଗା କୂଅ । ଏହି କୂଅ ଜଳରେ ଅବକାଶ, ଜଳଲାଗି, ପୂଜାର୍ଚ୍ଚନା ପ୍ରଭୃତି କରାଯାଏ। କେବଳ ରୋଷ ପାଇଁ ଅନ୍ୟ ଏକ କୂଅ ରହିଥିବାବେଳେ ଗଙ୍ଗା କୂଅରୁ ଠାକୁରଙ୍କ ଦୈନନ୍ଦିନ ପୂଜା ପାଇଁ ପାଣି ବ୍ୟବହାର କରାଯାଇଥାଏ। ତେବେ ବହୁ ପୁରାତନ ଏହି କୂଅର ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଏହା ପ୍ରାୟ ୩ ଫୁଟ ଦବି ଗଲାଣି। ଏଥିରୁ କେତେଖଣ୍ଡ ପଥର ଗଳି କୂଅ ଭିତରେ ପଡ଼ିଛି। କୂଅ ପାଖରେ ରହିଛି ମନ୍ଦିରର ଭଣ୍ଡାରଘର। ଫଳରେ କେଉଁ ମୁହୂର୍ତ୍ତରେ ଏହା ଭୁଶୁଡ଼ିବ ତାହା କହିହେବ ନାହିଁ। ଏହାକୁ ନେଇ ସେବାୟତମାନେ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଶ୍ରୀଲୋକନାଥ ମନ୍ଦିର ସେବାୟତ ସନ୍ତୋଷ କୁମାର ପଣ୍ଡା କହିଛନ୍ତି, ଦୀର୍ଘଦିନ ହେଲାଣି ଏହି କୂଅ ଅସୁରକ୍ଷିତ ହୋଇପଡ଼ିଛି। ଭଣ୍ଡାରଘର

**ଶ୍ରୀଲୋକନାଥ ପୀଠ**



ପାର୍ଶ୍ୱରେ ଏହା ପ୍ରାୟ ୩ ଫୁଟ ଦବିଯାଇଛି। ତେଣୁ ଭଣ୍ଡାରଘର ଭୁଶୁଡ଼ିବା ଆଶଙ୍କା ରହିଛି। ସେହିପରି ବର୍ଷାଦିନେ ସାମାନ୍ୟ ବର୍ଷା ହେଲେ ମନ୍ଦିର ବେଢା ପରିସରରେ ପାଣି ଜମିଥାଏ। କୂଅ ମଧ୍ୟକୁ ଏହି ପାଣି ଯାଇଥାଏ। ଏଥିଯୋଗୁ କୂଅ ପ୍ରଦୂଷିତ ହେଉଛି। ଠାକୁରଙ୍କ ସେବାପୂଜା ପାଇଁ ଏହି କୂଅରୁ ପାଣି ଯାଉଥିବାରୁ ଠିକ୍ ଲାଗୁନାହିଁ। ତେଣୁ ତୁରନ୍ତ ଏହାର ମରାମତି କରାଯିବା ଦରକାର। ସେହିପରି ଲୋକନାଥ ମନ୍ଦିରର ମ୍ୟାନେଜର ଅପଚ୍ଛ ପରିଡ଼ା କହିଛନ୍ତି, ଗଙ୍ଗା କୂଅ ଦବି ଭଣ୍ଡାରଘର ପ୍ରତି ବିପଦ ସୃଷ୍ଟି କରିଛି। ତେବେ ଏହାର ମରାମତି ପାଇଁ ଗତ ଏପ୍ରିଲ ମାସରେ ଆର୍ ଆଣ୍ଡ ବିକୁ ଅବଗତ କରାଯାଇଥିଲା। ବିଭାଗୀୟ ଅଧିକାରୀ ମରାମତି ଲାଗି ଏଷ୍ଟିମେଟ କରି ୯୫ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ । ମନ୍ଦିର କାର୍ଯ୍ୟାଳୟ ପାଣ୍ଠିରୁ ଏହି ଟଙ୍କା ସେମାନଙ୍କୁ ପ୍ରଦାନ କରାଯାଇଛି। ହେଲେ ଏ ପର୍ଯ୍ୟନ୍ତ ଆର୍ ଆଣ୍ଡ ବି କୂଅ ମରାମତି କରିନାହିଁ। ଫଳରେ ଦିନକୁ ଦିନ କୂଅ ଅଧିକ ଦବିବାରେ ଲାଗିଛି। ଏ ନେଇ ଆର୍ ଆଣ୍ଡ ବିର ଏସ୍‌ଡିଓ ଘନଶ୍ୟାମ ପଣ୍ଡାଙ୍କୁ ପଚାରିବାରେ କହିଛନ୍ତି, ବର୍ତ୍ତମାନ ବର୍ଷା ଦିନ। କୂଅରେ ପାଣି ଭର୍ତ୍ତି ହୋଇ ରହିଥିବ। ଯେଉଁ ପର୍ଯ୍ୟନ୍ତ ମରାମତି କରାଯିବା କଥା ତାହା ହୋଇପାରିବ ନାହିଁ। ବର୍ଷାଋତୁ ପରେ କୂଅ ମରାମତି କରାଯିବ।



ଚନ୍ଦ୍ରଭାଗା ବେଳାଭୂମିରେ ସଫେଇ କରାଯାଉଛି ।

## ଚନ୍ଦ୍ରଭାଗା ବେଳାଭୂମିରେ ମୋ ବିଚ୍ କାର୍ଯ୍ୟକ୍ରମ

କୋଣାର୍କ, ୬।୮(ଡି.ଏନ୍.ଏ.)

କୋଣାର୍କ ଏନ୍‌ଏସି ଆନୁକୂଲ୍ୟରେ ମଙ୍ଗଳବାର ଚନ୍ଦ୍ରଭାଗା ବେଳାଭୂମିରେ ମୋବିଚ୍ କାର୍ଯ୍ୟକ୍ରମ ମାଧ୍ୟମରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସଙ୍କ ତତ୍ତ୍ୱାବଧାନରେ ଜାତୀୟ ସବୁଜବାହିନୀର ସଂଯୋଜକ ରାମକୃଷ୍ଣ ମହାନ୍ତି, କୋଣାର୍କ ଏନ୍‌ଏସି ବିଜୁ ଯୁବବାହିନୀର ସଂଯୋଜକ ବିଶ୍ୱଜିତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବେଳାଭୂମିକୁ ସ୍ୱଚ୍ଛ ଓ ଆବର୍ଜନାମୁକ୍ତ ଗଢ଼ି ତୋଳିବା ପାଇଁ ଯୁବ ସ୍ୱେଚ୍ଛାସେବୀଙ୍କୁ ଏଥିରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ପୁରୀଜିଲା ନେହେରୁ ଯୁବକେନ୍ଦ୍ର, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ, ରାଉଳପାଟଣା ବାଳିକା ଉଚ୍ଚ ବିଦ୍ୟାଳୟ, ଜାତୀୟ ସବୁଜବାହିନୀ, ଚନ୍ଦ୍ରଭାଗା ଫଟୋଗ୍ରାଫର ଆସୋସିଏଶନ ତଥା ଆଖପାଖ ଅଞ୍ଚଳର ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ନିୟମିତ ଭାବରେ କରାଯିବ ବୋଲି କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଶ୍ରୀନିବାସ କହିଥିଲେ।

# ଝୁଲଣ ପାଇଁ ମଠ, ମନ୍ଦିରରେ ଚାଲିଛି ସାଜସଜ୍ଜା

ପୁରୀ ଅଫିସ, ୬।୮:



ଶ୍ରୀଜଗନ୍ନାଥ ବଲ୍ଲଭ ପରିସରରେ ଜଣେ ଶିଳ୍ପୀ ଝୁଲଣ ପାଇଁ ସାଜସଜ୍ଜା କାମରେ ବ୍ୟସ୍ତ ।

ଆସନ୍ତା ୧୦ତାରିଖରୁ ପବିତ୍ର ଝୁଲଣ ଯାତ୍ରା। ଶ୍ରାବଣ ଶୁକ୍ଳ ଦଶମୀଠାରୁ ଆରମ୍ଭ ହେଉଥିବା ଏହି ଝୁଲଣ ଯାତ୍ରା ପ୍ରତିପଦ ଯାଏ ୭ଦିନ ଧରି ଚାଲିବ। କିନ୍ତୁ ଅନ୍ୟାନ୍ୟ ମଠ ମନ୍ଦିରରେ କେଉଁଠି ୭ଦିନ ତ ଆଉ କେଉଁଠାରେ ୫ଦିନ ଧରି ଏହା ଅନୁଷ୍ଠିତ ହେବ। ଶରତ ରାସର ପୂର୍ବାଭାସ ଏହି ଝୁଲଣ ଯାତ୍ରା ହେଉଛି ଗୋପୀମାନଙ୍କ ଗହଣରେ ରାଧାକୃଷ୍ଣଙ୍କ ବିଳାସମୟ ଦୋଳିଖେଳ। ସଙ୍ଗୀତ, ବାଦ୍ୟ ଓ ନୃତ୍ୟ ମୁଖର ଝୁଲଣ ଯାତ୍ରାରେ ସୁସଜ୍ଜିତ ଦୋଳିରେ ରାଧାଦାମୋଦରଙ୍କୁ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଭକ୍ତ ଶ୍ରୀକ୍ଷେତ୍ରକୁ ଆସିଥାନ୍ତି। ଭଜନ, କୀର୍ତ୍ତନରେ ଉଛୁଳି ଉଠେ ମଠ, ମନ୍ଦିର। ଏଥିପାଇଁ ପ୍ରସ୍ତୁତି ପ୍ରାୟ ସରି ସରି ଆସୁଛି। କେଉଁଠି ଝୁଲଣ କୁଞ୍ଜକୁ ସଜାଯାଉଛି ତ ଆଉ କେଉଁଠାରେ ଦୋଳିକୁ ଆକର୍ଷଣୀୟ କରିବା ଲାଗି କାମ ଚାଲିଛି।

ଝୁଲଣ ଯାତ୍ରାର ପ୍ରସ୍ତୁତି ସମ୍ପର୍କରେ ନେବଳ ଦାସ ମଠ ମହନ୍ତ ଡ. ରାମଚରଣ ଦାସ ମହାରାଜ କୁହନ୍ତି, ମଠରେ ୫ଦିନ ଧରି ଝୁଲଣ ଅନୁଷ୍ଠିତ ହେବ। ବିଭିନ୍ନ ଦିବସରେ ରାଧାକୃଷ୍ଣ, ଲକ୍ଷ୍ମୀନାରାୟଣ, ଲକ୍ଷ୍ମୀନୃସିଂହ ଏବଂ ରାମ ଲକ୍ଷ୍ମଣ ସୀତା କୁଞ୍ଜରେ ଦୋଳି ଖେଳିବେ। ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ ଝୁଲଣ କୁଞ୍ଜ ଭିତରେ ଜରି ଜମ୍ପୁରା କାମ କରାଯିବ। ସୋଲରେ ପ୍ରସ୍ତୁତ ବିଭିନ୍ନ ପକ୍ଷୀ କୁଞ୍ଜ ପରିବେଶକୁ ମଧ୍ୟ ଆକର୍ଷଣୀୟ କରିବ। ପ୍ରତିଦିନ ନିତ୍ୟ ଆଳତି ପରେ ପ୍ରଭୁଙ୍କ ପାଇଁ ଝୁଲଣ ଆଳତି କରାଯିବ। ଏଥିସହ ସ୍ୱତନ୍ତ୍ର ଭୋଗ ମଧ୍ୟ ଲାଗି କରାଯିବ । ପ୍ରତ୍ୟହ ସନ୍ଧ୍ୟା ୭ଟାରୁ ରାତି ସାଢେ ୧୦ଟା ପର୍ଯ୍ୟନ୍ତ ପାଲା, ଦାସକାଠିଆ ଓ ପାରମ୍ପରିକ ଭଜନ ପରିବେଷଣ କରାଯିବ ବୋଲି ନେବଳ ଦାସ ମଠ ମହନ୍ତ ସୂଚନା ଦେଇଛନ୍ତି। ସେହିପରି ଜଗନ୍ନାଥ ବଲ୍ଲଭ ମଠରେ ମଧ୍ୟ ଝୁଲଣ ଯାତ୍ରା ବେଶ୍ ଜାକଜମକରେ ପାଳନ କରାଯିବ। ଏ ବର୍ଷ ମଧ୍ୟ ଏଥିଲାଗି ପ୍ରସ୍ତୁତି ଜୋର୍‌ଦାର ଚାଲିଛି। କୁଞ୍ଜ ପରିସରକୁ ଆକର୍ଷଣୀୟ କରିବା ଲାଗି ବିଭିନ୍ନ ପ୍ରକାର ଝାଲର ଏବଂ ଜରି, ଜମ୍ପୁରା ଓ ଶୋଲରେ ଫୁଲ ତିଆରି କରାଯାଉଛି। ଆକର୍ଷଣୀୟ ଲାଇଟ୍ ଲଗାଯିବ। ବିଭିନ୍ନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସୂଚନା ଦିଆଯାଇଛି। ପୁରୀର ଅନ୍ୟତମ ପ୍ରସିଦ୍ଧ ମଠ ବଡ଼ ଓଡ଼ିଆ ମଠ, ରାଧାବଲ୍ଲଭ, ପାପୁଡ଼ିଆ ମଠ, ଉତ୍ତରପାର୍ଶ୍ୱ ମଠ, ଜିୟର ସ୍ୱାମୀ ମଠ, ରାଧାକାନ୍ତ ମଠ, ରାଧାବଲ୍ଲଭ ମଠ ସମେତ ଅନ୍ୟାନ୍ୟ ମଠ ଓ ମନ୍ଦିରରେ ଝୁଲଣ ଯାତ୍ରାକୁ ନେଇ ପ୍ରସ୍ତୁତି ଜୋରସୋରରେ ଚାଲିଛି ।

## ବିଭିନ୍ନ ପାର୍କ ବୁଲିଲେ ଜିଲାପାଳ ସ୍ଥିତାବସ୍ଥା ସମ୍ପର୍କରେ ସମୀକ୍ଷା କଲେ

ପୁରୀ ଅଫିସ, ୬।୮:

ପୁରୀ ସହରର ବିଭିନ୍ନ ପାର୍କ ବୁଲି ଦେଖିବା ସହ ଏହାର ସ୍ଥିତାବସ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି ଜିଲାପାଳ ବଲୱନ୍ତ ସିଂ। ମଙ୍ଗଳବାର ଜିଲାପାଳ ପ୍ରଥମେ ଆଖଣ୍ଡଳମଣି ପାର୍କ ବୁଲି ବାକିଥିବା କାମ ଆସନ୍ତା ୧୫ତାରିଖ ସୁଦ୍ଧା ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅମୃତ ଯୋଜନା ଅଧୀନରେ ସର୍ବୋଦୟ ନଗର, ଶ୍ରୀକ୍ଷେତ୍ର କଲୋନୀ, ଢିପ ଜାଗା ଏବଂ ବଳିଆପଣ୍ଡା ପାର୍କକୁ ଜିଲାପାଳ ପରିଦର୍ଶନ କରିଛନ୍ତି। ୨୩ଲକ୍ଷ ୫୬ ହଜାର ଟଙ୍କାରେ ନିର୍ମାଣ କରାଯିବାକୁ ଥିବା ସର୍ବୋଦୟ ନଗର ପାର୍କ ଏବଂ ୨କୋଟି ୩୧ଲକ୍ଷ ଟଙ୍କା ବିନିମୟରେ ୫ଏକର ଜାଗାରେ ହେବାକୁ ଥିବା ବଳିଆପଣ୍ଡା ପାର୍କର କାମ ଜାରି ରହିଛି। ଆସନ୍ତା ୬ମାସ ମଧ୍ୟରେ ଏହି ୨ପାର୍କର କାମ ଶେଷ ହେବ। ସେହିଭଳି ୨୨ଲକ୍ଷ ୭୮ ହଜାର ଟଙ୍କାରେ ନିର୍ମିତ ଶ୍ରୀକ୍ଷେତ୍ର କଲୋନୀ ପାର୍କର ଚତୁଃପାର୍ଶ୍ୱ ପାଚେରି ଓ ଆଲୋକୀକରଣ କାମ ବାକି ଅଛି। ବାତ୍ୟା ଯୋଗୁ ଏହାର ଖେଳ ଉପକରଣ କ୍ଷତିଗ୍ରସ୍ତ ହୋଇଥିବାରୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପାର୍କକୁ ବୁଲିବାକୁ ଆସୁଥିବା ବ୍ୟକ୍ତିଙ୍କ ନିମନ୍ତେ ସର୍ବନିମ୍ନ ସୁବିଧା ଯୋଗାଇ ଦେବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ପାର୍କିଂସ୍ଥଳ ସହ ପାନୀୟଜଳର ବ୍ୟବସ୍ଥା କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

■ ଜମ୍ମୁ କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପ୍ରସଙ୍ଗ

## ଏବିଭିପି ପାଳିଲା ବିଜୟ ଉତ୍ସବ



ବଡ଼ଦାଣ୍ଡରେ ଏବିଭିପି ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଉଛି ।

ପୁରୀ ଅଫିସ, ୬।୮:

ଜମ୍ମୁ କଶ୍ମୀର ଉପରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ କେନ୍ଦ୍ର ସରକାରଙ୍କ ଏକ ଐତିହାସିକ ପଦକ୍ଷେପ। ଏହାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପୁରୀ ନଗର ପକ୍ଷରୁ ସ୍ୱାଗତ କରାଯାଇଛି। ଏବିଭିପି କର୍ମୀ ଓ ବିଦ୍ୟାର୍ଥୀମାନେ ମଙ୍ଗଳବାର ସନ୍ଧ୍ୟାରେ ସିଂହଦ୍ୱାର ସମ୍ମୁଖରେ ବିଜୟ ଉତ୍ସବ ପାଳନ କରିଛନ୍ତି। ସେମାନେ ପରସ୍ପରକୁ ମିଠା ଖୁଆଇବା ସହ ଜାତୀୟ ପତାକା ଧରି ଭାରତ ମାତାର ସ୍ଲୋଗାନ ଦେଇ ସିଂହଦ୍ୱାରଠାରୁ ଏକ ଶୋଭାଯାତ୍ରାରେ ବାହାରି ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଏହି ଅବସରରେ ଜିଲା ସଂଯୋଜକ ବିଶ୍ୱଜିତ ମିଶ୍ର କହିଥିଲେ, ୭୦ବର୍ଷ ପରେ ଜମ୍ମୁ କଶ୍ମୀର ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ମନେ ହେଲା। ଅଗଷ୍ଟ ୫ତାରିଖ ଏକ ଐତିହାସିକ ଦିବସ। ଏହା ଭାରତୀୟ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ। ଏଣିକି ଏକ ଭାରତ, ଶ୍ରେଷ୍ଠ ଭାରତ, ଗୋଟିଏ ଦେଶ, ଗୋଟିଏ ପତାକା ସ୍ଲୋଗାନ ସବୁଠି ଗୁଞ୍ଜରିତ ହେବ। ଏହି କାର୍ଯ୍ୟକ୍ରମରେ ପ୍ରାନ୍ତ ସେବା ପ୍ରମୁଖ ଦୀପକ ସୁବୁଦ୍ଧି, ଜିଲା ସହ ସଂଯୋଜକ ସୌଭାଗ୍ୟ ଦାସ, ଜ୍ୟୋତିରଞ୍ଜନ ବାରିକ, ନିହାରିକା ତ୍ରିପାଠୀ, ବେବିନା ବେହେରା, ଶିବାନନ୍ଦ ପାଢୀ, ସାଏଙ୍କା ଶର୍ମା, ଆଶିଷ କୁମାର ଆଢ୍ୟ, ରୋଜାଲିନ ଆଚାର୍ଯ୍ୟ, ଦେବୀପ୍ରସାଦ ଖଟେଇ, ସୁନିତା ପ୍ରଧାନ, ରାଜେଶ ମହାପାତ୍ର, ବିଜୟଲକ୍ଷ୍ମୀ ଓଝା, ଶିବମ କୁମାର ସେଠୀ, ଲଲାଟ ବେହେରା, ରାକେଶ ସ୍ୱାଇଁ, ପ୍ରତ୍ୟୁଷ ଭୂୟାଁ, ଶିବଶଙ୍କର ପାତ୍ର, ତ୍ରିଲୋଚନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

■ ୨୬ ଘରୋଇ ଶିକ୍ଷାନୁଷ୍ଠାନକୁ ତାଗିଦ୍ ଘଟଣା

## କଣ୍ଟ ପୂରିଲା, ଦାଖଲ କଲେନି କାଗଜପତ୍ର

### ବ୍ଲକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକୁ ବେଖାତିର୍

ଗୋପ, ୬।୮(ଡି.ଏନ୍.ଏ.)

ଗୋପ ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ର ଗତ ୧୮ ତାରିଖରେ ଏନ୍‌ଓସି (ନୋ ଅବ୍‌ଜେକ୍‌ସନ୍ ସାର୍ଟିଫିକେଟ୍) ପାଇଥିବା ୨୬ ଘରୋଇ ଶିକ୍ଷାନୁଷ୍ଠାନକୁ ଜୁଲାଇ ୩୧ ତାରିଖ ସୁଦ୍ଧା ସରକାରୀ ମାନଦଣ୍ଡ ଅନୁସାରେ ସମସ୍ତ କାଗଜ ପତ୍ର ଦାଖଲ କରିବାକୁ ତାଗିଦ୍ କରିଥିଲେ। ମାତ୍ର ଏହା ମଧ୍ୟରେ ଜୁଲାଇ ୩୧ ଯାଇ ଅଗଷ୍ଟ ୭ ହୋଇଥିବାବେଳେ କୌଣସି ଶିକ୍ଷାନୁଷ୍ଠାନ କାଗଜପତ୍ର ଦାଖଲ କରି ନ ଥିବା ଜଣାପଡ଼ିଛି। ଫଳରେ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକୁ ଖୋଲା ଖୋଲି ବେଖାତିର କରିଛନ୍ତି। ବିଶେଷ କରି ଏହି ୨୬ଟି ଘରୋଇ ଶିକ୍ଷାନୁଷ୍ଠାନରେ ସରକାରଙ୍କ ମାନଦଣ୍ଡ ମଧ୍ୟରେ ଥିବା ୨୫ ପ୍ରତିଶତ ଛାତ୍ରୀଛାତ୍ରଙ୍କୁ ମାଗଣା ଶିକ୍ଷାଦାନ ସମ୍ପର୍କରେ କୌଣସି ତଥ୍ୟ ମିଳିପାରିନାହିଁ। ଏନେଇ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ କ'ଣ କାର୍ଯ୍ୟାନୁଷ୍ଠାନ ହେବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ନିକଟରେ ଜିଲା ଶିକ୍ଷାଧିକାରୀ ୧୦ଟି ଘରୋଇ ଶିକ୍ଷାନୁଷ୍ଠାନର ଏନ୍‌ଓସି ରଦ୍ଦ କରିଥିଲେ। ଗୋପ ବ୍ଲକ୍‌ରେ ଛତୁ ଫୁଟିଲା ଭଳି ଘରୋଇ ଶିକ୍ଷାନୁଷ୍ଠାନ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କେତେକ ଘରୋଇ ଶିକ୍ଷାନୁଷ୍ଠାନରେ ଅନଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ପାଠ ପଢ଼ାଯାଉଥିବା ବେଳେ ଶିକ୍ଷାର ମାନ କମିବାରେ ଲାଗିଛି। ଗୋପ ବ୍ଲକ୍‌ରେ ୧୩ ଗୋଟି ସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ହୋଇଥିବାବେଳେ ଆଗକୁ ଆହୁରି ସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ହେବ ବୋଲି ଜଣାପଡ଼ିଛି। ଶିକ୍ଷା ବିଭାଗ ପକ୍ଷରୁ କେଉଁ ଉଦ୍ଦେଶ୍ୟରେ ଘରୋଇ ଶିକ୍ଷାନୁଷ୍ଠାନ ପ୍ରତି ଅନୁକମ୍ପା ରହୁଛି ସେନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନଜର ଦିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଗୋପ ବ୍ଲକ୍ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ରଙ୍କୁ ପଚାରିବାରେ କେତେଗୋଟି ଶିକ୍ଷାନୁଷ୍ଠାନ ପକ୍ଷରୁ କାଗଜ ପତ୍ର ଆସିଥିବାବେଳେ ଖୁବ୍ ଶୀଘ୍ର ୨୫ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ସମ୍ପର୍କିତ କାଗଜ ଦେବା ଲାଗି ତାଗିଦ୍ କରାଯିବ ବୋଲି କହିଥିଲେ।

■ ଜଙ୍ଗଲରେ ଗଦା ହୋଇଛି ଆବର୍ଜନା

# ବନ୍ୟଜନ୍ତୁ ପ୍ରଭାବିତ ହେବା ଆଶଙ୍କା

ପୁରୀ ଅଫିସ,୬।୮:

ମଧୁର ଜଳ ସଂରକ୍ଷିତ ଅଞ୍ଚଳ ପାଲଟିଛି ଡମ୍ପିଂୟାର୍ଡ। ଗଦା ହୋଇଛି ଲକ୍ଷ ଲକ୍ଷ ପାଣି ପାଉଚ ପ୍ୟାକେଟ ଆଉ କୁଢ କୁଢ ଆବର୍ଜନା। ଏହି ସଂରକ୍ଷିତ ଅଞ୍ଚଳରେ ଥିବା ଜଙ୍ଗଲରେ ଆବର୍ଜନା ଓ ପଲିଥିନ ଜମା ଯୋଗୁ ବନ୍ୟଜନ୍ତୁଙ୍କ ଜୀବନଶୈଳୀ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି । ପୁରୀ ସହରବାସୀଙ୍କ ଜଳକଷ୍ଟକୁ ଦୂର କରିବା ଲାଗି ମଧୁର ଜଳ ସଂରକ୍ଷିତ ଅଞ୍ଚଳର ପରିକଳ୍ପନା କରାଯାଇଥିଲା। ତାଳବଣିଆ ଅଞ୍ଚଳରେ ୪୪୮ଏକର ମଧୁର ଜଳ ସଂରକ୍ଷିତ ଅଞ୍ଚଳ ରହିଛି। ଏଥିମଧ୍ୟରୁ ଅଧିକାଂଶ ଅଞ୍ଚଳରେ ଜଙ୍ଗଲ ସୃଷ୍ଟି କରାଯାଇଛି। ମାତ୍ର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ସଂରକ୍ଷିତ ଅଞ୍ଚଳ ମଧ୍ୟରୁ ଲୋକେ ଗଛ କାଟି ନେଇ ଯାଉଥିବାବେଳେ ବାତ୍ୟାରେ ବହୁ ଗଛ ନଷ୍ଟ ହୋଇଯାଇଥିଲା। ପୁଣି ଗଛ ସୃଷ୍ଟି କରିବାକୁ ଯାଇ ବନ ବିଭାଗ ପକ୍ଷରୁ ଚାରା ରୋପଣ କରାଯାଉଛି। ତେବେ ଏହି ଜଙ୍ଗଲ ମଧ୍ୟରେ ଦେଖିବାକୁ ମିଳିଛି ଅଭାବନୀୟ ଦୃଶ୍ୟ । ମଧୁର ଜଳ ସଂରକ୍ଷିତ ଏହି ଜଙ୍ଗଲ ପରିସର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ଗଦା କରାଯାଇଛି । ବାତ୍ୟାରେ ପୁରୀ ସହରରୁ



ଜଙ୍ଗଲରେ ଗଦା ହୋଇଥିବା ଆବର୍ଜନା ।

ବାହାରିଥିବା ଆବର୍ଜନାକୁ ପୌରସଂସ୍ଥା ପେଣ୍ଠକଟାସ୍ଥିତ ଶ୍ରୀଜଗନ୍ନାଥ ଷ୍ଟାଡିୟମ୍ ପରିସରରେ ଗଦା କରିଥିଲା। ଏ ନେଇ ଜନ ଅସନ୍ତୋଷ ଦେଖା ଦେବା ପରେ ପୌରସଂସ୍ଥା ଏହି ଆବର୍ଜନାକୁ କମ୍ପୋଷ୍ଟ କରିବା ଲାଗି ଯୋଜନା କରିଛି। ଏଥିପାଇଁ ପରୀକ୍ଷାମୂଳକ ଭାବେ ଷ୍ଟାଡିୟମ୍ ପରିସରସ୍ଥ ଆବର୍ଜନାରୁ କିଛି ନେଇ ମଧୁର ଜଳ ସଂରକ୍ଷିତ ଅଞ୍ଚଳ ଜଙ୍ଗଲ ମଧ୍ୟରେ ଗଦା କରିଛି । ଏହି ଜଙ୍ଗଲ ମଧ୍ୟରେ କମ୍ପୋଷ୍ଟ କରିବା ଲାଗି ଯୋଜନା ହୋଇଥିବା ଜଣାପଡ଼ିଛି ।

ସବୁଠୁ ପରିତାପର ବିଷୟ ହେଉଛି ଜଙ୍ଗଲ ମଧ୍ୟରେ ଥିବା ଏକ ଖାଲୁଆ ଜାଗା ଯେଉଁଠି ପାଣି ଜମିଛି ତା ମଧ୍ୟରେ ଏହି ଆବର୍ଜନା ଗଦା କରାଯାଇଛି । ପାଣିରେ ଅଳିଆ ଆବର୍ଜନା ପଚି ପ୍ରବଳ ଦୁର୍ଗନ୍ଧ ହେଉଛି। ଏହା କଡ଼କୁ ବାଲୁଖଣ୍ଡ ଅଭୟାରଣ୍ୟ ରହିଛି । ବେଳେବେଳେ ଏହି ଖାଲରୁ ହରିଣ ପଲ ଆସି ପାଣି ପିଇଥାନ୍ତି। ଏବେ ଦୂଷିତ ପାଣି ହରିଣ କିମ୍ବା ଅନ୍ୟ ଜୀବଜନ୍ତୁଙ୍କ ଜୀବନଶୈଳୀକୁ ପ୍ରଭାବିତ କରିବା ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଏହି ଆବର୍ଜନା ପାଣି ଭୂତଳ ଜଳକୁ ପ୍ରଦୂଷିତ କରିବା ସମ୍ଭାବନା ବି ରହିଛି । କେବଳ ଏତିକି ନୁହେଁ, ଜଙ୍ଗଲ ମଧ୍ୟରେ ଲକ୍ଷ ଲକ୍ଷ ପାଣି ପାଉଚ ପ୍ୟାକେଟ ଗଦା କରାଯାଇଛି । ରଥଯାତ୍ରା ସମୟରେ ପାଣି ପାଉଚ ବ୍ୟାନ ହେବା ପରେ ପ୍ରଶାସନ ସହରର ବିଭିନ୍ନ ସ୍ଥାନରୁ ପାଣି ପାଉଚ ଜବତ କରି ଜଙ୍ଗଲ ମଧ୍ୟରେ ନେଇ ପକାଇଥିବା କୁହାଯାଉଛି। ପ୍ରାୟ ୩/୪ ଟ୍ରାକ୍ଟର ପାଣି ପାଉଚ ଜଙ୍ଗଲ ମଧ୍ୟରେ ପଡ଼ିଛି। ଏହି ପାଉଚଗୁଡ଼ିକ ଗଛଗୁଡ଼ିକ ପାଇଁ ମାରାତ୍ମକ ସାବ୍ୟସ୍ତ ହୋଇପାରେ ବୋଲି ଆଶଙ୍କା କରାଯାଇଛି। ମଧୁର ଜଳ ସଂରକ୍ଷିତ ଅଞ୍ଚଳରେ ଆବର୍ଜନା ଏବଂ ପଲିଥିନ ଜମା କରାଯିବାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଶାସନିକ ଅଧିକାରୀ ବି ଏହାକୁ ନାପସନ୍ଦ କରିଛନ୍ତି ।

ଏ ସମ୍ପର୍କରେ ପୁରୀ ଡିଏଫ୍ଓ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଛନ୍ତି, ବାତ୍ୟା ପରେ ଷ୍ଟାଡିୟମ୍ ପରିସରରେ ଆବର୍ଜନା ଗଦା କରାଯାଇଥିଲା। ପୌରସଂସ୍ଥା ଏହାକୁ କମ୍ପୋଷ୍ଟ କରିବା ଲାଗି ଯୋଜନା କରିଛି। ସେଥିପାଇଁ ପରୀକ୍ଷାମୂଳକ ଭାବେ କିଛି ଆବର୍ଜନାକୁ ନେଇ ଜଙ୍ଗଲରେ ପକାଯାଇଛି । ସେଠାରେ କମ୍ପୋଷ୍ଟ କରାଯିବ । ତେବେ ସେ ଯାହା ହେଲେ ବି ଏହା ମାଟି ପାଇଁ ଭଲ ନୁହେଁ । ପାଣିରେ ଆବର୍ଜନା ପକାଇବା ଦ୍ୱାରା ଏହା ଜୀବଜନ୍ତୁଙ୍କୁ ମଧ୍ୟ ପ୍ରଭାବିତ କରିପାରେ । ଯେ ପର୍ଯ୍ୟନ୍ତ ଆବର୍ଜନାଗୁଡ଼ିକୁ କମ୍ପୋଷ୍ଟ କରା ନ ଯାଇଛି ସେ ପର୍ଯ୍ୟନ୍ତ ଏଠି ସେଠି ପଡି ଏହ ସମସ୍ୟା ସୃଷ୍ଟି କରିବ ବୋଲି ଡିଏଫ୍ଓ ପ୍ରକାଶ କରିଛନ୍ତି ।